# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଜୁଲାଇ ୨୦/୨୦୨୧ (୧୬ ପୃଷ୍ଠା) | Berhampur, Tuesday, July 20/2021 | ★★★

୧୭ଶ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ମୋରିକାୱାଙ୍କ ବିରଳ ସଫଳତା**

ଆମେରିକାର ୨୪ବର୍ଷୀୟ କଲିନ୍ ମୋରିକାୱା ବ୍ରିଟିଶ୍ ଓପନ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଟାଇଟଲ ସହ ବିରଳ ସଫଳତା ହାସଲ କରିଛନ୍ତି।

୧୬

୧୪

**'ଡକ୍ଟର ଜୀ'ରେ ଆୟୁଷ୍ମାନଙ୍କ ଫାଷ୍ଟ ଲୁକ୍**

'ଡକ୍ଟର ଜୀ'ରେ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଫାଷ୍ଟ ଲୁକ୍ ସାମ୍ନାକୁ ଆସିଛି। ଜଣେ ଡାକ୍ତର ବେଶରେ ତାଙ୍କୁ ଦେଖିବାକୁ ମିଳିଛି।







ଚଳଚଞ୍ଚଳ କଟକ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ: କରୋନାର ଦ୍ୱିତୀୟ ଲହର ଯୋଗୁ ମେ ୫ରୁ ବନ୍ଦ ଥିବା ବସ୍ ଚଳାଚଳ ସୋମବାର ପୁଣି ଆରମ୍ଭ ହୋଇଛି।

# ତାଲିକାରେ ଅଶ୍ୱିନୀ, ରାହୁଲ

## ପେଗାସସ୍ ସ୍ପାଏୱେର

**ନୂଆଦିଲ୍ଲୀ, ୧୯।୭**

ଇସ୍ରାଏଲର ସାଇବର ସୁରକ୍ଷା କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେର ଜାଲରେ ଛନ୍ଦି ହୋଇଛନ୍ତି ଭାରତର ବହୁ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ଦେଶର ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ, ମନ୍ତ୍ରୀ, ବିରୋଧୀ ଦଳର ବରିଷ୍ଠ ନେତା, ଖବରଦାତାଙ୍କ ଫୋନ୍ ବେଆଇନ ଭାବେ ହ୍ୟାକ୍ କରାଯାଇଥିବା 'ଦି ୱେ୍ୟର' ନ୍ୟୁଜ୍ ୱେବସାଇଟ ରବିବାର ରାତିରେ ରିପୋର୍ଟ ପ୍ରକାଶ କରିବା ପରେ ହଇଚଇ ସୃଷ୍ଟି ହୋଇଛି। ଏହି ୱେବ୍‌ସାଇଟ୍ ସୋମବାର ଏହାର ଦ୍ୱିତୀୟ ରିପୋର୍ଟ ପ୍ରଘଟ କରିଛି, ଯେଉଁଥିରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର, ଟିଏମ୍‌ସି ନେତା ଅଭିଜିତ ବାନାର୍ଜୀଙ୍କ ନାଁ ରହିଛି।

ପେଗାସସ୍ ସ୍ପାଏୱେର ଦ୍ୱାରା ଭାରତର ଅନ୍ୟୁନ ୪୦ ଜଣାଶୁଣା ବ୍ୟକ୍ତିତ୍ୱଙ୍କ ଫୋନ ଗୁପ୍ତଚରଗିରି କରାଯାଇ ସେମାନଙ୍କ ଗତିବିଧି, କାର୍ଯ୍ୟକଳାପ ଉପରେ ନଜର ରଖାଯାଇଥିବା 'ଦି ୱେ୍ୟର' ନ୍ୟୁଜ୍ ୱେବସାଇଟ ରବିବାର ଖବର ପ୍ରକାଶ କରିଥିଲା। ଏହି ଆକ୍ରମଣରୁ ରାହୁଲ ଗାନ୍ଧୀ, ପ୍ରଶାନ୍ତ କିଶୋର, ନୂଆ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଭଳି ବଡ଼ ନାଁ ମଧ୍ୟ ବାଦ୍ ପଡ଼ିନଥିବା 'ଦି ୱେ୍ୟର' କହିଛି। ଏହି ରିପୋର୍ଟ ଅନୁସାରେ, ଏନ୍‌ଏସ୍‌ଓ ଗ୍ରୁପ୍‌ର ସ୍ପାଏୱେର ପେଗାସସ୍‌ର ଶିକାର ହୋଇଥିବା ପ୍ରାୟ ୩ ଶହ ଭାରତୀୟଙ୍କ ମୋବାଇଲ ନମ୍ବର ମଧ୍ୟରେ ରାହୁଲ ଗାନ୍ଧୀଙ୍କ ୨ଟି ନମ୍ବର ରହିଛି। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ରାହୁଲ ବ୍ୟବହାର କରୁଥିବା ଏକ ନମ୍ବରକୁ ହ୍ୟାକ୍ କରିବା ପାଇଁ ବଛାଯାଇଥିଲା। ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଉପରେ ନଜର ରଖିବାକୁ ମଧ୍ୟ ଏହି ସ୍ପାଏୱେର ବ୍ୟବହାର ହୋଇଛି।୨୦୧୪ ଲୋକ ସଭା ନିର୍ବାଚନରେ ପ୍ରଶାନ୍ତ କିଶୋର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ପରେ ଭାଜପା ସ୍ପଷ୍ଟ ବହୁମତ ହାସଲ କରି ସରକାରକୁ ଆସିଥିଲା। ଏହାପରେ ଭାଜପା ବିରୋଧୀ ଅନେକ ଦଳ ପ୍ରଶାନ୍ତ କିଶୋରଙ୍କ ସହ ସମ୍ପର୍କ କରିଥିଲେ। ନିକଟରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ଏବଂ ତାମିଲନାଡୁରେ ଏମ୍. କେ. ଷ୍ଟାଲିନ୍‌ଙ୍କୁ ବିଜୟ ଦେବାରେ ପ୍ରଶାନ୍ତଙ୍କୁ ଶ୍ରେୟ ଯାଇଥିଲା। ସେହିପରି ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ଥିବା ପ୍ରହ୍ଲାଦ ପଟେଲ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ନାଁ ମଧ୍ୟରେ ଉକ୍ତ ତାଲିକାରେ ରହିଛି। ୨୦୧୭ରେ ଅଶ୍ୱିନୀ ଏମ୍‌ପି ଥିବା ସମୟରେ ତାଙ୍କୁ ଟାର୍ଗେଟ କରାଯାଇଥିଲା ବୋଲି 'ଦି ୱେ୍ୟର' ଉଲ୍ଲେଖ କରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ ମଧ୍ୟ ଏହି ସ୍ପାଏୱେର୍‌ର ଟାର୍ଗେଟ ହୋଇଛନ୍ତି। ଏହା ଉପରେ ତୀବ୍ର ☞ପୃଷ୍ଠା-୪



■ ବେଡ୍‌ରୁମ୍ କଥା ଶୁଣିବେ ସରକାର: ସୁର୍ଯ୍ୟେୱାଲା

■ ଭାରତୀୟ ଗଣତନ୍ତ୍ରକୁ ଖରାପ କରାଯାଉଛି: କେନ୍ଦ୍ର ଆଇଟି ମନ୍ତ୍ରୀ

## ଅଗଷ୍ଟ ୨୭ରୁ ଓଏଏସ୍ ପ୍ରିଲିମିନାରି ପରୀକ୍ଷା

କଟକ ଅଫିସ,୧୯।୭: ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପ୍ରିଲିମିନାରି ପରୀକ୍ଷା ପାଇଁ ତାରିଖ ଘୋଷଣା କରଯାଇଛି। ରାଜ୍ୟର ୫ଟି ସ୍ଥାନରେ ଏହି ପରୀକ୍ଷା ଅନୁଷ୍ଠିତ ହେବା ନେଇ ଓପିଏସ୍‌ସି ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୨୭ରେ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ଦିନ ଦୁଇଟି ପର୍ଯ୍ୟାୟରେ ପରୀକ୍ଷା କରାଯିବ। ପ୍ରଥମ ପେପର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୧୦୦ ମାର୍କର ପରୀକ୍ଷା ହେବ। ଏହାପରେ ଦ୍ୱିତୀୟ ପେପର ପରୀକ୍ଷା ଅପରାହ୍ନ ୧.୩୦ରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ଚାଲିବ। ତେବେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ୪୦ ମିନିଟ ସମୟ ଦିଆଯିବ। ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨.୪୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନ ୧.୩୦ରୁ ଅପରାହ୍ନ ୪.୧୦ ପର୍ଯ୍ୟନ୍ତ ପରୀକ୍ଷା ପାଇଁ ସମୟ ଦିଆଯିବ। ଏଥିସହ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ କାର୍ଡ ଏବଂ ଅଧିକ ସୂଚନା http://opsc.gov.in ୱେବସାଇଟରେ ଉପଲବ୍ଧ ହେବ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।


**ଆଜିର ସମ୍ପାଦକୀୟ**

ଜଗୁଛି ପେଗାସସ୍


# ବାହୁଡ଼ିବେ ମହାବାହୁ

## ୧୨ଟାରେ ପହଣ୍ଡି, ୪ଟାରେ ରଥଟଣା

**ପୁରୀ ଅଫିସ, ୧୯।୭**

■ କେବଳ ସେବାୟତ ଟାଣିବେ ରଥ

■ ଅମାନିଆଙ୍କ ଉପରେ କଡ଼ା ନଜର

■ ୨୧ ତାରିଖ ରାତି ୮ ପର୍ଯ୍ୟନ୍ତ କର୍ଫ୍ୟୁ

ମଙ୍ଗଳବାର ବାହୁଡ଼ା ଯାତ୍ରା। ଜନ୍ମବେଦି ଛାଡ଼ି ଦାରୁଦିଅଁ ଶ୍ରୀମନ୍ଦିର ରତ୍ନବେଦିକୁ ଫେରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ରଥ ଓ ପଥ ପ୍ରସ୍ତୁତ ହୋଇଥିବାବେଳେ ସେବାୟତମାନେ ରଥ ଟାଣିନେବାକୁ ଅପେକ୍ଷା କରି ରହିଛନ୍ତି। ବିନା ଭକ୍ତରେ ବାହୁଡ଼ା ଯାତ୍ରା ହେବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶୃଙ୍ଖଳିତ ବାହୁଡ଼ା ଯାତ୍ରା ଓ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସମେତ ସୁନାବେଶ ପ୍ରସଙ୍ଗରେ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ବାହୁଡ଼ା ଯାତ୍ରା ଦିନ ଭୋର ୪ଟାରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଆରମ୍ଭ ହେବ। ୫ଟାରେ ଅବକାଶ ପୂଜା ସରିବ। ପରବର୍ତ୍ତୀ ନୀତିକାନ୍ତି ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ ହୋଇ ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ୨ଟା ୩୦ ସୁଦ୍ଧା ପହଣ୍ଡି ସରି ୩ଟା ୩୦ ପର୍ଯ୍ୟନ୍ତ ଛେରାପହଁରା ନୀତି ହେବ। ଚାରମାଳ ଫିଟିବା ଓ ଘୋଡ଼ା ଲାଗିବା କାର୍ଯ୍ୟ ୩ଟାରେ ଆରମ୍ଭ ହୋଇ ୪ଟା ସୁଦ୍ଧା ସରିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। କେବଳ ସେବାୟତମାନେ ରଥ ଟାଣିବେ। ପ୍ରଶାସନ ପକ୍ଷରୁ ସେବାୟତଙ୍କ ପାଇଁ ରଥଯାତ୍ରା ଭଳି ସମସ୍ତ ବ୍ୟବସ୍ଥା କରାଯିବ। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ବାହୁଡ଼ା ଯାତ୍ରା ଓ ସୁନାବେଶ ପ୍ରସଙ୍ଗରେ ଏହି ବୈଠକ ହୋଇଥିଲା। ☞ପୃଷ୍ଠା-୪

# କାମ ଦେଉନି ଅକ୍ଷୟ ଶକ୍ତି ନୀତି

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**



■ ବଢୁନି ଅଣପାରମ୍ପରିକ ଶକ୍ତି ଉତ୍ପାଦନ

■ ୨୭ ହଜାର ମେଗାୱାଟ୍ ପାଇବାକୁ ସୁଯୋଗ ରହିଛି

■ ଉତ୍ପାଦନ ହେଉଛି ୨୦୦ରୁ ୩୦୦ ମେଗାୱାଟ୍

■ ଅଙ୍ଗନୱାଡ଼ି କେନ୍ଦ୍ରରେ ହେବ ଆର୍‌ଏସ୍‌ପିଏସ୍

ରାଜ୍ୟରେ ପାରମ୍ପରିକ ଶକ୍ତି ଚାହିଦା ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ଏହା ସାଙ୍ଗକୁ ଉତ୍ପାଦନ ଖର୍ଚ୍ଚ ବଢୁଛି। ଏହାର ବିକଳ୍ପ ଭାବେ କ୍ଷୁଦ୍ର ଜଳ ବିଦ୍ୟୁତ୍ ଶକ୍ତି, ସୌର, ପବନ, ବାୟୋମାସ ଭଳି ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଏଭଳି ଶକ୍ତି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେବେ ବିଭାଗୀୟ ଉଦାସୀନତା ଯୋଗୁ ଏହି ଶକ୍ତି ଉତ୍ପାଦନ ବାଟବଣା ହୋଇଛି। କେବଳ ସେତିକି ନୁହେଁ, ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ଜମି ଯୋଗାଡ଼ କରିବାରେ ଅକ୍ଷମତା ଯୋଗୁ କେନ୍ଦ୍ରୀୟ ସହାୟତା ମଧ୍ୟ ହରାଇବାକୁ ପଡ଼ିଛି। ରାଜ୍ୟ ସରକାର ଅକ୍ଷୟ ଶକ୍ତିର ବିକାଶ ପାଇଁ ଅକ୍ଷୟ ଶକ୍ତି ବିକାଶ ନୀତି-୨୦୧୬ କାର୍ଯ୍ୟକାରୀ କରିଥିଲେ ମଧ୍ୟ ତାହା ସେତେଟା ଫଳପ୍ରଦ ହେଉ ନାହିଁ। ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) ଏବଂ ସବୁଜ ଶକ୍ତି ନିଗମ (ଜେଡ୍‌କଲ)ର ଅପାରଗତା ଯୋଗୁ ଅଣପାରମ୍ପରିକ ଶକ୍ତି ଉତ୍ପାଦନରେ ଆଶାନୁରୂପ ଅଗ୍ରଗତି ହେଉନାହିଁ।

ଦେଶରେ ୮,୯୧,୬୦୧ ମେଗାୱାଟ୍ ଏବଂ ଓଡ଼ିଶାରେ ୨୭ ହଜାର ୭୨୭ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ସମ୍ଭାବନା ରହିଛି। ରାଜ୍ୟରେ ସୌରଶକ୍ତି ୨୫,୭୮୦ ମେଗାୱାଟ୍, ପବନରୁ ଶକ୍ତି ୧୩୮୪, କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ (ଏସ୍‌ଏଚ୍‌ଇପି)ରୁ ୨୯୫, ବାୟୋମାସରୁ ୨୪୬ ☞ପୃଷ୍ଠା-୪




**ଦେଉବାଙ୍କ ସହ କଥା ହେଲେ ମୋଦି**

ନେପାଳରେ ନୂଆ ପ୍ରଧାନମନ୍ତ୍ରୀ ଭାବେ ଶେର୍ ବାହାଦୂର ଦେଉବା ରବିବାର ଆସ୍ଥା ଭୋଟ୍‌ରେ ଜିତିଛନ୍ତି। ଭାରତ ପ୍ରଧାନମନ୍ତ୍ରୀ ଦେଉବାଙ୍କ ସହ କଥା ହୋଇ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ଭାରତ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଦେଉବା ଇଚ୍ଛା ପ୍ରକାଶ କରିଛନ୍ତି। ଗତ ୧୩ ତାରିଖରେ ନେପାଳ ରାଷ୍ଟ୍ରପତି ବିଦ୍ୟା ଦେବୀ ଭଣ୍ଡାରୀ ଦେଉବାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ନିଯୁକ୍ତ କରିଥିଲେ।

# ଅଧିବେଶନ ଆରମ୍ଭରୁ ଝଡ଼

- ନୂଆ ମନ୍ତ୍ରୀଙ୍କ ସମ୍ପର୍କରେ ମୋଦିଙ୍କୁ କୁହାଇଦେଲେନି ବିରୋଧୀ
- ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ଜାତୀୟତାକୁ ନେଇ ଉଠିଲା ପ୍ରଶ୍ନ
- ହଟ୍ଟଗୋଳରୁ ରାଜ୍ୟ ସଭା ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ, ୧୯।୭(ପି.ଟି.)

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରୁ ଉଭୟ ଗୃହରେ ଝଡ଼ ସୃଷ୍ଟି ହୋଇଛି। କୃଷି ଆଇନ, ତେଲ ଦର ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୁହାଇ ଦେଇ ନ ଥିଲେ। ନୂଆ କେନ୍ଦ୍ରମନ୍ତ୍ରୀମାନଙ୍କ ସମ୍ପର୍କରେ ଗୃହକୁ ଅବଗତ କରାଇବା ଏକ ପାରମ୍ପରିକ ବ୍ୟବସ୍ଥା। ଲୋକ ସଭାରେ ପ୍ରଧାନମନ୍ତ୍ରୀ ନୂଆ ମନ୍ତ୍ରୀମାନଙ୍କ ସମ୍ପର୍କରେ କହିବାକୁ ଗଲାବେଳେ ବିରୋଧୀ ଦଳ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ସେମାନଙ୍କ ଏଭଳି ଆଚରଣକୁ ପ୍ରଧାନମନ୍ତ୍ରୀ କଡ଼ା ସମାଲୋଚନା କରିଥିଲେ। ମହିଳା, ଦଳିତ ଓ ଆଦିବାସୀ ବର୍ଗରୁ ଅଧିକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବାରୁ ଏହାକୁ ବିରୋଧୀ ସହଜେ ହଜମ କରିପାରୁ ନାହାନ୍ତି ବୋଲି ମୋଦି କହିଥିଲେ। ଅଧିକାଂଶ ମନ୍ତ୍ରୀ ପଛୁଆ ବର୍ଗ ଏବଂ ଗ୍ରାମାଞ୍ଚଳରୁ ଆସିଛନ୍ତି। ଏହାକୁ ଗୃହର ସଦସ୍ୟମାନେ ଟେବୁଲ ବାଡେଇ ସ୍ୱାଗତ କରିବେ ବୋଲି ସେ ଆଶା କରିଥିଲେ। କିନ୍ତୁ ଏଭଳି ତଳସ୍ତରରୁ ଆସି ମନ୍ତ୍ରୀ ହେବା ଘଟଣାକୁ ବୋଧହୁଏ କେତେଜଣ ପସନ୍ଦ କରୁନାହାନ୍ତି, ଯେଉଁଥିପାଇଁ ସେମାନେ ଏଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।


ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ନବନିଯୁକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ଜାତୀୟତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ନୂଆ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜଣେ ବାଂଲାଦେଶୀ ବୋଲି ବିରୋଧୀ ଅଭିଯୋଗ କରିଥିବାବେଳେ ସରକାର ଏହାକୁ ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି। ଟିଏମ୍‌ସି ଏମ୍‌ପି ସୁଖେନ୍ଦୁ ଶେଖର ଏବଂ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ସଦସ୍ୟମାନେ ମନ୍ତ୍ରୀଙ୍କ ଜାତୀୟତା ଉପରେ ସରକାରଙ୍କ ସ୍ପଷ୍ଟୀକରଣ ଚାହିଁଥିଲେ। ୱିକିପେଡିଆକୁ ଯାଇ ସେହି ଭଦ୍ରବ୍ୟକ୍ତିଙ୍କ ନାଁ ଖୋଜିଲେ ବାଂଲାଦେଶୀ ବୋଲି ଜାଣିପାରିବ ବୋଲି ଶେଖର ମନ୍ତ୍ରୀଙ୍କ ନାଁ ନ ନେଇ କହିଥିଲେ। ସେ ବାଂଲାଦେଶୀ କି ନୁହନ୍ତି, ତାହା ଜାଣିବା ଅଧିକାର ଆମର ରହିଛି ବୋଲି ଖାର୍ଗେ କହିଥିଲେ। ନବନିଯୁକ୍ତ ମନ୍ତ୍ରୀ ନିଶିଥ୍ ପ୍ରମାଣିକ ଜଣେ ବାଂଲାଦେଶୀ ବୋଲି ଅଭିଯୋଗ ହେଉଥିବାରୁ ଏହାର ତଦନ୍ତ କରିବାକୁ ଗତ ସପ୍ତାହରେ ରାଜ୍ୟ ସଭା ସଦସ୍ୟ ତଥା ଆସାମ ପିସିସି ସଭାପତି ରିପୁନ୍ ବୋରା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଥିଲେ। ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଏହା ଭିତ୍ତିହୀନ ବୋଲି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ।

ଉଚ୍ଚ ସଦନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ବାରମ୍ବାର ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବାରୁ ଗୃହକୁ ଏକାଧିକ ଥର ମୁଲତବୀ ଘୋଷଣା କରାଯାଇଥିଲା। ହୋ-ହଲ୍ଲା ଲାଗିରହିବାରୁ ଶେଷରେ ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ମେରାଇନ୍ ଏଡ୍ ଟୁ ନାଭିଗେଶନ ବିଲ୍, ୨୦୨୧ ଉପସ୍ଥାପନ କରିଥିଲେ। ବତିଘର ପରିଚାଳନାକୁ ନେଇ ୯ ଦଶନ୍ଧି ଧରି ଚଳିଆସୁଥିବା ଆଇନକୁ ବଦଳାଇବା ଏହି ବିଲ୍‌ର ଉଦ୍ଦେଶ୍ୟ। ବିଜେଡି ସଦସ୍ୟ ସୁଭାଷ ଚନ୍ଦ୍ର ସିଂ, ଟିଆର୍‌ଏସ୍‌ର ବନ୍ଦା ପ୍ରକାଶ, ଟିଡିପିର କନକମେଡଲା ରବୀନ୍ଦ୍ର କୁମାର ଏବଂ ଟିଏମ୍‌ସି-ଏମ୍‌ର ଜି.କେ. ଭାସନ ବିଲ୍‌କୁ ସମର୍ଥନ କରିଥିଲେ। ତେବେ ବିରୋଧୀ ସଦସ୍ୟମାନେ ସ୍ଲୋଗାନବାଜି ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ଟିକା ନେଇଥିବା ଲୋକେ 'ବାହୁବଳୀ': ମୋଦି

ନୂଆଦିଲ୍ଲୀ, ୧୯।୭(ପି.ଟି.)

କୋଭିଡ୍ ଟିକା ବାହୁରେ ଦିଆଯାଉଛି। ଯେଉଁମାନେ ଟିକା ନେଇଛନ୍ତି ସେମାନେ ବାହୁବଳୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୦ କୋଟିରୁ ଊର୍ଦ୍ଧ୍ୱ ଲୋକ କୋଭିଡ୍ ଟିକା ନେଇଥିବାରୁ ସେମାନେ ସମସ୍ତେ କରୋନା ଭୂତାଣୁ ବିରୋଧରେ ଲଢ଼େଇ ପାଇଁ ଜଣେ ଜଣେ ବାହୁବଳୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦେଶରେ ଟିକାକରଣ ଅଭିଯାନ ଦ୍ରୁତଗତିରେ ଆଗେଇ ଚାଲିଛି। ତେବେ ବାହୁବଳୀ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରକୁ ସୂଚାଉଥିବାରୁ ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବାହୁବଳୀର ଦୁଇଟି ଭାଗ ରହିଛି ଯାହା ଡୋଜ୍-୧ ଏବଂ ଡୋଜ୍-୨ ବୋଲି ଜଣେ ଟୁଇଟରରେ ଲେଖିଛନ୍ତି। କରୋନା ମହାମାରୀ ସାରା ବିଶ୍ୱକୁ ଗ୍ରାସିଥିବାରୁ ଏହା ଉପରେ ଏକ ଭାବାତ୍ମକ ଆଲୋଚନାକୁ ସର୍ବାଧିକ ପ୍ରାଥମିକତା ଦିଆଯିବା ସେ ଚାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗୃହ ଭିତରେ ଏବଂ ବାହାରେ ମଧ୍ୟ ଏହା ଉପରେ ଆଲୋଚନା ହେବା ଆବଶ୍ୟକ। ସେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଏନେଇ ଅନେକ ଥର ଆଲୋଚନା କରିଛନ୍ତି। ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହୋଇଥିବାରୁ ଏ ସମ୍ପର୍କରେ ସେ ଗୃହରେ ବିଭିନ୍ନ ଦଳର ନେତାମାନଙ୍କ ସହ ଆଲୋଚନା କରିବାକୁ ଚାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ସଂକ୍ଷେପରେ

### ଲଶ୍କର କମାଣ୍ଡରଙ୍କ ସମେତ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୯।୭(ଆଇଏଏନ୍‌ଏସ୍):** ଦକ୍ଷିଣ କଶ୍ମୀରର ଶୋପିଆନ ଜିଲା ଅନ୍ତର୍ଗତ ଚେକ୍ ସାଦିକ୍ ଅଞ୍ଚଳରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ଜଣେ ଶୀର୍ଷ କମାଣ୍ଡରଙ୍କ ସମେତ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ନିର୍ଦ୍ଦିଷ୍ଟ ସୂଚନା ପାଇ ଶୋପିଆନ ପୋଲିସ, ସେନା ଓ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ମିଳିତ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଆତଙ୍କବାଦୀମାନଙ୍କୁ ଆତ୍ମସମର୍ପଣ କରିବା ପାଇଁ ବାରମ୍ବାର ସୁଯୋଗ ଦେବା ସତ୍ତ୍ୱେ ସେମାନେ ଆଖିବୁଜା ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି। ନିହତ ଲଶ୍କର କମାଣ୍ଡର ଇଶ୍‌ଫାକ ଅହମଦ ଦର୍ ଶୋପିଆନ ବାସିନ୍ଦା। ସେ ୨୦୧୭ରୁ ସକ୍ରିୟ ରହିଥିଲା। ଅନ୍ୟ ଆତଙ୍କବାଦୀ ମେଲିବାଗ୍ ଇମାମସାହାବ ଅଞ୍ଚଳର ମାଜିଦ୍ ଇକ୍‌ବାଲ ଭଟ୍ଟ ବୋଲି ଜଣାପଡ଼ିଛି।

### ଆଜି ମହାକାଶ ଯିବେ ବେଜୋସ୍



**ୱାଶିଂଟନ୍, ୧୯।୭:** ଆମେରିକୀୟ ବିଲିୟନେୟାର ତଥା ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ମଙ୍ଗଳବାର ମହାକାଶ ଯାତ୍ରାରେ ବାହାରିବେ। ତାଙ୍କ ସହ ଭାଇ ମାର୍କ, ପୂର୍ବତନ ପାଇଲଟ୍ ୮୨ ବର୍ଷୀୟା ୱାଲି ଫଙ୍କ୍ ଏବଂ ପୂର୍ବରୁ ବେଜୋସ୍‌ଙ୍କ ପାଖ ସିଟ୍ ବୁକ୍ କରିଥିବା ଜଣେ ୧୮ ବର୍ଷୀୟ ବାଳକ ଯାତ୍ରା କରିବେ। ପ୍ରାୟ ୨ ଦଶନ୍ଧି ତଳେ ପ୍ରତିଷ୍ଠା କରିଥିବା ତାଙ୍କ କମ୍ପାନୀ ବ୍ଲୁ ଅରିଜିନ୍‌ର ନ୍ୟୁ ସେପାର୍ଡ ମହାକାଶଯାନରେ ବେଜୋସ୍ କାରାମାନ୍ ଲାଇନ ବାହାରକୁ ବା ପୃଥିବୀ ପୃଷ୍ଠରୁ ପ୍ରାୟ ଶହେ କିଲୋମିଟର ଉପରକୁ ଯିବେ। ବ୍ଲୁ ଅରିଜିନ୍‌ର ପ୍ରଥମ ମହାକାଶ ଯାତ୍ରା ପ୍ରସ୍ତୁତି ଶେଷ ହୋଇଛି। ଏହା ପଶ୍ଚିମ ଟେକ୍ସାସ୍‌ର ମରୁଭୂମି ସମତଳ ସ୍ଥାନରୁ ଲଞ୍ଚ ହେବ। ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ସାଢ଼େ ୬ଟାରେ ଏହି ସ୍ପେସ୍‌କ୍ରାଫ୍ଟ ଯାତ୍ରା ଆରମ୍ଭ କରିବ।

### ୩୮ ହଜାର ସଂକ୍ରମିତ, ୪୯୯ ମୃତ

**ନୂଆଦିଲ୍ଲୀ, ୧୯।୭(ପି.ଟି.):** ଦେଶରେ ଦୈନିକ ସଂକ୍ରମଣ ସୋମବାର ୩୮,୧୬୪କୁ ହ୍ରାସ ପାଇଛି। ଏଥିସହିତ ୨୪ ଘଣ୍ଟାରେ ମୃତ୍ୟୁସଂଖ୍ୟା ୪୯୯ ରହିଛି, ଯାହାକି ଗତ ୩ ମାସ ମଧ୍ୟରେ ସର୍ବନିମ୍ନ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଦେଶରେ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୧୪,୧୦୮ରେ ପହଞ୍ଚିଥିବାବେଳେ ମୋଟ ମାମଲା ସଂଖ୍ୟା ୩,୧୧,୪୪,୨୨୯ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୪,୨୧,୬୬୫ ରହିଛି, ଯାହା ମୋଟ ମାମଲାର ୧.୩୫ ପ୍ରତିଶତ। ଆରୋଗ୍ୟ ହାର ୯୭.୩୨ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ଦୈନିକ ପଜିଟିଭିଟି ହାର ୨.୬୧ ପ୍ରତିଶତ ରହିଛି।

### ଲଦାଖ ନିକଟରେ ଚାଇନାର ନୂଆ ଏୟାରବେସ୍

**ନୂଆଦିଲ୍ଲୀ, ୧୯।୭:** ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଗତବର୍ଷଠାରୁ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାବେଳେ ବେଜିଂ ଏବେ ସୀମାରେ ଭିତ୍ତିଭୂମି ବଢ଼ାଇବା ସହ ସୈନ୍ୟମାନଙ୍କ ପାଇଁ ସ୍ଥାୟୀ କଂକ୍ରିଟ ଶିବିର ନିର୍ମାଣ କରୁଛି। ଏଥିସହିତ ଲଦାଖ ନିକଟବର୍ତ୍ତୀ ଶାକ୍‌ଚେଠାରେ ଚାଇନା ନୂଆ ବାୟୁସେନା ଘାଟି ନିର୍ମାଣ କରିଛି। ଗତବର୍ଷ ମେ'ରୁ ଚାଇନାର ପିପୁଲ୍ସ ଲବରେଶନ ଆର୍ମି (ପିଏଲ୍‌ଏ) ବାୟୁସେନା ସୀମାରେ ୭ଟି ଏୟାରବେସ୍ ନିର୍ମାଣ କଲାଣି। ଏହି ଘାଟିଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ପ୍ରକୃତ ନିୟନ୍ତ୍ରଣ ରେଖାରେ ଚାଇନାର ଶକ୍ତି ବୃଦ୍ଧି ପାଇବ। ଯୁଦ୍ଧବିମାନ ଉଡ଼ାଣ ଲାଗି ଶାକ୍‌ଚେ ଏୟାରବେସ୍‌କୁ ପ୍ରସ୍ତୁତ କରାଯାଉଛି। ତେଣୁ ଭାରତୀୟ ସେନା ସହ ପିଏଲ୍‌ଏର ବିବାଦ ଦୀର୍ଘଦିନ ଜାରି ରହିବା ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ବୃହତ୍ ଶିଳ୍ପରେ ପରିଣତ ହେଲାଣି ହସ୍ପିଟାଲ

### ବନ୍ଦ କରିଦେବା ଭଲ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୭(ଆଇଏଏନ୍‌ଏସ୍)

ହସ୍ପିଟାଲଗୁଡ଼ିକ ବୃହତ ଶିଳ୍ପରେ ପରିଣତ ହୋଇଛନ୍ତି। ଜନସାଧାରଣଙ୍କ ବିପତ୍ତିରୁ ଫାଇଦା ଉଠାଇ ସେମାନେ ବଡ଼ ହୋଇଛନ୍ତି। ଜୀବନ ବଦଳରେ ସେଗୁଡ଼ିକୁ ସମୃଦ୍ଧ ହେବାକୁ ଦିଆଯାଇପାରିବ ନାହିଁ। ଏଭଳି ହସ୍ପିଟାଲଗୁଡ଼ିକୁ ବନ୍ଦ କରିଦେବା ଭଲ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣି ଦେଇଛନ୍ତି। କ୍ଷୁଦ୍ର ବାସୋପଯୋଗୀ ବିଲ୍ଡିଂରେ ଘରୋଇ ହସ୍ପିଟାଲକୁ ଅନୁମତି ଦେବା ପରିବର୍ତ୍ତେ ରାଜ୍ୟ ସରକାରଗୁଡ଼ିକ ଉନ୍ନତ ହସ୍ପିଟାଲ ଯୋଗାଇଦେଇ ପାରିବେ ବୋଲି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଅଟ୍ଟାଳିକା ବ୍ୟବହାର ଅନୁମତି ସମ୍ପର୍କରେ ଗୁଜରାଟ ସରକାର ହସ୍ପିଟାଲଗୁଡ଼ିକୁ ଅଧିକ ସମୟ ଦେଇଥିବାରୁ ଖଣ୍ଡପୀଠ ଏହାକୁ ଭର୍ତ୍ସନା କରିଛନ୍ତି। ହସ୍ପିଟାଲରେ ନିଆଁ ଲାଗି ଲୋକ ମରୁଛନ୍ତି। ଜଣେ ରୋଗୀ କୋଭିଡ୍‌ରୁ ଆରୋଗ୍ୟ ହେବା ପରେ ହସ୍ପିଟାଲ ଛାଡ଼ିବା ପୂର୍ବରୁ ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇଲେ। ଦୁଇଜଣ ନର୍ସ ମଧ୍ୟ ଜିଅନ୍ତା ଜଳିଗଲେ। ଏଭଳି ଦୁଃଖଦ ଘଟଣା ଆମ ଆଖି ସାମନାରେ ଘଟିଚାଲିଥିବାବେଳେ ହସ୍ପିଟାଲଗୁଡ଼ିକୁ ଅଧିକ ସମୟ ଦିଆଯାଉଥିବାରୁ ଖଣ୍ଡପୀଠ କ୍ଷୋଭ ପ୍ରକାଶ କରିଛନ୍ତି।


ବେଙ୍ଗାଲୁରୁରେ ଲକ୍‌ଡାଉନ କଟକଣା ମଧ୍ୟରେ ଏସ୍‌ଏସ୍‌ଏଲ୍‌ସି ପରୀକ୍ଷା ଦେବା ପାଇଁ ଯାଇଥିବା ଜଣେ ଛାତ୍ରୀଙ୍କ ତାପମାତ୍ରା ଯାଞ୍ଚ କରାଯାଉଛି।

## ବର୍ଷା ଯୋଗୁ ପାହାଡ଼ରେ ଫସିଥିବା ୧୧୬ ଜଣଙ୍କୁ ଉଦ୍ଧାର କଲା ପୋଲିସ

ଠାଣେ, ୧୯।୭(ଆଇଏଏନ୍‌ଏସ୍)

ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ଶନିବାରଠାରୁ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ରବିବାର ପାହାଡ଼କୁ ପିକ୍‌ନିକ୍ କରିବାକୁ ଯାଇଥିବା ଅନ୍ୟୂନ ୧୧୬ ଜଣ ଫେରି ନ ପାରି ସେଠାରେ ଅଟକି ରହିଥିଲେ। ନଭି ମୁମ୍ବାଇ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରିଛନ୍ତି। ସ୍ଥାନୀୟ ପୋଲିସ ଅଫିସରଙ୍କ କହିବା ଅନୁଯାୟୀ ୭୮ ମହିଳା ଓ ୫ ଶିଶୁଙ୍କ ସହ ୧୧୬ ଜଣ ଖରଘର ପାହାଡ଼କୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ସକାଳେ ସେମାନେ କେତେକ ଅଗଭୀର ଝରଣା ଅତିକ୍ରମ କରିଥିବାବେଳେ ଉପରବେଳା ସେଗୁଡ଼ିକ ପାଣି ଭର୍ତ୍ତି ହୋଇଯିବା ସହ ପ୍ରଖର ସ୍ରୋତ ଯୋଗୁ ସେମାନେ ଆସି ନ ପାରି ଅଟକି ରହିଥିଲେ। ଉଦ୍ଧାର ପାଇଁ ସେମାନେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଫୋନ୍ କରିଥିଲେ। ୧୫ ଆଗ୍ନିକଙ୍କ ସମେତ ଉଦ୍ଧାରକାରୀ ଟିମ୍ ନାଇଲନ ଦଉଡ଼ି ଓ ଶିଡ଼ି ସହାୟତାରେ ସେମାନଙ୍କୁ ଉଦ୍ଧାର କରିଥିଲେ।

## ପାକିସ୍ତାନରେ ବସ୍ ଦୁର୍ଘଟଣା: ୩୩ ମୃତ


ଟ୍ରେଲର ସହ ଧକ୍କା ପରେ ବସ୍‌ଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି।

ଇସ୍‌ଲାମାବାଦ, ୧୯।୭

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ସୋମବାର ଦ୍ରୁତଗାମୀ ବସ୍ ଏକ ଟ୍ରେଲର ସହ ମୁହାଁମୁହିଁ ଧକ୍କା ହେବାରୁ ୩୩ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଡେରା ଘାଜି ଖାନ୍ ଜିଲାର ତାଉନ୍ସା ବାଇପାସ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି। ବସ୍‌ଟି ରାଜନପୁର ଜିଲାରୁ ସିଆଲକୋଟ ଯାଉଥିଲା। ମୃତକମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ। ସେମାନେ ବକ୍ରି ଇଦ୍ ଛୁଟି ପାଇଁ ଗାଁକୁ ଫେରୁଥିଲେ। ଦୁର୍ଘଟଣାରେ ବସ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଉଦ୍ଧାରକାରୀ ଟିମ୍ ବହୁ କଷ୍ଟରେ ମୃତାହତଙ୍କୁ ସେଥିରୁ ବାହାର କରୁଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋରୁ ଦେଖିବାକୁ ମିଳିଛି।

## ବର୍ଷାରେ ଦିଲ୍ଲୀ ଉବୁଟୁବୁ

- ବିଭିନ୍ନ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ
- ଅଣ୍ଡରପାସ୍‌ରେ ବୁଡ଼ି ଜଣେ ମୃତ

ନୂଆଦିଲ୍ଲୀ, ୧୯।୭(ପି.ଟି.)


ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀର ଜଳାର୍ଣ୍ଣବ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

ଦିଲ୍ଲୀରେ ସୋମବାର ସକାଳୁ ପ୍ରବଳ ବର୍ଷା ଲାଗି ରହିବା ଫଳରେ ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହୋଇଥିଲା। ଆଇଟିଓ, ରିଙ୍ଗ୍ ରୋଡ୍, ପ୍ରଗତି ମଇଦାନ, ପାଲାମ, କିରାରି ଏବଂ ରୋହତକ୍ ରୋଡ୍‌ରେ ରାସ୍ତା ବୁଡ଼ିରହିଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦକ୍ଷିଣ-ପୂର୍ବ ଦିଲ୍ଲୀର ପୁଲ୍ ପ୍ରହ୍ଲାଦପୁର ରେଲ୍‌ୱେ ଅଣ୍ଡରପାସ୍ ବୁଡ଼ିଯିବାରୁ ଗାଡ଼ିଗୁଡ଼ିକୁ ଅନ୍ୟ ରୁଟ୍‌ରେ ଛଡ଼ାଯାଇଥିଲା। ଉକ୍ତ ଅଣ୍ଡରପାସ୍‌ରେ ବୁଡ଼ି ଜଣେ ପ୍ରାଣ ହରାଇଥିବା ଜଣାପଡ଼ିଛି। ସେହିପରି ରିଙ୍ଗରୋଡ ମିଲେନିୟମ ପାର୍କ ନିକଟ, ସରଇ କାଲେ ଖାନ୍, କିଲୋକ୍ରି, ଆଇପି ଫ୍ଲାଏଓଭର ନିକଟ, ଧଉଳା କୁଆଁ, ବିକାଶ ମାର୍ଗ, ଆଜାଦପୁର ଆଦି ଅଞ୍ଚଳରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଜଳ ନିଷ୍କାସନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି।

ଦିଲ୍ଲୀରେ ଗତ ୨୪ ଘଣ୍ଟାରେ ୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ-ଏନସିଆର୍ ଅଞ୍ଚଳରେ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଉତ୍ତର ଭାରତରେ ୨୧ ପର୍ଯ୍ୟନ୍ତ ଏବଂ ପଶ୍ଚିମ ଉପକୂଳରେ ୨୩ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି କୁହାଯାଇଛି। ଶନିବାର ରାତିରେ ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ଘର ଭୁଶୁଡ଼ି ୩୦ ଜଣ ଏବଂ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।


ଆଇଟିଓ ନିକଟରେ ଜଳଭର୍ତ୍ତି ରାସ୍ତାରେ ଲୋକେ ବାଇକ୍ ଠେଲି ନେଉଛନ୍ତି।


ଗୁରୁଗ୍ରାମର ନରସିଂହପୁର ନିକଟବର୍ତ୍ତୀ ଏକ୍ସପ୍ରେସ୍‌ୱେରେ ବର୍ଷା ପାଣି ସୁଅ ଛୁଟିଛି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୧୩,୯୪,୮୭୦ | ୪୧,୦୯,୦୪୩ | ୧୭,୪୩,୦୨,୩୩୨ |
| ଭାରତ | ୩,୧୧,୫୩,୩୯୨ | ୪,୧୪,୩୩୮ | ୩,୦୩,୧୩,୦୫୦ |
| ଓଡ଼ିଶା | ୯,୫୫,୯୭୪ | ୫୧୧୬(+୫୩) | ୯,୩୨,୬୬୬ |

ସୋମବାର ରାତି ୮ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଓଏସ୍ଏସ୍ଟିଇଟି ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୯।୭(ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସୋମବାର ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍ଟିଇଟି) ୨୦୨୧ ପାଇଁ ଫର୍ମ ପୂରଣ ଅବଧି ବୃଦ୍ଧି କରିଛି। ସୋମବାର ଏନେଇ ବୋର୍ଡ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ୨୦ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ବା ଫର୍ମ ପୂରଣ ସହ ଫି' ଦାଖଲ ଏକସଙ୍ଗେ କରିବାକୁ ପଡ଼ିବ। ଆବେଦନ ଫର୍ମ ଦାଖଲ ପାଇଁ କୌଣସି ଅତିରିକ୍ତ ସମୟ ଦିଆଯିବ ନାହିଁ। କାରଣ ଅନଲାଇନ୍‌ରେ ହିଁ ଫି' ସଂଗ୍ରହ କରାଯିବ। ଏଥିପାଇଁ ବୋର୍ଡର ୱେବ୍‌ସାଇଟ୍ www.bseodisha.ac.inରେ ୨୪ ଘଣ୍ଟିଆ ବ୍ୟବସ୍ଥା ହୋଇଛି। ତେବେ ଆବେଦନ ଓ ଫି' ଦାଖଲ କରିବା ପୂର୍ବରୁ ପ୍ରାର୍ଥୀମାନଙ୍କୁ ଓଏସ୍ଏସ୍ଟିଇଟି- ୨୦୨୧ର ନିର୍ଦ୍ଦେଶାବଳୀ ଅନୁଯାୟୀ ଯୋଗ୍ୟତା ମାନଦଣ୍ଡ ପଢ଼ିବାକୁ ଅନୁରୋଧ କରାଯାଇଛି। ଯଦି ସେମାନେ ଯୋଗ୍ୟ ନୁହନ୍ତି, ତେବେ ଫି' ପ୍ରଦାନ କରିବା ଉଚିତ ନୁହେଁ। କାରଣ ଥରେ ଦିଆଯାଇଥିବା ଫି' ଫେରସ୍ତ ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଡିଜିପିଙ୍କୁ ଦାବିପତ୍ର ଦେଲେ ସୌମ୍ୟଙ୍କ ବାପା

'ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ କରାଯାଉ'

**କଟକ ଅଫିସ, ୧୯।୭:** ପୋଡ଼ି ହୋଇ ମୋ ପୁଅ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ଫରେଷ୍ଟ ଅଫିସ୍ ଆଗରେ ଆମ୍ବୁଲାନ୍ସକୁ ଘଣ୍ଟାଏ କାଳ ଅଟକାଯାଇଥିଲା। କିଛି ସମୟ ଆଗରୁ ମେଡିକାଲରେ ପହଞ୍ଚିଥିଲେ ସେ ବଞ୍ଚି ଯାଇଥାନ୍ତା। ବିଳମ୍ବରେ ହସ୍ପିଟାଲରେ ପହଞ୍ଚିବା ପୁଅ ମୃତ୍ୟୁର ଅନ୍ୟ ଏକ କାରଣ ବୋଲି କହିଛନ୍ତି ପାରଳାଖେମୁଣ୍ଡିର ମୃତ ଏସିଏଫ୍ ସୌମ୍ୟ ମହାପାତ୍ରଙ୍କ ବାପା ଅଭିରାମ ମହାପାତ୍ର। ତେବେ ଆମ୍ବୁଲାନ୍ସକୁ ଅଟକାଇବାରେ ଗଜପତି ଜିଲାର ଜନୈକା ମହିଳା ଆଇଆଇସିଙ୍କ ହାତ ରହିଥିବା ଅଭିରାମ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଆଇଆଇସିଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରୁ ବୋଲି ଅଭିରାମ ଦାବି କରିଛନ୍ତି। ଏ ନେଇ ସେ ସୋମବାର ଡିଜିପିଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିସହିତ ହତ୍ୟା ପଛରେ ବୋହୂ ବିଦ୍ୟା ଭାରତୀ, ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋକ୍ଷେୟା ମନ୍ମଥ କୁମ୍ଭଙ୍କର ସମ୍ପୃକ୍ତି ରହିଛି ବୋଲି ଅଭିରାମ ଅଭିଯୋଗ କରିବା ସହ ଅଭିଯୁକ୍ତମାନଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରାଯାଉ ବୋଲି ଦାବି କରିଛନ୍ତି। ଅଭିରାମ ଭୁବନେଶ୍ୱର ଆସି ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଜ ଗୁହାରି ଜଣାଇଛନ୍ତି। ଡିଏଫ୍‌ଓ ନିଜ ପଦର ଅପବ୍ୟବହାର କରି ପ୍ରମାଣ ନଷ୍ଟ କରିବା ସହ ଚାପ ସୃଷ୍ଟି କରୁଛନ୍ତି। ତେଣୁ ତାଙ୍କୁ ପଦରୁ ହଟାଯାଇ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଅଭିରାମ ଦାବି କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଯାଇ ଘଟଣାର ନିରପେକ୍ଷ ତଦନ୍ତ ସହ ଅଭିଯୁକ୍ତଙ୍କୁ ଦଣ୍ଡ ଦିଆଯାଉ ବୋଲି ଗୁହାରି ଜଣାଇଛନ୍ତି। ଅନ୍ୟପକ୍ଷେ ପୋଲିସ ଏବେ ଘଟଣାର ତଦନ୍ତ କରୁଛି। ପୋଲିସ ତଦନ୍ତ ରିପୋର୍ଟ ଯାହା ଆସିବ ସେହି ଅନୁସାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିସିସିଏଫ୍ ଶିଶିର ରଥ କହିଛନ୍ତି।




ସୋମବାର ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବାବେଳେ କେତେକ ଦଳର ଏମ୍‌ପିମାନେ ପ୍ଲାକାର୍ଡ ପ୍ରଦର୍ଶନ କରି ବିବାଦୀୟ ୩ କୃଷି ଆଇନ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି।




ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ କଟକ ସିଡିଏ ପେଟ୍ରୋଲ ପମ୍ପ ନିକଟରେ କଂଗ୍ରେସ ପକ୍ଷରୁ ଜନସଚେତନତା ଦସ୍ତଖତ ଅଭିଯାନ।

# 'ପୁଅକୁ ମାନସିକ ନିର୍ଯାତନା ଦିଆଯାଉଥିଲା: ମା'

**ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣା**

- ଖଇରା, କପ୍ତିପଦାରେ ପୋଲିସ ଟିମ୍
- ମା', ମାଈଁ, ବିଦ୍ୟାଭାରତୀଙ୍କ ବୟାନ ରେକର୍ଡ

**ଖଇରା/କପ୍ତିପଦା, ୧୯।୭(ଡି.ଏନ.ଏ.)**



ପାରଳାଖେମୁଣ୍ଡି ପୋଲିସ ବେଗୁନିଆ ଗ୍ରାମର ସୌମ୍ୟରଞ୍ଜନ ମହାପାତ୍ରଙ୍କ ଘରକୁ ଯାଉଛନ୍ତି।

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଦିନକୁ ଦିନ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସୁଛି। ପାରଳାଖେମୁଣ୍ଡି ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ସୋମବାର ପ୍ରଥମେ ସୌମ୍ୟରଞ୍ଜନଙ୍କ ଘର ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ପଞ୍ଚାୟତ ବେଗୁନିଆ ଗ୍ରାମକୁ ଯାଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ପରେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଗୌଡଗାଁସ୍ଥିତ ସୌମ୍ୟଙ୍କ ଶ୍ୱଶୁର ଘରକୁ ଯାଇ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ପଚରାଉଚୁରା କରିଛନ୍ତି।

ଖଇରା ପୋଲିସ ସହାୟତାରେ ଏହି ଟିମ୍ ସୌମ୍ୟଙ୍କ ମା' ତୁଳସୀ ମହାପାତ୍ର ଓ ମାଈଁ ଉର୍ମିଳା ପଣ୍ଡାଙ୍କ ସହ ସୌମ୍ୟ ଫୋନରେ କରିଥିବା ବାର୍ତ୍ତାଳାପକୁ ରେକର୍ଡ କରିଛି। ସୌମ୍ୟଙ୍କ ମା'ଙ୍କ ବୟାନ ଅନୁଯାୟୀ ବିବାହର କିଛିଦିନ ପରେ ପୁଅ ପାରଳାଖେମୁଣ୍ଡିରୁ ଫୋନ କରି କହିଥିଲେ, ମା' ମୋ ସଂସାର ଉଜୁଡିଗଲା, ମୁଁ ଫସିଗଲି। ବିଦ୍ୟା ବର୍ଷେ ପର୍ଯ୍ୟନ୍ତ ବୈବାହିକ ସମ୍ପର୍କ ନ ରଖିବାକୁ ମନା କରିଛନ୍ତି। ପ୍ରତ୍ୟେକ ଦିନ ଝଗଡା ଲାଗୁଥିବା ଏବଂ ବିଭିନ୍ନ ଆଳରେ ରାତି ଡ୍ୟୁଟି ପକାଇ ଡିଏଫ୍‌ଓ ତାଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ଭୁବନେଶ୍ୱର ଟ୍ରେନିଂରେ ଆସିଥିବାବେଳେ ଉଭୟଙ୍କ ମଧ୍ୟରେ ଝଗଡା ଯୋଗୁ ବିଦ୍ୟାଭାରତୀ ସିନ୍ଦୂର ପୋଛିବା ଓ ହାତରୁ ଶଙ୍ଖା ଭାଙ୍ଗି ରାଗି ଘରୁ ପଳାଇଥିଲେ। ପରେ ତାଙ୍କୁ ଡିଏଫ୍‌ଓଙ୍କ ଘରୁ ବୁଝାଶୁଝା କରି ଅଣାଯାଇଥିବା ନେଇ ସୌମ୍ୟଙ୍କ ମା' ପୋଲିସ ଆଗରେ କହିଥିଲେ। ବୋହୂ ବିଦ୍ୟାଭାରତୀ ବଲାଙ୍ଗୀର ଯାଇ କେତେଜଣ ଯୁବକଙ୍କ ସହ ବ୍ୟାଚଲର ପାର୍ଟି କରିଥିଲେ। ସୌମ୍ୟ ତାଙ୍କ ସହ ଯାଇଥିଲେ ମଧ୍ୟ ତାଙ୍କୁ ବାହାରେ ରହିବା ପାଇଁ ବୋହୂ ବାଧ୍ୟ କରିଥିଲେ। ଏଥିରେ ସୌମ୍ୟ ଅତିଷ୍ଠ ହୋଇ ପାରଳାଖେମୁଣ୍ଡି ପଳାଇ ଆସିଥିଲେ। ଶେଷରେ ଶ୍ୱଶୁର ଶାଶୁଙ୍କ ଦ୍ୱାରା ଏହି ଘଟଣା ସମାଧାନ ହୋଇଥିବା ସୌମ୍ୟଙ୍କ ମା' ପୋଲିସ ଆଗରେ କହିଥିଲେ। ସେହିଭଳି ରଜ ସମୟରେ ସୌମ୍ୟ ଘରକୁ ଆସିଥିବା ବେଳେ ନିଜ ମନ କଥାକୁ ମାଈଁଙ୍କ ଆଗରେ ପ୍ରକାଶ କରିଥିଲେ। ଡିଏଫ୍‌ଓଙ୍କ ଯୋଗୁ ତାଙ୍କ ପରିବାର ନଷ୍ଟ ହେବା କଥା କହି କାନ୍ଦି ପକାଇଥିଲେ। ସେହିଭଳି ମୃତ୍ୟୁ ପୂର୍ବରୁ ଜୁଲାଇ ୯ ତାରିଖରେ ବିଦ୍ୟାଭାରତୀ ସୌମ୍ୟଙ୍କର ସମ୍ପତ୍ତି ଏବଂ ପାଉଥିବା ଦରମାକୁ ତାଙ୍କ ନାମରେ ବଣ୍ଡ ପେପରରେ ଚୁକ୍ତି କରାଇନେଇଥିଲେ। ଉକ୍ତ ଚୁକ୍ତିନାମାର ନକଲ ତାଙ୍କ ମା' ପୋଲିସକୁ ଦେଖାଇବା ସହ ହତ୍ୟା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିବା ନେଇ ତାଙ୍କ ମାମୁ ଶୀତିକଣ୍ଠ ପଣ୍ଡା ପୋଲିସ ଆଗରେ କହିଥିଲେ। ତଦନ୍ତର ସ୍ୱଚ୍ଛତା ପାଇଁ ପ୍ରଥମେ ଡିଏଫ୍‌ଓଙ୍କୁ ନିଲମ୍ବନ ଏବଂ ବିଦ୍ୟାଭାରତୀଙ୍କୁ ଗିରଫ ଓ ଲାଏ ଡିଟେକସନ ଟେଷ୍ଟ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଅପରାହ୍ନରେ ଏହି ଟିମ୍ ସ୍ଥାନୀୟ ପୋଲିସ ସହ ସୌମ୍ୟଙ୍କ ଶ୍ୱଶୁର ଘର କପ୍ତିପଦା ଗୌଡଗାଁରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ରହୁଥିବା ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଜେରା କରିଥିଲେ। ସୌମ୍ୟଙ୍କ ମୋବାଇଲ ଫୋନ ବିଦ୍ୟାଭାରତୀଙ୍କ ନିକଟରେ ଥିବାରୁ ଉଭୟଙ୍କ ମୋବାଇଲକୁ ଏହି ଟିମ୍ ଜବତ କରିଛି। ସେଥିରୁ କିଛି ତଥ୍ୟ ମିଳିପାରେ ବୋଲି ପୋଲିସ ସୂଚନା ଦେଇଛି। ଏତଦ୍‌ବ୍ୟତୀତ ଉଭୟଙ୍କ ଦାମ୍ପତ୍ୟ ଜୀବନ କିପରି ଥିଲା, ବିଦ୍ୟାଭାରତୀଙ୍କର ସୌମ୍ୟଙ୍କୁ ବିବାହ ପାଇଁ ଇଚ୍ଛା ଥିଲା କି ନାହିଁ, ବିବାହ ପରେ ସେମାନଙ୍କ ମଧ୍ୟରେ କ'ଣ ଅସୁବିଧା ରହୁଥିଲା ପୋଲିସ ପଚାରିଥିବା ସୂଚନା ମିଳିଛି। ସୋମବାର ଏହି ତଦନ୍ତ ସରି ନ ଥିବା ବେଳେ ମଙ୍ଗଳବାର ମଧ୍ୟ ଟିମ୍ ଗୌଡ଼ଗାଁ ଆସିବ ବୋଲି ଟିମ ଲିଡର ଆଇଆଇସି ସ୍ୱାଇଁ ସୂଚନା ଦେଇଛନ୍ତି ।

### ଚଳିତ ସପ୍ତାହରେ ପ୍ରକାଶ ପାଇପାରେ ସିବିଏସ୍ଇ, ଆଇସିଏସ୍ଇ ଦଶମ ପରୀକ୍ଷାଫଳ

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍ଇ) ଓ ଇଣ୍ଡିଆନ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେଶନ (ଆଇସିଏସ୍ଇ) ଦଶମ ପରୀକ୍ଷା ଫଳ ଚଳିତ ସପ୍ତାହରେ ପ୍ରକାଶ ପାଇପାରେ। ଏ ନେଇ ବୋର୍ଡ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିଲେ ସୁଦ୍ଧା ଜଣେ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ଖୁବ୍‌ଶୀଘ୍ର ପରୀକ୍ଷା ଫଳ ସଂକ୍ରାନ୍ତରେ ଘୋଷଣା କରାଯିବ। ସିବିଏସ୍ଇ ଛାତ୍ରୀଛାତ୍ର cbseresults.nic.inରେ ଓ ଆଇସିଏସ୍ଇ ଦଶମ ଛାତ୍ରୀଛାତ୍ର cisce.org ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଦେଖିପାରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ସିବିଏସ୍ଇ ଦଶମ ଓ ଆଇସିଏସ୍ଇ ଦଶମ ପରୀକ୍ଷା ବାତିଲ କରାଯାଇଥିଲା। ପୂର୍ବ ପରୀକ୍ଷାକୁ ଆଧାର କରି ମୂଲ୍ୟାୟନ କରାଯାଇଛି। ଯଦି କୌଣସି ଛାତ୍ରୀଛାତ୍ର ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ହେବେ ତେବେ ସେମାନଙ୍କୁ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯିବ ବୋଲି ଉଭୟ ବୋର୍ଡ ପକ୍ଷରୁ ପୂର୍ବରୁ କୁହାଯାଇଥିଲା।

# ୨.୩୬%କୁ ଖସିଲା ସଂକ୍ରମଣ ହାର

**ଆଉ ୧,୬୪୮ ଚିହ୍ନଟ, ୫୮ ମୃତ**

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଏବେ ୨ହଜାର ତଳକୁ ଖସିଛି। ଗତ ୨୪ଘଣ୍ଟାରେ ୬୯,୮୧୨ ନମୁନା ପରୀକ୍ଷା ହୋଇଥିବାବେଳେ ୧,୬୪୮ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୨.୩୬%ରେ ପହଞ୍ଚିଯାଇଛି। କଟକରେ ସର୍ବାଧିକ ୭% ସଂକ୍ରମଣ ହାର ଥିବାବେଳେ ନୟାଗଡ଼ରେ ୫% ରହିଛି। ତେବେ ବାକି ସବୁଜିଲାରେ ଏହା ତଳକୁ ରହିଛି। ସେହିଭଳି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଟକରୁ ସର୍ବାଧିକ ୩୩୫ଜଣ ରହିଛନ୍ତି। ସେହିପରି ଖୋର୍ଦ୍ଧାରୁ ୨୩୦, ଯାଜପୁର ୧୧୩, ଜଗତ୍‌ସିଂହପୁର ୧୧୨, ଅନୁଗୋଳ ୮୯, ବାଲେଶ୍ୱର ୮୩, ମୟୂରଭଞ୍ଜ, ଭଦ୍ରକରୁ ୭୭ ଲେଖାଏ, ନୟାଗଡ଼ ୭୩, ପୁରୀ ୬୭, ଢେଙ୍କାନାଳ ୫୪ ଓ କେନ୍ଦ୍ରାପଡ଼ା ୫୦ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମଣ ୯,୫୫,୯୭୪କୁ ବୃଦ୍ଧି ପାଇଛି।

ଅପରପକ୍ଷେ ଆଉ ୫୮ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଏମାନଙ୍କ ମୃତ୍ୟୁ କୌଣସି ନିର୍ଦ୍ଦିଷ୍ଟ ଦିନରେ ହୋଇନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧୯ଜଣ ଥିବାବେଳେ ବରଗଡ଼ ୭, ଗଞ୍ଜାମ ୫, ବଲାଙ୍ଗୀର ୪, ସମ୍ବଲପୁର, ପୁରୀ, ବାଲେଶ୍ୱର ଓ କଟକରୁ ୩ଜଣ ଲେଖାଏ ରହିଛନ୍ତି। ସେହିଭଳି ଅନୁଗୋଳ, ଭଦ୍ରକ ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା ଓ ମୟୂରଭଞ୍ଜରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ୫,୧୧୬ରେ ପହଞ୍ଚିଛି।




# ମା'ସହ ୩ ବର୍ଷର ପୁଅକୁ ହତ୍ୟା

**ନୟାଗଡ଼ ଅଫିସ,୧୯।୭**

- ଘର ଭିତରୁ ମିଳିଲା ମୃତଦେହ
- ଶାଶୁ ଫେରାର ପରେ ବଢ଼ିଲା ସନ୍ଦେହ
- ପୋଲିସ ଡେରିରେ ପହଞ୍ଚିବାରୁ ଉତ୍ତେଜନା

ନୟାଗଡ଼ ଜିଲା ଇଟାମାଟି ଥାନା ଶଙ୍ଖେଇ ଗାଁରେ ସୋମବାର ଜଣେ ମହିଳା ଓ ତାଙ୍କ ୩ ବର୍ଷର ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୧୦୭/୨୧) ରୁଜୁ କରି ମୃତ ମହିଳା ମିଲିମଣି ସାହୁ(୨୪) ଓ ତାଙ୍କ ପୁଅ ଆୟୁଷ୍ମାନର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ଘର ଭିତରେ ଉଭୟ ମୃତଦେହ ଦୀର୍ଘ ସମୟ ଧରି ପଡ଼ି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଅନ୍ୟପକ୍ଷେ ବୋହୂ ଓ ନାତିର ମୃତଦେହ ଘରେ ପଡିଥିବା ବେଳେ ଶାଶୁ ଫେରାର ହୋଇଯିବା ଘଟଣା ସନ୍ଦେହ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଖଣ୍ଡପଡ଼ା ଥାନା କିଆଝର ଗାଁର ପବିତ୍ର ସାହୁଙ୍କ ଝିଅ ମିଲିମଣିଙ୍କୁ ଶଙ୍ଖେଇ ଗାଁର ପ୍ରସନ୍ନ କୁମାର ସାହୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ଅଧିକାଂଶ ସମୟରେ ଅଧିକ ଯୌତୁକ ଦାବି କରି ଶାଶୁ ଘରେ ତାଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗ ହୋଇଛି । ସୋମବାର ଶାଶୁଘର ଲୋକମାନେ ଝିଅ ଓ ନାତିକୁ ହତ୍ୟା କରିଥିବା ମିଲିମଣିଙ୍କ ପରିବାର ସଦସ୍ୟମାନେ କହିଛନ୍ତି। ଅନ୍ୟପକ୍ଷେ ପ୍ରସନ୍ନ କେରଳ ଚାଲି ଯାଇଥିବା ସୂଚନା ମିଳିଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ଅନ୍ୟପକ୍ଷେ ମିଲିମଣି ଓ ଆୟୁଷ୍ମାନଙ୍କ ମୃତଦେହ ଘରେ ପଡିଥିବା ଜଣାପଡ଼ିବା ପରେ ଏ ସଂକ୍ରାନ୍ତରେ ଗାଁ ଲୋକେ ଶାଶୁଙ୍କୁ ପ୍ରଶ୍ନ କରିଥିଲେ। ଶାଶୁ କହିଥିଲେ, ନାତି ଦୁଷ୍ଟ ହେବାରୁ ମା'ଆକଟ କରିବାକୁ ଯାଇ ମାଡ଼ ମାରିଥିଲା । ହେଲେ ନାତିର କିପରି ମୃତ୍ୟୁ ହେଲା ଜଣାପଡି ନ ଥିଲା। ପୁଅର ମୃତ୍ୟୁକୁ ସହ୍ୟ କରି ନ ପାରି ବୋହୂ ଆତ୍ମହତ୍ୟା କରିଥାଇ ପାରେ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ବସନ୍ତ ସାହୁ କହିଛନ୍ତି, ପ୍ରାଥମିକ ତଦନ୍ତ ପରେ ବି ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତକଙ୍କ ବାପାଙ୍କ ଅଭିଯୋଗ ପରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ତେଲ ଟିକସରୁ ୩.୩୫ ଲକ୍ଷ କୋଟି ଆଦାୟ

**ନୂଆଦିଲ୍ଲୀ, ୧୯।୭**

- ୨୦୨୦-୨୧ରେ ୮୮% ବଢ଼ିଛି
- ୨୦୧୯-୨୦ରେ ଥିଲା ୧.୭୮ ଲକ୍ଷ କୋଟି
- ପେଟ୍ରୋଲ ୩୯ ଥର ଏବଂ ଡିଜେଲ ୩୬ ଥର ବଢ଼ିଲାଣି



କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦ ଟିକସ ବାବଦକୁ ସଂଗ୍ରହ ୮୮% ବୃଦ୍ଧି ଘଟି ୩.୩୫ ଲକ୍ଷ କୋଟି ଟଙ୍କା ଛୁଇଁଛି। ଉତ୍ପାଦ ଟିକସ ରେକର୍ଡ ଉଚ୍ଚ ସ୍ତରକୁ ବଢ଼ିବା ପରେ ଟିକସ ଆଦାୟ ବଢ଼ିଥିବା ସୋମବାର ଲୋକ ସଭାକୁ ସରକାର ସୂଚନା ଦେଇଛନ୍ତି। ପେଟ୍ରୋଲ ଉପରେ ଉତ୍ପାଦ ଟିକସ ଲିଟର ପିଛା ୧୯.୯୮ ଟଙ୍କାରୁ ୩୨.୯ ଟଙ୍କାକୁ ବଢିଛି। କରୋନା ମହାମାରୀ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ସର୍ବନିମ୍ନ ସ୍ତରକୁ ଖସିଯାଇଥିଲା। ଏହାର ସୁଯୋଗ ନେଇ ସରକାର ଟିକସ ବୃଦ୍ଧି କରିଥିବା ଜଣାପଡ଼ିଛି। ସେହିଭଳି ଡିଜେଲ ଉପରେ ଏହି ଟିକସ ୧୫.୮୩ ଟଙ୍କାରୁ ୩୧.୮ ଟଙ୍କାକୁ ବଢ଼ିଥିବା ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲି ଲୋକ ସଭାକୁ ସୂଚନା ଦେଇଛନ୍ତି। ଫଳରେ ୨୦୨୦ ଏପ୍ରିଲରୁ ୨୦୨୧ ମାର୍ଚ୍ଚ ଅବଧିରେ କେନ୍ଦ୍ର ସରକାର ୩.୩୫ ଲକ୍ଷ କୋଟି ଟଙ୍କା ତେଲ ଟିକସ ଆଦାୟ କରିଛନ୍ତି। ଏହାର ପୂର୍ବ ଅବଧିରେ ଏହି ଟିକସ ଆଦାୟ ୧.୭୮ ଲକ୍ଷ କୋଟି ଟଙ୍କା ରହିଥିଲା।

କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ସରକାର ସାରା ଦେଶରେ ଲକ୍‌ଡାଉନ କଟକଣା ଲଗାଇଥିଲେ। ଫଳରେ ଆର୍ଥିକ କାର୍ଯ୍ୟକଳାପ ଏବଂ ଯାନ ଚଳାଚଳ ଠପ୍ ହୋଇଯାଇଥିଲା। ଏଭଳି ସ୍ଥିତି ଉପୁଜି ନ ଥିଲେ ଟିକସ ଆଦାୟ ଢେର ପରିମାଣରେ ବୃଦ୍ଧି ଘଟିଥାନ୍ତା ବୋଲି ଆକଳନ କରାଯାଇଛି। ୨୦୧୮-୧୯ରେ ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦ ଟିକସ ଆଦାୟ ୨.୧୩ ଲକ୍ଷ କୋଟି ଟଙ୍କା ରହିଥିଲା। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧରୀ କହିଛନ୍ତି, ଏପ୍ରିଲ-ଜୁନ୍ ଅବଧିରେ ତେଲ ଉପରୁ ଉତ୍ପାଦ ଟିକସ ଆଦାୟ ୧.୦୧ ଲକ୍ଷ କୋଟି ଟଙ୍କା ରହିଛି। ଏହା କେବଳ ପେଟ୍ରୋଲ, ଡିଜେଲ ଟିକସ ନୁହେଁ ଏହା ମଧ୍ୟରେ ଏଟିଏଫ୍, ପ୍ରାକୃତିକ ବାଷ୍ପ ଏବଂ ଅଶୋଧିତ ତୈଳ ରହିଥିବା ଜଣାପଡ଼ିଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ମୋଟ ଉତ୍ପାଦ ଟିକସ ଆଦାୟ ୩.୮୯ ଲକ୍ଷ କୋଟି ଟଙ୍କା ରହିଛି।

ତେଲି କହିଛନ୍ତି, ୨୦୧୦ ଜୁନ୍ ୨୬ ଏବଂ ୨୦୧୪ ଅକ୍ଟୋବର ୧୯ରୁ ପେଟ୍ରୋଲ ଏବଂ ଡିଜେଲ ଦର ବଜାର ସ୍ଥିତିକୁ ଧ୍ୟାନରେ ରଖି ନିର୍ଦ୍ଧାରଣ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଦର ବୃଦ୍ଧି ଏବଂ ହ୍ରାସ ଉପରେ ଘରୋଇ ବଜାରର ଦର ନିର୍ଭର କରୁଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ସେହି ଅନୁସାରେ ନୀତି ନିର୍ଦ୍ଧାରଣ କରୁଛନ୍ତି। ଏହାବାଦ ୨୦୧୭ ଜୁନ୍ ୧୬ରୁ ପେଟ୍ରୋଲ ଏବଂ ଡିଜେଲର ଦୈନିକ ହ୍ରାସ ବୃଦ୍ଧି ନିୟମ କାର୍ଯ୍ୟକାରୀ କରାଯାଉଛି। ସେହିଭଳି ରାଜ୍ୟଗୁଡିକ ସ୍ତରରେ ଭାଟ୍ ଭିନ୍ନ ରହିବା କାରଣରୁ ତେଲ ଦର ବିଭିନ୍ନ ରାଜ୍ୟରେ ଭିନ୍ନ ରହୁଥିବା ଜଣାପଡିଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ପେଟ୍ରୋଲ ୩୯ ଥର ଏବଂ ଡିଜେଲ ୩୬ ଥର ବଢ଼ିଲାଣି। ଅଦ୍ୟାବଧି ପେଟ୍ରୋଲ ଦର ଗୋଟିଏ ଥର ଏବଂ ଡିଜେଲ ଦର ୨ ଥର ହ୍ରାସ ହୋଇଛି। ୨୦୨୦-୨୧ରେ ପେଟ୍ରୋଲ ୭୬ ଥର ବୃଦ୍ଧି ୧୦ ଥର ହ୍ରାସ ଏବଂ ଡିଜେଲ ୭୩ ଥର ବୃଦ୍ଧି ୨୪ ଥର ହ୍ରାସ ହୋଇଥିବା ଜଣାପଡିଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୦ ଜୁଲାଇ, ୨୦୨୧




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସ୍ନେହଲତା
ପରିବାରବର୍ଗ


ପାପାଲି
ପରିବାରବର୍ଗ


ଶଙ୍କର୍ଷଣ
ପରିବାରବର୍ଗ


ଧର୍ମେନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜିର ମନ୍ତବ୍ୟ

"ଏବେ ଯାତ୍ରା ଆରମ୍ଭ ହୋଇଛି। 'ପଞ୍ଜାବ ଜିତେଗା' ମିଶନକୁ ସଫଳ କରିବା ସହ ରାଜ୍ୟରେ ସଙ୍ଗଠନକୁ ମଜଭୁତ କରିବାକୁ କଂଗ୍ରେସ ପରିବାରର ପ୍ରତ୍ୟେକଙ୍କ ସହିତ ମିଶି କାମ କରିବି।

—ନବଜ୍ୟୋତ ସିଂ ସିଦ୍ଧୁ, ପଞ୍ଜାବ ପିସିସି ସଭାପତି

# ବେବିନା ହତ୍ୟା ଅଭିଯୁକ୍ତ ନାବାଳକ

## ୨୬ରେ ଯାଞ୍ଚ ହେବ ବୟସ

**ନୟାଗଡ଼ ଅଫିସ,୧୯।୭**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ନୂଆଗାଁ ପଞ୍ଚାୟତ ଧୁନ୍ଧୁଗାଡିଆ ଅଞ୍ଚଳରେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାରେ ଗିରଫ ହତ୍ୟାକାରୀ ସାବାଳକ ନୁହେଁ ନାବାଳକ ବୋଲି ଜଣାପଡିଛି। ଜନ୍ମତାରିଖର ସତ୍ୟତା ପରଖିବା ପାଇଁ ନୟାଗଡ଼ ପୋକ୍‌ସୋ କୋର୍ଟ ଜଜ ଉଦୟଭାନୁ ଜେନା ଅଭିଯୁକ୍ତଙ୍କ ମା'ବାପା, ଏସ୍‌ଏଲ୍‌ସି ପ୍ରଦାନ କରିଥିବା ସ୍କୁଲର ପ୍ରଧାନଶିକ୍ଷକଙ୍କୁ ୨୬ ତାରିଖରେ କୋର୍ଟରେ ହାଜର କରାଇବାକୁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରୀ ମାମଲା ପରି ବେବିନା କେଶରେ ଅଭିଯୁକ୍ତ ନାବାଳକ ବୋଲି ଜଣାପଡିବା ପରେ ପୋଲିସର ଉପରଠାଉରିଆ ତଦନ୍ତ ପାଇଁ ଅଭିଯୁକ୍ତମାନେ ଖସି ଯିବାର ସୁଯୋଗ ପାଉଥିବାରୁ କୋର୍ଟ ତଦନ୍ତକାରୀ ସଂସ୍ଥା ଉପରେ ବିରକ୍ତି ପ୍ରକାଶ କରିଛନ୍ତି। ବୟସର ଯାଞ୍ଚ ପରେ ଯଦି ନାବାଳକ ପ୍ରମାଣ ମିଳେ ତେବେ ଅଭିଯୁକ୍ତଙ୍କୁ ବାଳ ଅପରାଧ କୋର୍ଟକୁ ପଠାଇ ଦିଆଯିବ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କ ବୟସ ଉପରେ ସନ୍ଦେହ ହେବାରୁ ଜନ୍ମ ପ୍ରମାଣପତ୍ର କୋର୍ଟ ଖୋଜିଥିଲେ। ବୟସ ଉପରେ ରିପୋର୍ଟ ପ୍ରଦାନ କରିବାକୁ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଅଭିଯୁକ୍ତଙ୍କ ଜନ୍ମ ପ୍ରମାଣପତ୍ର ସମ୍ପର୍କିତ ରିପୋର୍ଟ କୋର୍ଟରେ ଦାଖଲ କରିଥିଲେ। କୋର୍ଟରେ ଦାଖଲ ହୋଇଥିବା ଟିସିରେ ଜନ୍ମ ତାରିଖ ୧।୧।୨୦୦୫ ରହିଛି। ଏହି ତାରିଖକୁ ଦେଖିଲେ ହତ୍ୟା ସମୟରେ ଅଭିଯୁକ୍ତ ନାବାଳକ ବୋଲି ଜଣାପଡିଥିଲା।

ସୂଚନାଯୋଗ୍ୟ, ଧୁନ୍ଧୁଗାଡିଆ ଅଞ୍ଚଳର ଗାଁ ଦାଣ୍ଡରେ ଗତ ଜୁନ ୧୨ ତାରିଖରେ ଖେଳୁଥିବାବେଳେ ବେବିନା ନାମକ ଜଣେ ୫ ବର୍ଷିୟା ଶିଶୁ କନ୍ୟା ନିଖୋଜ ହୋଇଥିଲେ। ପରିବାର ପକ୍ଷରୁ ଗାଁ ଦାଣ୍ଡ, ବିଭିନ୍ନ ଜଳାଶ୍ରୟ, ବନ୍ଧୁ ବାନ୍ଧବ ଘର ଖୋଜାଖୋଜି ପରେ ତାଙ୍କ ସନ୍ଧାନ ମିଳି ନ ଥିଲା। ଗତ ଜୁନ ୧୭ ରେ ହତ୍ୟାକାରୀ ଗିରଫ ହୋଇଥିଲେ। ତାଙ୍କ ସୂଚନା ଆଧାରରେ ଶିଶୁକନ୍ୟାଙ୍କ ଗଳିତ ମୃତଦେହ ମୁଣ୍ଡ ଗଣ୍ଡି ଅଲଗା ଅବସ୍ଥାରେ ଉଦ୍ଧାର ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପହରଣ, ବଳାତ୍କାର ଓ ହତ୍ୟା ଦଫା ଲାଗିଥିଲା। ପୋଲିସ ଅଭିଯୁକ୍ତଙ୍କ ବୟସ ୨୦ରୁ ୨୨ କହିଥିବାବେଳେ ଏସ୍‌ପି ଖବରଦାତା ସମ୍ମିଳନୀରେ ବୟସ ସମ୍ପର୍କରେ କିଛି କହି ନ ଥିଲେ।




ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାର ଡିଜିଟାଲ ଚିତ୍ର ଆଙ୍କିଛନ୍ତି ପୁରୀର ରାଜେଶ ପୃଷ୍ଟି (ବାମ) ଏବଂ ସୂର୍ଯ୍ୟକାନ୍ତ ଦାସ (ଡାହାଣ)

# 'ଶିଳ୍ପବିହୀନ ଜିଲାକୁ ଦିଆଯିବ ପ୍ରାଥମିକତା'

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

ଏଣିକି ରାଜ୍ୟରେ ଶିଳ୍ପପୁଞ୍ଜ ଓ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ବେଳେ ଶିଳ୍ପବିହୀନ ଜିଲାଗୁଡ଼ିକୁ ପ୍ରାଥମିକତା ଦିଆଯିବ ବୋଲି ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଆଞ୍ଚଳିକ ବୈଷମ୍ୟତା ଦୂରୀଭୂତ ପାଇଁ ଏହା ଉପଯୁକ୍ତ ପଦକ୍ଷେପ ହେବା ସହ ଅର୍ଥନୈତିକ ସନ୍ତୁଳନ ବଜାୟ ରହିବ ବୋଲି କହିଛନ୍ତି। ସମ୍ପ୍ରତି କଳାହାଣ୍ଡି ଜିଲାରେ ନୂତନ ଭାବେ ନିର୍ମାଣ ହୋଇଥିବା ବିଜୁ ଏକ୍ସପ୍ରେସ୍ ୱେର ଉଭୟ ପାର୍ଶ୍ୱରେ ଶିଳ୍ପାୟନ ପାଇଁ ଆବଶ୍ୟକ ପରିମାଣର ସରକାରୀ ଜମି ଉପଲବ୍ଧ ରହିଛି। ଏଥି ସହିତ ବିଦ୍ୟୁତ୍, ଜଳ ଓ ସଡ଼କ ପ୍ରଭୃତି ସୁବିଧା ଥିବା ଦୃଷ୍ଟିରୁ ନୂତନ ଶିଳ୍ପପୁଞ୍ଜ ପ୍ରତିଷ୍ଠା ସକାଶେ ଏକ ଅନୁକୂଳ ବାତାବରଣ ରହିଥିବା ମନ୍ତ୍ରୀ କହିଛନ୍ତି। ପ୍ରତି ଜିଲାରେ ଗୋଟିଏ ଲେଖାଏ ଶିଳ୍ପପୁଞ୍ଜ ପ୍ରତିଷ୍ଠା ସକାଶେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏହି ଭର୍ଚୁଆଲ ବୈଠକରେ ଝାରସୁଗୁଡ଼ାଠାରେ ବେଦାନ୍ତ ଦ୍ୱାରା କରାଯାଉଥିବା ଆଲୁମିନିୟମ୍ ପାର୍କ, ଅନୁଗୋଳର ଆଲୁମିନିୟମ୍ ପାର୍କ, ଭଦ୍ରକର ଟେକ୍ସଟାଇଲ୍ କ୍ଲଷ୍ଟର, ପାରାଦୀପର ପ୍ଲାଷ୍ଟିକ୍ ପାର୍କ, ଡେରାସଠାରେ ନିର୍ମାଣାଧୀନ ସି-ଫୁଡ୍ ପାର୍କ ଏବଂ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଗଢ଼ି ଉଠୁଥିବା ଓଡ଼ିଶା ଅର୍ଥନୈତିକ କରିଡର ଉପରେ ଆଲୋଚନା କରାଯାଇଥିଲା। ଯେଉଁସବୁ ଶିଳ୍ପପୁଞ୍ଜ ଚିହ୍ନଟ ହୋଇଛି ସେଗୁଡ଼ିକରେ ବିଜୁଳି, ପାଣି, ସଡ଼କ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ଦିଗରେ ଇଡ୍‌କୋ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଫଳରେ ଯେ କୌଣସି ସମୟରେ ଆଗ୍ରହୀ ଶିଳ୍ପସଂସ୍ଥାକୁ ସେ ସବୁକୁ ପ୍ରଦର୍ଶିତ କରାଗଲେ ସେମାନେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗଭର ହେବେ ବୋଲି ଶିଳ୍ପ ସଚିବ ହେମନ୍ତ ଶର୍ମା କହିଛନ୍ତି। ବାୟୋ-ଇଥାନଲ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ଖୁବ୍‌ଶୀଘ୍ର ପ୍ରସ୍ତାବ ଦିଆଯିବ ବୋଲି ସଚିବ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ୫-ଟି ଓ ମୋ ସରକାର ଅଧୀନକୁ ଆଣି କାର୍ଯ୍ୟକ୍ରମ ସଞ୍ଚାଳନ ପାଇଁ କୁହାଯାଇଥିଲା। ବୈଠକରେ ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ସିଜିଏମ୍, ପି ଆଣ୍ଡ ଏ, ଗଣେଶ୍ୱର ଜେନାଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେବେଳେ ଫୁଲୁରି ମାଲପା ଥପ ଥପ;**
**କେତେବେଳେ କାଠି ଖଣ୍ଡିକେ ରମ୍ପ ରମ୍ପା**

ଆଜି ଯିଏ ଭୋଗ ବିଳାସରେ ବୁଡ଼ି ରହିଛି ବା ଧନ ପ୍ରାଚୁର୍ଯ୍ୟରେ ଅୟସ କରୁଛି, କାଲିକି ହୁଏତ ସିଏ ଦାନା ଟିକକ ପାଇଁ କଲବଲ ହେବାରେ କିଛି ଅସମ୍ଭବ ରହି ନ ଥାଏ। ମନୁଷ୍ୟର ଅବସ୍ଥା ଚିର ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପା ବିଶାକ ଯେତେ,**
**କର୍ପୂର ବିଶାକ ତେତେ।**

କପାଠାରୁ କର୍ପୂରର ମୂଲ୍ୟ ଓ ଗୁଣ କାହିଁ କେତେ ଅଧିକ। ଦୁହିଁଙ୍କୁ ଏକା ସାଙ୍ଗରେ ତୁଳନା କରିବା ମୂର୍ଖାମିର ପରିଚୟ ହୋଇଥାଏ। ଯେଉଁଠାରେ ଭଲ- ମନ୍ଦ ବା ଉତ୍କୃଷ୍ଟ- ନିକୃଷ୍ଟର ବିଚାର ନାହିଁ, ସେଠାରେ ସୁଫଳ ମିଳିବାରେ କିଛି ଆଶା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/Duplex ଅଛି। 8327785834, 9658122456. D-70868

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner-9439270333. D-70866

AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.-2500/-, Contact: 9938447042. D-70863

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452. D-70462

**AFFIDAVIT**

ମୁଁ ପ୍ରୋସିସ ଗୋଲ୍ୟାନ, ସ୍ୱାମୀଙ୍କ ନାମ: ଅମ୍ରିତ୍ ଆନନ୍ଦ। ଏଠାରେ ମୁଁ ଜଣାଇଦେବାକୁ ଚାହେଁ ଯେ, ୧୯।୦୭।୨୧ ତାରିଖରେ ଭୁବନେଶ୍ୱରର କାର୍ଯ୍ୟକାରୀ ଜିଲ୍ଲାପାଳ ଶ୍ରୀମତୀ ତନୁଶ୍ରୀ ସାମଲଙ୍କ ଉପସ୍ଥିତିରେ ମୋର ପୁତ୍ରର ନାମ ଆଦ୍ୱିକ ଆନନ୍ଦ ପରିବର୍ତ୍ତେ ଆଦ୍ୱିକ ଆନନ୍ଦ ଗୋଲ୍ୟାନ ନାମକୁ ପରିବର୍ତ୍ତନ କରାଯାଇଛି। ଧ-୨୧୧୨୩


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ତାଲିକାରେ ଅଶ୍ୱିନୀ...

ପ୍ରତିକ୍ରିୟା ପ୍ରକାଶ କରିଛି କଂଗ୍ରେସ। ବିଚାର ବିଭାଗୀୟ ଅଧିକାରୀ, ମନ୍ତ୍ରୀ, ବିରୋଧୀ ଦଳର ବରିଷ୍ଠ ନେତା, ଖବରଦାତା ଏବଂ ଅନ୍ୟମାନଙ୍କ ମୋବାଇଲ୍ ଫୋନ୍ ବେଆଇନ ଭାବେ ହ୍ୟାକ୍ କରାଯାଇଥିବା ଖବର ଉପରେ ପ୍ରଧାନମନ୍ତ୍ରୀ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଯଦି ଏହି ରିପୋର୍ଟ ସତ ହୋଇଥାଏ, ତେବେ ମୋଦି ସରକାର ଗୋପନୀୟତା ଅଧିକାର ଉପରେ ଏକ ଗୁରୁତର ତଥା ଘୃଣ୍ୟ ଆକ୍ରମଣ କରିଛନ୍ତି ବୋଲି କୁହାଯିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ଦଳର ମୁଖପାତ୍ର ରଣଦୀପ ସିଂ ସୁର୍ଯ୍ୟେୱାଲା କହିଛନ୍ତି, ପେଗାସସ୍ ଏବେ ଆପଣଙ୍କ ସ୍ତ୍ରୀ ଓ ଝିଅଙ୍କ ମୋବାଇଲରେ ଇନ୍‌ଷ୍ଟଲ କରିଦିଆଯାଇପାରିବ। ଆପଣ ବେଡ୍‌ରୁମ୍, ବାଥରୁମ୍‌ରେ କ'ଣ କଥା ହେଉଛନ୍ତି ତାହା ଏବେ ମୋଦି ସରକାର ଶୁଣିପାରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ସୁର୍ଯ୍ୟେୱାଲା କହିଛନ୍ତି।

ଅପରପକ୍ଷେ ଏହା ଉପରେ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ପାର୍ଲାମେଣ୍ଟ ଅଧିବେଶନରେ ପ୍ରତିକ୍ରିୟା ରଖିଛନ୍ତି। ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ଏଭଳି ରିପୋର୍ଟ ପ୍ରକାଶ ପାଇବା କୌଣସି ଏକ ସଂଯୋଗ ନୁହେଁ ବୋଲି ସେ କହିଛନ୍ତି। ଏହା କୌଣସି ସର୍ଭେଲାନ୍ସ ରିପୋର୍ଟ ନୁହେଁ କିମ୍ବା ଏହା ପଛରେ କିଛି ଯଥାର୍ଥତା ନାହିଁ। ଏପରି ରିପୋର୍ଟ ଭୁଲ୍ ଏବଂ ଭିତ୍ତିହୀନ ବୋଲି ଏନ୍‌ଏସ୍‌ଓ ମଧ୍ୟ କହିସାରିଛି। ଆମ ବ୍ୟବସ୍ଥାରେ କୌଣସି ପ୍ରକାର ବେଆଇନ ନିରୀକ୍ଷଣ ସମ୍ଭବ ନୁହେଁ। ଏପରି କରାଯାଇ ଗଣତନ୍ତ୍ର ଛବିକୁ ଖରାପ କରାଯାଉଛି ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ସୂଚନାଯୋଗ୍ୟ, ହିନ୍ଦୁସ୍ଥାନ ଟାଇମ୍ସ ସମ୍ପାଦକ ଶିଶିର ଗୁପ୍ତାଙ୍କ ସମେତ ଇଣ୍ଡିଆ ଟୁଡେ, ନେଟ୍‌ୱର୍କ ୧୮, ଦି ହିନ୍ଦୁ ଏବଂ ଇଣ୍ଡିଆନ ଏକ୍ସପ୍ରେସ୍, ଦି ୱେରର ୨ ଜଣ ପ୍ରତିଷ୍ଠାତା ସମ୍ପାଦକ, ୩ ଖବରଦାତା ଓ ୨ ଜଣ ନିୟମିତ ସ୍ତମ୍ଭକାରଙ୍କୁ ପେଗାସସ୍ ଟାର୍ଗେଟ କରିଥିଲା ବୋଲି 'ଦି ୱେର' ରବିବାର ଏହାର ପ୍ରଥମ ରିପୋର୍ଟରେ ଦର୍ଶାଇଥିଲା। ସାମ୍ବାଦିକା ରୋହିଣୀ ସିଂ, ଇଣ୍ଡିଆନ ଏକ୍ସପ୍ରେସ୍ ଡେପୁଟି ଏଡିଟର ସୁଶାନ୍ତ ସିଂଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି। ରୋହିଣୀ ସିଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହାଙ୍କ ବ୍ୟବସାୟିକ କାରବାର ସମ୍ପର୍କରେ ରିପୋର୍ଟ ଲେଖିଥିଲେ। ସେହିପରି ସୁଶାନ୍ତ ସିଂ ରାଫାଲ ଦୁର୍ନୀତି ଉପରେ ଲେଖାଲେଖି କରିଥିବାରୁ ଟାର୍ଗେଟ କରାଯାଇଥିବା ରୋହିଣୀ ସନ୍ଦେହ ପ୍ରକାଶ କରିଛନ୍ତି।

### ବାହୁଡ଼ିବେ ମହାବାହୁ...

ରଥଯାତ୍ରାରେ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବାହୁଡ଼ା ଯାତ୍ରା ଓ ସୁନାବେଶରେ ମଧ୍ୟ ନିଆଯିବ। ମଙ୍ଗଳବାର ଟାଣଖରା ହେବାର ସମ୍ଭାବନା ଅଧିକ ଥିବାରୁ ପାନୀୟଜଳ, ଓଆର୍‌ଏସ୍ ବ୍ୟବସ୍ଥା ହୋଇଛି। ସେବାୟତମାନେ ଖାଲିପାଦରେ ରଥ ଟାଣୁଥିବାରୁ ବଡ଼ଦାଣ୍ଡରେ ଜଳ ସିଞ୍ଚନ କରିବା ପାଇଁ ଫିଏର୍‌ଡି ଏବଂ ଅଗ୍ନିଶମ ବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଟାଟା ପାୱାର କମ୍ପାନୀକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାକୁ କୁହାଯାଇଛି। ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ କଟକଣା ମାନି ଜନସାଧାରଣ ଘରେ ରହି ରଥଯାତ୍ରା ଦେଖିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ଏସ୍‌ପି କହିଛନ୍ତି, ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ଥିବା ଲଜ୍ ଓ ହୋଟେଲକୁ ଖାଲି କରାଯାଇଛି। ଆସନ୍ତା ୨୧ ତାରିଖ ରାତ୍ର ୮ ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ହୋଇଥିବାରୁ ଏହି ସମୟ ମଧ୍ୟରେ କାହାରିକୁ ହୋଟେଲ୍, ଧର୍ମଶାଳା ଓ ଲଜ୍ ଇତ୍ୟାଦିରେ ନ ରଖିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନଧିକାର ପ୍ରବେଶ ନେଇ ସୂଚନା ମିଳିଲେ ପୁରୀ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ବାହୁଡ଼ାରେ ଅନଧିକାର ପ୍ରବେଶ ରୋକିବା ପାଇଁ ପୁରୀ ପୋଲିସ ନୂଆ ପନ୍ଥା ଆପଣାଇଛି। ଅମାନିଆଙ୍କ ଉପରେ ୨୨ଟି ଟିମ୍ ନଜର ରଖିବେ। ବଡଦାଣ୍ଡ ଉଭୟ ପାର୍ଶ୍ୱରେ ୧୧ଟି ଲେଖାଏ ଟିମ୍ ରହିବେ। ପ୍ରତି ଟିମ୍‌ରେ ମାଜିଷ୍ଟ୍ରେଟ୍, ଭିଡିଓଗ୍ରାଫର୍, ମେଗାଫୋନ୍ ଓ ପୋଲିସ କର୍ମଚାରୀ ନିୟୋଜିତ ହେବେ। ତିନି ରଥ ପାଖରେ ୩ଟି ଚେକିଂ ଟିମ୍ ରହିବା ସହ ବଡ଼ଦାଣ୍ଡରେ ଅନବରତ ଭ୍ରମଣ କରିବେ। କାହାରି ଉପରେ ସନ୍ଦେହ ହେଲେ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯିବ। ଭିଡିଓଗ୍ରାଫର୍ ଯେକୌଣସି ସ୍ଥାନରେ ବୁଲୁଥିବା ଲୋକଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିବେ। ଅମାନିଆ ଏବଂ ବାହାର ଲୋକେ ଯେଭଳି ପୋଲିସ ନଜରରୁ ଖସି ନ ଯିବେ ସେଥିଲାଗି ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ପୁରୀ ସହରରେ ସୋମବାର ରାତ୍ର ୮ରୁ କର୍ଫ୍ୟୁ ଜାରି ହୋଇଥିବାବେଳେ ୨୧ ତାରିଖ ରାତ୍ର ୮ଟା ପର୍ଯ୍ୟନ୍ତ ବଳବତ୍ତର ରହିବ।

### କାମ ଦେଉନି ଅକ୍ଷୟ...

ଏବଂ ବର୍ଜ୍ୟବସ୍ତୁରୁ ଶକ୍ତି(ଡବ୍ଲୁଟିଇ) ୨୨ ମେଗାୱାଟ ଉତ୍ପାଦନ ଆକଳନ କରାଯାଇଛି। ଅକ୍ଷୟ ଶକ୍ତି ନୀତି ଅନୁଯାୟୀ ୨୦୨୨ ସୁଦ୍ଧା ୨୭୫୦ ମେଗାୱାଟ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୨୦୨୦ ଶେଷ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟ ମଧ୍ୟରୁ ମାତ୍ର ୨୫୦ ମେଗାୱାଟ ଉତ୍ପାଦନ ହୋଇଛି। ଅନ୍ୟପକ୍ଷରେ ୨୦୧୪ରେ ଦେଶରେ ସୌରଶକ୍ତି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର ସୋଲାର ପାର୍କ ଓ ଅଲଟ୍ରା ସୋଲାର ପାୱାର ପ୍ରକଳ୍ପ ଆରମ୍ଭ କରିଥିଲେ। ଓଡ଼ିଶାରେ ଏହି ପ୍ରକଳ୍ପ ସ୍ଥାପନ କରି ରାଜ୍ୟ ସରକାର ଘରୋଇ ସଂସ୍ଥା ଜରିଆରେ ୫୦୦ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ କରିଥାଆନ୍ତେ। କେନ୍ଦ୍ର ସରକାର ଏଥିପାଇଁ ପ୍ରତି ମେଗାୱାଟକୁ ୨୦ ଲକ୍ଷ ଅର୍ଥାତ ପ୍ରକଳ୍ପ ପାଇଁ ୩୦ ପ୍ରତିଶତ ଟଙ୍କା ପ୍ରଦାନ କରିଥାଆନ୍ତେ। ପ୍ରକଳ୍ପ ଅନୁମୋଦନ ହେବାର ୧୮ ମାସ ମଧ୍ୟରେ ପ୍ରକଳ୍ପ ଆରମ୍ଭ କରିବା କଥା। କେନ୍ଦ୍ର ସରକାର ୨୦୧୫ରେ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ୨୦୧୮ରେ ଜେଡ୍‌କଲ ୨୭୫ ମେଗାୱାଟ ସୌରଶକ୍ତି ପ୍ରକଳ୍ପ ପାଇଁ ରିପୋର୍ଟ ପ୍ରସ୍ତୁତ କରିଥିଲା। ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଅଗ୍ରଗତି କରିନାହିଁ। କେବଳ ସେତିକି ନୁହେଁ, ଗ୍ରୀଡ୍ ସଂଯୁକ୍ତ ଅକ୍ଷୟ ଶକ୍ତି ପ୍ରୋତ୍ସାହନ ପାଇଁ ୨୦୧୫ରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ୩୮.୧୦ କୋଟି ଟଙ୍କା ପ୍ରଦାନ କରିଥିଲେ। ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍(ଓପିଟିସିଏଲ୍) ଏବଂ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ(ଓଏଚ୍‌ପିସି)ର ୭ଟି ଗ୍ରୀଡ୍ ସବଷ୍ଟେଶନ ଓ ଶକ୍ତି ଉତ୍ପାଦନ ସ୍ଥାନରେ ୧୬.୪ ମେଗାୱାଟ୍ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରକଳ୍ପର ଟେଣ୍ଡର କାର୍ଯ୍ୟ ଜେଡ୍‌କଲ ଉପରେ ନ୍ୟସ୍ତ କରାଯାଇଥିଲା। ତେବେ ଜେଡ୍‌କଲ ସୌର ପ୍ରକଳ୍ପ ସ୍ଥାପନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାରେ ବିଳମ୍ବ ଯୋଗୁ ଭୁବନେଶ୍ୱରରେ ଆଦର୍ଶ ସୌର ସହର କାର୍ଯ୍ୟକ୍ରମ ଆରମ୍ଭ ହୋଇପାରି ନାହିଁ। କେବଳ ସୌର ଶକ୍ତି ନୁହେଁ, ପବନ, କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପ ଏବଂ ବାୟୋମାସ ପ୍ରକଳ୍ପ ମଧ୍ୟ ଅନିଶ୍ଚିତତାରେ ରହିଛି। ୨୦୨୨ ସୁଦ୍ଧା ରାଜ୍ୟରେ ପବନ ଶକ୍ତିରୁ ୨୦୦ ମେଗାୱାଟ୍, କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ୧୫୦ ଏବଂ ବାୟୋମାସ୍‌ରୁ ୧୬୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଓରେଡା ଏବଂ ଶକ୍ତି ବିଭାଗର ଆନ୍ତରିକତା ଅଭାବରୁ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ।

ଜେଡ୍‌କଲର ନିର୍ଦ୍ଦେଶକ ମନୋରଞ୍ଜନ ବିଶ୍ୱାଳ କହିଛନ୍ତି, ସୌରଶକ୍ତି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଜାରି ରହିଛି। କଟକ, ଭୁବନେଶ୍ୱରରେ ଥିବା ସରକାରୀ କାର୍ଯ୍ୟାଳୟରେ ୪ ମେଗାୱାଟ୍ ରୁଫ୍‌ଟପ୍ ପାଇଟଲ ସୌର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ମନମୁଣ୍ଡାଠାରେ ଏକ ୨୦ ମେଗାୱାଟର ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି ବୋଲି ବିଶ୍ୱାଳ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଅଙ୍ଗନୱାଡି କେନ୍ଦ୍ରରେ ରୁଫ୍‌ଟପ୍ ସୋଲାର ପିଭି ସିଷ୍ଟମ(ଆର୍‌ଏସ୍‌ପିଏସ୍)କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ଓରେଡା ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବହୁତ ଦିନରୁ ଚିନ୍ତା କରି ପାରି ନ ଥିବା କାମଟିକୁ ହଠାତ୍ ଆରମ୍ଭ କରିବା ସକାଶେ ମନ ବଳାଇବେ। ଆଜି ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଭାବରେ ବନ୍ଧୁଙ୍କ ମନୋଭାବ ବଦଳିଯିବା କାରଣରୁ ପରିସ୍ଥିତି ମଧ୍ୟ ବଦଳି ଯିବ। ଅଭାବ ନ ଥିଲେ ମଧ୍ୟ କେତେକ ଘଟଣା କୃତ୍ତିକାର ମନକୁ ଅଶାନ୍ତ ରଖିପାରେ।

**ବୃଷ**
ସତ୍ୟ କହିବାରୁ ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକମାନେ ଦୂରତା ବଜାୟ ରଖିବେ। ମୃଗଶିରାର ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ସଭାସମିତି, ସଂଗଠନ, ରାଜନୀତି, ପ୍ରଶାସନ, ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ସଦ୍‌ଭାବ ବୃଦ୍ଧି ପାଇବା ଲକ୍ଷ୍ୟକରି ଖୁସି ହୋଇପାରନ୍ତି।

**ମିଥୁନ**
ଆର୍ଥିକ ସଂକଟ ରହିବ ନାହିଁ। ବନ୍ଧୁଙ୍କଠାରୁ ହାତ ଉଧାରି ଆଣି ଆବଶ୍ୟକତା ପୂରଣ କରିନେବେ। କେହି ପଡୋଶୀ ପ୍ରତିବାଦର ସ୍ୱର ଉଠାଇଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ସପକ୍ଷରେ ମତ ଦେଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇ ମଧ୍ୟ ହାତଛଡ଼ା କରିବେ। ପୁନର୍ବସୁର ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ।

**କର୍କଟ**
ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ, ଧାତୁ ଅଳଙ୍କାର, ଯାନ୍ତ୍ରିକ ଜିନିଷ, ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ। ଅଶ୍ଳେଷାର ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟିହୋଇପାରେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ଆଜି ବନ୍ଧୁଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ମିଳିବ। ଅଧିକାଂଶ ସମୟ ବାହାରେ ରହିବାରୁ ମନ ଭଲ ରହି ନ ପାରେ। ମଘା ନକ୍ଷତ୍ର କାମଗୁଡିକ ବହୁତ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବିଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା**
ହସ୍ତା ନକ୍ଷତ୍ରର ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନୀ ଘଟିବା କାରଣରୁ ଦୁଃଖ ପ୍ରକାଶ କରି ପାରନ୍ତି। ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**
ମନରେ ବିଭିନ୍ନ ଦୁର୍ଭାବନା ବଢି ଚାଲିବାରୁ କାମ ଶୃଙ୍ଖଳିତ ହେବନାହିଁ। ଅବସ୍ଥାକୁ ଦେଖି ବ୍ୟବସ୍ଥା ନ କଲେ ଅନାକାଙ୍କ୍ଷିତ ସମସ୍ୟା ଦେଖାଦେଇପାରେ। ଚିତ୍ରା ନକ୍ଷତ୍ର ଆଜିର ଫେରନ୍ତା ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ନାହିଁ କହିଲେ ଚଳେ।

**ବିଛା**
ଆଜି ଯେଉଁ କାମ ହାତକୁ ନେବେ ନିର୍ବିଘ୍ନରେ ସମ୍ପନ୍ନ ହେବ। ସମସ୍ୟାର ସମାଧାନ ପାଇଁ ତତ୍ପରତା ପ୍ରକାଶ କରିପାରିଲେ ସଫଳତା ଅବଶ୍ୟ ମିଳିବ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଅନୁରାଧାର ନିକଟ ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଭିତରେ ଚେର କାଟି ପାରନ୍ତି।

**ଧନୁ**
ମୂଳା ନକ୍ଷତ୍ର ଚିନ୍ତା କରିଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଅଫିସରେ ଚାପର ସମ୍ମୁଖୀନ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ସ୍ୱାସ୍ଥ୍ୟ ସକାଶେ ବାଧକ ସାଜିପାରେ କିନ୍ତୁ ସତର୍କତା ଅବଲମ୍ବନୀୟ। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ମକର**
ଶ୍ରବଣା ଅନ୍ୟର ମନ ଅନୁଯାୟୀ କାମ କରି ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି। ନିର୍ମାଣ, ମରାମତି କାମ ଓ ପ୍ରତିଟି କଥାରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଭୁଲ୍ ବୁଝାମଣା ବୃଥା ସନ୍ଦେହ ଜନିତ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିବ।

**କୁମ୍ଭ**
ଶତଭିଷା ବନ୍ଧୁଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଯାହା ଖୋଜୁଛନ୍ତି ତାହା ଅବଶ୍ୟ ଆଜି ପାଇବେ ଏବଂ ପ୍ରତିବେଶୀଙ୍କ ସାହାଯ୍ୟ ଓ ସହଯୋଗରୁ ଉପକୃତ ହେବେ। ଗୋପନୀୟ କଥା ପ୍ରଘଟ ହେବା କାରଣରୁ ବିଶେଷ ଚିନ୍ତାକୁଳ ହୋଇପାରନ୍ତି। ଭ୍ରମଣ, ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ**
କର୍ମକ୍ଷେତ୍ରରେ କାଳକ୍ଷେପଣ ନୀତି ଓ ଅବହେଳା ଯୋଗୁ ଅନୁତାପ କରି ପାରନ୍ତି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଉତ୍ତରଭାଦ୍ରବ ପାରିବାରିକ ବ୍ୟତିକ୍ରମକୁ ସୁଧାରି ନେବାର ପ୍ରଯତ୍ନ କରି ପାରନ୍ତି। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ଆଲୋଚନା, ସେବାସଂସ୍ଥା, ରାଜନୀତି ଓ କଳା, ସାହିତ୍ୟରୁ ପ୍ରଶଂସିତ ହେବେ।

ଆଜି ବାହୁଡ଼ାଯାତ୍ରା, ଅଦ୍ୟ ସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ, ଚାତୁର୍ମାସ୍ୟ ବ୍ରତାରମ୍ଭ, ଅଶୁଦ୍ଧକାଳ ଆରମ୍ଭ, ଜୁଲାଇ ୨୦ ତାରିଖ, ମଙ୍ଗଳବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ମକର ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୫୮ମି. ଗତେ ଘ.୧୦.୩୪ମି. ମଧ୍ୟେ, ଘ.୦୧.୧୧ମି. ଗତେ ଘ.୦୨.୫୨ମି. ମଧ୍ୟେ, ଘ.୦୩.୪୭ମି. ଗତେ ଘ.୦୫.୪୧ମି. ମଧ୍ୟେ ଅମୃତ ବେଳା। ଅଦ୍ୟ ଅପରାହ୍ନ ଘ.୦୩.୦୮ମି. ଗତେ ଘ.୦୪.୪୬ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ସରିଲା ଲେଜର ସ୍କାନିଂ, ଚାଲିଛି ରୁପାଦ୍ୱାର କାମ

**ପୁରୀ ଅଫିସ,୧୯।୭:** ଶ୍ରୀମନ୍ଦିରରେ ରୁପା ଦ୍ୱାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ନିଳାଦ୍ରୀ ବିଜେ ପୂର୍ବରୁ ବେହରଣ ଦ୍ୱାରର ରୁପା ଛାଉଣି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଜୟବିଜୟ ଦ୍ୱାର, ଭୋଗମଣ୍ଡପ ଓ ସାତପାହାଚ ଦ୍ୱାର କାର୍ଯ୍ୟ ସମ୍ପନ୍ନ କରାଯିବ। କଳାହାଟ ଦ୍ୱାର କାର୍ଯ୍ୟ ଶେଷ ହୋଇପାରିବ ନାହିଁ। ତେଣୁ ଆସନ୍ତା ବର୍ଷ ରଥଯାତ୍ରା ସମୟରେ କଳାହାଟ ଦ୍ୱାର କାର୍ଯ୍ୟ କରାଯିବାର ସମ୍ଭାବନା ରହିଛି। ବେହରଣ ଦ୍ୱାରର କାଠ ଓ ଷ୍ଟିଲ୍ ଫିଟିଂ ସରିଛି। ଅନ୍ୟ ଦୁଇଦ୍ୱାରର କାଠ ଓ ଷ୍ଟିଲ୍ ଫିଟିଂ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଦୁଇଦିନ ଧରି ରୁପା ଛାଉଣୀ କାମ ଚାଲିବ। ଅନ୍ୟପକ୍ଷରେ ମହାଲକ୍ଷ୍ମୀ, ମା’ ବିମଳା ଓ ନୃସିଂହ ମନ୍ଦିର ଦ୍ୱାର କାର୍ଯ୍ୟ ଯେକୌଣସି ସମୟରେ ହୋଇପାରିବ। ଏହାକୁ ନେଇ କୌଣସି ସମସ୍ୟା ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ସ୍ୱତନ୍ତ୍ର ଟିମ୍ ଶ୍ରୀମନ୍ଦିର ଭିତରେ ଲେଜର ସ୍କାନିଂ କାମ ଶେଷ କରିଛି। ଶ୍ରୀମନ୍ଦିର ଭୋଗମଣ୍ଡପ, ନାଟମଣ୍ଡପ ଓ ଜଗମୋହନର ଲେଜର ସ୍କାନିଂ ହୋଇଥିବା ବେଳେ ଏଏସ୍ଆଇ ଡକ୍ୟୁମେଣ୍ଟେଶନ୍ ଶେଷ କରିଛି। ଏହାକୁ ତର୍ଜମା ପାଇଁ ପାଖାପାଖି ୨ମାସର ସମୟ ଦରକାର। ଏହାପରେ ରିପୋର୍ଟ ଆସିବ। ଶ୍ରୀମନ୍ଦିର ପ୍ରଶାସନ ପାଖରେ ରିପୋର୍ଟ ପହଞ୍ଚିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ସେହିଭଳି ଲେଜର ସ୍କାନିଂ ପ୍ରକ୍ରିୟାରୁ ଗର୍ଭଗୃହକୁ ବାଦ ଦିଆଯାଇଥିବାରୁ ଏହାର ନୀରିକ୍ଷଣ ଶ୍ରୀମନ୍ଦିର ପ୍ରଶାସନ ଓ ଏଏସଆଇର ସ୍ୱତନ୍ତ୍ର ଟିମ୍ ଶେଷ କରିଛନ୍ତି। ଗର୍ଭଗୃହରେ ଥିବା ସମସ୍ୟାକୁ ଚିହ୍ନଟ କରାଯାଇଛି। ଆଲୋକୀକରଣ କାର୍ଯ୍ୟର ବିଶେଷ ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଛି।

### ସୋକପିଟରୁ ୪ ବାରହା ଶାବକ ଉଦ୍ଧାର

**ଖୁଣ୍ଟୁଣୀ,୧୯।୭(ଡି.ଏନ୍.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁ କଲେଜ ପରିସରରେ ଥିବା ଏକ ମୁକୁଳା ସୋକପିଟ ମଧ୍ୟରେ ଖସିପଡ଼ିଥିବା ୪ଟି ବାର୍ହା ଶାବକକୁ ଖୁଣ୍ଟୁଣୀ ବନ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ପରେ ସେଗୁଡ଼ିକୁ ବନ ବିଭାଗ ସୁରକ୍ଷିତ ଭାବେ ତା’ର ମାଆ ପାଖରେ ଛାଡ଼ି ଦେଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର ସୂଚନା ଦେଇଛନ୍ତି। ମିଳିଥିବା ଖବର ମୁତାବକ, କଲେଜ ପରିସର ଶାଳବଣି ପାଖରେ ୪ଫୁଟ ଗଭୀର ଏକ ନୂତନ ସୋକପିଟ ଟାଙ୍କିରେ ରବିବାର ରାତିରେ ମାଆ ବାର୍ହା ସହ ବୁଲୁଥିବା ଏହି ବାରହା ଶାବକମାନେ କୌଣସି ମତେ ଖସି ପଡ଼ିଥିଲେ। ଏ ଘଟଣା ଜଣାପଡ଼ିବା ପରେ କଲେଜ କର୍ମଚାରୀ ତୁରନ୍ତ ଖୁଣ୍ଟୁଣୀ ବନ ବିଭାଗକୁ ଜଣାଇଥିଲେ। ବନାଞ୍ଚଳ ଅଧିକାରୀ ମାଥୁରଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସୁଶାନ୍ତ କୁମାର ଲେଙ୍କା, ବନପାଳ ସରୋଜ ପଣ୍ଡା ବିଭାଗୀୟ ପାରା ଷ୍ଟାଫଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ସୋକପିଟ ଭିତରୁ ୪ ବାରହା ଶାବକଙ୍କୁ ଉଦ୍ଧାର କରି ସେମାନଙ୍କୁ ଖାଦ୍ୟ ଦେଇ ଶାବକମାନଙ୍କୁ ଜଗି ରହିଥିଲେ। ମଧ ରାତିରେ ବାର୍ହା ଶାବକଙ୍କର ମାଆ ପହଞ୍ଚିବା ପରେ ସତର୍କତାର ସହିତ କର୍ମଚାରୀମାନେ ଛୁଆ ମାନଙ୍କୁ ବାର୍ହା ପାଖକୁ ଛାଡ଼ି ଦେଇଥିବା ପ୍ରକାଶ କରିଥିଲେ।

# ୩୫ହଜାର ହେକ୍ଟର ଜମିରେ ହେବ ଜଳସେଚନ

**ଭୁବନେଶ୍ୱର,(ବ୍ୟୁରୋ)/ ବାରିପଦା ଅଫିସ,୧୯।୭**

ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅତିରିକ୍ତ ଜଳସେଚନ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ମୟୂରଭଞ୍ଜ ଜିଲାବାସୀଙ୍କ ପାଇଁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ହେଉଛି ଜୀବନରେଖା। ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପ ଜରିଆରେ ମୟୂରଭଞ୍ଜ ଜିଲାର ସାରସକଣା, ବାଙ୍ଗିରିପୋଷୀ, କୁଳିଅଣା, ବାରିପଦା, ଶ୍ୟାମାଖୁଣ୍ଟା, ବଡ଼ସାହି, ଶୂଳିଆପଦା ଓ ମୋରଡ଼ା ବ୍ଲକର ୨୦ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ଏବେ ଆଉ ଅତିରିକ୍ତ ୧୫ହଜାର ୩୫୯ ହେକ୍ଟର ଜମିକୁ ଜଳସେଚନ ସୁବିଧା ସୃଷ୍ଟିହେବ। ବାରିପଦା, ବେତନଟୀ, ମୋରଡ଼ା, ଶୂଳିଆପଦା ଓ ରାସଗୋବିନ୍ଦପୁର ବ୍ଲକର ୯୪ ଗାଁର ଲୋକେ ଏହାଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପ ଦ୍ୱାରା ଏହିସବୁ ଅଞ୍ଚଳରେ କୃଷି ଉତ୍ପାଦନ ବଢ଼ିବା ସହ ଚାଷୀଙ୍କ ଆୟ ମଧ୍ୟ ବୃଦ୍ଧି ପାଇବ। ଆସନ୍ତା ୨୦୨୪ ଜାନୁୟାରୀ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

ବାଘୁଆବୋଳ ଡିଷ୍ଟ୍ରିବ୍ୟୁଟାରି, ବେତନଟୀ ବ୍ରାଞ୍ଚ କେନାଲର ମାଇନର ଓ ସବ୍ ମାଇନର ଏବଂ ବୈଶିଙ୍ଗା ବ୍ରାଞ୍ଚ କେନାଲ ଜରିଆରେ ବାରିପଦା ବ୍ଲକର ୨୨ଟି ଗାଁର ୬୫୮୭ ହେକ୍ଟର ଜମି ଜଳସେଚିତ ହେବ। ବେତନଟୀ ଡିଷ୍ଟ୍ରିବ୍ୟୁଟାରି ଏବଂ ବୈଶିଙ୍ଗା ବ୍ରାଞ୍ଚ କେନାଲ ଜରିଆରେ ବେତନଟୀ ବ୍ଲକର ୨୩ଟି ଗାଁର ୩୮୦୪ ହେକ୍ଟର ଜମି ଜଳସେଚିତ ହୋଇପାରିବ। ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ଜମ୍ବୀରା ବାମ ମୁଖ୍ୟ କେନାଲର ମାଇନର ଓ ସବ୍‌ମାଇନର କେନାଲ ଜରିଆରେ ମୋରଡ଼ା ବ୍ଲକର ୨୦ଟି ଗାଁର ୨୪୮୬ ହେକ୍ଟର ଜମିକୁ ଜଳସେଚନ ସୁବିଧା ସୃଷ୍ଟି ହେବ। ଜମ୍ବୀରା ବାମ ମୁଖ୍ୟ କେନାଲର ମାଇନର ଓ ସବ୍ ମାଇନର କେନାଲ ଜରିଆରେ ଶୂଳିଆପଦା ବ୍ଲକର ୨୨ଟି ଗାଁର ୧୯୨୮ ହେକ୍ଟର ଜମି ଜଳସେଚିତ ହେବ। ସେହିଭଳି ଜମ୍ବୀରା ବାମ ମୁଖ୍ୟ କେନାଲ ଜରିଆରେ ରାସଗୋବିନ୍ଦପୁର ବ୍ଲକର ୭ଟି ଗାଁର ୫୪୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ସୃଷ୍ଟି ହେବ।

ପ୍ରକଳ୍ପ ଜଳକୁ ନଷ୍ଟ ନ କରି ସୁବିନିଯୋଗ ଦ୍ୱାରା ଫସଲ ଉତ୍ପାଦନ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଜଳସେଚନକୁ ଅଗ୍ରାଧିକାର ଦେଇଆସୁଥିବା ବେଳେ ଆସନ୍ତା ୩ବର୍ଷ ମଧ୍ୟରେ ରାଜ୍ୟରେ ନିର୍ମାଣାଧୀନ ୧୫ଟି ଜଳସେଚନ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୟୂରଭଞ୍ଜ ଜିଲାକୁ ରାଜ୍ୟ ସରକାର ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହେଉ ବା ଶିକ୍ଷା ବ୍ୟବସ୍ଥା ସବୁଥିରେ ମୟୂରଭଞ୍ଜ ଉନ୍ନତି କରିଛି। ଜିଲାର ସମସ୍ତ ପରିବାର ନିକଟରେ ପାଇପ୍ ଯୋଗେ ପିଇବା ପାଣି ପହଞ୍ଚାଇବା ପାଇଁ ୭୬୮କୋଟି ଟଙ୍କାର ଅଟକଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ମୋରଡ଼ା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ, ସ୍ଥାନୀୟ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସ ଜରିଆରେ ଏହି ପ୍ରକଳ୍ପର ଲୋକାର୍ପଣ କରିବା ପରେ ବାରିପଦା ସହର ଉପକଣ୍ଠ କାଠପାଳ ନିକଟ ପୁରୁଡ଼ିହିଠାରେ ଏହି ଶାଖା କେନାଲର ଗେଟ୍ ଖୋଲିଥିଲା। ଉପସ୍ଥିତ ଚାଷୀଙ୍କ ପରିବାରର ମହିଳା ସଦସ୍ୟମାନେ କେନାଲ ପାଣିରେ ଫୁଲ ପକାଇଥିଲେ। ଧୁମସା ମାଦଳର ତାଳେ ତାଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। ଏହି ପ୍ରକଳ୍ପରୁ ପାଣି ଛଡ଼ାଯିବା ଫଳରେ ବାରିପଦା, ବେତନଟୀ, ମୋରଡ଼ା, ଶୂଳିଆପଦା ଓ ରାସଗୋବିନ୍ଦପୁର ଆଦି ୫ଟି ବ୍ଲକ ଅଧୀନ ୯୪ଟି ଗ୍ରାମର ୧୫ହଜାର ୩୫୯ହେକ୍ଟର ଚାଷଜମିକୁ ପ୍ରଥମ କରି ଜଳସେଚନ ସୁବିଧା ଉପଲବ୍ଧ ହୋଇଛି।



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।



ପ୍ରକଳ୍ପରୁ ଜଳ ଛଡ଼ାଯିବା ବେଳେ ଉପସ୍ଥିତ ମହିଳା ଚାଷୀ।

### ସୁବର୍ଣ୍ଣରେଖା ଅତିରିକ୍ତ ଜଳସେଚନ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ଆଧାର ନ ଥିବାରୁ ଚାଉଳ ଫେରାଇନେଲେ

**ଭୁବନ,୧୯।୭(ଡି.ଏନ.ଏ.)**

### ଭିନ୍ନକ୍ଷମଙ୍କ ପ୍ରତି ଯୋଗାଣ ବିଭାଗର ଅବିଚାର



ଭିନ୍ନକ୍ଷମ ପ୍ରତିମା ପୋଥାଳ।

ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ଭିନ୍ନକ୍ଷମ ୫ କିଲୋଗ୍ରାମ ଚାଉଳ ପାଇଥିଲେ। ହେଲେ ତାଙ୍କର ଆଧାର କାର୍ଡ ନ ଥିବାରୁ ଯୋଗାଣ ବିଭାଗ ନିର୍ଦ୍ଦେଶରେ ଚାଉଳ ଦେଇଥିବା ଡିଲର ଭିନ୍ନକ୍ଷମଙ୍କଠାରୁ ଚାଉଳ ଫେରାଇ ନେଇଛନ୍ତି। ଭିନ୍ନକ୍ଷମଙ୍କ ପ୍ରତି ଯୋଗାଣ ବିଭାଗର ଏପରି ଅବିଚାର ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ। ଏ ନେଇ ୧୩ ନଂ. ୱାର୍ଡର ଭିନ୍ନକ୍ଷମ ପ୍ରତିମା ପୋଥାଳ ସୋମବାର ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ପ୍ରତିମା ଓ ତାଙ୍କ ପରିବାରର ସମସ୍ତ ସଦସ୍ୟ ଭିନ୍ନକ୍ଷମ। ଆଖି ଓ ଟିପ ନମୁନା ଠିକ୍ ନ ଥିବାରୁ ସେମାନଙ୍କର ଆଧାର କାର୍ଡ ହୋଇପାରି ନାହିଁ। ଏ ନେଇ ଜିଲାପାଳ ଓ ଯୋଗାଣ ବିଭାଗ ଅଧିକାରୀଙ୍କୁ ଗୁହାରି କରିବା ପରେ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତିମାଙ୍କୁ ମାସିକ ୫ କେ.ଜି. ଚାଉଳ ସହାୟତା ମିଳୁଥିଲା। ଚଳିତ ମାସରେ ମଧ୍ୟ ସେ ଡିଲରଙ୍କଠାରୁ ଚାଉଳ ନେଇଥିଲେ। ହେଲେ ଟିପ ଓ ଆଖି ନମୁନା କମ୍ପ୍ୟୁଟରେ ନ ମିଳିବାରୁ ଯୋଗାଣ ବିଭାଗ ଅଧିକାରୀ ପ୍ରତିମାଙ୍କଠାରୁ ଚାଉଳ ଫେରାଇ ଆଣିବାକୁ ଡିଲରଙ୍କୁ ପରାମର୍ଶ ଦେଇଥିଲେ। ଡିଲର ଚାଉଳ ଫେରାଇ ନେବା ପରେ ପ୍ରତିମା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ଜଣାପଡ଼ିବା ପରେ ଭୁବନ ଏନ୍‌ଏସିର ୧୫ଟି ୱାର୍ଡରେ ଥିବା ୧୭୦ ଜଣ ଭିନ୍ନକ୍ଷମ ସରକାରୀ ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ବଢ଼ିଯାଇଛି। ଯୋଗାଣ ବିଭାଗର ଏପରି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ବେଢ଼ା ବେସ୍ରା କହିଛନ୍ତି, ଅସହାୟ, ଭିନ୍ନକ୍ଷମମାନଙ୍କ ଯୋଗାଣ ସାମଗ୍ରୀ ବାଟମାରଣା ରୋକିବା ନିମନ୍ତେ ସରକାରଙ୍କ ଏହି ନିୟମକୁ ଗୁରୁତ୍ୱ ଦିଆଯାଉଛି। ଯେଉଁମାନଙ୍କ ଆଖି ଏବଂ ଟିପ ନମୁନା ମିଶୁନାହିଁ ସେମାନେ ଦରଖାସ୍ତ ଦେଲେ ତଦନ୍ତ କରି ଯଥାଶୀଘ୍ର ସମସ୍ତ ଯୋଗାଣ ସାମଗ୍ରୀ ଯୋଗାଇ ଦିଆଯିବ।

# କାର୍ଯ୍ୟାନୁଷ୍ଠାନ ପାଇଁ ଡିସିପିଙ୍କୁ ନିର୍ଦ୍ଦେଶ

**କଟକ ଅଫିସ, ୧୯।୭**

### ମହିଳାଙ୍କୁ ଜଟଣୀ ଥାନା ଏସ୍ଆଇଙ୍କ ଦୁର୍ବ୍ୟବହାର ମାମଲା



ଜଣେ ମହିଳାଙ୍କୁ ଜଟଣୀ ଥାନା ଏସ୍ଆଇଙ୍କ ଦୁର୍ବ୍ୟବହାର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ସୋମବାର ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ପରିଚାଳନା କରୁଥିଲେ।

ସୂଚନାଯୋଗ୍ୟ, ଜଣେ ମହିଳା ୨୦୧୦ ମସିହାରେ ଅସଦାଚରଣର ଶିକାର ହୋଇଥିଲେ। ଏନେଇ ତାଙ୍କ ଅଭିଯୋଗ କ୍ରମେ ଜଟଣୀ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ସେ ଚାପରେ ପଡ଼ି ଅଭିଯୁକ୍ତ ଯୁବକଙ୍କୁ ବିବାହ କରିଥିଲେ। ଏହାପରେ ସେ ସ୍ୱାମୀଙ୍କ ଦ୍ୱାରା ନିର୍ଯାତିତ ହୋଇ ପୁଣି ଜଟଣୀ ଥାନାରେ ଏକ ମାମଲା କରିଥିଲେ। ପରେ ସ୍ୱାମୀ ତାଙ୍କ ଘରକୁ ଆସି ଅତ୍ୟାଚାର କରିଥିଲେ। ତେବେ ସମ୍ପୃକ୍ତ ମହିଳାଙ୍କର ଦୁଇଟି ଝିଅ ଥିବାବେଳେ ସେ ଗରିବ ହୋଇଥିବାରୁ ଚୁପ ରହୁଥିଲେ। ଜୁଲାଇ ୪ରେ ତାଙ୍କ ସ୍ୱାମୀ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଏହି ସମ୍ପର୍କିତ ଏକ ଅଭିଯୋଗ ସେ ରାଜ୍ୟ ମହିଳା କମିଶନଙ୍କ ନିକଟରେ ଦାଖଲକରି ଅଭିଯୋଗ ପାଇଁ ଜଟଣୀ ଥାନାକୁ ଯାଇଥିଲେ। ତେବେ ସେଠାରେ ସମ୍ପର୍କୀୟ ମାମୁଁ ଶ୍ୱଶୁର (ଏସ୍ଆଇ) ତାଙ୍କୁ ବାହାରକୁ ଡାକିନେଇ ଗାଡ଼ିରେ ବସାଇ ନେଇଯାଇଥିଲେ। ରାସ୍ତାରେ ଏକ ନିଛାଟିଆ ଜାଗାରେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣା କାହାକୁ ଜଣାଇଲେ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ମହିଳା ଜଣକ ଏନେଇ ଜୁଲାଇ ୬ରେ ଜଟଣୀ ଥାନା ଓ ଜୁଲାଇ ୧୦ରେ ଭୁବନେଶ୍ୱର ଡିସିପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଫଳରେ ସେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ।



**ଆଜି ବାହୁଡ଼ା:** ଶ୍ରୀମନ୍ଦିର ଅଭିମୁଖେ ମଙ୍ଗଳବାର ଚତୁର୍ଦ୍ଧା ମୂର୍ତ୍ତି ଫେରିବା ନିମନ୍ତେ ତିନି ରଥରେ ଚାରମାଳ ଲଗାଯାଇ ପ୍ରସ୍ତୁତ କରାଯାଉଛି।

### ‘ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ନ ଖୋଲିଲେ ଅନଶନ’

**ପୁରୀଅଫିସ, ୧୯।୭:** ଆସନ୍ତା ଅଗଷ୍ଟ ୫ରୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲା ନ ଗଲେ ୬ ତାରିଖରେ ଶ୍ରୀମନ୍ଦିର ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ସୁଆର ମହାସୁଆର ନିଯୋଗର ପୂର୍ବତନ ସଭାପତି ତଥା ସୁଆର ମହାସୁଆର ସେବାୟତ ଦାମୋଦର ମହାସୁଆର। ସେ କହିଛନ୍ତି, ମହାମାରୀ କରୋନା ଯୋଗୁ ଦୀର୍ଘମାସ ହେବ ଶ୍ରୀମନ୍ଦିର ବନ୍ଦ ରହିଛି। ଫଳରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ସେହଭଳି ଭକ୍ତଙ୍କୁ ନିର୍ଭର କରି ଚଳୁଥିବା ସେବାୟତଙ୍କ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗିଛି। ଏଥିପ୍ରତି ଶ୍ରୀମନ୍ଦିର ପ୍ରସାଶନ କି ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଶ୍ରୀମନ୍ଦିର ଖୋଲା ନ ଗଲେ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିବ ବୋଲି ସେ କହିଛନ୍ତି।

# ଟିଏସ୍ଏମ୍ଏଲ୍, ଜେଏସ୍ଏଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର



### ମିଳିତ ଭାବେ କ୍ରୋମ ପଥର ଖନନ

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୧୯।୭**

ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍ (ଟିଏସ୍ଏମ୍ଏଲ୍) ଓ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ମଧ୍ୟରେ ମିଳିତ କ୍ରୋମପଥର ଖନନକୁ ନେଇ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଯାଜପୁର ଜିଲା ଅନ୍ତର୍ଗତ ସୁକିନ୍ଦାଠାରେ ଉଭୟ କମ୍ପାନୀର ଖଣି ଯୁଗ୍ମ ସୀମା କ୍ଷେତ୍ରରେ ଖନନ ହୋଇପାରୁ ନ ଥିବା କ୍ରୋମ୍ ପଥରକୁ ମିଳିତ ଭାବେ ଖନନ କରିବା ପାଇଁ ଜୁଲାଇ ୧୬ରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି। ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏମ୍.ସି. ଥୋମାସ ଓ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ପ୍ରକଳ୍ପ ବିଭାଗ ଭାଇସ୍ ପ୍ରେସିଡେଣ୍ଟ ଶଶିଭୂଷଣ ଉପାଧ୍ୟାୟ ଭୁବନେଶ୍ୱରଠାରେ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ମିଳିତ ଭାବେ ଖନନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଉଭୟ କମ୍ପାନୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକ ବୈଧାନିକ ଅନୁମୋଦନ ଆଣିବା ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ଅଧ୍ୟକ୍ଷ ରତନ ଜିନ୍ଦଲ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଓ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିଜୁ ମହିଳା ଜନତା ଦଳର ରକ୍ତଦାନ ଶିବିର

**ଭୁବନେଶ୍ୱର,୧୯।୭(ବ୍ୟୁରୋ):** କରୋନା ମହାମାରୀ ସମୟରେ ରକ୍ତ ସଙ୍କଟ ଦୂର କରିବାକୁ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସୋମବାର ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିରରେ ମହିଳାମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନ ପାଳନ କରି ବିଜୁ ମହିଳା ଜନତା ଦଳ ପକ୍ଷରୁ ‘ଜୀବନ ବିନ୍ଦୁ’ ଓ ‘ମୋ ପରିବାର’ ସହଯୋଗରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୭୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ପାରିଛି।

ରାଜ୍ୟରେ ରକ୍ତଦାନ ଅଭାବକୁ ଦୂର କରିବା ନିମନ୍ତେ ୨୦୧୫ରେ ବିଜେଡି ସଭାପତିଙ୍କ ସାମାଜିକ ପ୍ରତିବଦ୍ଧତା ଓ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ଏବେ ଏହି ରକ୍ତଦାନ କାର୍ଯ୍ୟକ୍ରମ ‘ଜୀବନ ବିନ୍ଦୁ’କୁ ଏକ ସାମାଜିକ ଅଭିଯାନରେ ପରିଣତ କରିପାରିଛି। ସାଧାରଣତଃ ମହିଳାମାନଙ୍କ ମଧ୍ୟରେ ରକ୍ତହୀନତା ସମସ୍ୟା ଲାଗି ରହୁଥିବାବେଳେ ଏତେ ସଂଖ୍ୟକ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବା ନିଶ୍ଚିତ ଭାବେ ସମାଜ ଓ ଅନ୍ୟ ମହିଳାଙ୍କ ନିମନ୍ତେ ପ୍ରେରଣାଦାୟୀ ହେବ ବୋଲି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବିଜେଡି ଉପସଭାପତି ଉଷା ଦେବୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଓ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ପ୍ରଣବ ବଳବନ୍ତରାୟ, ଯୁବ ବିଜେଡି ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ, ‘ଓଡ଼ିଶା-ମୋ ପରିବାର’ର ଆବାହକ ଅରୂପ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ମହିଳାମାନଙ୍କୁ ଉତ୍ସାହିତ କରିଛନ୍ତି।







CAD-653

**GRIDCO Limited**
GRIDCO Empowering Odisha
(A Govt. of Odisha Undertaking)
**Regd. Office : Janpath, Bhubaneswar - 751022, ODISHA**

**ADVERTISEMENT FOR RECRUITMENT**

GRIDCO Limited (GRIDCO), a wholly owned Government of Odisha Undertaking is engaged in the business of Bulk Purchase of Power from various generators located in & outside Odisha and supply in bulk to the Distribution Companies of Odisha & sale of surplus power, having annual turnover of about Rs 8700 Crore.

GRIDCO invites applications for the post of Senior Advisor (Commercial) on full time basis from candidates having impeccable performance record and outstanding professional competency.

Detailed terms and conditions of appointment along with mode of application is available at http://www.gridco.co.in. Interested candidates, fulfilling the eligibility criteria are required to send their resume in the prescribed application format along with enclosures by Speed Post or Registered Post only to the undersigned which shall reach by19th August, 2021 positively.

OIPR-14069/11/0003/2122 DGM (HRD)

**PANCHAYAT SAMITI OFFICE, KOIRA**
**DSITRICT: SUNDARGARH (ODISHA)**
**PROCUREMENT NOTICE**
**TENDER CALL NOTICE No. 2166 / Date: 19.07.2021**

1. Name of the Work : Civil Construction works as mentioned in website.
2. Nos. of Works : 02 (Two) only
3. Bid Value : Rs.44.02767 lakh each
4. Period of Completion : 06 Calendar Months
5. Period of availability tender paper : Office of the Block Development Officer, Koira from Dt.22.07.2021 to Dt.31.07.2021 only on working days from 11.00 A.M. to 5.00 P.M.
6. Last date and time of receipt of tender paper : 02.08.2021 upto 3.00 P.M. through Registered Post/ Speed Post/Directly put to tender box at the Panchayat Samiti Office, Koira
7. Date & Time of opening of Tender : On 03.08.2021 at 12.00 P.M. at Panchayat Samiti Office, Koira
8. The undersigned reserves the right either to reject any all tenders or cancel the entire process without assigning the reason thereof.
9. Name & Address of the Officer Inviting Tender : Block Development Officer, Koira

Further details can be seen in the website: **www.sundergarh.nic.in**.

**Sd./- Block Development Officer, Koira**

ନୂତନ ବର୍ଷରେ ଜନ୍ମ ସହିତ ଆମ ଭିତରେ ମଧ୍ୟ ଜନ୍ମ ନେଉ ଏକ ନୂତନ ଚେତନା। ଅତୀତକୁ ପଛରେ ଛାଡ଼ିଦେଇ ଚାଲ ଆମେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଧାବମାନ ହେବା। – ଶ୍ରୀମା



# ଜଗୁଛି ପେଗାସସ୍

ଇସ୍ରାଏଲର ସାଇବର ସୁରକ୍ଷା ଘରୋଇ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେରର ପୁନର୍ବାର ଭୂମିକା ନେଇ ଏବେ ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ରାଜନେତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସାମ୍ବାଦିକଙ୍କଠାରୁ ଆରମ୍ଭକରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପରେ ଗୁପ୍ତଚରୀ ନଜର ରଖି ପେଗାସସ୍ ସ୍ପାଏୱେର ଅନେକ ତଥ୍ୟ ହାସଲ କରିଛି ବୋଲି ଫ୍ରାନ୍ସଭିତ୍ତିକ ଅଣଲାଭଦାୟକ ଗଣମାଧ୍ୟମ ସଂସ୍ଥା ଫରବିଡେନ୍ ଷ୍ଟୋରିଜ୍ ଏବଂ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ରିପୋର୍ଟ ପ୍ରକାଶ କରିଛି। ଭାରତରେ 'ଦି ୱେର' ନ୍ୟୁଜ୍ ୱେବ୍‌ସାଇଟ୍‌ରେ ଖବର ପ୍ରକାଶ ପାଇଛି ଯେ, ଏଠାକାର କେନ୍ଦ୍ର ସରକାରରେ ଥିବା ଦୁଇ କ୍ୟାବିନେଟ ମନ୍ତ୍ରୀ, ବିରୋଧୀ ଦଳର ୩ ନେତା, ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ, ବୈଜ୍ଞାନିକ, ସରକାରୀ ଅଧିକାରୀ ଏବଂ ୪୦ ଜଣ ସାମ୍ବାଦିକଙ୍କୁ ମିଶାଇ ପ୍ରାୟ ୩୦୦ ଭାରତୀୟଙ୍କୁ ପେଗାସସ୍ ଟାର୍ଗେଟ କରିଛି। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେରକୁ କେବଳ ମାନ୍ୟତାପ୍ରାପ୍ତ ସରକାରୀ ସଂସ୍ଥାଗୁଡ଼ିକୁ ବିକ୍ରି କରାଯାଇଥାଏ। ଏହି କମ୍ପାନୀ କହିଛି, ବିଭିନ୍ନ ଦେଶର ସରକାର ଆତଙ୍କବାଦ ଓ ଅପରାଧ ବିରୋଧୀ ଲଢ଼େଇ ଏବଂ ସୁରକ୍ଷା ଦୃଷ୍ଟିରୁ ବ୍ୟବହାର କରିବା ଉଦ୍ଦେଶ୍ୟ ରଖି ଏହାକୁ କିଣିଥାଆନ୍ତି। ଇସ୍ରାଏଲ ପ୍ରଯୁକ୍ତି ଦ୍ୱାରା ବିକଶିତ ଏହି ଗୁପ୍ତଚରୀ ପ୍ରୋଗ୍ରାମ ଅତି ତୀକ୍ଷ୍ଣ ଭାବେ ଜଣଙ୍କ ସ୍ମାର୍ଟଫୋନ୍ ଉପରେ ନଜର ରଖେ। ଏହା ଦ୍ୱାରା ବାର୍ତ୍ତାଳାପ ରେକର୍ଡ କରିବା ସମେତ ସବୁ ବାର୍ତ୍ତା, ଏପରି କି ଫୋନ୍‌ରେ ଥିବା କ୍ୟାମେରା ଦ୍ୱାରା ସେହି ବ୍ୟକ୍ତିଙ୍କ ଅଜାଣତରେ ତାଙ୍କର ଭିଡିଓ ଉଠାଇ ସରକାରଙ୍କ ନିକଟକୁ ପଠେଇ ଦିଆଯାଉଛି। ଏବେ ଯାଏ ଯାହା ଜଣାପଡ଼ିଛି, ଲୁକ୍କାୟିତ ଭାବେ କୌଣସି ବ୍ୟକ୍ତିଙ୍କ ଫୋନ୍‌ରେ ପ୍ରବେଶ କରିବା ପାଇଁ ପେଗାସସ୍ ସ୍ପାଏୱେରକୁ ଆବଶ୍ୟକ ହୋଇଥାଏ ହ୍ୱାଟ୍ସଆପ୍ ସହାୟତା। ସାମାନ୍ୟ ହ୍ୱାଟ୍ସଆପ୍ ମିସ୍‌ଡକଲ୍ ଜରିଆରେ ଜଣଙ୍କ ଫୋନ୍‌ରେ ଏହା ଇନ୍‌ଷ୍ଟଲ ହୋଇପାରିବ। ଅର୍ଥାତ୍ ଥରେ ଏହା କୌଣସି ଫୋନ୍‌ରେ ଇନ୍‌ଷ୍ଟଲ ହୋଇଗଲେ ଜଣଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ ସହଜ ହୋଇଥାଏ। ତେବେ ଘଟଣା ପ୍ରଘଟ ହେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଭାରତୀୟ ଗଣତନ୍ତ୍ରକୁ ବଦ୍‌ନାମ କରାଯିବା ଲାଗି ଏଭଳି ଉଦ୍ୟମ କରାଯାଇଛି।

ଭାରତରେ ଯେଉଁମାନଙ୍କ ଉପରେ ନଜର ରଖାଯାଇ ଏହାକୁ ବ୍ୟବହାର କରାଯାଇଛି ବୋଲି ତଥ୍ୟ ପ୍ରଘଟ ପାଇଛି ତାହାର ମୂଳକୁ ଯାଇ ଦେଖିଲେ ବୁଝାପଡୁଛି ଯେ, ଏଭଳି ଗୁପ୍ତଚରୀ କାର୍ଯ୍ୟ ପଛରେ କେନ୍ଦ୍ର ସରକାରଙ୍କ ସକ୍ରିୟ ହାତ ରହିଛି। କାରଣ ସାମ୍ବାଦିକା ରୋହିଣୀ ସିଂ ଓ ସୁଶାନ୍ତ ସିଂଙ୍କ ବ୍ୟକ୍ତିଗତ ତଥ୍ୟ ହ୍ୟାକିଂ କରାଯିବା ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ। ରୋହିଣୀ ସିଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ପୁତ୍ର ଜୟ ଶାହାଙ୍କ ବ୍ୟବସାୟିକ କାରବାର ସମ୍ପର୍କରେ ରିପୋର୍ଟ ଲେଖିଥିଲେ। ଅନୁରୂପ ଭାବେ ସୁଶାନ୍ତ ସିଂ ରାଫାଲ ଦୁର୍ନୀତି ଉପରେ ଲେଖିଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଥିବା ଆଲୋଚନା ହେଉଛି। ଏହି ଦୁଇ ବ୍ୟକ୍ତିଙ୍କ ବ୍ୟତୀତ ହିନ୍ଦୁସ୍ତାନ ଟାଇମ୍ସ, ଦି ହିନ୍ଦୁ, ଇଣ୍ଡିଆନ୍ ଏକ୍ସପ୍ରେସ, ଦି ୱେର ସମେତ ଅନ୍ୟ କେତେକ ଜାତୀୟ ଓ ଆଞ୍ଚଳିକ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ ନାମ ରହିଛି। ଏଥିସହିତ ରାଜନେତା ଯଥା ନୂତନ ଭାବେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଥିବା ଅଶ୍ୱିନୀ ବୈଷ୍ଣବ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଭଳି ପ୍ରମୁଖ ବ୍ୟକ୍ତିଙ୍କ ଫୋନ୍ ହ୍ୟାକ୍ କରାଯାଇଥିବା ତଥ୍ୟ ସାମ୍ନାକୁ ଆସିଲାଣି।

ଗତ କିଛି ବର୍ଷ ହେବ ଦେଖିବାକୁ ମିଳୁଛି ଯେ, କେନ୍ଦ୍ର ସରକାର ଓ ଏହାର ଶୀର୍ଷ ବ୍ୟକ୍ତିଙ୍କ ଭୁଲ କାର୍ଯ୍ୟକୁ ସର୍ବସମ୍ମୁଖରେ ଦର୍ଶାଉଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ବିଭିନ୍ନ ଢଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସୂଚନା ଓ ପ୍ରଯୁକ୍ତିର ବହୁଳ ବ୍ୟବହାର ହେଉଥିବାରୁ ପେଗାସସ୍ ସ୍ପାଏୱେର ଭଳି ପ୍ରୋଗ୍ରାମକୁ ଉପଯୋଗ କରାଯାଇ ବିରୋଧୀଙ୍କ ରଣକୌଶଳ ବିଷୟରେ ଜାଣିବା ଦିଗରେ ସରକାର ଏହି ବାଟ ଆପଣାଇଛନ୍ତି। ହେଲେ ଏବେ ନୂତନ ଭାବେ ଦାୟିତ୍ୱ ନେଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ଏହି ତାଲିକାରେ ପ୍ରକାଶ ପାଇବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିବ। ଅବଶ୍ୟ ଓଡ଼ିଶାବାସୀଙ୍କ ପାଇଁ ଏହା ଆଶ୍ଚର୍ଯ୍ୟର ବିଷୟ ହୋଇ ନ ଥାଇପାରେ। ଏହି ରାଜ୍ୟରେ ସମସ୍ତେ ଜାଣିଛନ୍ତି ଯେ, ଅଶ୍ୱିନୀଙ୍କ ଅତି ଘନିଷ୍ଠ ସମ୍ପର୍କ ରହିଛି ଖଣି ବ୍ୟବସାୟୀଙ୍କ ସହିତ। ମନ୍ତ୍ରିମଣ୍ଡଳରେ ସାମିଲ ହେବାର ଅଳ୍ପ ଦିନ ପୂର୍ବରୁ ଅଶ୍ୱିନୀ ଥିଲେ ବ୍ରାହ୍ମଣୀ ରିଭର ପେଲେଟାଇଜେଶନ୍ ଲିମିଟେଡ୍ (ବିଆର୍‌ପିଏଲ୍) କମ୍ପାନୀର ମୁଖ୍ୟ। ଏହି କମ୍ପାନୀରେ ଖଣି ଉତ୍ତୋଳନକାରୀ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ବିରାଟକାୟ ଧନ ଲାଗିଛି। ଏଥିସହିତ କୁହାଯାଇଛି ଯେ, କେନ୍ଦ୍ରର ଅନ୍ୟ ଜଣେ ଅତି ଶକ୍ତିଶାଳୀ ମନ୍ତ୍ରୀଙ୍କ ପୁତ୍ର ମଧ୍ୟ ଏହିଭଳି ବ୍ୟବସାୟରେ ସମ୍ପୃକ୍ତ।

ଏଥିରୁ ଜଣାପଡୁଛି ଯେ, ଭାରତରେ ପେଗାସସ୍‌ର ବ୍ୟବହାର ଦେଶର ସୁରକ୍ଷା କିମ୍ବା ଆପରାଧିକ କାର୍ଯ୍ୟ ପ୍ରତି ଦୃଷ୍ଟି ରଖିବା ଉଦ୍ଦେଶ୍ୟରେ କରାଯାଉ ନାହିଁ। ସରକାରୀ ଖର୍ଚ୍ଚରେ କିଣାଯାଇଥିବା ଏହି ସ୍ପାଏୱେର ଆଜିର କ୍ଷମତାସୀନ ବ୍ୟକ୍ତିଙ୍କ ସୁବିଧା ସକାଶେ ବ୍ୟବହୃତ ହେଉଛି।

# ଚାଇନାକୁ ବୟସ୍କ ଚିନ୍ତା



ଲଳିତେନ୍ଦୁ ପଲାଉରୀ

ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଚାଇନାକୁ ଏବେ ବାର୍ଦ୍ଧକ୍ୟ ଚିନ୍ତା। ଚାଇନା ସରକାରଙ୍କ ପକ୍ଷରୁ ପ୍ରକାଶିତ ଜାତୀୟ ଜନଗଣନା ସର୍ଭେ ରିପୋର୍ଟରେ ଏମିତି କିଛି ତଥ୍ୟ ଉନ୍ମୋଚନ ହୋଇଛି। ନିକଟରେ ପ୍ରକାଶିତ ୨୦୨୦ର ଜନଗଣନା ରିପୋର୍ଟରେ ଦର୍ଶାଯାଇଛି ଯେ, ୨୬୪ ମିଲିୟନ ଚାଇନା ନାଗରିକ ଏବେ ୬୦ ବର୍ଷ ବୟସ୍କ ବା ତଦୂର୍ଦ୍ଧ୍ୱ। ଅର୍ଥାତ୍ ବର୍ତ୍ତମାନ ଚାଇନାର ମୋଟ ଜନସଂଖ୍ୟାର ପାଖାପାଖି ୧୯ ପ୍ରତିଶତ ବୃଦ୍ଧାବସ୍ଥା ଦେଇ ଗତି କରୁଛନ୍ତି। ସେହିଭଳି ଚାଇନା ଡେଭଲପ୍‌ମେଣ୍ଟ ରିସର୍ଚ୍ଚ ଫାଉଣ୍ଡେଶନ ମଧ୍ୟ ପ୍ରକାଶ କରିଛି ଯେ, ୨୦୫୦ ବେଳକୁ ଏହି ସଂଖ୍ୟା ଆହୁରି ଅଧିକ ହୋଇ ୫୦୦ ମିଲିୟନରେ ପହଞ୍ଚିଯିବ। ସେତେବେଳକୁ ଚାଇନାର ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ବୃଦ୍ଧାବସ୍ଥା ଭୋଗୁଥିବେ। ଏଭଳି ତଥ୍ୟ ବର୍ତ୍ତମାନ ଚାଇନା ସରକାରଙ୍କୁ ଚିନ୍ତାରେ ପକାଇଛି। ବିଶ୍ୱରେ ନକଲି ଜିନିଷ ତିଆରିରେ ଅଧିକ ମୁଣ୍ଡ ଖେଳାଉଥିବା ଚାଇନାବାସୀ ଅସଲି ମଣିଷ ସୃଷ୍ଟି କରିବାରେ ଯେମିତି ପଛରେ ପଡିଯାଇଛନ୍ତି। ତେବେ ଏସବୁ ପଛରେ ଚାଇନାର ୧୯୫୦ ମସିହାର ଡେଙ୍ଗ୍ ସିଓ ପିଙ୍ଗ୍‌ଙ୍କ ଶାସନ ସମୟରେ ପ୍ରଚଳନ ଜନସଂଖ୍ୟା ନୀତି ଦାୟୀ ବୋଲି ଚର୍ଚ୍ଚା ହେଉଛି।

୧୯୮୦ ଦଶକରେ ଚାଇନା ତା'ର ଅର୍ଥନୀତିକୁ ସୁଦୃଢ଼ କରିବାକୁ ଡେଙ୍ଗ ସିଓ ପିଙ୍ଗଙ୍କ ସରକାର ଦେଶରେ ଜନସଂଖ୍ୟା ନିୟନ୍ତ୍ରଣକୁ ହିଁ ଅଧିକ ଗୁରୁତ୍ୱ ଦେଇଥିଲା। ଫଳରେ ଦେଶରେ ୱାନ୍ କପଲ ୱାନ୍ ଚାଇଲ୍ଡ ନୀତି ବା ଏକ ଦମ୍ପତି ଏକ ସନ୍ତାନ ନୀତି ପ୍ରଣୟନ କରାଯାଇଥିଲା। ଯାହାର ଫଳ ସ୍ୱରୂପ ଚାଇନାରେ ଜନ୍ମ ନିୟନ୍ତ୍ରଣ ହେଲା ସତ, କିନ୍ତୁ ବର୍ତ୍ତମାନ ସ୍ଥିତି ଯାହା ଏହା ୧୯୫୦ ମସିହାର ଜନ୍ମହାର ସହ ତୁଳନା କରାଯାଉଛି, ଯାହାକି ଚାଇନା ପାଇଁ ସମସ୍ୟା ସୃଷ୍ଟି କରିଛି। ତେବେ ୨୦୧୬ରେ ୱାନ ଚାଇଲ୍ଡ ପଲିସିରେ କିଛିଟା ପରିବର୍ତ୍ତନ କରାଯାଇ ଆମେ ଦୁଇ ଆମର ଦୁଇ ନିୟମ ପୁଣି ଲାଗୁ କରାଗଲା ସତ, କିନ୍ତୁ ଏହା ଆଶାନୁରୂପକ ସଫଳ ହୋଇନଥିବା ଏବେ ଜନଗଣନା ତଥ୍ୟରେ ଦର୍ଶାଯାଇଛି। ତେଣୁ ନୂଆ ନିୟମ ବଳରେ ଏଣିକି ଚାଇନା ପ୍ରତି ସକ୍ଷମ ଦମ୍ପତି ୨ଟି ସନ୍ତାନ ନୁହେଁ, ୩ଟି ସନ୍ତାନ ଜନ୍ମ ଦେଇପାରିବେ ଏବଂ ଏଥିରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଚାଇନା ସରକାର ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ବି ଚାଇନାର ସବୁଠୁ ବଡ଼ ସମସ୍ୟା ହେଉଛି ଏହାର ଯୁବପିଢ଼ିଙ୍କ ମଧ୍ୟରେ ପ୍ରଜନନ କ୍ଷମତା ବ୍ୟାପକ ମାତ୍ରାରେ ହ୍ରାସ ପାଇଛି, ଯାହାକି ସେଠାରେ ଜନସଂଖ୍ୟା ହ୍ରାସର ଆଉ ଏକ ବଡ଼ କାରଣ ବୋଲି ଧରାଯାଉଛି। ଚାଇନାରେ ଯୁବପିଢ଼ିଙ୍କ ମଧ୍ୟରେ ପ୍ରଜନନ କ୍ଷମତା ୧.୩କୁ ଖସି ଆସିଛି। ଏଭଳି ହେବା ପଛରେ କେତେକ ନିର୍ଦ୍ଦିଷ୍ଟ କାରଣକୁ ମଧ୍ୟ ଦାୟୀ କରାଯାଇଛି। ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଚାଇନାର କଠୋର ଶ୍ରମ ଆଇନ ଅନୁସାରେ କାର୍ଯ୍ୟକ୍ଷେତ୍ରରେ ଯୁବପିଢ଼ିମାନେ ଅଧିକ ସମୟ ନିବେଶ କରୁଛନ୍ତି। ପରିବାର, ସନ୍ତାନସନ୍ତତି କଥା ଚିନ୍ତା କରିବାକୁ ସେମାନଙ୍କ ପାଖରେ ସମୟ କମ୍ ରହୁଛି। ସୁଖ ସମୃଦ୍ଧ ଜୀବନ ପାଇଁ ଅର୍ଥ ଉପାର୍ଜନକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି ଯୁବପିଢ଼ି। ଅଧିକାଂଶ ଯୁବପିଢ଼ି ଅବିବାହିତ ରହିବାକୁ ପସନ୍ଦ କରୁଛନ୍ତି।

ଚାଇନାରେ ସାମାଜିକ ଓ ପାରିବାରିକ ଜୀବନ ଶୈଳୀରେ ଘନିଷ୍ଠତା ବହୁତ କମ। ୱାନ୍ ଚାଇଲ୍ଡ ପଲିସି ନିୟମକୁ ପାଳନ କରିବାକୁ ଯାଇ ବିବାହ ପରେ ବି ସନ୍ତାନ ଜନ୍ମ କରିବାକୁ ଅନେକ ଇଚ୍ଛା ପ୍ରକାଶ କରୁନାହାନ୍ତି। ବିଶେଷ ଭାବେ ଚାଇନାର ସହରାଞ୍ଚଳରେ ରହୁଥିବା କର୍ମଜୀବୀ ଯୁବପିଢ଼ି ଭାବୁଛନ୍ତି କି ସେମାନଙ୍କ ଛୁଆ ଜନ୍ମ ପରେ ଲାଳନପାଳନ, ପାଠପଢ଼ା ଓ ସେମାନଙ୍କୁ ପ୍ରତିଷ୍ଠିତ କରିବାକୁ ପ୍ରଚୁର ଅର୍ଥ ଆବଶ୍ୟକ ହେଉଥିବାରୁ ସେମାନେ ସନ୍ତାନ ଜନ୍ମ ଦେବାକୁ ଆଗ୍ରହ ଦେଖାଉନାହାନ୍ତି। ଏହା ସହ ଏକ ସନ୍ତାନ ନିୟମ ଯୋଗୁ ଦେଶର କେବଳ ଏକକ ସନ୍ତାନଟି ପୁତ୍ର ସନ୍ତାନ ହେବା ଉଚିତ ବୋଲି ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଯାହା ଫଳରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ, ବଳପୂର୍ବକ ଗର୍ଭନଷ୍ଟ, କନ୍ୟାଭ୍ରୂଣ ହତ୍ୟା, କନ୍ୟା ସନ୍ତାନଙ୍କ ପ୍ରତି ହତାଦର ବଢ଼ି ବଢ଼ି ଚାଲିଛି। ଫଳସ୍ୱରୂପ ଅନେକ ଦମ୍ପତି ଏସବୁ ଗୋଲମାଲିଆ ଭିତରେ ନ ପଶି ସନ୍ତାନ ଜନ୍ମ ପ୍ରତି ଅନିଚ୍ଛା ଦେଖାଉଛନ୍ତି। ଗର୍ଭଧାରଣ ପୂର୍ବରୁ ସେମାନଙ୍କୁ ଚାଇନାର ବିଭିନ୍ନ ଆଇନକାନୁନ ଓ ସେମାନଙ୍କ ପରିବାର ସ୍ୱଚ୍ଛଳତା କଥା ମଧ୍ୟ ଚିନ୍ତା କରିବାକୁ ପଡୁଛି। ଚାଇନାର ଜାତୀୟ ପରିସଂଖ୍ୟାନ ବ୍ୟୁରୋ ତଥ୍ୟରୁ ଜଣାପଡିଛି ଯେ, ୨୦୨୦ରେ ଚାଇନାରେ ମୋଟ ୧.୨ କୋଟି ଶିଶୁ ଓ ୨୦୧୯ରେ ୧.୪୬୫ କୋଟି ଶିଶୁ ଜନ୍ମ ନେଇଛନ୍ତି। ତେବେ ଏହି ୨ ବର୍ଷର ତୁଳନାତ୍ମକ ରିପୋର୍ଟ ଦେଖିଲେ ୨୦୧୯ ଅପେକ୍ଷା ୨୦୨୦ରେ ୧୮% କମ୍ ଶିଶୁ ଜନ୍ମ ନେଇଛନ୍ତି। ସେହିଭଳି ଚାଇନାର ଏଭରଗ୍ରେଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ତଥ୍ୟ ପ୍ରକାଶ କରିଛି ଯେ, ୧୯୮୭ରେ ଚାଇନାରେ ୨୦ରୁ ୩୦ବର୍ଷ ବୟସ୍କା ମହିଳାଙ୍କ ସଂଖ୍ୟା ୧୯୦ ମିଲିୟନ ଥିଲା। ୨୦୧୭ରେ ଏହା ୧୭୦ ମିଲିୟନକୁ ଖସିଆସିଛି। ତେବେ ୨୦୩୦ ବେଳକୁ ଏହା ଆହୁରି ତଳକୁ ଖସି ୧୧୦ ମିଲିୟନ ହେବାର ଆକଳନ କରାଯାଉଛି। ଏହା ପଛରେ ମଧ୍ୟ ଆଉ ଏକ ପ୍ରମୁଖ କାରଣ ରହିଛି।

ଚାଇନାରେ ୱାନ୍ କପଲ ୱାନ୍ ଚାଇଲ୍ଡ ନୀତିକୁ ବାଧ୍ୟତାମୂଳକ ପ୍ରୟୋଗ କରାଯିବା ପରେ ଚାଇନାବାସୀଙ୍କ ମନରେ ପରବର୍ତ୍ତୀ ପିଢ଼ିକୁ ନେଇ ଦ୍ୱନ୍ଦ୍ୱ ଦୂର ହେଉନି। ତେଣୁ ଏଭଳି ଧାରଣାକୁ ନେଇ ଚାଇନାରେ ଅଧିକାଂଶ ଗର୍ଭବତୀ ବାଧ୍ୟ ହୋଇ ବେଆଇନ ଗର୍ଭପାତ, କନ୍ୟାଭ୍ରୂଣ ହତ୍ୟା ଓ ଅନେକ ମା' ସେମାନଙ୍କ ଜନ୍ମିତ କନ୍ୟାଙ୍କୁ ଅନାଥାଶ୍ରମରେ ଛାଡ଼ି ଚାଲିଆସିବା ଭଳି ସ୍ଥିତି ଦେଖାଦେଇଛି। ମନେଥିବ, କିଛିଦିନ ତଳେ ଚାଇନାର ସଂଖ୍ୟାଲଘୁ ଉୟିଘୁର ମୁସଲମାନମାନଙ୍କୁ ଚାଇନାରେ ଜନସଂଖ୍ୟା ବିସ୍ଫୋରଣର କାରଣ ଦର୍ଶାଇ ଏହି ସଂଖ୍ୟାଲଘୁ ଗୋଷ୍ଠୀର ମହିଳାମାନଙ୍କୁ ବଳପୂର୍ବକ ବନ୍ଧ୍ୟାକରଣ ଓ ସେମାନଙ୍କ ଗର୍ଭନଷ୍ଟ କରିବା ଭଳି କାର୍ଯ୍ୟ କରି ଚାଇନା ସରକାର ଜାତିସଂଘ ଓ ବିଶ୍ୱ ମାନବାଧିକାର ଆୟୋଗଙ୍କ ବିରୋଧାଭାସର ଶିକାର ହୋଇଥିଲେ। ଗତ ନଭେମ୍ବରରେ ଚାଇନାର ହ୍ୱାବାଇ ଅଞ୍ଚଳରେ ୨ ଲକ୍ଷ ୮୪ ହଜାର ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଏକ ସାମାଜିକ ସର୍ଭେ ରିପୋର୍ଟ ଦର୍ଶାଇଛି ଯେ, ଚାଇନାରେ ସନ୍ତାନ ଜନ୍ମ ନିୟମକୁ ଯଦି ସମ୍ପୂର୍ଣ୍ଣ କୋହଳ କରାଯାଏ, ତେବେ ଏଥିମଧ୍ୟରୁ ଦେଢ଼ ଲକ୍ଷ ଦମ୍ପତି କୌଣସି ସନ୍ତାନ ଜନ୍ମ ଦେବା ସପକ୍ଷରେ ନାହାନ୍ତି। ସେହିଭଳି ୮୫ ହଜାର ଯୁବପିଢ଼ି କହିଛନ୍ତି, ନିୟମ କୋହଳ ସତ୍ତ୍ୱେ ସେମାନେ କେବଳ ଗୋଟିଏ ସନ୍ତାନ ଚାହାନ୍ତି। ଏହି ସର୍ଭେରେ ୩ଟି ସନ୍ତାନ ସପକ୍ଷରେ ମାତ୍ର ୧୦ ହଜାର ମତ ଦେଇଛନ୍ତି। ତେବେ ୧୯୯୦ ପରେ ଜନ୍ମିତ ଅଧିକାଂଶ ଯୁବପିଢ଼ିଙ୍କ ମତ, ସେମାନେ ଆଦୌ ବିବାହ କରିବାକୁ ଚାହାନ୍ତି ନାହିଁ। ସେମାନଙ୍କ ଉପରେ ବିଭିନ୍ନ କାରଣରୁ ଆର୍ଥିକ ବୋଝ ଥିବା ଦର୍ଶାଇ ସେମାନେ ବିବାହ କିମ୍ବା ବିବାହ ପରେ ସନ୍ତାନ ଜନ୍ମ ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ମନସ୍ଥ କରିଛନ୍ତି। ଏଭଳି ଅନେକ ଘଟଣା ଚାଇନାରେ ବୟସ୍କ ନାଗରିକଙ୍କ ସଂଖ୍ୟାବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି।

ଜାଣି ଆଶ୍ଚର୍ଯ୍ୟ ହେବେ, ଏବେ ଚାଇନାରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଏତେମାତ୍ରାରେ ବଢ଼ିଗଲାଣି ଯେ ଏହା ତାଙ୍କ ଦେଶର ଆର୍ଥିକ ସ୍ଥିତିକୁ ବୃହତ୍ତର ଭାବେ ପ୍ରଭାବିତ କରିଛି। ତେଣୁ ଦେଶରେ ନୂଆ ପିଢ଼ି ବା ଯୁବଶକ୍ତି ସୃଷ୍ଟି କରି ଦେଶକୁ ଅଧିକ ବିକଶିତ କରିବାକୁ ପ୍ରତି ସକ୍ଷମ ଦମ୍ପତି ୩ଟି ସନ୍ତାନ ଜନ୍ମଦେଲେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ସିଧା ସିଧା କହିଛନ୍ତି ଚାଇନା ସରକାର। ତେବେ ଚାଇନା ବର୍ତ୍ତମାନ ସଙ୍ଗିନ ବୃଦ୍ଧାବସ୍ଥା ସ୍ଥିତି ଦେଇ ଗତି କରୁଥିବା ବେଳେ ଭାରତ ଏକ ବିକଶିତ ଯୁବବହୁଳ ରାଷ୍ଟ୍ର ଭାବେ ଉଭା ହୋଇଛି। ଭାରତକୁ ଏବେ ୬୦% ଯୁବକଙ୍କ ଦେଶ ବା କଣ୍ଟ୍ରି ଅଫ୍ ୟୁଥ ବୋଲି କୁହାଯାଉଛି। ତେଣୁ ଏକବିଂଶ ଶତାବ୍ଦୀ ଭାରତୀୟ ଯୁବପିଢ଼ିଙ୍କ ପାଇଁ ଏକ ଭରପୂର ସୁଯୋଗ ଆଣି ଦେଇଛି। କେବଳ ଏସିଆ ମହାଦେଶ ନୁହେଁ, ବିଶ୍ୱର କୋଣ ଅନୁକୋଣରେ ଭାରତୀୟ ଯୁବ ପ୍ରତିଭାମାନଙ୍କର ନେତୃତ୍ୱ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଆମ ଦେଶର ଯୁବଗୋଷ୍ଠୀ ଅଧିକରୁ ଅଧିକ କୁଶଳୀ, ଦକ୍ଷ ଓ ସ୍ୱାବଲମ୍ବୀ ଉଦ୍ୟମୀ ହେବାକୁ ଏକାଗ୍ରତା ଓ ପରିଶ୍ରମ ଜାରି ରଖିଲେ ବିଶ୍ୱ ହିଁ ଭାରତୀୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେବ ଏଥିରେ ସନ୍ଦେହ ନାହିଁ।

**ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ**
**ମୋ:୯୭୭୮୬୯୭୦୩୬**

# ବିଶ୍ୱାସର ମଣିଷ



ଡା. ବିରଞ୍ଚି ନାରାୟଣ ମଲ୍ଲିକ

ଯେଉଁ ବିଶ୍ୱାସୀ ସର୍ବକାଳୀନ ନୁହେଁ, ଯାହାକୁ ପ୍ରମାଣିତ କରିହୁଏ ନାହିଁ ଏବଂ ଯାହା ଯୁକ୍ତି ଓ ଆହ୍ୱାନର ସମ୍ମୁଖୀନ ହୋଇ ନ ଥାଏ, ଅନେକଙ୍କ ମତରେ ତାହା ହିଁ ଅନ୍ଧବିଶ୍ୱାସ। କିନ୍ତୁ ଏହା ସତ ଯେ ସାଧାରଣ ବିଶ୍ୱାସରେ ମଧ୍ୟ ଯୁକ୍ତି ଓ ପ୍ରମାଣ ଖୋଜିବା ନିରର୍ଥକ, ଯେହେତୁ ବିଶ୍ୱାସ ହିଁ, ମନ ବିବେକ ଓ ବିଚାରଶୀଳତାକୁ ନେଇ ମଣିଷକୁ ମାର୍ଗଦର୍ଶନ କରିଥାଏ। ପୁଣି ଏହାକୁ ସର୍ବକାଳନ ନୁହେଁ ବୋଲି କୁହାଯାଇପାରିବ ନାହିଁ । ସବୁ ବିଶ୍ୱାସକୁ, ଅନ୍ଧବିଶ୍ୱାସ କହି ଏଡ଼ାଇ ଯିବା ମଧ୍ୟ ଅନୁଚିତ। ବିଶ୍ୱାସ ଓ ଅନ୍ଧବିଶ୍ୱାସ ମଧ୍ୟରେ ଥିବା ବ୍ୟବଧାନ ଓ ସାମଞ୍ଜସ୍ୟକୁ ବିଶ୍ଳେଷଣ କରିବା ଖୁବ୍ କଷ୍ଟସାଧ୍ୟ। ତେବେ ଅଧିକାଂଶରେ, ଅଜ୍ଞତା ଓ ନିରକ୍ଷରତା ହିଁ ଅନ୍ଧବିଶ୍ୱାସ ସୃଷ୍ଟି କରିଥାଏ ମଣିଷଠାରେ। ଆଣି ଦେଇଥାଏ ବିଭ୍ରାନ୍ତି ଓ ବିକୃତ ମାନସିକତା। ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୁଣିଗାରେଡ଼ି ଓ ଡାହାଣୀର ବିଶ୍ୱାସ, ଉଜାଡ଼ି ଦେଇଛି ବି ଅନେକ ପରିବାର। କେତେକ ଲୋକଙ୍କ ବିଶ୍ୱାସ ଯଦି ସମାଜର ଅହିତ ତଥା କ୍ଷତି ସାଧନ କରୁଛି, ତାହାକୁ ହିଁ କୁହାଯିବ ଅନ୍ଧବିଶ୍ୱାସ। ଘରୁ ବାହାରିବାବେଳେ ଆଗରେ ବିଲେଇ ଦେଖିଲେ ବା କେହି ପଛରୁ ଡାକିବା କି କେହି ଛିଙ୍କିବା, ରାତିରେ କୁକୁର କାନ୍ଦିବା, ହାତରୁ ଲୁଣ ପଡ଼ିଯିବା ଓ ୧୩ ନମ୍ବରକୁ ଅଶୁଭ ବୋଲି ଭାବିବା ପ୍ରଭୃତି ଲୋକଙ୍କ ଭିତରେ ଯେଉଁ ବିଶ୍ୱାସ ରହିଛି– ସେଥିରୁ କେତେକ ଅନ୍ଧବିଶ୍ୱାସ ଭାବେ ଗ୍ରହଣ କରାଯିବ। ବିଶ୍ୱାସର ଅନ୍ୟ ଏକ ଦିଗକୁ ଦେଖିଲେ ୧୩ ନମ୍ବର ଓ ଶୁକ୍ରବାରକୁ କେତେକ ଦେଶରେ ଅଶୁଭ ମନେ କରିବାର ଏକ ଧର୍ମୀୟ ଦିଗ ମଧ୍ୟ ରହିଛି। ଯିଶୁଙ୍କୁ ଶୁକ୍ରବାର କ୍ରୁଶବିଦ୍ଧ କରାଯାଇଥିବାରୁ ଏହି ବାରକୁ ପରବର୍ତ୍ତୀ ସମୟରେ ଅଶୁଭ ବୋଲି ଧରାଯାଇଛି। ଲୋକଙ୍କ ମନରେ ଏହି ଧର୍ମୀୟ ବିଶ୍ୱାସକୁ ଅନ୍ଧବିଶ୍ୱାସ ବୋଲି କୁହାଯାଇପାରିବ ନାହିଁ। ତେବେ ଯଦି ବିଶ୍ୱାସ କହି ମଣିଷ ଘାତକ ସାଜେ, ସମାଜର ଅନିଷ୍ଟ କରେ, ତାହା ହିଁ ଅନ୍ଧବିଶ୍ୱାସ। ନର ଓ ପଶୁବଳି, ହଇଜାକୁ ଠାକୁରାଣୀ ଭାବିବା, ସାପକାମୁଡ଼ାଠୁ ଆରମ୍ଭ କରି କେତେକ ରୋଗରେ ରୋଗୀକୁ ଡାକ୍ତରଖାନା ନ ନେଇ ଠାକୁରଙ୍କ ପାଖରେ ପାଣି ଢାଳିବା, ଧନୀ ହେବା ଆଶାରେ ଲୋକଙ୍କୁ ଭୁଆଁ ବୁଲାଉଥିବା ତନ୍ତ୍ର ସାଧକଙ୍କ ଆଶ୍ରୟ ନେବା ଓ ଅଯଥା ଖର୍ଚ୍ଚାନ୍ତ ହେବା ପ୍ରଭୃତିକୁ ରୋକାଯାଇପାରିଲେ, ସମାଜରୁ ଅନ୍ଧବିଶ୍ୱାସକୁ ହଟାଯାଇପାରିବ।

କିନ୍ତୁ ମଣିଷ ମନରେ ଈଶ୍ୱରଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ କେବେ ଅନ୍ଧବିଶ୍ୱାସ ନୁହେଁ। କାହାର ବିଶ୍ୱାସରେ ଈଶ୍ୱର ଥାଆନ୍ତୁ ବା କାହାର ବିଶ୍ୱାସରେ ଈଶ୍ୱର ନ ଥାଆନ୍ତୁ, କିନ୍ତୁ ଈଶ୍ୱର ଯେ ସତ୍ୟ ଶିବ ଓ ସୁନ୍ଦର ଏହା ମାନିବାକୁ ହିଁ ପଡ଼ିବ। ଈଶ୍ୱରଙ୍କୁ ଅନ୍ଧବିଶ୍ୱାସ କହି, କେହି ତାଙ୍କୁ ଏଡ଼ାଇ ଦେଇପାରିବେ ନାହିଁ। ପୂଜା ପର୍ବପର୍ବାଣି, କର୍ମକାଣ୍ଡ, ଈଶ୍ୱରବିଶ୍ୱାସ ଓ ଜ୍ୟୋତିଷ ବିଜ୍ଞାନ ପ୍ରଭୃତି ପରମ୍ପରାଗତ କାର୍ଯ୍ୟ ମଣିଷର କୌଣସି ଅନିଷ୍ଟ ଘଟାଏ ନାହିଁ। କିନ୍ତୁ ଏକଥା ସତ ଯେ– ଅନେକ ଲୋକବିଶ୍ୱାସ ତାତ୍ତ୍ୱିକ ମର୍ମାର୍ଥ ବହନ କରୁଥିବାବେଳେ – ସମାଜର କେତେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଏହାକୁ କଦର୍ଥ କରି ବ୍ୟବହାର ତଥା ଅପପ୍ରୟୋଗ କରି ସମାଜର ଅମଙ୍ଗଳ କରିଥାନ୍ତି। ଏହି ପ୍ରକ୍ରିୟାରେ ଅନେକ ଲୋକ ବିଶ୍ୱାସକୁ ମଧ୍ୟ ଅନ୍ଧବିଶ୍ୱାସ ଭାବେ ଗ୍ରହଣ କରାଯାଇସାରିଛି। ମଣିଷ କରୁଥିବା କୌଣସି କାର୍ଯ୍ୟ ଓ ତାହା ପଛରେ ଥିବା ସୂକ୍ଷ୍ମ ତତ୍ତ୍ୱକୁ ତର୍ଜମା ନ କରି ସବୁକଥାକୁ ଅନ୍ଧବିଶ୍ୱାସ ବୋଲି କୁହାଯାଇପାରିବ ନାହିଁ। ଅନେକସ୍ଥଳେ ନିର୍ଦ୍ଦିଷ୍ଟ ସମୟ, ଜାଗା ଓ ପରିବେଶରେ ସୃଷ୍ଟି ଲୋକବିଶ୍ୱାସ ପରିସ୍ଥିତି ଓ ପରିବେଶ ବଦଳାଇଲେ, ତାହାକୁ ଲୋକେ ଅନ୍ଧବିଶ୍ୱାସ କହିଥାନ୍ତି ତାହା ସହଜରେ ମଧ୍ୟ ଗ୍ରହଣ କରାଯାଇ ନ ଥାଏ। ମଣିଷ ମନର ବିଶ୍ୱାସକୁ ଧର୍ମବିଶ୍ୱାସ, ଲୋକବିଶ୍ୱାସ ଓ ଅନ୍ଧବିଶ୍ୱାସ ଏମିତି ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇପାରେ । ବିଶ୍ୱାସ–ଅବିଶ୍ୱାସ ସମ୍ପୂର୍ଣ୍ଣ ବ୍ୟକ୍ତିଗତ। କିଏ କେଉଁକଥାକୁ ବିଶ୍ୱାସ କରିବ ବା କିଏ ବିଶ୍ୱାସ କରିବ ନାହିଁ ତାହା ଉପରେ କେହି ହସ୍ତକ୍ଷେପ କରିପାରିବେ ନାହିଁ । କିନ୍ତୁ ବିଶ୍ୱାସ ଯେତେବେଳେ ଅନ୍ଧବିଶ୍ୱାସର ରୂପ ନେଇ ସମାଜକୁ ଅସଜଡ଼ା କରିବସିବ ସେତେବେଳେ ତା' ଉପରେ ନାନା କଟକଣା ଜାରିହେବା ସ୍ୱାଭାବିକ। କିନ୍ତୁ ସାଧାରଣ ଭାବରେ ଦେଖିଲେ ଘରୁ ପୂର୍ଣ୍ଣ କଳସ ଦେଖି ବାହାରିବା ମଣିଷ ମନରେ ଯେଉଁ ସାତ୍ତ୍ୱିକ ଭାବନା ସୃଷ୍ଟି କରିଥାଏ ତାହା ଯେ କୌଣସି ଯାତ୍ରାକୁ ଶୁଭଙ୍କର କରିଥାଏ। ସେହିପରି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାହାରିଥିଲେ– କେହି ପଛରୁ ଡାକିଲେ ଏକାଗ୍ରଚିତ୍ତରେ ଥିବା ବ୍ୟକ୍ତି ମାନସିକ ସନ୍ତୁଳନତା ହରାଏ ଅଥବା ତା'ର ଚିନ୍ତା ଓ ଭାବନା ଚହଲିଯାଏ। ସବୁଠୁ ବଡ଼ କଥା ହେଲା ମଣିଷର ସକାରାତ୍ମକ ମନ ତା' ପାଇଁ ଶୁଭ ଆଉ ନକାରାତ୍ମକ ମନ ହିଁ ଅଶୁଭ ଆଣି ଦେଇଥାଏ। ତେଣୁ ପ୍ରତ୍ୟେକ କାର୍ଯ୍ୟରେ ମନକୁ ସକାରାତ୍ମକ ରଖିଲେ କୌଣସି ଅସୁବିଧା ସୃଷ୍ଟି ହୋଇ ନ ଥାଏ। ମଣିଷର ବିଶ୍ୱାସ କିପରି ଆମ ସଂସ୍କୃତି ଓ ସାହିତ୍ୟରେ ଦୃଷ୍ଟାନ୍ତ ହୋଇ ରହିଛି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ପଲ୍ଲୀଶ୍ରୀରେ ତାହା ଦେଖିବାକୁ ମିଳେ– ''ଆସିଲା ଧାନକଟା ହୋଇଲା ସେ ଆକୁଳ, ସଦେଇ ଭାବେ ବସି କରିବି ଅନୁକୂଳ''। ଉତ୍ତମ ବାର ଦେଖି, ବଚନ ପରା ଗାଇ, ବୁଧରେ ଠିଆବୁଣା, ଶୁକ୍ରରେ ବସି ପହି, ବଢ଼ାଇ ଦେବ କ୍ଷେତ ମଙ୍ଗଳବାର ଦେଖି। ଏକଥା ମିଛ କି ହେ ପୋଥିରେ ଅଛି ଲେଖି ? ହୋଇବ ଧାନକଟା, ସକାଳ କାଲି ହେଉ, ଅଟଇ ଶୁଭଦିନ, ନାହାକ କଥା ଏହୁ।

ଗ୍ରାମୀଣ ଜୀବନଧାରାରେ ଏହି ଶୁଭ ଓ ଅଶୁଭ ଦିନ ନିର୍ଦ୍ଧାରଣ ଲୋକ ମନର ବିଶ୍ୱାସ ରହିଛି, କାହିଁ କେଉଁ କାଳରୁ । ଜ୍ୟୋତିଷ ଶାସ୍ତ୍ର, ବିଜ୍ଞାନ ସମ୍ମତ, ଏଥିରେ ସବୁ କିଛିକୁ ଅନ୍ଧବିଶ୍ୱାସ କହି ଏଡ଼ାଇଯାଇ ହେବନି। ଆମ ସମାଜରେ ଦେଢ଼ଶୁର ନାଁ ନ ଧରିବା ବା ତାଙ୍କର ସାମ୍ନାକୁ ନ ଆସିବାର ପରମ୍ପରା ଯାହା ପ୍ରଚଳିତ ଅଛି, ତାହାକୁ ଅନେକେ ଅନ୍ଧବିଶ୍ୱାସ କହିଥାନ୍ତି। କିନ୍ତୁ ଏହା ପଛରେ ସାମାଜିକ ଶୃଙ୍ଖଳାର ଦିଗଟି ନିହିତ ରହିଛି । ସାଧାରଣତଃ ଭାଇବୋହୂ ବୟସରେ ସାନ ହେତୁ ତା' ପ୍ରତି ବଡ଼ଭାଇଙ୍କର ଯେପରି କୌଣସି କୁଦୃଷ୍ଟି ନ ପଡ଼େ, ସେଥିପ୍ରତି ଦୃଷ୍ଟି ରଖି ଏହି ପରମ୍ପରାଟି ଆମ ସମାଜ ବ୍ୟବସ୍ଥାରେ ସତର୍କତାର ସହ ରଖି ଦିଆଯାଇଛି କାହିଁ କେଉଁକାଳରୁ। ଏହାକୁ କ'ଣ ଅନ୍ଧବିଶ୍ୱାସ କୁହାଯିବ ? ପୁଣି କେତେକ ସମୟରେ ନୀଳରଙ୍ଗର ଶାର୍ଟ ପିନ୍ଧିବା କି ବୃକ୍ଷକୁ ବିବାହ କରିବା କିମ୍ବା ଲେଖାପୂର୍ବରୁ ଓ ଲେଖିବା ଆଙ୍ଗୁଠିରେ ଏକାଧିକ ମୁଦି ପିନ୍ଧିବା ଏବଂ ନିର୍ଦ୍ଦିଷ୍ଟ ଅକ୍ଷର କିମ୍ବା ସଂଖ୍ୟାକୁ ଭଲପାଇବା ଆଦୌ ଅନ୍ଧବିଶ୍ୱାସ ନୁହେଁ। ଆଜିର ସମୟ କଥା ଦେଖନ୍ତୁ ମଣିଷ ଚନ୍ଦ୍ରପୃଷ୍ଠରେ ଭ୍ରମଣ କରିବା ପାଇଁ ଅଭିଯାନ ଆରମ୍ଭ କରି ସଫଳ ହୋଇସାରିଲାଣି। ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କୁହାଯାଏ କାରଣ ସେ ଜଣେ ମୁମୂର୍ଷୁକୁ ମୃତ୍ୟୁ ମୁହଁରୁ ଫେରାଇ ଆଣିଥାନ୍ତି କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଜି ବି ଅନେକ ନକଲି ଡାକ୍ତର ବା କ୍ୱାକ୍ ବା ଦେହଖରାପ ପାଇଁ ଡାକ୍ତରୀ ପରାମର୍ଶ ନ ନେଇ ଗୁଣିଗାରେଡ଼ିର ସାହାଯ୍ୟ ନେଇ ପରବର୍ତ୍ତୀ ସମୟରେ ଅଭାବନୀୟ ଘଟଣା ଘଟୁଛି। ବାସ୍ତବରେ ରାମକୃଷ୍ଣ ପରମହଂସ କହିଥିଲେ– ବିଶ୍ୱାସ ତ ବିଶ୍ୱାସ, ବିଶ୍ୱାସରେ ଅନ୍ଧତ୍ୱ ଆସିଲା କୁଆଡୁ ?

**ସର୍ଜରି ବିଶେଷଜ୍ଞ, ଫ୍ଲାଟ ନଂ–୪୦୩,**
**କିରଣ ପାରିଜାତକ ଏନ୍‌କ୍ଲେଭ, କ୍ୟାଣ୍ଟନମେଣ୍ଟ**
**ରୋଡ୍, କଟକ**

## ଏଇ ଭାରତରେ

ଇ ବାଇକ୍ ଥରେ ଚାର୍ଜ ହେଲେ ୮୦କି.ମି. ଯାଉଛି। ଏହାଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏମିତିକା ଇ–ବାଇକ୍ ନିର୍ମାଣ କରିଛନ୍ତି ଦୁଇଜଣ ସ୍କୁଲ୍ ସାଥୀ ରଘୁ କେରାକାଟ୍ଟୀ ଏବଂ ମହେଶ ସିଦ୍ଦେଗୌଡ଼ା। ରଘୁ ନିଟ୍ ୱାରଙ୍ଗଲ ଏବଂ ଆଇଆଇଏମ୍ ବେଙ୍ଗାଲୁରୁରୁ ଏବଂ ମହେଶ ମହୀଶୂର ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଛନ୍ତି। ଏହି ବାଇକ୍ ଲାଗି ସେମାନେ ୨୦୧୮ରେ ମହୀଶୂରରେ ଏକ ଇଭି ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଥିଲେ। ଦୁଇ ବର୍ଷ ପରେ ଏବେ ସେମାନେ ଏହି ଇ–ବାଇକ୍ ସାମ୍ନାକୁ ଆଣିଛନ୍ତି। ଏହା ହାଲୁକା ଓ ଏହାର ନାମ ସେମାନେ ରଖିଛନ୍ତି ହିଲିଓ ଏଚ୍୧୦୦। ଏହାର ଓଜନ ମାତ୍ର୧୮.୫ କେ.ଜି.। ଏଥିରେ ୩୪୫ ଏବଂ ୪୬୦ ୱାଟ–ଆୱାର ପାୱାର ପ୍ୟାକ୍ କରାଯାଇଛି। ବାଇକ୍ ଆଲୁମିନିୟମ ଆଲଏ ଫ୍ରେମ୍‌ରେ ଗଠିତ। ଏହାର ମୂଲ୍ୟ ୪୮, ୯୦୦ରୁ ଆରମ୍ଭ । କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବାରେ ଏହି ବାଇକ୍ ସହାୟକ ହେବ ବୋଲି କହନ୍ତି ରଘୁ କେରାକାଟ୍ଟୀ। ମହୀଶୂର ବାଦ୍ ଭାରତର ୧୬ଟି ସହରରେ ସର୍ଭିସ ସୁବିଧା ଉପଲବ୍ଧ କରାଯାଇଛି ଓ ଭବିଷ୍ୟତରେ ଏହାକୁ ସମ୍ପ୍ରସାରଣ କରାଯିବାର ଯୋଜନା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁଲାଇ ୧୯୯୬

- ଆନ୍ତର୍ଜାତିକ ଯୁଦ୍ଧ ଅପରାଧ ତଦନ୍ତକାରୀ ଦଳ ପୂର୍ବ ବୋସ୍‌ନିଆର ସ୍ରିବ୍ରେନିକା ଟାଉନ୍‌ରେ କବରଖାନାରୁ ମୁସଲମାନଙ୍କର ୮୬ଟି ମୃତଦେହ ଉଦ୍ଧାର କରିଛନ୍ତି।
- ଢାକା କେନ୍ଦ୍ରୀୟ ଜେଲରୁ ୧୩ ଜଣ କଏଦୀ ପଳାୟନ କରିବା ଘଟଣାରେ ମୁଖ୍ୟ ୱାର୍ଡନ ସମେତ ୧୨ ଜଣ ଗାର୍ଡ ନିଲମ୍ବିତ।
- ଇକ୍ୟୁଡେର ଏବଂ କ୍ରୋଏସିଆକୁ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ବିକ୍ରି କରିଥିବା ଅଭିଯୋଗରେ ଆର୍ଜେଣ୍ଟିନା ପ୍ରତିରକ୍ଷାମନ୍ତ୍ରୀ ଓସ୍କାର କ୍ୟାମ୍‌ଲିନଙ୍କ ଇସ୍ତଫା ପ୍ରଦାନ।
- ବିହାରରେ ବଜ୍ରପାତଜନିତ ଭିନ୍ନ ଭିନ୍ନ ଘଟଣାରେ ୧୫ ଜଣ ସ୍କୁଲ୍ ପିଲାଙ୍କ ସମେତ ୨୪ ଜଣଙ୍କ ପ୍ରାଣହାନି।

## ଚିରନ୍ତନୀ

ହେ ଶୂନ୍ୟ ହେ ମହା ଶୂନ୍ୟ !
ଆବରି ବିରାଟ ଏହି ବିଶ୍ୱ
କୋଟି ଗ୍ରହ ଉପଗ୍ରହ
ଖେଳାଉଛ ଯେହୁ ଦଶଦିଶ। (ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 6 | | | | 7 | | |
| | | 8 | | | 7 | 5 | | |
| | | | | | | | | 8 |
| | 8 | | 7 | | 4 | | 2 | |
| 5 | | 7 | | 9 | | | | |
| | | 3 | | | 8 | | | |
| | | | | | | 9 | 4 | |
| 9 | 4 | 1 | | 2 | | | 3 | |
| | | | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 5 | 3 | 4 | 1 | 9 | 6 | 8 |
| 4 | 9 | 1 | 6 | 7 | 8 | 5 | 3 | 2 |
| 3 | 8 | 6 | 9 | 2 | 5 | 1 | 4 | 7 |
| 9 | 5 | 3 | 7 | 6 | 2 | 4 | 8 | 1 |
| 7 | 6 | 2 | 8 | 1 | 4 | 3 | 9 | 5 |
| 8 | 1 | 4 | 5 | 3 | 9 | 2 | 7 | 6 |
| 1 | 2 | 9 | 4 | 8 | 6 | 7 | 5 | 3 |
| 6 | 4 | 7 | 2 | 5 | 3 | 8 | 1 | 9 |
| 5 | 3 | 8 | 1 | 9 | 7 | 6 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତୃତୀୟ ଲହର ପାଇଁ ଆମେ କେତେ ସଜାଗ

ମହାଶୟ,

ମହାମାରୀ କରୋନାର ଭୟାବହ ପରିଣାମ ଦୁଇ ଦୁଇ ଥର ଅଙ୍ଗେ ନିଭାଇଲା ପରେ ବି, ଜନସାଧାରଣଙ୍କ ମଧ୍ୟରେ ସଚେତନତା ଜାଗ୍ରତ ନ ହେବା ପରିତାପ ର ବିଷୟ । ଆମ ରାଜ୍ୟରେ ଏବେ ଏହି କରୋନାର ୩ୟ ଲହର ସଂକ୍ରମଣ ଆଶଙ୍କା ପ୍ରକାଶ ପାଇଛି। ଏଥିନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବାରମ୍ବାର ସଚେତନତାର ବାର୍ତ୍ତା ଦେଇ ଚାଲିଛନ୍ତି । କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ଆଦି ଜିଲ୍ଲା ଓ ଏଠାକାର ସଦର ମହକୁମା ଅଞ୍ଚଳ ଏବେ ବି ଏଥିରୁ ମୁକୁଳି ପାରିନାହିଁ। ପୁଣି, ୩ୟ ଲହର ସଂକ୍ରମଣ ଆଶଙ୍କା ଘନୀଭୂତ ହେବାରେ ଲାଗିଛି । ବିଶେଷତଃ ଶିଶୁ–କିଶୋରମାନେ ଏଥିଯୋଗୁଁ ବେଶି ସଂକ୍ରମିତ ହେବାର ଆଶଙ୍କା ଦେଖାଦେଇଛି। ସରକାର ୩ୟ ଲହର ମହାମାରୀ ମୁକାବିଲା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ବୋଲି ଡିଣ୍ଡିମ ପିଟୁଛନ୍ତି। ଟିକାକରଣ ଏପର୍ଯ୍ୟନ୍ତ ରଜ୍ୟର ସବୁ ଲୋକଙ୍କ ପାଇଁ ସମ୍ଭବ ହୋଇପାରି ନ ଥିବା, ପର୍ଯ୍ୟାପ୍ତ ଟିକା ଉପଲବ୍ଧ ହୋଇ ନ ପାରିବା ଏବଂ ବିଭିନ୍ନ ସ୍ଥାନରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବା, ଅମାନିଆଙ୍କ ଦ୍ୱାରା କଟକଣାଜନିତ ମାର୍ଗଦର୍ଶିକା ଉଲ୍ଲଂଘନ ହେଉଥିବା ଯୋଗୁଁ କରୋନାର ସଫଳ ମୁକାବିଲା କେବେ ବି ସମ୍ଭବ ନୁହେଁ। ତେଣୁ, ସରକାର କେବଳ କୋଭିଡ୍ ଚିକିତ୍ସା କେନ୍ଦ୍ରରେ ସେବା ଯୋଗାଇ ଦେଲେ ଜନସାଧାରଣ ମହାମାରୀ କବଳରୁ ରକ୍ଷା ପାଇଯିବେ, ତାହା ନୁହେଁ । ବରଂ ଜନସାଧାରଣ ନିଜକୁ ତଥା ନିଜର ପିଲାମାନଙ୍କୁ ଭୟଙ୍କର ସଂକ୍ରମଣରୁ ରକ୍ଷା କରିବା ପାଇଁ ସକଳ ନୀତି ନିୟମ ପ୍ରତି ସଜାଗ ରହିବା ନିତାନ୍ତ ଜରୁରୀ।

– ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସେଲ୍ସ ଏକ୍‌ଜିକ୍ୟୁଟିଭଙ୍କଠାରୁ ୨ଲକ୍ଷ ଲୁଟିନେଲେ

**ଦେବଗଡ଼,୧୯।୭(ଡି.ଏନ.ଏ.):** ଦେବଗଡ଼ ମୁଖ୍ୟ ବଜାର ଦେଇ କଲେଜ ପଟକୁ ଯିବା ରାସ୍ତାରେ ସୋମବାର ସ୍ପଷ୍ଟ ଦିବାଲୋକରେ ସେଲ୍ସ ଏକ୍‌ଜିକ୍ୟୁଟିଭ କୁଶଧ୍ୱଜ ପାଣିଗ୍ରାହୀ ଲୁଟ୍‌ର ଶିକାର ହୋଇଛନ୍ତି। ଚାରିଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ତାଙ୍କଠାରୁ ପ୍ରାୟ ୧ଲକ୍ଷ ୯୦ହାଜର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଦେବଗଡ଼ ସହରରେ ଥିବା ନୂତନ ଏଜେନ୍ସିର ସେଲ୍ସ ଏକ୍‌ଜିକ୍ୟୁଟିଭ ପାଣିଗ୍ରାହୀ ଅନ୍ୟଦିନ ଭଳି ସୋମବାର ମୁଖ୍ୟ ବଜାର ପଟୁ ଦୋକାନଗୁଡିକରୁ ସାମଗ୍ରୀ ଯୋଗାଣ ବାବଦରେ ସାପ୍ତାହିକ ଅର୍ଥ ସଂଗ୍ରହ କରି ସାଇକେଲ ଯୋଗେ କଲେଜ ରୋଡ୍ ଦେଇ ପୁରୁଣାଗଡ଼ ପଟକୁ ଯାଉଥିଲେ। ଷୋଳବଖରୀ କଟା ନିକଟରେ ଚାରିଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ଆସି କୁଶଧ୍ୱଜଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡିଯିବାରୁ ଦୁର୍ବୃତ୍ତମାନେ କୁଶଧ୍ୱଜ ଧରିଥିବା ଟଙ୍କା ବ୍ୟାଗ୍‌କୁ ନେଇ ବାଇକ ଯୋଗେ କଲେଜ ରୋଡ ପଟକୁ ପଳାଇଥିଲେ। ଏ ନେଇ କୁଶଧ୍ୱଜ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଦେବଗଡ଼ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ସ୍ପେଶାଲ ସ୍କ୍ୱାଡ୍ ସବ୍‌ଇନ୍ସପେକ୍ଟର ବୁଦ୍ଧରାୟ ମାଝି ଘଟଣାର ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛନ୍ତି।

### ଦୁର୍ଘଟଣା ନେଲା ୨ଜୀବନ

**ବରଗଡ଼ ଅଫିସ,୧୯।୭:** ବରଗଡ଼ ସଦର ଥାନା ଅଧୀନ ପଥର୍ଲା ଛକରେ ରବିବାର ବିଳମ୍ବିତ ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁବର୍ଣ୍ଣପୁର ଜିଲା ବିନିକା ଥାନା ମହଲା ଗ୍ରାମର ଜ୍ୟୋତିରଞ୍ଜନ ସାହୁ ଏବଂ ବରଗଡ଼ ଜିଲା ସୋହେଲା ତୁସରା ଗ୍ରାମର ହେମାନନ୍ଦ ପ୍ରଧାନ। ସେହିପରି ଉଭୟ ବାଇକ୍‌ରେ ବସିଥିବା ଜ୍ଞାନଚାନ୍ଦ ଝାଙ୍କର ଏବଂ ସୁନୀଲ ବାଗ ଗୁରୁତର ହୋଇଛନ୍ତି। ସୋମବାର ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଗୁରୁତରମାନେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ବରଗଡ଼ ସଦର ଥାନା ପୋଲିସ ଏକ ମାମଲା (ନଂ.୧୮୫/୨୧) ରୁଜୁ କରିଛି। ସୂଚନା ଅନୁସାରେ, ଦୁଇ ବନ କର୍ମଚାରୀ ଜ୍ୟୋତିରଞ୍ଜନ ଓ ଜ୍ଞାନଚାନ୍ଦ ଏକ ବାଇକ୍‌ରେ ପଦ୍ମପୁରରୁ ବରଗଡ଼ ପଟକୁ ଯାଉଥିଲେ। ବାଟରେ ସେମାନେ ଖାଇବା ପାଇଁ ପଥର୍ଲା ଛକ ନିକଟରେ ଥିବା ଏକ ଢାବାକୁ ଯାଉଥିବା ବେଳେ ସୋହେଲା ପଟୁ ହେମାନନ୍ଦ ଓ ସୁନୀଲ ଆସୁଥିବା ବାଇକ୍ ସହ ସେମାନଙ୍କର ଧକ୍କା ହୋଇଥିଲା।

### ବିଦ୍ୟୁତ୍ ଆଘାତରେ ୨ଚାଷୀ ମୃତ

**ସୋନପୁର/ତରଭା,୧୯।୭(ନି.ପ୍ର./ଡି.ଏନ.ଏ):** ବିଦ୍ୟୁତ୍ ଆଘାତରେ ସୁବର୍ଣ୍ଣପୁର ଜିଲା ତରଭା ଥାନା ପଣ୍ଡକିମାଲ ଗ୍ରାମର ୨ଜଣ ଚାଷୀଙ୍କର ସୋମବାର ମୃତ୍ୟୁ ଘଟିଛି। ମୃତ ଚାଷୀଙ୍କ ନାମ ରାଧେଶ୍ୟାମ ସାହୁ(୪୫) ଓ ଗୋପ ସାହୁ(୨୦)। ବର୍ଷାଭାବ ଯୋଗୁଁ ଦୁହେଁ ନିଜ ଧାନ କ୍ଷେତରେ ପାଣି ମଡାଇବା ପାଇଁ ମୋଟରରେ ବିଦ୍ୟୁତ୍ ସଂଯୋଗ କରୁଥିଲେ। ଏହି ସମୟରେ ରାଧେଶ୍ୟାମ ଓ ଗୋପ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ତରଭା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ନକଲି ଡାକ୍ତରଙ୍କ ପାଇଁ ନାବାଳିକାଙ୍କ ଜୀବନ ଗଲା

**ମାଲକାନଗିରି,୧୯।୭ (ଡି.ଏନ.ଏ.):** ମାଲକାନଗିରି ଜିଲା ମାଥିଲି ଥାନା ସଦର ମହକୁମା ଆମ୍ବାଗୁଡା ପଞ୍ଚାୟତ ମାର୍କାମ୍‌ଗୁଡା ଗ୍ରାମରେ ଜଣେ ନକଲି ଡାକ୍ତରଙ୍କ ପାଇଁ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଗ୍ରାମର ରାମ ବାରିକଙ୍କ ଝିଅ ଲଳିତା ବାରିକ (୧୪)। ଲଳିତାଙ୍କ ପେଟ ଯନ୍ତ୍ରଣା ହେବାରୁ ସେ ମାଥିଲି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଦୋକାନରୁ ଔଷଧ ନେବାପାଇଁ ଆସିଥିଲେ। ମାତ୍ର ଔଷଧ ଦୋକାନ ମାଲିକ ତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ନେବା ପରେ ଲଳିତା ଅଧିକ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଲଳିତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ନାବାଳିକାଙ୍କ ମୃତ୍ୟୁ ପରେ ମାଥିଲି ପୋଲିସ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ୨ ସହପାଠୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକାଙ୍କୁ ଗଣବଳାତ୍କାର, ଭିଡିଓ ଭାଇରାଲ ମାମଲା**
- ୫୨ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ
- ନୟାଗଡ଼ ଚିଲଡ୍ରେନ କୋର୍ଟର ପ୍ରଥମ ରାୟ

**ନୟାଗଡ଼ ଅଫିସ,୧୯।୭**

ନୟାଗଡ଼ ଅତିରିକ୍ତ ଜିଲା ଜଜ୍ ତଥା ଚିଲଡ୍ରେନ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ ନାବାଳିକା ଗଣବଳାତ୍କାର ଓ ବଳାତ୍କାର ସମୟର ଭିଡିଓ ଭାଇରାଲ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବିଚାରପତି ଇତିଶ୍ରୀ ମହାପାତ୍ର ଏହି ମାମଲାର ବିଚାର କରି ୨ ଦୋଷୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୫୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଦୁହେଁ ବ୍ରହ୍ମପୁର ବାଳ ସୁଧାର ଗୃହରେ ଥିଲେ। ସେମାନେ ଏବେ ସାବାଳକ ହୋଇଯାଇଥିବାରୁ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ନୟାଗଡ଼ ଚିଲଡ୍ରେନ କୋର୍ଟର ଏହା ପ୍ରଥମ ରାୟ ବୋଲି ଜଣାପଡିଛି।

ମାମଲା ପରିଚାଳନା କରୁଥିବା ଚିଲଡ୍ରେନ କୋର୍ଟର ଅତିରିକ୍ତ ସରକାରୀ ଓକିଲ ଅମିୟ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସୀତା(୧୪ ବର୍ଷ/ଛଦ୍ମନାମ)ଙ୍କୁ ଗଣବଳାତ୍କାର କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସାଇକେଲ ବାବଦ ଅନୁଦାନ ବ୍ୟାଙ୍କକୁ ଆସିଛି କି ନାହିଁ ଜାଣିବା ପାଇଁ ସୀତା ନିଜ ସହପାଠୀ ପ୍ରଶାନ୍ତ (୧୬ବର୍ଷ/ଛଦ୍ମନାମ)ଙ୍କ ସହ ଶରଣକୁଳ ଷ୍ଟେଟବ୍ୟାଙ୍କକୁ ୨୦୧୭ ଫେବୃୟାରୀରେ ନିଜ ନିଜର ସାଇକେଲରେ ଯାଇଥିଲେ। ବ୍ୟାଙ୍କରେ ପହଞ୍ଚିବା ପରେ ସେଠାରେ ନିଜ ଗାଁର ସନ୍ତୋଷ ଓ ବାବୁଲି (ଉଭୟଙ୍କ ବୟସ ୧୭)ଙ୍କ ସହ ଭେଟ ହୋଇଥିଲା। ସେମାନେ ଏକ ବାଇକ୍‌ରେ ବ୍ୟାଙ୍କ ଯାଇଥିଲେ। ସନ୍ତୋଷ, ବାବୁଲିଙ୍କ ପରାମର୍ଶରେ ସୀତା ସ୍ଥାନୀୟ ଝାଡେଶ୍ୱରୀ ଠାକୁରାଣୀଙ୍କୁ ଦର୍ଶନ କରିବାକୁ ନିଜ ସାଇକେଲରେ ଯାଇଥିବା ବେଳେ ପ୍ରଶାନ୍ତ, ସନ୍ତୋଷ ଓ ବାବୁଲି ବାଇକ୍‌ରେ ସେଠାକୁ ଯାଇଥିଲେ। ଠାକୁରାଣୀ ଦର୍ଶନ ପରେ ୩ ସାଙ୍ଗଙ୍କ ମୁଣ୍ଡରେ ଖରାପ ବୁଦ୍ଧି ପଶିଥିଲା। ସେମାନେ ସୀତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ଗଣ ବଳାତ୍କାର କରିଥିଲେ। ସନ୍ତୋଷ ବଳାତ୍କାର କରୁଥିବାବେଳେ ପ୍ରଶାନ୍ତ ସୀତାଙ୍କୁ ଧରିଥିଲେ ଓ ବାବୁଲି ନିଜ ମୋବାଇଲରେ ସେହି ଦୃଶ୍ୟକୁ ଶୁଟିଂ କରିଥିଲେ। ଏନେଇ ସୀତା ପରିବାର ଲୋକଙ୍କୁ ଜଣାଇବା ପରେ ଗାଁରେ ସଭା ବସିଥିଲା। ସନ୍ତୋଷ ସୀତାଙ୍କୁ ବିବାହ କରିବାକୁ ସହମତି ପ୍ରକାଶ କରିଥିଲେ। ପରେ ପ୍ରତାରଣା କରିବାରୁ ସୀତାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇ ୨୦୧୭ ଏପ୍ରିଲ୨ରେ ଅଭିଯୋଗ କରିଥିଲେ। ସେ ସମୟରେ ଶରଣକୁଳ ଥାନା ପୋଲିସ ଏକ ମାମଲା(ନଂ.୫୧/୧୭) ରୁଜୁ କରି ୩ ସହପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରଶାନ୍ତଙ୍କୁ କିଶୋର ନ୍ୟାୟ ପରିଷଦରେ ୩ବର୍ଷ ଜେଲ ଦଣ୍ଡ ହୋଇଥିଲା। ସେ ଜେଲଦଣ୍ଡ ଭୋଗି ସାରିଲେଣି। ସନ୍ତୋଷ ଓ ବାବୁଲିଙ୍କୁ ୩୭୬(ଡି)ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଜରିମାନା ପାଇଁ କୋର୍ଟ ରାୟ ଦେଇଛନ୍ତି। ସେହିପରି ୨୯୨ ଦଫାରେ ୨ ବର୍ଷ ଜେଲ ଓ ୨ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ରରେ ସୋମବାର ଖାଦ୍ୟ ପାଇଁ ଲୋକଙ୍କ ଲମ୍ବା ଧାଡ଼ି।

# ଭୁଲ୍ ଇଞ୍ଜେକ୍ସନ ନେଇ ନାବାଳକ ମୃତ



ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତକଙ୍କ ପରିବାର ଲୋକଙ୍କ ଭିଡ଼।

**ଚାନ୍ଦବାଲି,୧୯।୭ (ଡି.ଏନ.ଏ.)**

ଇଞ୍ଜେକ୍ସନ ନେବା ପରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତେନ୍ତୁଲଦା ଗାଁରେ ସୋମବାର ମଧ୍ୟାହ୍ନରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଚାନ୍ଦବାଲି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗାଁର ସୁଜାତା ମହାଳିକଙ୍କ ପୁଅ ସୁଶାନ୍ତ(୮)ଙ୍କୁ ଜ୍ୱର ହୋଇଥିଲା। ପରିବାର ଲୋକେ ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ଓରାସାହି ମାର୍କେଟରେ ଥିବା ଏକ ଔଷଧ ଦୋକାନକୁ ନେଇଥିଲେ। ସେଠାରେ ଔଷଧ ଦୋକାନୀ ତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ହଠାତ୍ ସୁଶାନ୍ତ ଅଚେତ ହୋଇପଡ଼ିବାରୁ ଔଷଧ ଦୋକାନୀ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ରାସ୍ତାରେ ସୁଶାନ୍ତଙ୍କର ମୃତ୍ୟୁ ହୋଇଥିଲା। ଚାନ୍ଦବାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ପରିବାର ଲୋକେ ସୁଶାନ୍ତଙ୍କ ହଠାତ୍ ମୃତ୍ୟୁକୁ ବିଶ୍ୱାସ କରି ନ ପାରି ଅଧିକ ଚିକିତ୍ସା ପାଇଁ ଭଦ୍ରକ ନେବାକୁ ଉଦ୍ୟମ କରୁଥିଲେ। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଔଷଧ ଦୋକାନୀଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୧) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ କରୁଣାକର ରାଉତ କହିଛନ୍ତି।

**ଡାକ୍ତରଖାନା ପରିସରରେ ଉତ୍ତେଜନା**

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଟ୍ରକ୍ ମାଲିକ

**କେନ୍ଦୁଝର, ୧୯।୭ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର କର୍ମକର୍ତ୍ତାଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ଓ ଲୋଡିଂ ସ୍ଲିପ ଟୋକୋନ ହେରଫେର ଅଭିଯୋଗରେ ଆନନ୍ଦପୁର ଅଞ୍ଚଳର ଶତାଧିକ ଟ୍ରକ ମାଲିକ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଅଞ୍ଚଳର ଟ୍ରକ୍ ମାଲିକମାନେ ବିଶେଷ କରି ଟ୍ରକ ବ୍ୟବସାୟ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ତେବେ କିଛି ମାସ ହେଲା ଲୋଡିଂ ଟୋକନ ବଣ୍ଟନରେ ଅନିୟମିତତା ତଥା କର୍ମକର୍ତ୍ତାମାନେ ନିଜ ସମ୍ପର୍କୀୟଙ୍କୁ ଅନୁକମ୍ପା ପ୍ରଦାନ କରି ଟୋକନ ବାଣ୍ଟୁଥିବାରୁ ଏମାନେ ଲୋଡିଂ ସ୍ଲିପ ପାଇ ପାରୁନାହାନ୍ତି। ଏହି ସମସ୍ୟା ନେଇ ସଂଘ କର୍ମକର୍ତ୍ତାଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ନେଇ ତୁରନ୍ତ ପ୍ରତିକାର କରି ନ୍ୟାୟ ପ୍ରଦାନ କରିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଶୋକ କୁମାର ଚକ୍ର, କ୍ଷୀରୋଦ କୁମାର ଚକ୍ର, ପ୍ରଦୀପ କୁମାର ସାମଲ, ସରୋଜ କୁମାର ନାୟକଙ୍କ ସମେତ ବହୁ ଟ୍ରକ ମାଲିକ ଉପସ୍ଥିତ ଥିଲେ।

# ଅମାନିଆଙ୍କ ଉପରେ ନଜର ରଖିବ ଡ୍ରୋନ୍

**ପୁରୀରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା**
- ଘର ଛାତ, ବାଲକୋନିକୁ ଯିବା ମନା
- ସୋସିଆଲ୍ ମିଡିଆରେ ଫଟୋ ପୋଷ୍ଟ କଲେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ,୧୯।୭**

ରଥଯାତ୍ରାରେ ଥିବା ସୁରକ୍ଷା ବ୍ୟବସ୍ଥା ବାହୁଡ଼ାଯାତ୍ରାରେ ମଧ ବଳବତ୍ତର ରହିବ। ଜୋନ୍‌ସ୍ତରରେ ହୋଇଥିବା ପୋଲିସ ମୁତୟନକୁ ଅପରିବର୍ତ୍ତିତ ରଖାଯିବ। ଏହାବ୍ୟତୀତ ଅନଧିକାର ପ୍ରବେଶକୁ ରୋକିବା ପାଇଁ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ହେବ। ଏହି ସୁରକ୍ଷା ବ୍ୟବସ୍ଥା ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରୀ ବିଜେ ନୀତି ସମୟରେ ମଧ କାର୍ଯ୍ୟକାରୀ ହେବ ବୋଲି ପୁରୀ ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇଛନ୍ତି। ୨୦ରୁ ୨୩ ତାରିଖ ମଧରେ ବଡ଼ଦାଣ୍ଡରେ କର୍ଫ୍ୟୁ କଟକଣାକୁ ପାଳନ କରାଇବା ପାଇଁ ୧୦ ଟିମ୍ କାର୍ଯ୍ୟ କରିବ। ପ୍ରତି ଟିମ୍‌ରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ରହିବେ। ଡ୍ରୋନ୍, ଭିଡିଓଗ୍ରାଫର୍ ସହାୟତାରେ ଆଇନ ଉଲ୍ଲଂଘନକାରୀଙ୍କ ଉପରେ କଡ଼ା ନଜର ରଖାଯିବ। ଜିଲା ପ୍ରଶାସନ, ପୋଲିସ ଓ ମ୍ୟୁନିସିପାଲିଟିର ମିଳିତ ଉଦ୍ୟମରେ କର୍ଫ୍ୟୁ ଅଡିଟ୍ କରାଯିବ। ଅନଧିକାର ପ୍ରବେଶକାରୀଙ୍କ ଉପରେ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବ। ସେହିଭଳି ପୋଲିସ ନଜରରେ ସାମାଜିକ ଗଣମାଧ୍ୟମକୁ ମଧ ରଖାଯିବ। କେହି ଆଇନ ଭାଙ୍ଗି ବାହୁଡ଼ା ଯାତ୍ରାରେ ସାମିଲ ହେଲେ ଏ ସମ୍ପର୍କିତ ଖବର ଫେସବୁକ ଓ ଇନଷ୍ଟାଗ୍ରାମ୍ ମାଧ୍ୟମରୁ ସଂଗ୍ରହ କରିବା ପାଇଁ ପୋଲିସ ଉଦ୍ୟମ କରିବ। ସୋସିଆଲ୍ ମିଡିଆରେ ଫଟୋ ପୋଷ୍ଟ ହୋଇଥିଲେ ଏହା ମଧ ତଦନ୍ତ ପ୍ରକ୍ରିୟାର ଅଂଶ ହେବ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡକାଇ ପଚରାଉଚରା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସ୍ପଷ୍ଟ କରିଛି। କଟକଣା ଭାଙ୍ଗି ଶ୍ରୀଗୁଣ୍ଡିଚା ଯାତ୍ରାରେ ସାମିଲ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ପୋଲିସ ଏଯାବତ୍ ନୋଟିସ୍ କରିଥିବା ବେଳେ ସିସିଟିଭି ମାଧ୍ୟମରେ ଆହୁରି ଲୋକଙ୍କୁ ଖୋଜିବା ଜାରି ରଖିଛି। ତେବେ ନୋଟିସ୍ ପଠାଯାଇଥିବା ବ୍ୟକ୍ତିଙ୍କୁ ନିଜ ପକ୍ଷ ରଖିବାକୁ କୁହାଯାଇଛି। ଅଦ୍ୟାବଧି ହୋଟେଲ୍, ଲଜ୍ ଓ ବ୍ୟକ୍ତିଙ୍କୁ ମିଶାଇ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇପିସି ୨୬୯, ୨୭୦, ୧୮୮ ଓ ୩୪ ଧାରା ରୁଜୁ ହୋଇଛି। ଅନ୍ୟପକ୍ଷରେ ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଏସ୍‌ପି କନୱର ବିଶାଲ ସିଂ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବା ସହ କିଭଳି ଭାବେ ଜୋନସ୍ତରୀୟ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହେବ ସେନେଇ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବଡ଼ଦାଣ୍ଡରେ ଥିବା ଘରର ଲୋକଙ୍କୁ ବାଲକୋନି ଓ ଛାତ ଉପରକୁ ନ ଯିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ଘରର ଛାତ ଉପରେ ପୋଲିସ ମୁତୟନ କରାଯାଇଛି।

# କରୋନା ଆକ୍ରାନ୍ତ ଶୂନ ହେଲେ ଖୋଲିବ ତାମ୍ପରା

**ଛତ୍ରପୁର,୧୯।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠରେ ରହିଛି ଆକର୍ଷଣୀୟ ତାମ୍ପରା ହ୍ରଦ। ଏହାକୁ ନୂଆ ରୂପ ଦେବାକୁ ନିକଟରେ ପାର୍କ ପ୍ରତିଷ୍ଠା ହୋଇଛି। ମାତ୍ର କରୋନା ଯୋଗୁ ଉଦ୍‌ଘାଟନ ପରଠାରୁ ଏହି ପାର୍କ ବନ୍ଦ ରହିଛି। ଜିଲାରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଶୂନ ହେଲେ ଏହା ଜନସାଧାରଣଙ୍କ ପାଇଁ ଖୋଲିବ ବୋଲି ଆଶାପ୍ରକଟ କରି ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରିଛନ୍ତି। ଲେକ୍ ଭ୍ୟୁ ପାର୍କର ଏକ ଫଟୋ ମଧ ଜିଲାପାଳ ପୋଷ୍ଟ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୂର୍ବରୁ ତାମ୍ପରା ହ୍ରଦରେ ବୋଟିଂ ଓ ୱାଟର ସ୍ପୋର୍ଟ୍ସ ସୁବିଧା କରାଯାଇଥିଲା। ପରେ ଗତ ମାର୍ଚ୍ଚ ୧୯ ତାରିଖରେ ତାମ୍ପରା ଲେକ୍ ଭ୍ୟୁ ପାର୍କକୁ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସ୍ୱଦେଶ ଦର୍ଶନ କେନ୍ଦ୍ରୀୟ ଯୋଜନାରେ ଏଥିପାଇଁ ଅନୁଦାନ ମଞ୍ଜୁର ହୋଇଥିଲା। ଏଠାରେ ପ୍ରଥମ ପର୍ଯ୍ୟାୟରେ ଲେକ୍ ଭ୍ୟୁ ପାର୍କ, ଫୁଡକୋର୍ଟ, ଚେଞ୍ଜିଙ୍ଗ ରୁମ, ପାଇଖାନା ଓ ପାନୀୟଜଳ ବ୍ୟବସ୍ଥା ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ତାମ୍ପରାର ଅପରପାର୍ଶ୍ୱରେ ଇକୋ ରିସୋର୍ଟ ପ୍ରତିଷ୍ଠା ହେବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତାମ୍ପରା ହ୍ରଦ ନିକଟରେ ଥିବା ଝାଉଁ ଓ କିଆ ଜଙ୍ଗଲରେ ପିକ୍‌ନିକ୍ କରିବା ଲାଗି ସୁବିଧା ରହିଛି। ଏଠାକୁ ରାଜ୍ୟ ତଥା ବାହାରୁ ପର୍ଯ୍ୟଟକମାନେ ଆସି ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ତାମ୍ପରାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମଧ ମିଳିଛି।



ତାମ୍ପରା ଲେକ୍ ଭ୍ୟୁ ପାର୍କ।

# ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ

**ମାଲକାନଗିରି,୧୯।୭ (ଡି.ଏନ୍.ଏ.)**

ମାଲକାନଗିର ଜିଲାରେ ରାଜ୍ୟ ଗୋଇନ୍ଦା ବିଭାଗର ମାଓବାଦୀଙ୍କ ଉଦ୍ଦେଶ୍ୟରେ ଲଗାଯାଇଛି ପୋଷ୍ଟର। ହିଂସା ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲହେବାକୁ ପୋଷ୍ଟରେ ଆହ୍ୱାନ ଏଥିରେ ରହିଛି। ପୂର୍ବରୁ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳରେ ଲାଲବାହିନୀର ପୋଷ୍ଟର ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ସେହି ସ୍ଥାନରେ ଗୋଇନ୍ଦା ବିଭାଗ ପୋଷ୍ଟର ଦେଖିବାକୁ ମିଳିଛି। ସ୍ୱାଭିମାନ ଅଞ୍ଚଳର ସାରକୁବନ୍ଧ ଗ୍ରାମ ନିକଟରେ ଏହି ପୋଷ୍ଟର ଲାଗିଛି। ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ମିଳିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଏଥିସହ ମାଗଣା ତାଲିମ, ଘର ଓ ରୋଜଗାର ପନ୍ଥା ଯୋଗାଇବା ଏବଂ ସେମାନଙ୍କ ବିରୋଧରେ ଥିବା ମାମଲାକୁ ପ୍ରତ୍ୟାହର କରାଯିବ ବୋଲି ପୋଷ୍ଟରରେ କୁହାଯାଇଛି। ରବିବାର ପୋଲିସ ଡିଜି ମାଲକାନଗିରି ଜିଲା ଗସ୍ତରେ ଯାଇ ଫେରିବାର ୨୪ ଘଣ୍ଟା ଭିତରେ ଏହି ପୋଷ୍ଟର ଲାଗିଛି। ଡିଜିପିଙ୍କ ଉପସ୍ଥିତିରେ ଲାଲବାହିନୀ ଛାଡ଼ି ୨ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଥିଲେ।

**ସାରକୁବନ୍ଧ ଗ୍ରାମ ନିକଟରେ ଲାଗିଲା ପୋଷ୍ଟର**



ସାରକୁବନ୍ଧ ଗ୍ରାମ ନିକଟରେ ଲାଗିଥିବା ପୋଷ୍ଟର।

# ମା’, ଛୁଆ ହାତୀଙ୍କ ମୃତଦେହ ଠାବ

**ଖାଦ୍ୟରେ ବିଷ ପ୍ରୟୋଗ ସନ୍ଦେହ**

**କେନ୍ଦୁଝର, ୧୯।୭ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ଶୁଆକାଟୀ ସେକ୍ସନର କୁଶକଳା ବିଟ୍ ଅଧୀନ ରବ ଗ୍ରାମ ନିକଟରେ ଦୁଇ ହାତୀଙ୍କ ମୃତଦେହ ସୋମବାର ଠାବ କରାଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ପ୍ରକାଶ ଯେ, ଗତ କିଛିଦିନ ହେବ ଗୋଟିଏ ଦନ୍ତା, ଗୋଟିଏ ମାଈ ଓ ଏକ ଛୁଆ ହାତୀ ରବ ଜଙ୍ଗଲରେ ବୁଲୁଥିଲେ। ୨ଦିନ ତଳେ ଦନ୍ତାଟି ପାଲଲହଡ଼ା ପଳାଇଥିବାବେଳେ ମା’ ଓ ଛୁଆ ହାତୀ ଏହି ଜଙ୍ଗଲରେ ଥିଲେ। ତେବେ ସୋମବାର ସକାଳେ ହଠାତ୍ ମାଈ ହାତୀ ଗୋଟିଏ ସ୍ଥାନରେ ଏବଂ ଛୁଆ ହାତୀଟି କିଛି ଦୂରରେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ମା’ ହାତୀର ବୟସ ୨୦ ବର୍ଷ ଏବଂ ଛୁଆ ହାତୀଟି ୫ ବର୍ଷ ବୟସର ହେବ। ମାଈ ହାତୀର ପାଟିରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି। ମୃତ୍ୟୁ ସମୟରେ ମା’ ଓ ଛୁଆ ହାତୀ କିଛି ବାଟ ଘୁଷୁରି ଘୁଷୁରି ଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ମଦ କିମ୍ବା ପଣସରେ କେହି ବିଷ ଦେଇ ସେମାନଙ୍କୁ ମାରିଦେଇଥିବା ସନ୍ଦେହ କରାଯାଉଛି। ସେହିପରି ବଜ୍ରପାତ କାରଣରୁ ମଧ ମୃତ୍ୟୁ ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି। ଖବର ପାଇ ଆର୍‌ସିସିଏଫ୍ ଅରୁଣ କୁମାର ମିଶ୍ର, ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। କେନ୍ଦୁଝରରୁ ଯାଇଥିବା ପ୍ରାଣୀ ଚିକିତ୍ସକ ବ୍ୟବଚ୍ଛେଦ କରିବା ପରେ ହାତୀ ଦୁଇଟିଙ୍କୁ ପୋତି ଦିଆଯାଇଛି। ମୃତ୍ୟୁର ପ୍ରକୃତ କାରଣ ଖୋଜିବା ପାଇଁ ନମୁନା ଯାଞ୍ଚ ନିମନ୍ତେ ପଠାଯିବ। ରିପୋର୍ଟ ଆସିବା ପରେ ଠିକ୍ କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ମଲ୍ଲିକ କହିଛନ୍ତି।



ମୃତ ୨ ହାତୀ।

## ଟଙ୍କା,ସୁନା ଲୁଟିନେଲେ

ରାଇରଙ୍ଗପୁର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ମହୁଲଡ଼ିହା ବସ୍ତି ଅଞ୍ଚଳର ରାମଦାସ ହେମ୍ବ୍ରମଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ଝରକା ଗ୍ରୀଲ ଭାଙ୍ଗି ଚୋରମାନେ ୪୦ ହଜାର ଟଙ୍କା ସମେତ ଏକ ସୁନା ହାର ଓ କାନ ଫୁଲ ଲୁଟି ନେଇଛନ୍ତି। ଅଭିଯୋଗ ପାଇ ପୋଲିସ ଏକ ମାମଲା(ନଂ.୧୪୪/୨୧) ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

ଘାଗରବେଢ଼ା,୧୯।୭(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଘାଗରବେଡା ଥାନା ଅନ୍ତର୍ଗତ ଫଗୁ ଉଚ୍ଚ ପ୍ରଥମିକ ବିଦ୍ୟାଳୟରୁ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ନିମାଇପୋଖରୀ ଗ୍ରାମର ମିଥୁନ ଗିରି। ବିଦ୍ୟାଳୟରେ ପାଣି ପମ୍ପ ଏବଂ ପାଇପ ଚୋରି ହୋଇଥିବା ନେଇ ଘାଗର୍ବେଡା ଥାନାରେ ପ୍ରଧାନଶିକ୍ଷୟିତ୍ରୀ ବିମଳା ଗିରି ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ (ନଂ.୪୯/୨୧) ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ଶନିବାର କୈଣସି ସୂତ୍ରରୁ ଖବର ପାଇ ପୋଲିସ ତାଙ୍କ ଘରୁ ଗିରଫ କରିଥିଲା।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବଜରଙ୍ଗ ସେନାର ବିକ୍ଷୋଭ

ବାରିପଦା ଅଫିସ, ୧୯।୭: ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବା ଦାବିରେ ବଜରଙ୍ଗ ସେନା ପକ୍ଷରୁ ସୋମବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଆୟୁଷ୍ମାନ ଯୋଜନା ରାଜ୍ୟ ସରକାର ଲାଗୁ ନ କରି ଗରିବ, ଆଦିବାସୀ, ମଧ୍ୟବିତ୍ତ ପରିବାରଙ୍କ ଜୀବନ ସହ ଖେଳୁଛନ୍ତି ବୋଲି ସେନାର ଅଧକ୍ଷ କୁମାର ମଙ୍ଗଳମ୍ ପ୍ରକାଶ କରିଛନ୍ତି। ଯଦି ରାଜ୍ୟ ସରକାର ଏହି ଯୋଜନାକୁ ଲାଗୁ ନ କରନ୍ତି ତେବେ ସେନା ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି କାର୍ତ୍ତିକ ମହାନ୍ତ, ଜିଲା ସଭାପତି ସାଗର ପାତ୍ର, ଜିଲା ମହିଳା ସଭାନେତ୍ରୀ ପାୟଲ ରାଏ, ଏସ.କେ. ନାସିର, ସୁସ୍ମିତା ପୃଷ୍ଟି ଓ ସୁସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ଯୁବତୀ ମୃତ

ଭଦ୍ରକ ଅଫିସ, ୧୯।୭: ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତରାଶୁଣୀ ଗାଁରେ ସୋମବାର ଏକ ପୋଖରୀରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲିପା ମଳିକ। ସୂଚନା ଅନୁଯାୟୀ, ସେ ପୂର୍ବାହ୍ନରେ ଗାଈ ନେଇ ବିଲକୁ ଯାଇଥିଲେ। ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପୋଖରୀ ହୁଡ଼ାରେ ତାଙ୍କ ଜୋତା ପଡ଼ିଥିବା ଦେଖିଥିଲେ। ପୋଖରୀ ଭିତରେ ପଶି ଖୋଜିବା ପରେ ତାଙ୍କ ମୃତଦେହ ମିଳିଥିଲା। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

### ପାଗଳା କୁକୁର କାମୁଡ଼ାରେ ୬ ଗୁରୁତର

କେନ୍ଦୁଝର,୧୯।୭ (ସ୍ୱ.ପ୍ର): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତ କେରୀ ଗ୍ରାମରେ ସୋମବାର କୁକୁର କାମୁଡ଼ାରେ ୬ ଜଣ ଲୋକ ଆହତ ହୋଇଛନ୍ତି। ଅପରାହ୍ନରେ କୁକୁରଟି ଖିରେଇଟାଙ୍ଗିରୀ ପଟୁ ଆସି ସମସ୍ତଙ୍କୁ କାମୁଡ଼ି ଆହତ କରିଥିଲା। ସମାନଙ୍କୁ ତୁରନ୍ତ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ପଠାଇଦିଆଯାଇଛି। ସେହିପରି ପରେ ଯୁଗଳ ପାତ୍ର ଓ ଗୋରଖ ପାତ୍ରଙ୍କ ଦୁଇଟି ଛେଳିକୁ କୁକୁର କାମୁଡ଼ି ଲହୁଲୁହାଣ କରିଦେଇଥିଲା। ପ୍ରଶାସନ ଉକ୍ତ କୁକୁରଟିକୁ କାବୁ କରିବାକୁ ଦାବି ହୋଇଛି।

### ଭଦ୍ରକାଳୀ ପୀଠରେ ଚାରାରୋପଣ

ଭଦ୍ରକ ଅଫିସ,୧୯।୭: ବିଶ୍ୱ ହିନ୍ଦୁ ପରିଷଦ, ଭଦ୍ରକ ନଗର ପକ୍ଷରୁ ମା' ଭଦ୍ରକାଳୀଙ୍କ ପୀଠ ପରିସରରେ ଚାରାରୋପଣ ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ପୁନୀଲ କୁମାର ସାମନ୍ତଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଜଳସେଚନ, ବ୍ଲିଚିଂ ପାଉଡର ଓ ଫିନାଇଲ ସିଞ୍ଚନ କରାଯାଇ ପରିସରକୁ ପରିଷ୍କାର କରାଯାଇଥିଲା। ଜିଲା ଉପସଭାପତି ନିରଞ୍ଜନ ସାହୁ, ସ୍ୱାଧୀନ ସୁନ୍ଦର ଦାସ, ଗୋବିନ୍ଦ ରାଉତ, ସୁବ୍ରତ ନାୟକ, ଶ୍ରୀକାନ୍ତ ଲେଙ୍କା, ହୃଷିକେଶ ନାଥ, ଭଦ୍ରକ ନଗର ସମ୍ପାଦକ ମହେଶ୍ୱର ବେହେରା, ଚନ୍ଦନ ଦାସ ପ୍ରମୁଖ ସାମିଲ ଥିଲେ।

# ଭିତ୍ତିଭୂମି ବିକାଶ ଲାଗି କ୍ଷେତ୍ର ପରିଦର୍ଶନ

**ବାସୁଦେବପୁର,୧୯।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଓ ଭିତ୍ତିଭୂମି ବିକାଶ ପାଇଁ ସୋମବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ୩ଟି ଡାକ୍ତରଖାନା ବୁଲି ଦେଖିଛନ୍ତି। ବିଧାୟକ ରାଉତରାୟ କ୍ଷେତ୍ର ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ସେ ପ୍ରଥମେ ବାରାପୁର ଡାକ୍ତରଖାନାରେ ପହଞ୍ଚି ଡା. ବିଜୟଲକ୍ଷ୍ମୀ ସାହୁଙ୍କଠାରୁ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଡାକ୍ତରଖାନାର ପାଚେରୀ ନିର୍ମାଣ, ପୁରାତନ ଡାକ୍ତରଖାନା ଗୃହର ନବୀକରଣ, ଏକ ନୂତନ ଗୃହକୁ କାର୍ଯ୍ୟକ୍ଷମ କରିବା ଓ ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ



ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବାରାପୁର ଡାକ୍ତରଖାନା କର୍ମଚାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ବାସୁଦେବପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ଡା. ସୁଶାନ୍ତ ସାମନ୍ତ, ସରପଞ୍ଚ ଦୀନବନ୍ଧୁ ଦାସ, ସରପଞ୍ଚ ପ୍ରତିନିଧି ଗୌତମ ସେଠୀ, ଡା. ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏହାପରେ ବିଧାୟକ ଇରମ

**୩ ଡାକ୍ତରଖାନା ବୁଲି ଦେଖିଲେ ବିଧାୟକ**

ଡାକ୍ତରଖାନାର ଭିତ୍ତିଭୂମି ବିକାଶ ପାଇଁ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ଓ ଡାକ୍ତରଖାନା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବାଲିମେଦ ଡାକ୍ତରଖାନାର ପାଚେରୀ ନିର୍ମାଣ, ଡାକ୍ତରଖାନା ଗୃହ ମରାମତି ସହ ଆନୁଷଙ୍ଗିକ ସମସ୍ୟା ଦୂର ନେଇ ସରପଞ୍ଚ ପ୍ରଫୁଲ୍ଲ ପଳିତା ଓ ଡାକ୍ତରଖାନା କର୍ମଚାରୀଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ସେହିପରି ଆର୍ଦ୍ଦୁଁ ସବ୍‌ସେଣ୍ଟର ମରାମତି ପାଇଁ ଆବଶ୍ୟକ ଅର୍ଥ ଯୋଗାଣ ପାଇଁ ବିଧାୟକ କ୍ଷେତ୍ର ପରିଦର୍ଶନ ପରେ ନିଷ୍ପତ୍ତି ନେଇଥିବା କହିଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ

**ସଜନାଗଡ଼/ ରୂପସା/ବସ୍ତା/ଖୁଣ୍ଟା/କୁଆମରା, ୧୯।୭(ଡି.ଏନ.ଏ.)**

ରାଜ୍ୟ ସରକାର 'ସେବା କମ୍ ଟିକସ ଅଧିକ' ନୀତି ଆପଣାଇଛନ୍ତି। ବିଦ୍ୟୁତ ଦର ହ୍ରାସ ଦାବିରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ସୋମବାର ନୀଳଗିରିସ୍ଥିତ ବାଣପୁର ବିଦ୍ୟୁତ ଷ୍ଟ୍ରକଚର ଅଫିସକୁ ଘେରାଉ କରାଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ସମ୍ବଳିତ ସ୍ମାରକପତ୍ର ନୀଳଗିରି ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ଯଯାତି କେଶର ସିଂହଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ରୂପ୍‌ସା ଏବଂ ବସ୍ତା ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଭାରୀ ଗଙ୍ଗାଧର ରାଉତ, ସଦର ବ୍ଲକ ସଭାପତି ରବିନାରାୟଣ ମହାପାତ୍ର, ବରିଷ୍ଠ ନେତା ଗୌରାଙ୍ଗ ଦାସ, ମଣ୍ଡଳ ସଭାପତି ତପନ ଗିରି ପ୍ରମୁଖ ଶତାଧିକ କର୍ମୀଙ୍କ ସହ ରୂପ୍‌ସା କାର୍ଯ୍ୟାଳୟ ସମ୍ମୁଖରେ ଖୁବ୍ ବର୍ଷିଥିଲେ। ବସ୍ତା ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ରାଜାଶ୍ରୀ ମହାନ୍ତି, ଜିଲା ଉପସଭାପତି ପ୍ରଦୀପ ପଣ୍ଡା, ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ମୟୂରଭଞ୍ଜ ଜିଲା ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ କର୍ମୀ ଖୁଣ୍ଟା ଏସ୍‌ଡିଓ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଏସ୍‌ଡିଓ ପ୍ରଶାନ୍ତ କୁମାର ମାନ୍ନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ଖୁଣ୍ଟା ମଣ୍ଡଳ ସଭାପତି ଜଟାଧାରୀ କର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ପାଣି ପାଇଁ ଧାରଣା

**ବାଲେଶ୍ୱର ଅଫିସ, ୧୯।୭**

ବାଲେଶ୍ୱର ସହର ରେଳଷ୍ଟେଶନ ନିକଟସ୍ଥ ଗୋଧିବସାର ମହିଳାମାନେ ପାନୀୟ ଜଳ ପାଇଁ ସୋମବାର ସହଦେବଖୁଣ୍ଟା ମଡ଼େଲ ଥାନା ଆଗରେ ଧାରଣାରେ ବସିଥିଲେ। ଥାନାଧିକାରୀଙ୍କ ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ରେଳ ବିଭାଗ ଅଧୀନରେ ଥିବା ସରକାରୀ ଜାଗାରେ ଦୀର୍ଘଦିନ ଧରି ୪ଶହରୁ ଉର୍ଦ୍ଧ୍ୱ ବସ୍ତିବାସିନ୍ଦା ରହିଆସୁଛନ୍ତି। ରେଳ ବିଭାଗର ଜମି ହୋଇଥିବା କାରଣରୁ ପୌରପାଳିକା ପାନୀୟଜଳ ସୁବ୍ୟବସ୍ଥା କରିନାହିଁ। ହାତଗଣତି କେତୋଟି ଟ୍ୟୁବ୍‌ୱେଲ ଥିଲେ ମଧ୍ୟ ତାହା ଆବଶ୍ୟକତା ମେଣ୍ଟାଇପାରୁନାହିଁ। ଏହି ଅଞ୍ଚଳର ଜଣେ ବ୍ୟକ୍ତି ନିଜସ୍ୱ ଖର୍ଚ୍ଚରେ ଏକ ବୋର୍‌ୱେଲ ଖୋଳି ପାଇପ୍ ମାଧ୍ୟମରେ ପାଖାପାଖି ୬୦ରୁ ୭୦ଘର ଲୋକଙ୍କୁ ପାନୀୟଜଳ ଯୋଗାଇ ସେମାନଙ୍କଠାରୁ ମାସିକ ୨ଶହରୁ ୩ଶହ ଟଙ୍କା ନେଉଛନ୍ତି। ଉକ୍ତ ଅଞ୍ଚଳର ସବିତା ପାତ୍ର କରୋନା ଯୋଗୁ ୨ମାସର ଦେୟ ଦେଇ ନ ଥିବାରୁ ୨ଦିନ ପୂର୍ବରୁ ତାଙ୍କର ପାଇପଲାଇନ୍ କାଟି ଦିଆଯାଇଥିଲା। ସବିତା ମଧ୍ୟ ବେଆଇନ ଭାବେ ଦଖଲ କରିଥିବା ଜମି ଦେଇ ଯାଇଥିବା ପାଇପ ଲାଇନ୍‌କୁ ଉଠାଇ ଦେଇଥିଲେ। ଫଳରେ ଅନେକ ଲୋକ ପାଣି ପାଇବାରୁ ବଞ୍ଚିତ ହେଲେ। ଗତ ୧୭ତାରିଖ ସନ୍ଧ୍ୟାରେ ଉକ୍ତ ବ୍ୟକ୍ତି ଉତ୍ତ୍ୟକ୍ତ ହୋଇ ସବିତାଙ୍କ ମା'ବାପାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସବିତା ୧୮ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ପାଇଁ ଗାଁରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡକାଇଥିଲେ। ପ୍ରତିବାଦରେ ତାଙ୍କ ସମର୍ଥକମାନେ ସହଦେବଖୁଣ୍ଟା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ଦାବି ଅନୁସାରେ ଉକ୍ତ ବ୍ୟକ୍ତି ପାଣି ଯୋଗାଇ ଦେଉଛନ୍ତି। ତେଣୁ କଟାଯାଇଥିବା ପାଇପକୁ ଯୋଡ଼ିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ।



ଥାନା ସମ୍ମୁଖରେ ଧାରଣାରତ ବସ୍ତିବାସିନ୍ଦା।

# ବିଡିଓଙ୍କୁ ଘେରିଲେ ଆନ୍ଦୋଳନକାରୀ

**ଜଳେଶ୍ୱର, ୧୯।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ଆବାସ ତାଲିକାରେ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି। ଏନେଇ କଂଗ୍ରେସ ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯିବା ସହିତ ୧ଘଣ୍ଟା ଧରି ବିଡିଓଙ୍କୁ ନାକାବନ୍ଦୀ କରାଯାଇଥିଲା। ତ୍ରୁଟିପୂର୍ଣ୍ଣ ତାଲିକାକୁ ସଂଶୋଧନ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ସହିତ ଆବାସ ଗୃହ ପ୍ରଦାନ, କାଳିଆ ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ ଦାବିରେ ସୋମବାର ଧାରଣା ଓ ଘେରାଉ କରାଯାଇଥିଲା। ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ବ୍ଲକ ସଭାପତି ରାଜୀବ ପରିଡ଼ା, ଜିଲା ସଭାପତି ସଂଜୀବ ଗିରି, ସତ୍ୟସୁନ୍ଦର ଦାସ, ଟାଉନ୍ ସଭାପତି ଗିରିଜା ଶଂକର ଦାସ, କିଷାନ ସଭାପତି ସୁଦାମ ପାତ୍ର, ସରପଞ୍ଚ ପଦ୍ମଲୋଚନ ବେହେରା, ପୂର୍ବତନ କାଉନ୍‌ସିଲର ଜଗଦୀଶ ନନ୍ଦୀ, ସବ୍ୟସାଚୀ ଦାସ, ଗୋପାଳକୃଷ୍ଣ ଜେନା, ରବୀନ୍ଦ୍ର ଦାସ, ଶ୍ରୀକାନ୍ତ ସିଂ, ମିହିର ଭୂୟାଁ, ସୁରେଶ ମହାନ୍ତ, ଦୀପକ ପାତ୍ର, ନବୀନ ଦାସ, ଉମା ମହାପାତ୍ର, ସୁଶାନ୍ତ ଜେନା, ମଞ୍ଜୁବାଳା ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆବାସ ତାଲିକାର ସର୍ଭେ କାର୍ଯ୍ୟ ଆସନ୍ତା ବୁଧବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯିବା ସହିତ ଏକ ପ୍ରତିନିଧି ଦଳ ସହ ଆଲୋଚନା କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ମୁଖ୍ୟ ଚିକିତ୍ସାଳୟକୁ ୧୦ ଅକ୍ସିଜେନ୍ କନସେନଟ୍ରେଟର



ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ,୧୯।୭**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆନ୍ତର୍ଜାତୀୟ ସଫ୍ଟୱେୟାର କମ୍ପାନୀ 'ଆତ୍ୟାତି' ପକ୍ଷରୁ କରୋନା ମୁକାବିଲା ଲାଗି ସୋମବାର ୧୦ଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ କରାଯାଇଛି। ଅଧ୍ୟାପକ ଡ. ପଙ୍କଜ କୁମାର ଜେନାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ତାଙ୍କର ଶିଷ୍ୟ ତଥା କମ୍ପାନୀର ଓଡ଼ିଶା ହେଡ୍ ରଘୁନାଥ ବାରିକଙ୍କ ଚେଷ୍ଟା ଓ ସିଇଓ ପ୍ରକାଶ ପ୍ରଭୁଙ୍କ ଅନୁମୋଦନକ୍ରମେ ଏହି କାର୍ଯ୍ୟ ସମ୍ପାଦନ ହୋଇଛି। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ ଜଗଦେବ, କୋଭିଡ୍ ହେଡ୍ ଡା. ମୃତ୍ୟୁଞ୍ଜୟ ମିଶ୍ର, କମ୍ପାନୀର ଟିଏମ୍ ସତ୍ୟସୁନ୍ଦର ମହାପାତ୍ର, ଫିଲ୍ଡ୍ ଅଫିସର ସ୍ମୃତିରଞ୍ଜନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ୟା ସମାଧାନ ସକାଶେ କେନ୍ଦ୍ରକୁ ଚିଠି

**ଯୋଡ଼ା,୧୯।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟାର ପ୍ରତିକାର ପାଇଁ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ୯ ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ସଡକ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଯୋଡ଼ା ଏକ ଖଣି ବହୁଳ ଅଞ୍ଚଳ ହୋଇଥିବାରୁ ଖଣି ବ୍ୟବସାୟୀମାନେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳକୁ ବ୍ୟବସାୟ ପାଇଁ ଆସିଥାନ୍ତି। ଏତଦବ୍ୟତୀତ କଟକ ଓ ଭୁବନେଶ୍ୱରକୁ ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ସରକାରୀ କାମ ପାଇଁ ଲୋକେ ଯିବା ଆସିବା କରିଥାନ୍ତି। ଖଣିଜ ପରିବହନ ପାଇଁ ବହୁ ସଂଖ୍ୟକ ରେଳ ଚାଲୁଥିବା ବେଳେ ଯାତ୍ରୀବାହୀ ଟ୍ରେନ୍ ଗୋଟିଏ ମାତ୍ର ଚାଲିଛି। ତାହାମଧ୍ୟ ସମୟ ସାପେକ୍ଷ ହେଉନାହିଁ। ସେହିପରି ବାଂଶପାଣି ଠାରେ ଥିବା ଷ୍ଟେଶନକୁ ଲୋକେ ଠିକ୍ ସମୟରେ ପହଞ୍ଚିପାରୁ ନାହାନ୍ତି। କାରଣ ଯୋଡ଼ା ଠାରୁ ଏହାର ଦୂରତା ଅଧିକ। ଯୋଡ଼ା ସହର ମଧ୍ୟରେ ଥିବା ବାବୁ ହଟିଂ ଠାରେ ଏକ ରେଳ ଷ୍ଟପେଜ କରିବା ସହିତ ପୁରୀ ଠାରୁ ଟାଟାନଗର ଭାୟା ବାଂଶପାଣି ଦେଇ ଦୈନିକ ରାତ୍ରିକାଳୀନ ଇଣ୍ଟରସିଟି ଚଳାଇବା ପାଇଁ ପଟ୍ଟନାୟକ ଦାବି କରିଛନ୍ତି। ସେହିପରି ଯୋଡ଼ା ଦେଇ ଯାଇଥିବା ୫୨୦ନମ୍ବର ଏନ୍‌ଏଚ୍‌ର କଳାପାହାଡ଼ ଠାରୁ ରଣାସାଳ ଘାଟି ମଧ୍ୟରେ ଏକ ସର୍ଭିସ ରୋଡ ନିର୍ମାଣ ପାଇଁ ଉକ୍ତ ଚିଠିରେ ଲେଖିଛନ୍ତି। ଏହି ଦାବି ଗୁଡିକ କେନ୍ଦ୍ରସରକାରଙ୍କ ପକ୍ଷରୁ ପୂରଣ କରା ନ ଗଲେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିବେ ବୋଲି ସେ କହିଛନ୍ତି। ପୂର୍ବତନ ପେଟ୍ରୋଲିୟମ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି, ଦାବିପତ୍ରକୁ ସମ୍ପୃକ୍ତ ବିଭାଗକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ପଠାଇ ଦିଆଯାଇଛି।

# ପେଟ୍ରୋଲ ପମ୍ପ ଆଗରେ ସଚେତନତା

**ଭଦ୍ରକ ଅଫିସ/ବନ୍ତ, ୧୯।୭ (ଡି.ଏନ.ଏ.)**

ବର୍ଦ୍ଧିତ ପେଟ୍ରୋଲ ଦରକୁ ନେଇ ସୋମବାର ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଷ୍ଟ ଅଫିସ ଛକ ସ୍ଥିତ ପେଟ୍ରୋଲ ପମ୍ପ ଆଗରେ କର୍ମୀମାନେ ପେଟ୍ରୋଲ ଲିଟର ପିଛା ୭୦ ଟଙ୍କାରେ ଗ୍ରାହକମାନଙ୍କୁ ବିକ୍ରି କରି ସରକାରଙ୍କ ବର୍ଦ୍ଧିତ ନୀତି ବିରୋଧରେ ଦସ୍ତଖତ ସଂଗ୍ରହ କରିଥିଲେ। ଜିଲା ସଭାପତି ସୁବ୍ରତ ଦାସଙ୍କ ନେତୃତ୍ୱରେ ନଳିନୀକାନ୍ତ ମହାନ୍ତି, ଅସରଫ୍ ଅଲ୍ଲୀଙ୍କ ସହ ଦଳୀୟ ନେତାମାନେ ଲୋକଙ୍କୁ ସଚେତନ କରାଇଥିଲେ। ସେହିପରି ବନ୍ତ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ନେଇ ଦସ୍ତଖତ ଅଭିଯାନ ସହ ଲୋକଙ୍କୁ ସଚେତନ କରାଯାଇଥିଲା।

# ସାପ କାମୁଡ଼ାରେ ଜୀବନ ଗଲା

**ପାଟଣା, ୧୯।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ଗ୍ରାମରେ ସାପ କାମୁଡ଼ାରେ ଜଣେ ଅଟୋ ଚାଳକଙ୍କ ରବିବାର ରାତିରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଉନ ଥାନା ରୁଗୁଡ଼ିଆ ଗ୍ରାମର ବିକ୍ରମ ବାରିକ। ଏନେଇ ତୁରୁମୁଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଖୁଆପଦା ଜଳସମ୍ପଦ ଉପଖଣ୍ଡକୁ ଡିଭିଜନ ମାନ୍ୟତା

**ଭଣ୍ଡାରିପୋଖରୀ,୧୯।୭(ଡି.ଏନ.ଏ)**

ଭଦ୍ରକ ଜିଲା ଆଖୁଆପଦା ଜଳସମ୍ପଦ ଉପଖଣ୍ଡକୁ ଡିଭିଜନ କାର୍ଯ୍ୟାଳୟ ଭାବେ ମାନ୍ୟତା ମିଳିଛି। ଏ ନେଇ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ଗତ ୧୬ ତାରିଖ ପ୍ରକାଶିତ ନଂ.୧୭୨୧୮ ଘୋଷଣାନାମା ଅନୁଯାୟୀ ଆଖୁଆପଦା ଡିଭିଜନ କାର୍ଯ୍ୟାଳୟ ପାଇଁ ଅଧୀକ୍ଷଣ ଯନ୍ତ୍ରୀ ଭାବେ ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରୟାସକାନ୍ତି ସାମଲ ଏକ ବୈଠକରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଡିଭିଜନ ଅଧୀନରେ ଆଖୁଆପଦା, ଧାମନଗର ଓ ଚାନ୍ଦବାଲି ଉପଖଣ୍ଡ ରହିବ ବୋଲି ଜଣାଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ଲଳିତ ରାଉତ, ଜିଲା ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଜିଲା ଯୁବ ବିଜେଡି ସମ୍ପାଦକ ବିରଞ୍ଚି ନାରାୟଣ ରାଉତ, ଉତ୍କଳ କେଶରୀ ମହାନ୍ତି, ଆଇନଜୀବୀ ସମରଜିତ ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏଥିପାଇଁ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଣବ ପ୍ରକାଶ ଦାସ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବ୍ଲକବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ପୂର୍ବରୁ ଏହା ଯାଜପୁର ଜଳସମ୍ପଦ ବିଭାଜନ ଅଧୀନରେ କାର୍ଯ୍ୟ କରୁଥିଲା। ସ୍ଥାନୀୟ ଜନସାଧାରଣ ଆଖୁଆପଦାଠାରେ ଜଳସମ୍ପଦ ବିଭାଗର ଡିଭିଜନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଦାବି କରି ଆସୁଥିବା ବେଳେ ବିଧାୟକ ସାମଲ ଏନେଇ ବିଧାନସଭାରେ ମଧ୍ୟ ବାରମ୍ବାର ସ୍ୱର ଉଠାଇଥିଲେ।

# ମୃତ ମୋଟର ଚାଳକଙ୍କ ସ୍ତ୍ରୀଙ୍କୁ ସହାୟତା

**ବାଲେଶ୍ୱର ଅଫିସ, ୧୯।୭**

ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ଇନ୍ଦ୍ରଜିତ୍ ବେହେରା (୩୨) ଗତ ୭ ତାରିଖରେ କରୋନାରେ ପ୍ରାଣ ହରାଇଥିଲେ। ସେ ଓଡ଼ିଶା ମୋଟର ଚାଳକ ସଂଘର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ପରେ ସଂଘ ପକ୍ଷରୁ ତାଙ୍କ ସ୍ତ୍ରୀ ପ୍ରଣାଳୀ ବେହେରାଙ୍କୁ ରାଜ୍ୟ କଲ୍ୟାଣ ପାଣ୍ଠିରୁ ୧୫ହଜାର ଟଙ୍କା ଏବଂ ନୀଳଗିରି, ଚାନ୍ଦିପୁର, ରେମୁଣା, ହଳଦୀପଦା ଶାଖା ସଦସ୍ୟଙ୍କଠାରୁ ସଂଗୃହୀତ ୮ହଜାର ୩ଶହ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସଂଘ ସଭାପତି ସନ୍ତୋଷ କୁମାର ପତିଙ୍କ ସମେତ କର୍ମକର୍ତ୍ତା ଶମ୍ଭୁନାଥ ମହାନ୍ତି, ଅଶୋକ ଚୌଧୁରୀ, ବିରେନ୍ଦ୍ର ମହାନ୍ତି, ସେକ୍ ହସରତ୍ ବକ୍ସ, ସେକ୍ ସରଫରାଜ ଅଲ୍ଲୀ ଓ ସନ୍ତୋଷ କୁମାର ସେନ୍ ପ୍ରମୁଖ ଉପସ୍ଥିତ ରହି ସହାୟତା ରାଶି ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

# ଚୋରି ଅଭିଯୋଗରେ ନାବାଳକଙ୍କୁ ବାନ୍ଧି ମାଡ଼

**ବାଲେଶ୍ୱର ଅଫିସ, ୧୯।୭**

ଏକ ବ୍ୟବସାୟିକ ସଙ୍ଗଠନର ଜେନେରେଟର ବ୍ୟାଟେରୀ ଚୋରି ଘଟଣାରେ ଜଣେ ନାବାଳକଙ୍କୁ ସୋମବାର ଅପରାହ୍ନରେ ବାଲେଶ୍ୱର ସହରର ଟାଉନ ଥାନା ଅଧୀନ ଚିଡ଼ିଆ ପୋଲ (ବିବେକାନନ୍ଦ ମାର୍ଗ) ଅଞ୍ଚଳର କେତେଜଣ ଲୋକ ଦଉଡିରେ ବାନ୍ଧି ମାଡ ମାରୁଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ

**ଭିଡିଓ ଭାଇରାଲ ପରେ ଉଦ୍ଧାର କଲା ପୋଲିସ**

ଭାଇରାଲ ହେବା ପରେ ଟାଉନ ଥାନା ପୋଲିସ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ଏନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାରୁ ପୋଲିସ ନାବାଳକଙ୍କୁ ଛାଡ଼ି ଦେଇଛି।

# ଠିକ୍ ସମୟରେ ମିଳୁନି ପ୍ରମାଣପତ୍ର

**ଖଇରା, ୧୯।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ତହସିଲ ଓ ଏହା ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ କମି ଚାଲିଛି। ସରକାର ବିଭିନ୍ନ ପ୍ରମାଣପତ୍ର ଇସ୍ୟୁ କରିବାକୁ ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରିଛନ୍ତି। ହେଲେ କର୍ମଚାରୀ ମରୁଡି ଯୋଗୁ ଫାଇଲ ଗୋଟିଏ ଟେବୁଲରୁ ଅନ୍ୟ ଏକ ଟେବୁଲକୁ ସ୍ଥାନାନ୍ତର ହେବାରେ ମାତ୍ରାଧିକ ବିଳମ୍ବ ଘଟୁଛି । ଯେଉଁଥିପାଇଁ ସାଧାରଣ ଲୋକଟିଏ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଦରକାର ହେଉଥିବା ପ୍ରମାଣପତ୍ର ପାଇବା ଆଶା ହରାଇ ବସୁଛି। ତୁରନ୍ତ ଜନସାଧାରଣଙ୍କ ସେବାକୁ ଦୃଷ୍ଟିରେ ରଖି ଖାଲି ପଡିଥିବା ପଦବୀ ପୂରଣ ପାଇଁ ୯ଟି ଆରଆଇ ସର୍କଲ ସାଉଁଣ୍ଡିଆ, ତୁଡିଗଡିଆ, ଗଣ୍ଡିବେଡ, ଖଇରା, କୁପାରୀ, ବର୍ତ୍ତନା, ଡୁଙ୍ଗୁରା, ସାନଜୟିପୁର, ଅନ୍ତରା ଅଧୀନରେ ଥିବା ଜନସାଧାରଣ ଦାବି କରିଛନ୍ତି। ସରକାରୀ ନିର୍ଦ୍ଦେଶନାମାକୁ




ଦୃଷ୍ଟି ପକାଇଲେ ଜାତିଗତ ପ୍ରମାଣପତ୍ର ପାଇଁ ଆବେଦନ ତାରିଖରୁ ୧୫ଦିନ, ବାସିନ୍ଦା ପାଇଁ ୧୦ଦିନ, ଆୟ ପାଇଁ ୧୦ଦିନ, ନାମଜାରୀ ପାଇଁ ୭ଦିନ, ଅଭିଭାବକତ୍ୱ ପାଇଁ ୩୦ଦିନ ମଧ୍ୟରେ ସେମାନଙ୍କୁ ପ୍ରଦାନ ପାଇଁ ସ୍ଥିର କରାଯାଇଛି । ଏଭଳିକି କୌଣସି କାରଣରୁ ଏହି ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହେଲେ ଉପଜିଲାପାଳ ଓ ଜିଲାପାଳଙ୍କ ଭଳି ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବାର ସୁବିଧା ସାଧାରଣ ଲୋକଙ୍କୁ ପ୍ରଦାନ

**ଖଇରା ତହସିଲରେ ବିଭିନ୍ନ ପଦବୀ ଖାଲି**

କରାଯାଇଛି। ବର୍ତ୍ତମାନ ଖଇରା ତହସିଲ ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ କର୍ମଚାରୀ ସଂଖ୍ୟାକୁ ଅନୁଧ୍ୟାନ କଲେ ମୋଟ ୧୪ ପିଅନ, ୨ ପ୍ରୋସେସ ସର୍ଭର, ୨ ଚେନମ୍ୟାନ, ଗୋଟିଏ ଚୌକିଦାର ପଦବୀ ଖାଲି ପଡିଛି । ପିଅନ ମରୁଡି ଯୋଗୁ ତହସିଲରୁ ପ୍ରମାଣପତ୍ର ନିର୍ଦ୍ଧାରିତ ସମୟରେ ପ୍ରଦାନ କରାଯିବା ଅଧିକାରୀଙ୍କ ପାଇଁ କାଠିକର ପାଠ ହୋଇପଡୁଛି । ଲକ୍‌ଡାଉନ ସମୟରେ ବାରମ୍ବାର ଲୋକେ ଖର୍ଚ୍ଚାନ୍ତ ହୋଇ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରିବାରେ ସାଧାରଣ ଲୋକ ଅତିଷ୍ଠ ହୋଇପଡୁଥିବା ନେଇ ବିସୁନପୁର ଗ୍ରାମର ସୂର୍ଯ୍ୟପ୍ରଭା ଲେଙ୍କା କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ଏଥପାଇଁ ଜିଲାପାଳ ଓ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦିଆସରିଥିବା କହିଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୦ ଜୁଲାଇ, ୨୦୨୧



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି,୧୯।୭(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର କୁନା ମୁଣ୍ଡା (୪୫)ଙ୍କ ରବିବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଅଳତିରି ଗଡ଼ାଣିରେ ଏକ ବିବାହ ଭୋଜି ଖାଇବାକୁ ଯାଉଥିବାବେଳେ ତାଙ୍କୁ ଏକ ବାଇକ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଏଏସ୍ଆଇ ନୃସିଂହଚରଣ ମହାନ୍ତି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପଞ୍ଚନାମା କରିବା ପରେ ଶବ ବ୍ୟବଚ୍ଛେଦ କରାଇଥିଲେ। ଏନେଇ ଏକ ମାମଲା ୨୦୮/୨୧ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଗୋଷ୍ଠୀ ସହାୟିକାଙ୍କ ଅସ୍ୱାଭାବିକ ମୃତ୍ୟୁ

**କୁଜଙ୍ଗ,୧୯।୭ (ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତରେ କାର୍ଯ୍ୟରତ ଜଣେ ଗୋଷ୍ଠୀ ସହାୟିକାଙ୍କ ସୋମବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ବନ୍ଧ ଗ୍ରାମର ଶିକ୍ଷକ ବ୍ରଜବନ୍ଧୁ ସେଣଙ୍କ ସ୍ତ୍ରୀ ନନ୍ଦିନୀ ପ୍ରଭା ସ୍ୱାଇଁ (୪୯)। ଝିଅକୁ କରୋନା ଟିକା ଦେବାକୁ ନନ୍ଦିନୀ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଟିକା ଦେବାପରେ ଝିଅକୁ ନେଇ କୁଜଙ୍ଗ ବଜାର ମେଲଣ ପଡ଼ିଆ ନିକଟ ଏକ ସାର ଦୋକାନରେ ଛିଡା ହୋଇଥିବା ବେଳେ ହଠାତ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନନ୍ଦୀନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଜମି ବିବାଦକୁ ନେଇ ଗଣ୍ଡଗୋଳ, ୩ ଗିରଫ

**ବରୀ,୧୯।୭(ଡି.ଏନ.ଏ.):** ବରୀ ରାମଚନ୍ଦ୍ରପୁର ଥାନା ଅଧୀନ କ୍ଷେମେଶ୍ୱର ଗ୍ରାମରେ ଜମି ବିବାଦକୁ ନେଇ ଦିଲ୍ଲୀପ ନାୟକ ଓ ପ୍ରଫୁଲ ନାୟକଙ୍କ ପରିବାର ସଦସ୍ୟଙ୍କ ମଧରେ ଗଣ୍ଡଗୋଳ ଘଟିଛି। ଦିଲ୍ଲୀପଙ୍କ ପରିବାର ସଦସ୍ୟଙ୍କ ଆକ୍ରମଣରେ ପ୍ରଫୁଲଙ୍କ ମାଆ ଉର୍ମିଳା ଓ ସ୍ତ୍ରୀ ସୁଷମା ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୁଷମାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୧୪୯/୨୧) ରୁଜୁ କରି ଦିଲ୍ଲୀପ ନାୟକ, ଶାନ୍ତିଲତା ନାୟକଙ୍କ ସମେତ ତାଙ୍କ ଝିଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଔଷଧ ଦୋକାନରୁ ଚୋରି

**ସିଂହପୁର,୧୯।୭(ଡି.ଏନ.ଏ.):** ବିଂଝାରପୁର ଥାନା ଅଧୀନ ସିଂହପୁର ବଜାରର ମନିଷ ମେଡିସିନ ଷ୍ଟୋରରୁ ରବିବାର ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ୨ ଯୁବକ ବିଳମ୍ବିତ ରାତିରେ ପଛପଟ କବାଟ ତାଡି ବେବି ଫୁଡ, ଡିସ୍ପ୍ଲେ ମେଶିନ, ଦାମୀ ଔଷଧ ସହିତ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ସିସିଟିଭି ଫୁଟେଜରେ ୨ ଯୁବକ ମୁହଁରେ କପଡା ବାନ୍ଧି ଚୋରି କରୁଥିବା ଦେଖିବାକୁ ମିଳିଛି।

# ଦକ୍ଷତା ଅନୁଯାୟୀ ମିଳୁନି କର୍ମନିଯୁକ୍ତି

**କେନ୍ଦ୍ରାପଡ଼ା ଅଫିସ, ୧୯।୭**

**ବିକଳ ସ୍ଥିତିରେ ପ୍ରବାସୀ**
- ଚଳଚଞ୍ଚଳ ହେଉନି ଏମ୍‌ଜିଏନ୍‌ଆରଇଜିଏସ୍, ଏମ୍‌ଏସ୍‌ଏମ୍‌ଇ

କେନ୍ଦ୍ରାପଡ଼ା ଜିଲାରେ କରୋନା ମହାମାରୀ ବେରୋଜଗାର ସମସ୍ୟାକୁ ଗୁରୁତର କରିଛି। ଶଟ୍‌ଡାଉନ ଓ ଲକ୍‌ଡାଉନ ଅବଧିକୁ କୋହଳ କରି ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ପାଇଁ ସରକାରଙ୍କ ସବୁ ପ୍ରୟାସ ସତ୍ତ୍ୱେ ପ୍ରବାସୀଙ୍କ କର୍ମନିଯୁକ୍ତି ଏବେ ବିକଳ ସ୍ଥିତିରେ ପହଞ୍ଚିଛି। ଦକ୍ଷତା ଅନୁଯାୟୀ ସେମାନଙ୍କୁ କର୍ମନିଯୁକ୍ତି ମିଳୁନାହିଁ। ବାହାର ରାଜ୍ୟରେ ଏବେ ସେହି ରାଜ୍ୟର ଲୋକଙ୍କୁ ଅଗ୍ରାଧିକାର ଦିଆଯାଉଛି। ଅପରପକ୍ଷରେ ରାଜ୍ୟ ଓ କେନ୍ଦ୍ର ସରକାର ଦକ୍ଷତାକୁ ମାପି କର୍ମନିଯୁକ୍ତି ଓ କ୍ଷୁଦ୍ର ଶିଳ୍ପରେ ଅଧିକ ନିଯୁକ୍ତି ପାଇଁ ଘୋଷଣା କରିଥିଲେ। ତେବେ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଓ କ୍ଷୁଦ୍ର ଶିଳ୍ପ ପାଇଁ ପ୍ରୋତ୍ସାହନ କ୍ଷେତ୍ର ଚଳଚଞ୍ଚଳ ହେଉନାହିଁ। ଫଳରେ ଶ୍ରମଜୀବୀ ରୋଜଗାର ପନ୍ଥା ନେଇ ଏକ ଅଣନିଶ୍ୱାସୀ ପରିସ୍ଥିତିରେ ପଡିଛନ୍ତି ବୋଲି ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ପ୍ରକାଶ କରିଛନ୍ତି।

ବୁଦ୍ଧିଜୀବୀ ପ୍ରତାପ କୁମାର ତ୍ରିପାଠୀ କୁହନ୍ତି, ୨୦୨୦ ଏପ୍ରିଲରେ ଜିଲାରେ ସଂକ୍ରମଣ ଆରମ୍ଭ ହୋଇଥିଲା। ସାରା ଦେଶରେ ଲକ୍‌ଡାଉନ ହେବା ପରେ ଜୁନ୍‌ରୁ ଅଦ୍ୟାବଧି ପ୍ରାୟ ୩ ଲକ୍ଷ ପ୍ରବାସୀ ଜିଲାକୁ ଫେରିଥିଲେ। ଏହି ପ୍ରବାସୀ ଜିଲା ବାହାରେ ଶ୍ରମଜୀବୀ ଭାବେ କାର୍ଯ୍ୟ କରୁଥିବା ବେଳେ ସଂକ୍ରମଣ ସମସ୍ୟା ଯୋଗୁ ଶିଳ୍ପ ଓ ଅନ୍ୟାନ୍ୟ ରୋଜଗାର କ୍ଷେତ୍ର ବନ୍ଦ ହୋଇଯାଇଛ। ଇତିମଧ୍ୟରେ କେତେକ ରାଜ୍ୟରେ ତାଲାବନ୍ଦ ସମସ୍ୟା ସମ୍ୟକ ହଟିଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ କର୍ମନିଯୁକ୍ତିକୁ ସମ୍ପୃକ୍ତ ରାଜ୍ୟ ଗୁରୁତ୍ୱ ଦେଇଛି। ଫଳରେ କୁଶଳୀ କାରିଗର ଜିଲା ବାହାରକୁ ଯାଇ କର୍ମନିଯୁକ୍ତି ପାଇବା ଆଶା କ୍ଷୀଣ ହୋଇଛି। ଦକ୍ଷତା ମାପି କର୍ମ ନିଯୁକ୍ତି ଦେବା ପାଇଁ ସରକାରଙ୍କ ଘୋଷଣା କାଗଜପତ୍ରରେ ସୀମିତ ରହିଛି। କେନ୍ଦ୍ର ସରକାର ଏ ନେଇ ଅର୍ଥ ବ୍ୟୟ ବରାଦ ସତ୍ତ୍ୱେ ଓଡ଼ିଶାରେ ଭିତ୍ତିଭୂମି ନ ଥିବାରୁ କୁଶଳୀ କାରିଗରଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ମଧ୍ୟମ ଓ ବୃହତ ଶିଳ୍ପ ନାହିଁ। ବିଗତ ଦଶନ୍ଧିରେ ୨୦୦ରୁ ଅଧିକ କ୍ଷୁଦ୍ର ଓ କୁଟୀର ଶିଳ୍ପ ଥିବା ବେଳେ ଏହା ଏବେ ୧୦୦ ମଧ୍ୟରେ ଅଛି। ପ୍ରବାସୀଙ୍କ ପାଇଁ କୃଷି ଏକମାତ୍ର ବିକଳ୍ପ ଭାବେ ରହିଛି। ତେବେ ଅର୍ଥକାରୀ ଫସଲ ପାଇଁ ପ୍ରୋତ୍ସାହନ ଓ ତାଲିମ ପ୍ରଦାନ ଏଠାରେ ନାହିଁ। ବ୍ୟାଙ୍କ ଋଣ ଏବେ ସମସ୍ୟା ହୋଇଛି। ସେହିପରି ବଜାର ମଣ୍ଡି ଅଭାବ ଫଳରେ ଅଭାବୀ ବିକ୍ରି ହେଉଛି। ଚାଷ ପାଇଁ ପ୍ରବାସୀ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ଦେଢ଼ ବର୍ଷ ମଧ୍ୟରେ ବହୁ ପ୍ରବାସୀଙ୍କୁ କୃଷି ଅର୍ଥନୀତି ପରିବାର ଭରଣପୋଷଣ ପାଇଁ ଭରସାଯୋଗ୍ୟ ହୋଇନାହିଁ। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ କହିଛନ୍ତି, ପ୍ରବାସୀ ଶ୍ରମଜୀବୀଙ୍କ କର୍ମ ନିଯୁକ୍ତିର ସମାଧାନ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌କୁ ଗୁରୁତ୍ୱ ଦିଆଯାଇଛି। ତେବେ ଜିଲାରେ ପ୍ରଶାସନିକ ଅବହେଳା ଏହାର ବାଧକ ସାଜିଛି। ଜିଲାରେ ମୋଟ ୩,୦୯,୮୮୩ ପରିବାର ଜବକାର୍ଡ ହୋଲଡର ଅଛନ୍ତି। ଏହି ଯୋଜନାରେ ଜିଲାର ୨୨,୦୮୬ ପ୍ରକଳ୍ପ ଆରମ୍ଭ ହୋଇ ନ ଥିବା ବେଳେ ୨୦,୩୯୭ଟି ପ୍ରକଳ୍ପ ଆରମ୍ଭ ହୋଇଥିବା ଦର୍ଶାଯାଉଛି। ସେହିପରି ଚଳିତ ଆର୍ଥିକ ବର୍ଷରୁ ସାଢ଼େ ୩ ମାସ ବିତି ଯାଇଥିଲେ ମଧ୍ୟ ମାତ୍ର ୨୧୦୯ଟି ପ୍ରକଳ୍ପ ସରିଛି। ସେହିପରି ଏହି ସମୟ ଅବଧି ମଧ୍ୟରେ ଜିଲାରେ ମାତ୍ର ୮୯ଟି ପରିବାରଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ଏ ସମ୍ପର୍କରେ ଏଡିଏମ୍ ଦୁର୍ଗା ମହାରଣା କହିଛନ୍ତି, କରୋନା ସଂକ୍ରମଣ ଜିଲାର ଆର୍ଥିକ ପ୍ରଗତି ଉପରେ ବାଧକ ସାଜିଛି। ତେବେ ଶ୍ରମଜୀବୀଙ୍କ କର୍ମ ନିଯୁକ୍ତି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏମଜିଏନ୍‌ଆରଇଜିଏସ୍‌ରେ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୃଷି ଓ କ୍ଷୁଦ୍ର ଶିଳ୍ପର ପ୍ରୋତ୍ସାହନ ପାଇଁ ଋଣ ସହ ରିହାତି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି।

# ମୌଳିକ ସମସ୍ୟାର ସମାଧାନଠୁ ସରକାର ଦୂରରେ



ମହାସଂଘର ଜିଲାସ୍ତରୀୟ ବୈଠକରେ ଉପସ୍ଥିତ ସଦସ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୯।୭**

**ମଧ୍ୟବିତ୍ତ ପରିବାର ମହାସଂଘର ଜିଲାସ୍ତରୀୟ ବୈଠକ**

ଧନୀ ଓ ଗରିବଙ୍କ ମଝିରେ ମଧ୍ୟବିତ୍ତ ପରିବାର ଚାପି ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଧନୀ ଓ ଗରିବ ପରି ଦୁଇ ବର୍ଗଙ୍କୁ ପ୍ରୋତ୍ସାହିତ କରୁଥିବା ବେଳେ ସମସ୍ତ ଟିକସ ଦେଇ ମଧ ମଧ୍ୟବିତ୍ତ ପରିବାରର ମୌଳିକ ସମସ୍ୟା ସମାଧାନ ହେଉନାହିଁ। ମଧ୍ୟବିତ ପରିବାରର ଆତ୍ମ ସମ୍ମାନ ଏବେ ଜୀବନ ଧାରଣ ପାଇଁ ବେକରେ କଣ୍ଠାହାର ସଦୃଶ ହେଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଏମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର କେନ୍ଦ୍ରାପଡ଼ା ଜିଲାସ୍ତରୀୟ ବୈଠକରେ ନେତାମାନେ ମତ ଦେଇଛନ୍ତି। ସହରର ତିନିମୁହାଣୀଠାରେ ମହାସଂଘର ଜିଲାସ୍ତରୀୟ ବୈଠକ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ନିରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହାସଂଘର ସଭାପତି ପ୍ରଦୀପ ମିଶ୍ର, ସମ୍ପାଦକ ହରେକୃଷ୍ଣ ପାତ୍ର, କର୍ମକର୍ତ୍ତା ରୀନାରାଣି ପରିଡା, ସନ୍ତୋଷ ସ୍ୱାଇଁ, ସାଗର କୁମାର ଜେନା, ପ୍ରତାପ କୁମାର ମହାନ୍ତି, ଆଳୟ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ଶିଳ୍ପ ଓ ଅନ୍ୟାନ୍ୟ ବୃହତ କ୍ଷେତ୍ର ପାଇଁ ଧନୀକ ଶ୍ରେଣୀଙ୍କୁ କରୋନା ମହାମାରୀରୁ ବର୍ତ୍ତିବା ପାଇଁ ସରକାର ଅର୍ଥ ପ୍ରୋତ୍ସାହନ ରାଶି ଘୋଷଣା କଲେ। ସେହିପରି ତୃଣମୂଳସ୍ତରରେ ଥିବା ଗରିବ ଶ୍ରେଣୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନା ସହ ଅନ୍ୟ କେତେକ ଯୋଜନାରେ ସାମିଲ କରାଗଲା। ତେବେ ଏହି ମହାମାରୀରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟବିତ୍ତ ପରିବାର ଉପରୋକ୍ତ ଦୁଇ ଶ୍ରେଣୀରେ ନ ଥିବାରୁ ସରକାରୀ ପ୍ରୋତ୍ସାହନରୁ ବଞ୍ଚିତ ହେଲେ। ଯାହା ରାଷ୍ଟ୍ରହିତରେ ନୁହେଁ ବୋଲି ସେମାନେ ପ୍ରକାଶ କରିଥିଲେ। ଏଥିସହ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ସଂଖ୍ୟା ନିର୍ଦ୍ଧାରଣ, କମିଶନ ଗଠନ, ବିକାଶ ଯୋଜନାରେ ଆୟ ସୁନିଶ୍ଚିତ କରିବା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ଆଦି ୧୨ଟି ବିଷୟକୁ ଅଗ୍ରାଧିକାର ଦେବାକୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଏହାକୁ ସୁବ୍ରତ ରାଉତ, ସମ୍ପଦ ସ୍ୱାଇଁଙ୍କ ସମେତ ମହାସଂଘର ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଗଣଧାରଣା


ନାଉଗାଁ ବ୍ଲକ କାର୍ଯ୍ୟାଳୟ ଆଗରେ ଜବ୍‌କାର୍ଡଧାରୀ ଧାରଣାରେ ବସିଛନ୍ତି।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଘଟଣା**

**ନାଉଗାଁ,୧୯।୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତର ବିଭିନ୍ନ ୱାର୍ଡରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଛି। ଏଭଳି ଅଭିଯୋଗ କରି ୧୦ ଓ ୧୧ ନଂ ୱାର୍ଡର ଜବ୍‌କାର୍ଡଧାରୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗତ ୨୧ ଜୁନ୍ ଓ ୨୯ ଜୁନ୍‌ରେ ଗଣଧାରଣା ଦେଇଥିଲେ। ଏସଂକ୍ରାନ୍ତରେ ୭ ଦଫା ଦାବିପତ୍ର ବିଡିଓ ରଶ୍ମିରେଖା ମଳିକଙ୍କୁ ପ୍ରଦାନ କରିଥିଲେ। ମାତ୍ର ଏନେଇ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ପ୍ରତିବାଦରେ ସୋମବାର ଜବ୍‌କାର୍ଡଧାରୀମାନେ ପୁନର୍ବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି।

ବହୁଜନ ଛାତ୍ର ଓ ଯୁବ ସାମୁଖ୍ୟ ରାଜ୍ୟ ସଂଯୋଜକ ଅନିଲ କୁମାର ମଳିକ ଏହାକୁ ସମର୍ଥକ ଜଣାଇ ଧାରଣାରେ ବସିଛନ୍ତି। ଘୋଡାଂଶ, ଜାମୁଗାଁ ଓ ବାଇଶ ପଞ୍ଚାୟତରେ ମଧ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଛି ବୋଲି ମଳିକ କହିଛନ୍ତି।

ଧାରଣାକାରୀଙ୍କ ଅଭିଯୋଗ ଅନୁଯାୟୀ, ବାଂଶପଞ୍ଚାୟତର ବିଭିନ୍ନ ୱାର୍ଡରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଛି। ୮ ନଂ. ୱାର୍ଡରେ ଖୋଳା ଯାଇଥିବା ପୋଖରୀ ଓ ୪ ନଂ. ୱାର୍ଡରେ କାଣିଆ ନଈ କାର୍ଯ୍ୟ ମେଶିନ ମାଧ୍ୟମରେ କରାଯାଇଛି। ୧୦ ନଂ. ୱାର୍ଡରେ ହୋଇଥିବା ଅଙ୍ଗନୱାଡି କାର୍ଯ୍ୟ ଜବ୍‌କାର୍ଡଧାରୀଙ୍କ ଜବ୍‌କାର୍ଡ ଦ୍ୱାରା ହୋଇଥିଲା। ମାର୍ଚ୍ଚ ମାସରେ ଉକ୍ତ କାର୍ଯ୍ୟ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ ପାରିଶ୍ରମିକ ମିଳୁନାହିଁ। ଅପରପକ୍ଷେ ଜବ୍‌କାର୍ଡକୁ ପଞ୍ଚାୟତର ଜିଆରଏସ୍ ବଳପୂର୍ବକ ପାଖରେ ରଖିଛନ୍ତି। ଏଠାରେ ଅନେକ ଜବ୍‌କାର୍ଡଧାରୀ କାର୍ଯ୍ୟ ନ କରି ୧୦୦ ଦିନର ମଜୁରି ପାଇଛନ୍ତି। ଏହି ଘଟଣାରେ ବ୍ଲକ କାର୍ଯ୍ୟାଳୟ ଅନ୍ୟ କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ବୋଲି ଧାରଣାକାରୀ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଅନ୍ୟାନ୍ୟ ପଞ୍ଚାୟତରେ ମଧ ହୋଇଥିବା ଅନିୟମିତତା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସେମାନେ କହିଛନ୍ତି। ଏସବୁ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରି ସମୀର ସ୍ୱାଇଁ, ବାଦଲ ଭୋଇ, ଉଲ୍ଲାସ ଭୋଇ, ସୁମିତ୍ରା କାଣ୍ଡି, ସନ୍ତୋଷୀ ଭୋଇ ଓ ଲକ୍ଷ୍ମୀ ଭୋଇ ପ୍ରମୁଖ ଧାରଣାରେ ବସିଥିଲେ।

# ଯାଜପୁରରୋଡ଼ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

**ଯାଜପୁର ଅଫିସ,୧୯।୭**

**ନାଗରିକ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ**

ଯାଜପୁର ଜିଲା ଯାଜପୁର ରୋଡ୍ ନିକଟସ୍ଥ ବ୍ରାହ୍ମଣୀ ଦେବୀର ଇଟାପୁର ମୌଜାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ୨୩ କୋଟି ୩୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ବ୍ୟାସନଗର ନାଗରିକ କମିଟି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି। ସାତବର୍ଷ ତଳେ କମିଟି ପକ୍ଷରୁ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗଣଧାରଣା ଓ ଆନ୍ଦୋଳନ ହୋଇଥିଲା। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ସ୍ମାରକ ପତ୍ର ଦେବା ସହ ବାରମ୍ବାର ସାକ୍ଷାତ ଆଲୋଚନା କରି ଦାବି ଉପସ୍ଥାପିତ କରିଥିଲେ। ଏ ଦିଗରେ ତତ୍‌କାଳୀନ ବିଧାୟକ ଆକାଶ ଦାସ ନାୟକ ଓ ଏମ୍‌ପି ରୀତା ତରାଇଙ୍କ ସହଯୋଗରେ ଏ ଶିକ୍ଷାନୁଷ୍ଠାନରେ ଜିଲାର ୨ୟ କେନ୍ଦ୍ରୀୟ ବିଦ୍ୟାଳୟ ରୂପେ ପାଠପଢ଼ା ଆରମ୍ଭ ହୋଇଥିଲା। ଏହି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ରାଜ୍ୟ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି କ୍ରମେ ଜମି ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯାଇ କେନ୍ଦ୍ରୀୟ ମାନବ ସମ୍ବଳ ମନ୍ତ୍ରାଳୟକୁ ମାତ୍ର ଏକ ଟଙ୍କା ବିନିମୟରେ ଦଶ ଏକରରୁ ଊର୍ଦ୍ଧ୍ୱ ଜମି ହସ୍ତାନ୍ତର ହୋଇଥିଲା। ମଞ୍ଜୁର ଅର୍ଥରେ ବିଦ୍ୟାଳୟର ପାଚେରି ନିର୍ମାଣ, ୩୦୦ ଆସନ ବିଶିଷ୍ଟ ସଭାଗୃହ ଓ ୯ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ସହ ସ୍କୁଲ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ନ୍ୟାଶନାଲ୍ ପ୍ରୋଜେକ୍ଟ କନଷ୍ଟ୍ରକଶନ ନାମକ ନିର୍ମାଣ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି।

## ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

**ଧର୍ମଶାଳା,୧୯।୭(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ସୁଭଦ୍ରାପୁର ମୁଣ୍ଡାସାହିରେ ଏକ ଦୁଃଖଦ ଘଟଣା ଘଟିଛି। ମୁଣ୍ଡା ସାହିରେ ରହୁଥିବା ରବି ପିଙ୍ଗୁଆ ଗତ ୯ ତାରିଖରେ ସ୍ତ୍ରୀ କୋଇଲି ଟୁଡୁଙ୍କୁ କୌଣସି କାରଣରୁ ପିଟିଥିଲେ। ଏଥିରେ କୋଇଲି ଗୁରୁତର ଆହତ ହୋଇଥିଲେ। ହେଲେ ରବି ତାଙ୍କୁ ଡାକ୍ତରଖାନା ନ ନେଇ ଘରେ ପକାଇ ରଖିଥିଲେ। ରବିବାର ଅପରାହ୍ନରେ କୋଇଲିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିଥିଲା। ପଡୋଶୀମାନେ କୋଇଲିଙ୍କୁ ଡାକ୍ତରଖାନା ନେବାକୁ ରବିଙ୍କୁ କହିଥିଲେ। ଶେଷରେ ସେ ତାଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରବି କୋଇଲିଙ୍କ ମୃତଦେହକୁ ନେଇ ଘରକୁ ଚାଲି ଆସିଥିଲେ। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ଏ ସଂକ୍ରାନ୍ତରେ ଧର୍ମଶାଳା ଥାନାକୁ ଖବର ଦେଇଥିଲେ। ଧର୍ମଶାଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଛି। କୋଇଲିଙ୍କ ମାଆ ଓ ଭଉଣୀ ଥାନାରେ ପହଞ୍ଚି ଜ୍ୱାଇଁ ରବି ତାଙ୍କ ଝିଅକୁ ପିଟି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୮୦/୨୧) ରୁଜୁ କରି ରବି ପିଙ୍ଗୁଆଙ୍କୁ ସୋମବାର ଗିରଫ କରିଛି।

# ୭୫ ଟଙ୍କାରେ ପେଟ୍ରୋଲ ବିକ୍ରି


ନାଉଗାଁ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ନିକଟରେ ପେଟ୍ରୋଲ ବିକ୍ରି କରାଯାଉଛି।

**ନାଉଗାଁ/ରାଜନଗର, ୧୯।୭(ସ୍ୱ.ପ୍ର./ଡି.ଏନ.ଏ.)**

ନାଉଗାଁ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ନିକଟରେ ସୋମବବାର ଛାତ୍ର କଂଗ୍ରେସ ପକ୍ଷରୁ ୭୫ ଟଙ୍କାରେ ପେଟ୍ରୋଲ ବିକ୍ରି କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ଉପସଭାପତି ପ୍ରିତମ ପରିଜାଙ୍କ ନେତୃତ୍ୱରେ ଛାତ୍ର ଓ ଯୁବ କଂଗ୍ରେସର କର୍ମୀମାନେ ଏକତ୍ର ହୋଇ ଏହାକୁ ବିକ୍ରି କରିଥିଲେ। ପେଟ୍ରୋଲ ନେବା ପାଇଁ ବିକ୍ରିୟ କେନ୍ଦ୍ର ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ତୈଳ ଦର କମାଇବାକୁ ସରକାର କୌଣସି ପଦକ୍ଷେପ ନେଉ ନ ଥବା ବେଳେ ବ୍ଲକ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏହି ବିକ୍ରିୟ କାର୍ଯ୍ୟରେ ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ତ୍ରିପାଠୀ, ସଭାପତି ସ୍ମୃତିରଞ୍ଜନ ଜେନା, ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ବିଚିତ୍ରା ନନ୍ଦ ଲେଙ୍କା, ରାଜେଶ ପୁହାଣ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ପେଟ୍ରୋଲ ପମ୍ପ ସମ୍ମୁଖରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ବାହାରି ପେଟ୍ରୋଲ ପମ୍ପ ସମ୍ମୁଖରେ ପହଞ୍ଚିଥିଲେ। ମୂଲ୍ୟ ବୃଦ୍ଧିକୁ ବିରୋଧ କରି ସାଧାରଣ ଲୋକଙ୍କଠାରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ସମିତିସଭ୍ୟ ସନ୍ତୋଷ କୁମାର ମହାନ୍ତି, କଂଗ୍ରେସ ନେତା ଅଶୋକ ବଳ, ରଞ୍ଜନ କୁମାର ମହାନ୍ତି, ମୋହନ ଦାସ, ଦିଲୀପ କୁମାର ସିଂ, ଅମର ସୂତାର, ରଞ୍ଜନ କୁମାର ପାତ୍ର ପ୍ରମୁଖ କଂଗ୍ରେସ କର୍ମୀମାନେ ସାମିଲ ହୋଇଥିଲେ।

# ଫାଜିଲପୁର ଗାଁରେ ବିଜେଡିର ମିଶ୍ରଣ ପର୍ବ

**ରାଜକନିକା, ୧୯।୭ (ଡି.ଏନ.ଏ.)**

ରାଜକନିକା ବ୍ଲକ ଅଧୀନ ପଣସଗଣ୍ଡ ପଞ୍ଚାୟତର ଫାଜିଲପୁର ଗାଁରେ ରବିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆଳି ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ସମିତିସଭ୍ୟ ଭରତ ଚନ୍ଦ୍ର ମହାପାତ୍ର, ଅବଦୁଲପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସାରଙ୍ଗଧର ସାହୁ, ରାଜକନିକା ପଞ୍ଚାୟତ ସମିତିସଭ୍ୟ ଅରୁଣ କୁମାର ଦାସ, ଅଶୋକ ବେହେରା ଓ ଆନନ୍ଦ ଚନ୍ଦ୍ର ପାଣ୍ଡବ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗାଁର ସୁକାନ୍ତ ରାଉତ, ସୁବାସ ରାଉତ, ରମେଶ ରାଉତ, ସୋମନାଥ ରାଉତ, ରଞ୍ଜିତ ରାଉତ, ବିଜୟ କୁମାର ଦାସ ପ୍ରମୁଖ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ଏହିଅବସରରେ ସେମାନଙ୍କୁ ଗାମୁଛା ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା। ସଭାରେ ଫାଜିଲପୁର ଗ୍ରାମବାସୀ ଉପସ୍ଥିତ ରହିଥିଲେ।



# ଜେଜେମା'ଙ୍କ କାନ୍ଧରେ ୩ ନାତି, ନାତୁଣୀଙ୍କ ବୋଝ

**ରସୁଲପୁର,୧୯।୭(ଡି.ଏନ.ଏ.)**

**ଆରପାରିକୁ ଚାଲିଗଲେ ମା, ବାପା**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଗ୍ରାମର ଦିନ ମଜୁରିଆ ଚନ୍ଦ୍ରଶେଖର ମଲିକଙ୍କ ପରିବାର ଉଜୁଡି ଯାଇଛି। ତାଙ୍କ ୩ ସନ୍ତାନ ଏବେ ଅନାଥ ହୋଇଯାଇଛନ୍ତି। ସ୍ତ୍ରୀ ସନ୍ଧ୍ୟାରାଣୀ ଗତ ୨ବର୍ଷ ତଳେ କୌଣସି ଅଜଣା ରୋଗରେ ଆଖି ବୁଜିଥିଲେ। ଶନିବାର ଚନ୍ଦ୍ରଶେଖର ଆତ୍ମହତ୍ୟା କରିଛନ୍ତି। ଋଣଭାର ଅସହ୍ୟ ହେବାରୁ ସେ ଏପରି ଦୁଃଖଦ ପଦକ୍ଷେପ ନେଇଛନ୍ତି ବୋଲି ପରିବାର ଲୋକେ କହିଛନ୍ତି। ଏପରି ପରିସ୍ଥିତିରେ ୨ ନାତି ଓ ଗୋଟିଏ ନାତୁଣୀଙ୍କ ବୋଝ ଏବେ ଜେଜେ ମା' ମେନକାଙ୍କ କାନ୍ଧରେ ପଡ଼ିଛି। ବୟସର ଅପରାହ୍ନରେ ନଇଁ ପଡ଼ିଥିବା ମେନକାଙ୍କ ପାଇଁ ଏହି ପିଲାଙ୍କ ଦାୟିତ୍ୱ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ସେହି ପିଲାମାନଙ୍କ ଦାୟିତ୍ୱ ସରକାର ଗ୍ରହଣ କରନ୍ତୁ। ପୁଅର ଶୁଦ୍ଧିକ୍ରିୟା ସମ୍ପନ୍ନ ପାଇଁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମେନକା ଦାବି କରିଛନ୍ତି। ଚନ୍ଦ୍ରଶେଖର ଜଣେ ଦିନ ମଜୁରିଆ ଭାବେ ବିଭିନ୍ନ ସ୍ଥାନରେ ବୁଲି କାମଧନ୍ଦା କରି ପରିବାର ପ୍ରତିପୋଷଣ କରନ୍ତି। ୨ବର୍ଷ ପୂର୍ବେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଗଲା। କୌଣସି ଅଜଣା ରୋଗରେ ସେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲା। ମାତ୍ର ତାଙ୍କର ଚିକିତ୍ସା ପାଇଁ ନାନା ସ୍ଥାନରୁ ଟଙ୍କା ଧାରକରଜ କରିଥିଲେ। ବହୁ ଚେଷ୍ଟା ସତ୍ତ୍ୱେ ସ୍ତ୍ରୀଙ୍କୁ ତ ବଞ୍ଚାଇ ପାରିଲେ ନାହିଁ। ହେଲେ କରୋନା କାଳରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ପୂର୍ବଭଳି କାମଧନ୍ଦା କରିବାକୁ ଯାଇ ପାରିଲେ ନାହିଁ। ଦୈନିକ ରୋଜଗାର କମି ଗଲା। କେବଳ ସରକାରୀ ସହାୟତା ଭାବେ ରାଶନ କାର୍ଡରେ ମିଳୁଥିବା ଚାଉଳ ଗଣ୍ଡାକରେ ପରିବାର ଚଳି ଆସୁଥିଲା। କାଁ ଭାଁ କାମଧନ୍ଦା କରିବାକୁ ଗଲେ ସେଥିରେ ତେଲଲୁଣରେ ଖର୍ଚ୍ଚ ଚଳି ଯାଉଥିଲା। ସ୍ୱଳ୍ପ ରୋଜଗାର ଯୋଗୁ ସ୍ତ୍ରୀର ଚିକିତ୍ସା ପାଇଁ କରଜ କରିଥିବା ଟଙ୍କା ଶୁଝିପାରିଲେ ନାହିଁ। ଆଉ ସେ ଟଙ୍କାକୁ କେମିତି ଶୁଝିବେ ସ୍ତ୍ରୀ ଛାଡ଼ି ଚାଲିଯିବା ପରଠାରୁ ସେହି ଚିନ୍ତା ତାଙ୍କୁ ଘାରିଥିଲା। ଏପରି କି କରଜକୁ ନେଇ ଅଧିକାଂଶ ସମୟ ସେ ମାନସିକ ଅବସାଦ ମଧ୍ୟରେ ରହୁଥିଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟାର ବାଟକୁ ଆପଣେଇ ନେଲେ। ମା,ବାପା ଉଭୟ ଆରପାରିକୁ ଚାଲିଗଲା ପରେ ସେମାନଙ୍କ ବଡ଼ ପୁଅ ସତ୍ୟ (୧୧), ମଝିଆ ପୁଅ ପ୍ରକାଶ (୬), ସାନଝିଅ ଅର୍ଚ୍ଚନା (୪) ଏବେ ବେସାହାରା ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ପୁଅ ଓଡ଼ଙ୍ଗ ସରକାରୀ ବିଦ୍ୟାଳୟରେ ପାଠପଢୁଛନ୍ତି। ଅର୍ଚ୍ଚନା ଜେଜେ ମା'କୋଳକୁ ନିଜ ମା' କୋଳ ଭାବି ଆଦରି ନେଇଛି।

ଏପରି ସ୍ଥିତିରେ କେତେକ ସାମାଜିକ ସଙ୍ଗଠନ ତାଙ୍କୁ ସହାୟତା କରିବାକୁ ଆଗେଇ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଜିଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଅଂଶୁମାନ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ଉକ୍ତ ପରିବାରକୁ ୧୦,୦୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହାଛଡା କଳିଙ୍ଗ ଯୁବକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଉ ଯଦି କେହି ବଦାନ୍ୟ ବ୍ୟକ୍ତି ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିବାକୁ ଚାହୁଁଛନ୍ତି ତେବେ ସେମାନେ ଫୋନ୍ ନଂ.୯୦୪୦୩୪୧୩୪୭ ଓ ୯୬୫୮୦୦୫୮୦୧ରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।


ଜେଜେମା'ଙ୍କ ସହିତ ୩ ନାତି, ନାତୁଣୀ।

**ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ**

ଆର.ଉଦୟଗିରି,(ଡି.ଏନ.ଏ.): ଆର.ଉଦୟଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ତାଙ୍କରି ଗ୍ରାମର ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଏନେଇ ପୀଡିତାଙ୍କ ଭାଇ ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୯/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ବୁଗୁଡ଼ା,୧୯।୭(ଡି.ଏନ.ଏ.): ୫ ଦଫା ଦାବି ପୂରଣ କରିବା ପାଇଁ ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗରି ସଂଘ ବୁଗୁଡ଼ା ଶାଖା ତରଫରୁ ସୋମବାର ସ୍ଥାନୀୟ ବିଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ମହାମାରୀରେ ସମ୍ପୃକ୍ତ ସଂଘ ଅନ୍ତର୍ଗତ ଶ୍ରମିକମାନେ କୌଣସି କାମଧନ୍ଦା ନପାଇ ଅସୁବିଧାରେ ଚଳୁଛନ୍ତି। ତେଣୁ ସ୍ୱାବଲମ୍ବି କାରିଗର ଓ ପଞ୍ଚାଳକମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦେବା, ଏସ୍ଇଏମ୍‌ମାନଙ୍କୁ ପ୍ରତ୍ୟେକ ମାସରେ ନିୟମିତ ପାରିଶ୍ରମିକ ପ୍ରଦାନ ସହ ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା, ଏସ୍ଇଏମମାନଙ୍କ ଅକାଳ ମୃତ୍ୟୁରେ ପରିବାରକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ଆଦି ଦାବି ନେଇ ସଂଘର ସଭାପତି ଦେବରାଜ ଡାକୁଆ ଓ ସମ୍ପାଦକ ସନ୍ତୋଷ କୁମାର ପଣ୍ଡିତ ପ୍ରମୁଖ ବିଡିଓ ତନ୍ମୟ ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ମା' ରାମଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରବେଶ

ଶେରଗଡ଼,୧୯।୭(ଡି.ଏନ.ଏ.): ଶେରଗଡ଼ର ବହୁ ପ୍ରତିଷ୍ଠିତ ମା' ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ନୂତନ ମନ୍ଦିରକୁ ପ୍ରବେଶ କରାଯାଇଛି। ଦୁଇ ରାଜା ପୂର୍ଣ୍ଣଚନ୍ଦ୍ର ସିଂ ଦେଓ, ପ୍ରସନ୍ନକୁମାର ସିଂ ଦେଓଙ୍କ ପୌରୋହିତ୍ୟରେ ସୋମବାର ମା'ଙ୍କୁ ନୂତନ ମନ୍ଦିରର ସିଂହାସନରେ ବିରାଜମାନ କରାଯାଇଥିଲା। କିଛିବର୍ଷ ହେଲା ମା'ଙ୍କ ପୂଜାର୍ଚ୍ଚନା କ୍ଷେତ୍ରରେ ବାଧା ହେଉଥିବାରୁ ପୁରୁଣା ମନ୍ଦିରକୁ ଭଙ୍ଗାଯାଇଥିଲା। ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ସହାୟତା ରାଶି ପ୍ରଦାନ ପରେ ସ୍ୱର୍ଗତ ବାବୁଲା ଚୌଧୁରୀ ପ୍ରଚେଷ୍ଟାରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଠିକ ସମୟରେ ସରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ହୃଷିକେଶ ପାଢ଼ି, ସୋମନାଥ ସାହୁ, ସୀମାଞ୍ଚଳ ଦାଶ, ଶ୍ରିଦିପ ମହାପାତ୍ର, ଇ,ଚିନ୍ମୟ ପାତ୍ର,ସାନପିଲା ପାଢ଼ୀ ଉପସ୍ଥିତ ଥିଲେ।

### ଗୋପାଳ ସମାଜର କର୍ମକର୍ତ୍ତା ମନୋନୀତ

ପୁରୁଷୋତ୍ତମପୁର,୧୯।୭(ଡି.ଏନ.ଏ.): ଗଞ୍ଜାମ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜର ପୁରୁଷୋତ୍ତମପୁର ପଶ୍ଚିମ ମୁଠାର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛି। ଏଥିରେ ସଭାପତି ଭାବେ ପର୍ଶୁରାମ ଗୌଡ, ଉପ ସଭାପତି ଭାବେ ରମେଶ ଚନ୍ଦ୍ର ଗୌଡ, ସମ୍ପାଦକ ଅଶୋକ କୁମାର ମହାକୁଡ, ସହ ସମ୍ପାଦକ ଅରୁଣ କୁମାର ଗୌଡ଼, କୋଷାଧକ୍ଷ ଶଙ୍କର ଗୌଡ଼ ଓ ପତ୍ରବାହାକ ଭାବେ ସୁବାସ ମହାକୁଡଙ୍କୁ ମନୋନୀତ କରାଯାଇଛି। ଏହି କର୍ମକର୍ତ୍ତା ମନୋନୀତ ବୈଠକରେ ପଶ୍ଚିମ ମୁଠାର ୧୨୬ ଗୌଡ ସମ୍ପ୍ରଦାୟ ପରିବାରର ସଦସ୍ୟମାନେ ଯୋଗଦେଇ ଥିଲେ।

### ଘରୋଇ ବିଦ୍ୟାଳୟ ସଂଘର ବୈଠକ

ବେଗୁନିଆପଡ଼ା,୧୯।୭(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଘରୋଇ ବିଦ୍ୟାଳୟ ସଂଘର ବୈଠକ ସଭାପତି ଅଭୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘରୋଇ ବିଦ୍ୟାଳୟ ସଂଘର ସମ୍ପାଦକ ଅଶୋକ କୁମାର ସେନାପତି, କୋଷାଧକ୍ଷ କବିରାଜ ଜେନା, ସଭ୍ୟ ସନ୍ତୋଷ କୁମାର ନାୟକ, ସନ୍ତୋଷ କୁମାର ପାଢ଼ୀ, ବେଗୁନିଆପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ କେ.ଆନନ୍ଦ ରାଓ, ସଭାପତି ଏ.ଦନାର୍ଦ୍ଧନ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କରୋନା ଲାଗି ସୃଷ୍ଟି ହେବାଇଥିବା ବିଭିନ୍ନ ସମସ୍ୟା ସୁଧାର ନେଇ ଆଲୋଚନା ହୋଇଥିଲା। ଏଥିସହିତ ଆସନ୍ତା ୨୩ ତାରିଖରେ ବେଗୁନିଆପଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ୬ ଦଫା ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ୫ ସଚିବ, ରାଜ୍ୟପାଳ, ଗଞ୍ଜାମ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା।

### ଗଞ୍ଜେଇ ଜବତ, ଜଣେ ଗିରଫ

ପୋଲସରା,୧୯।୭(ଡି.ଏନ.ଏ.): ପୋଲସରା ଥାନା ପୋଲିସ ସୋମବାର ପାଟ୍ରୋଲିଂ କରିବା ସମୟରେ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ପୋଲସରା ମଠ ସାହିର ଗଙ୍ଗା ଜେନା। ତାଙ୍କଠାରୁ ୪୬.୪୦୦କିଗ୍ରା ଗଞ୍ଜେଇ ଜବତ ହୋଇଛି। ଏ ନେଇ ଥାନାରେ ନଂ.୨୪୮/୨୧ରେ ଏକ ମାମଲା ରୁଜୁ କରାଯାଇଛି। କଳମ୍ବ ରୋଡ଼ର କାକୁଡ଼ିଆ ଛକ ଓ ପଶ୍ଚିମ ଲଙ୍ଗଳେଶ୍ୱର ମନ୍ଦିର ମଧ୍ୟରେ ଗଙ୍ଗା ଗଞ୍ଜେଇ ନେଇ ଯାଉଥିବା ସମୟରେ ପୋଲିସ ହାବୁଡ଼ରେ ପଡିଥିଲେ। ତହସିଲଦାର ଦିଲୀପ କୁମାର ନାୟକଙ୍କ ଉପସ୍ଥିତିରେ ପୋଲିସ ଉକ୍ତ ଗଞ୍ଜେଇ ଜବତ କରାଯାଇଥିଲା। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

# ଉଠାଦୋକାନୀ ଥଇଥାନ ନ ହେଲେ ଆନ୍ଦୋଳନ

ଦାରିଙ୍ଗବାଡ଼ି,୧୯।୭(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ସିମନବାଡ଼ିଠାରେ ଜାତୀୟ ରାଜପଥ କଡ଼ରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଫଳରେ ଛୋଟ ଦୋକାନ କରିଥିବା ବ୍ୟବସାୟୀମାନେ ନିଜ ରୋଜଗାର ହରାଇଛନ୍ତି। ଅନ୍ୟତ୍ର ଥଇଥାନ ବ୍ୟବସ୍ଥା ନ କରି ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ଚାପା ଉତ୍ତେଜନା ଦେଖାଯାଇଛି । ଦୀର୍ଘବର୍ଷ ହେଲା ଉଠାଦୋକାନୀମାନେ ରାସ୍ତା କଡ଼ରେ ପନିପରିବା ଠାରୁ ଆରମ୍ଭ କରି ଚା' ଜଳଖିଆ ଦୋକାନ ଆଦି କରି ନିଜ ପରିବାର ଚଳାଉଥିଲେ। କରୋନା ଲାଗି ବ୍ୟବସାୟ ବନ୍ଦ ରହିଥିବାରୁ କ୍ଷତି ସହିଥିବା ବ୍ୟବସାୟୀଙ୍କୁ ପ୍ରଶାସନ ଏଭଳି ଭାବେ ହଟାଇବା ଘଟଣା ସେମାନଙ୍କୁ ନିରାଶ କରିଛି। ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ଜବରଦଖଲ ଉଚ୍ଛେଦ କରିଛି। ସନ୍ଧ୍ୟାରେ ଉଠାଦୋକାନୀମାନେ ପୁଣି ପ୍ରଶାସନ ନିକଟରେ ଥଇଥାନ ପାଇଁ ଦାବି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଶାସନ ନ ଶୁଣିଲେ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତି ଚାଲିଛି।



ଜବରଦଖଲ ଉଚ୍ଛେଦ କରାଯାଉଛି।

ପ୍ରକାଶ ଯେ , ଗୋପାଳପୁରଠାରୁ ରାଇପୁରକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଚାଲିଛି । ଏଥିପାଇଁ ପୂର୍ବରୁ ଉଠାଦୋକାନୀଙ୍କୁ ରାସ୍ତା କଡରୁ ହଟିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୋକାନୀମାନେ ଦୋକାନ ଉଠାଇ ଦେଇଥିଲେ। ଏବେ ପୁଣି ରାସ୍ତାର ଦୁଇ ପାଖ ଡ୍ରେନ କାର୍ଯ୍ୟ ଶେଷ ହେବା ପରେ ସେମାନେ ପୁଣି ଦୋକାନ ଖୋଲିବା ଆରମ୍ଭ କରିଥିଲେ। ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାରୁ ପ୍ରଶାସନ ପକ୍ଷରୁ ସମସ୍ତ ଉଠାଦୋକାନୀଙ୍କୁ ନୋଟିସ ଜାରି ଉଚ୍ଛେଦ କରାଯାଇଛି। ବ୍ୟବସାୟୀଙ୍କୁ ସ୍ଥାୟୀ ଥଇଥାନ କରାଯିବା ପାଇଁ ସିମନବାଡ଼ିର ଉଠାଦୋକାନୀ ମାନେ ଦାବି କରିଛନ୍ତି।



ସତ୍ୟଙ୍କ ଦ୍ୱାରା ନିର୍ମିତ ରଥ।

# ଗୋଟିଏ ରଥରେ ୩ ଠାକୁର

ବ୍ରହ୍ମପୁର ଅଫିସ,୧୯।୭

ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ସୋମବାର ଏକ ନିଆରା କଳାକୃତି ପ୍ରସ୍ତୁତ କରିଛନ୍ତି। ସେ କାଠ ଓ କପଡା ମାଧ୍ୟମରେ ୯ ଇଞ୍ଚ ଉଚ୍ଚତା ଓ ୫ ଇଞ୍ଚ ଓସାର ବିଶିଷ୍ଟ ରଥ ନିର୍ମାଣ କରିଛନ୍ତି। ଯେଉଁ ରଥର ୪ଟି ଦ୍ୱାରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରହିଛନ୍ତି। ରଥର ୩ଟି ଯାକ ପାର୍ଶ୍ୱ ଅବିକଳ ନନ୍ଦିଘୋଷ, ଦର୍ପଦଳନ ଓ ତାଳଧ୍ୱଜ ସଦୃଶ୍ୟ ରହିଛି। ଏହି ରଥରେ ଚକ, ଘୋଡା, ଓଲଟା ସୁଆ, ଦଧିନଉତି ଓ ପତିତପାବନ ରହିଛି। ଏହାକୁ ନିର୍ମାଣ କରିବାକୁ ତାଙ୍କୁ ୩ ଦିନ ସମୟ ଲାଗିଥିବା ସେ କହିଛନ୍ତି। ଏଥିପୂର୍ବରୁ ସତ୍ୟ ୨ମି.ମି.ର ଜଗନ୍ନାଥ ପ୍ରତିମୂର୍ତ୍ତି ନିର୍ମାଣ କରି ରେକର୍ଡ ହାସଲ କରିଛନ୍ତି।

# ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୩ ଗିରଫ

## ଖଣ୍ଡା ଓ ଲୁହା ଛଡ଼ ଜବତ

ବ୍ରହ୍ମପୁର ଅଫିସ,୧୯।୭

ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷ ମାମଲାରେ ବ୍ରହ୍ମପୁର ବଡ଼ବଜାର ପୋଲିସ ୨ଟି ମାମଲା ରୁଜୁ କରିଛି। ଉଭୟ ଗୋଷ୍ଠୀର ୩ ଜଣ ଯୁବକଙ୍କୁ ଗିରଫ କରିଛି। ମାମଲା ନଂ.୧୪୨/୨୧ରେ ଗୋଟିଏ ଗୋଷ୍ଠୀର ସୀମା ନାୟକ ଓ ତାଙ୍କ ଭାଇ ସୂର୍ଯ୍ୟନାରାୟଣ ନାୟକ (୨୦) ଗିରଫ ହୋଇଛନ୍ତି। ସେହିପରି ନଂ.୧୪୩/୨୧ରେ ଅନ୍ୟ ଏକ ଗୋଷ୍ଠୀର କେଣ୍ଡେଲ ଓରଫ ଭି.ଆଶିଷ (୨୦) ଗିରଫ ହୋଇଛନ୍ତି। ସୋମବାର ଉକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ଆଶିଷଙ୍କଠାରୁ ଘଟଣା ବେଳେ ବ୍ୟବହୃତ ହୋଇଥିବା ଗୋଟିଏ ଖଣ୍ଡା ଜବତ କରିଥିବା ବେଳେ ସୀମାଙ୍କଠାରୁ ୨ଟି ଲୁହାଛଡ ଜବତ କରିଥିବା କହିଛି।



ଗିରଫ ୩ ଅଭିଯୁକ୍ତ ।

ପ୍ରକାଶ ଯେ, ଉଭୟ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମନୋମାଳିନ୍ୟ ଲାଗିରହିଥିଲା। ତେବେ ଗତ ୧୬ ତାରିଖ ରାତିରେ ସେମାନେ ନିଜ ନିଜର ଘରକୁ ଫେରୁଥିଲେ। ସ୍ଥାନୀୟ ସବ୍‌ରେଜିଷ୍ଟ୍ରାର ଅଫିସ ସମ୍ମୁଖରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଆଶିଷ ନିଜ ପାଖରେ ରଖିଥିବା ଖଣ୍ଡାରେ ସୀମା ଓ ତାଙ୍କ ଭାଇ ସୂର୍ଯ୍ୟନାରାୟଣଙ୍କୁ ମରଣାନ୍ତକ ଆକ୍ରମଣ ସହ ବୋମାମାଡ କରିଥିଲେ। ଆଶିଷଙ୍କୁ ସୀମା ଓ ତାଙ୍କ ଭାଇ ସୂର୍ଯ୍ୟନାରାୟଣ ମଧ୍ୟ ଲୁହାଛଡରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୁକ୍ତ ସୀମାଙ୍କ ମା' ସୀତା ନାୟକ ଓ ଆଶିଷଙ୍କ ମା' ଭି. ପ୍ରଭା ପୃଥକ ଭାବେ ଥାନାରେ ଅଭିଯୋଗ କରିଥିଲେ।

# ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟିକା

କବିସୂର୍ଯ୍ୟନଗର,୧୯।୭

କବିସୂର୍ଯ୍ୟନଗର ଏନଏସିରେ ସ୍ମାର୍ଟ ଶ୍ମଶାନ, ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଆଦି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟିକା ଲତିକା ପ୍ରଧାନ। ସୋମବାର ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ବିଧାୟିକା ୧୨ ନଂ.ୱାର୍ଡ ଅରବିନ୍ଦ ନଗର ଧନେଇ ନଦୀ କଡ ଓ ୭ ନଂ. ୱାର୍ଡସ୍ଥିତ ଶିବଶକ୍ତି ଖେଳପଡିଆ ନିକଟରେ ୩୮ ଲକ୍ଷ ଲେଖାଏ ବ୍ୟୟରେ ଦୁଇଟି ସ୍ମାର୍ଟ ଶ୍ମଶାନ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ପେଟ୍ରୋଲ ପମ୍ପଠାରୁ ଗୁଡ଼ିଆଳି ଛକ ପର୍ଯ୍ୟନ୍ତ ଡ଼ିଭାଇଡରରେ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଏଥିସହ କବିସୂର୍ଯ୍ୟନଗର ଏନଏସି କାଳିଆ ଲୁଣ୍ଠା ପାହାଡ଼ ନିକଟରେ ୨.୩୨ କୋଟି ବ୍ୟୟରେ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅନ୍ୟପକ୍ଷରେ ମହାମାୟୀ ମନ୍ଦିର ନିକଟ ମହାମାୟୀ କୋଠାଘର ଓ ରାଧାକୃଷ୍ଣ ମନ୍ଦିରର ଉଦଘାଟନ ବିଧାୟିକା କରିଥିଲେ। ଏନଏସି ନିର୍ବାହୀ ଅଧିକାରୀ ବଳୟ ଦେଉରି, କ ପ୍ରଦୀପ୍ତ ରଞ୍ଜନ ଦାସ, ମନୋରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ରସଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଛତ୍ରପୁର ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ

## ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ

ଛତ୍ରପୁର,୧୯।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ହେଡ୍‌କ୍ୱାର୍ଟର ଛତ୍ରପୁର ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବିଡିଓ ଅମ୍ବିକା ପ୍ରସାଦ ଦାଶଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସରକାରୀ କାର୍ଯ୍ୟରେ ଦାୟିତ୍ୱହୀନତା ଓ ଆଳସ୍ୟ ପରାୟଣ ମନୋଭାବ ଯୋଗୁ ଏହି ନୋଟିସ ଜାରି ହୋଇଛି। ଅବହେଳା ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ୭ ଦିନ ମଧ୍ୟରେ ଉତ୍ତର ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଅବହେଳା ଓ ମନିଟରିଂ ଠିକ୍ ହେଉ ନ ଥିବା ଜିଲାପାଳ ନିଜେ ଅନୁଭବ କରିଥିବା ବିରକ୍ତି ପ୍ରକାଶ କରି କହିଛନ୍ତି। ବ୍ଲକରେ ବିଭିନ୍ନ ପ୍ରକଳ୍ପ କାମ ସରୁନି। କରୋନା ସମୟରେ ବିଶେଷକରି ଗ୍ରାମାଞ୍ଚଳରେ ଜୀବନଜୀବିକାକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦୈନିକ ୧୦ ହଜାର ଶ୍ରମିକଙ୍କୁ କାମ ଯୋଗାଇଦେବାକୁ ଟାର୍ଗେଟ୍ ଦିଆଯାଇଥିବା ବେଳେ ଛତ୍ରପୁର ବ୍ଲକ ପ୍ରଶାସନ ମାତ୍ର ୪,୩୭୧ ଶ୍ରମିକଙ୍କୁ କାମ ଯୋଗାଇପାରୁଛି । ଏଥିସହ ସ୍କୁଲ ରୂପାନ୍ତରୀକରଣ, ପାନୀୟ ଜଳ, ଅଙ୍ଗନୱାଡି କେନ୍ଦ୍ର ଓ ମିଶନଶକ୍ତି ବିଲ୍ଡିଂ ନିର୍ମାଣ, ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ଅନ୍ୟ ବ୍ଲକ ତୁଳନାରେ ଛତ୍ରପୁର ବ୍ଲକ ବହୁ ପଛରେ ଥିବା ଜିଲାପାଳ କହିଛନ୍ତି। ଏଥିଯୋଗୁ ଜିଲାରେ ସରକାରୀ କାର୍ଯ୍ୟ ପ୍ରଦର୍ଶନ ପ୍ରଭାବିତ ହେଉଥିବା ଜିଲାପାଳ ଉକ୍ତ ନୋଟିସରେ ଦର୍ଶାଇଛନ୍ତି।

# ଗଜପତି ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଆର.ଉଦୟଗିରି,୧୯।୭(ଡି.ଏନ.ଏ.)

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ସୋମବାର ଆର.ଉଦୟଗିରି ପଞ୍ଚାୟତ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ସମୁଦାୟ ୧୪ ଅଭିଯୋଗ ଆଗତ ହୋଇଥିଲା। ସେଥିରୁ ୪ ବ୍ୟକ୍ତିଗତ ଥିବା ବେଳେ ୧୦ ଗ୍ରାମ ସମସ୍ୟା ଥିଲା। ଆର.ଉଦୟଗିରି ସରପଞ୍ଚ ସଞ୍ଜୁତା ପୂଜାରୀ ଗ୍ରାମରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ ଟଙ୍କା ଅଭାବରୁ ଦୀର୍ଘବର୍ଷ ହେଲା ଅସମ୍ପୂର୍ଣ୍ଣ ହୋଇ ରହିଛି। ୧୫ ଲକ୍ଷ ଅନୁଦାନ ଦେଲେ ସମ୍ପୂର୍ଣ୍ଣ ହୋଇପାରିବ ବୋଲି କହିବା ପରେ ସରପଞ୍ଚଙ୍କୁ ୧୦ ଲକ୍ଷ ଟଙ୍କା ଦେବି ବୋଲି କହିଥିଲେ। ରାମଗିରିଗ୍ରାମର କାଲବରିସାହିରେ କଲଭର୍ଟ ନିର୍ମାଣ ଓ ସାହିରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଅନୁରୋଧ କରିଥିଲେ। ଅଭିଯୋଗ ଶୁଣାଣିରେ ବିଡିଓ ପ୍ରଦିପ କୁମାର ନାୟକ ଓ ବ୍ଲକ ଅଧକ୍ଷା ଅନିତାରାଣି ବେହେରା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଭିଡିଓ କନ୍‌ଫରେନ୍ସରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

# ଟ୍ରକ୍-ବାଇକ୍ ଧକ୍କା: ଜଣେ ମୃତ

ପାତ୍ରପୁର,୧୯।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଏନ୍‌ଟିପିସିରେ କାର୍ଯ୍ୟ କରୁଥିବା ଜରଡ଼ା ଥାନା ଜୟନ୍ତିପୁର ଗ୍ରାମର ଅଶ୍ୱିନୀ କୁମାର ପାଢ଼ୀଙ୍କର ସଡ଼କ ଦୁର୍ଘଟଣାରେ ରବିବାର ମୃତ୍ୟୁ ଘଟିଛି। ଅଶ୍ୱିନୀ କୋଣସି କାମରେ ଝାରସୁଗୁଡ଼ା ଏସ୍‌କୋଣ୍ଡାପଲ୍ଲୀକୁ ବାଇକ୍‌ରେ ଆସୁଥିବା ବେଳେ ଝାରସୁଗୁଡା ସଦରଥାନା ନିକଟରେ ଏକ ଟ୍ରକ୍ (ଓଆର ୦୯କ୍ୟୁ୭୧୮୦) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଅଶ୍ୱିନୀଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ ଗ୍ରାମବାସୀ ଜାତୀୟ ରାଜପଥ ୪୯କୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ଜଣାଇଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ପୋଲିସ ଜବତ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ସ୍ମାର୍ଟ କ୍ଲାସ୍ ରୁମ ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ହିଞ୍ଜିଳିକାଟୁ,୧୯।୭

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ହିଞ୍ଜିଳିକାଟୁ ଗସ୍ତ କରି ସ୍ଥାନୀୟ ବ୍ଲକର ୨୩ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲାପାଳ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ବିଡିଓ, ତହସିଲଦାର ଓ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଅଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ସ୍ଥାନୀୟ ପୌରାଞ୍ଚଳ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ସ୍ମାର୍ଟ କ୍ଲାସ୍ ରୁମ ବୁଲି ଦେଖିଥିଲେ। ପରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ମୋ ବଗିଚା, ବିଜ୍ଞାନଗାର, ପାଠାଗାରରେ ଉନ୍ନତି ଆଣିବା ପାଇଁ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ବ୍ଲକ ଅଧକ୍ଷ ଏନ. ରଘୁନାଥ, ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ବିଜେଡି ନେତା ଅଜୟ ମହାରଣା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ବିଡିଓ ସୁବ୍ରତ କୁମାର ଜେନା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ହେମନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାନଖେମୁଣ୍ଡି ବିଧାୟକଙ୍କ ସମେତ ୪ ନିର୍ଦ୍ଦୋଷ

## ବଳାତ୍କାର ଘଟଣାର ସାକ୍ଷୀଙ୍କୁ ଧମକ ମାମଲା

ବ୍ରହ୍ମପୁର ଅଫିସ,୧୯।୭

ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ) ୩ ରାଜଶ୍ରୀ ମହାପାତ୍ର ସୋମବାର ଏକ ବଳାତ୍କାର ଘଟଣାର ସାକ୍ଷୀଙ୍କୁ ଧମକ ଦେବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ୪ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କୋର୍ଟରେ ଗତ ୧୩ ତାରିଖରେ ଏମାନଙ୍କ ବୟାନ ରେକର୍ଡ ହୋଇଥିଲା। ଗତ ୧୫ ତାରିଖରେ ଏଡିଜେ-୩ଙ୍କ କୋର୍ଟରେ ସରକାରୀ ଓ ପ୍ରତିପକ୍ଷଙ୍କ ଓକିଲଙ୍କ ମଧ୍ୟରେ ଜବାବସୁଆଲ ହୋଇଥିଲା। ଏହା କୋର୍ଟରେ ରେକର୍ଡ କରାଯାଇଥିଲା।

ପ୍ରକାଶ ଯେ, ୨୦୧୬ ଅକ୍ଟୋବର ୨୬ରେ ବିଧାୟକ ରମେଶଙ୍କ ସହଯୋଗୀ ଅନନ୍ତ ବେହେରା ଏକ ବଳାତ୍କାର ମାମଲାର ସାକ୍ଷୀଙ୍କ ଘରକୁ ଯାଇଥିଲେ। କୋର୍ଟରେ ସାକ୍ଷ୍ୟ ନ ଦେବା ପାଇଁ ଅନନ୍ତଙ୍କ ମୋବାଇଲ ଫୋନ୍‌ରେ ବିଧାୟକ ରମେଶ, ବାପା ଅରକ୍ଷିତ ଜେନା ଓ ପୁତୁରା ପିଣ୍ଟୁ ଜେନା ସାକ୍ଷୀଙ୍କୁ ଧମକ୍ ଦେଇଥିଲେ। ପରେ ଏ ନେଇ ସାକ୍ଷୀ ଜଣଙ୍କ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଧାୟକ ରମେଶଙ୍କ ସମେତ ୪ ଜଣଙ୍କ ନାମରେ ୧୭୩/୧୬ରେ ମାମଲା ରୁଜୁ କରିଥିଲା। ସୋମବାର ମାମଲାର ବିଚାର ବେଳେ ବିଧାୟକ ରମେଶ ସମେତ ଅନ୍ୟ ଅଭିଯୁକ୍ତ ମାନେ କୋର୍ଟରେ ହାଜର ହୋଇଥିଲେ। ୫ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ଏଡିଜେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଅଭିମନ୍ୟୁ ଦାସ ଓ ମୁଦାଲାଙ୍କ ତରଫରୁ କିଶୋର ଚନ୍ଦ୍ର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ମାମଲା ପରିଚାଳନା କରିଥିଲେ।

# ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା କଲେ କମିଶନର



କମିଶନରଙ୍କ ଦ୍ୱାରା କାର୍ଯ୍ୟ ସମୀକ୍ଷା।

ବ୍ରହ୍ମପୁର ଅଫିସ,୧୯।୭

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୩୧ ନଂ ୱାର୍ଡ଼ର କମାପଲୀ ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟକୁ ବିଏମ୍‌ସି କମିଶନର ସୋମବାର ସମୀକ୍ଷା କରିଛନ୍ତି। କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ ସାଙ୍ଗକୁ ତଟର ଆଲୋକୀକରଣ, ବୃକ୍ଷରୋପଣ ଓ ଦଶାହ ତୁଠ ନିମନ୍ତେ ନିର୍ମିତ ହେବାକୁ ଥିବା ୪ଟି ଗୃହ ନିର୍ମାଣ କାର୍ଯ୍ୟ କେଉଁଠାରେ ହେବ ସେ ନେଇ ଆଲୋଚନା କରିଥିଲେ। ପୋଖରୀ ପୁନଃରୁଦ୍ଧାର ନିମନ୍ତେ ବିଏମ୍‌ସି ପକ୍ଷରୁ ୧୦ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଛି। ଆଗାମୀ ୧୦ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ଏବଂ ୨ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବା ନେଇ ଲକ୍ଷ୍ୟ ରଖାଯାଇଥିବା ୱାର୍ଡ଼ର ପୂର୍ବତନ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ସୂଚନା ଦେଇଛନ୍ତି। ଏଥିସହ କମିଶନର ୱାର୍ଡରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ, ଷ୍ଟ୍ରିଟ୍ ଲାଇଟ୍ ଓ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଡେପୁଟି କମିଶନର ରୋମାଞ୍ଚଳ ଖମାରୀଙ୍କ ସମେତ ବିଏମ୍‌ସିର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ପୌର କାର୍ଯ୍ୟାଳୟ ଘେରାଉ

ହିଞ୍ଜିଳିକାଟୁ,୧୯।୭(ଡି.ଏନ.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳର ୧୬ନଂ ୱାର୍ଡର ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ସୋମବାର ସମ୍ପୃକ୍ତ ୱାର୍ଡବାସୀ ସ୍ଥାନୀୟ ପୌର କାର୍ଯ୍ୟାଳୟ ଘେରାଉ କରିଛନ୍ତି। ୱାର୍ଡର ୧୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁଙ୍କୁ ପ୍ରଦାନ କରିଛନ୍ତି। ସମ୍ପୃକ୍ତ ୱାର୍ଡରେ ବିଭିନ୍ନ ସାହିକୁ ପକ୍କା ରାସ୍ତା ନିର୍ମାଣ କରିବା, ଦୀର୍ଘ ଦିନ ଧରି ଅଧପନ୍ତରିଆ ଥିବା ରାସ୍ତାକୁ ଶ୍ରୀଘ ମରାମତି କରିବା, ଡ୍ରେନେଜ୍ ଓ ଉପରେ ପ୍ଲେଟ ନିର୍ମାଣ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ନେତାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ, ଗାୟତ୍ରୀ ନଗରରେ ନିର୍ମାଣାଧିନ ରହିଥିବା କମ୍ୟୁନିଟି ହଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଶ୍ରୀକ୍ଷେତ୍ର ମାର୍ଗ ସ୍ଥିତ କଲ୍ୟାଣ ମଣ୍ଡପ କାର୍ଯ୍ୟ ଶେଷ କରିବା, ଘୋଡ଼ାହାଡ଼ ସେତୁ ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ, ଯୋଗ୍ୟ ବ୍ୟକ୍ତିଙ୍କୁ ଖାଉଟି କାର୍ଡ ପ୍ରଦାନ, ସାହିବସ୍ତିରେ ଷ୍ଟ୍ରିଟ ଲାଇଟ ଆଦି ଦାବି କରିଥିଲେ। ପୌର ନିର୍ବାହୀ ଅଧିକାରୀ ସାହୁ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଘେରାଉରେ ଲକ୍ଷ୍ମଣ ପଟ୍ଟନାୟକ, ପଦ୍ମା ସାହୁ, କୋକିଳ ସାହୁ, ସୁରେନ୍ଦ୍ର ସାହୁ, କୁମାରୀ ମହାରଣା, ଶଙ୍କର ସାହୁ, ସାଗରୀକା ବାରିକ, ଈଶାରାଣୀ ବିଷୋୟୀ, କରୁଣାକର ବାଡ଼ତ୍ୟାଙ୍କ ସମେତ ସମ୍ପୃକ୍ତ ୱାର୍ଡ଼ର ୬୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ଥିଲେ।



ଉତ୍ତ୍ୟକ୍ତ ଲୋକେ ପୌର କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଜବରଦଖଲ ଉଚ୍ଛେଦ ପାଇଁ ଚାଷୀଙ୍କ ଦାବିପତ୍ର**

ରାଜନଗର,(ଡି.ଏନ.ଏ.) :ରାଜନଗର ତହସିଲ ଅନ୍ତର୍ଗତ କଣ୍ଡିରା ପଞ୍ଚାୟତର ପ୍ରାୟ ୨ଶହ ଏକର ଜମିରେ ଧାନଚାଷ ପାଇଁ ପାଣି ମିଳୁ ନାହିଁ। ଅଧିକ ବର୍ଷା ସମୟରେ ଜମିରୁ ଜଳ ନିଷ୍କାସନ ହୋଇପାରୁନି। ଗୋଠକୋଲ୍ଲା ଘେରି ବନ୍ଧକୁ ଥିବା ପାଣି ବାଟକୁ ଜଣେ ବ୍ୟକ୍ତି ମାଟି ପକାଇ ଜବର ଦଖଲ କରିଛନ୍ତି। ଯେଉଁ ବାଟ ଦେଇ କେନାଲ ମାଧ୍ୟମରେ ପାଣି ପ୍ରବେଶ କରିବା ସହ ନିଷ୍କାସନ ହୋଇଥାଏ, ତାହାକୁ ବନ୍ଦ ଯୋଗୁ ଆମେ ହୀନସ୍ତା ଭୋଗୁଛୁ। ବର୍ତ୍ତମାନ ସମୟରେ ବର୍ଷା ହେଉ ନ ଥିବାରୁ କେନାଲରେ ମଧ୍ୟ ପାଣି ଆସିପାରୁନି। ଏହି ଜବରଦଖଲ ଉଚ୍ଛେଦ କରିବାକୁ ହଂସିଣା, ହଂସୁଆ ଓ ଗୋଠକୋଲ୍ଲା ଗ୍ରାମର ଶତାଧିକ ଚାଷୀ ରାଜନଗର ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

## ସଂକ୍ଷେପରେ

### ଛତିଶଗଡ଼ର ନାବାଳକ ଉଦ୍ଧାର

ନୟାଗଡ଼ ଅଫିସ,୧୯।୭:ସୋମବାର ନୟାଗଡ଼ ଚାଇଲ୍ଡ ଲାଇନ ଓଡ଼ଗାଁ ଥାନା ଗୌଡପୁଟ ପଞ୍ଚାୟତ ଗୁଆନ୍ଦ ବାଣୁଆସାହିର କୈଳାଶ ନାୟକଙ୍କ ଘରୁ ଜଣେ ଛତିଶଗଡ଼ର ନାବାଳକଙ୍କୁ ଉଦ୍ଧାର କରିଛି। ପରେ ନାବାଳକଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷଙ୍କ ପାଖରେ ହାଜର କରାଯାଇ ନୟାଗଡ଼ କଳା ପରିଷଦରେ ରଖାଯାଇଛି । ଉଦ୍ଧାର ଶିଶୁଙ୍କ ସମ୍ପୂର୍ଣ୍ଣ ତଥ୍ୟ ଓ ଫଟୋ ମିସିଂ ସାଇଟ୍‌ରେ ଅପ୍‌ଲୋଡ ହେବ । ଶିଶୁଙ୍କ ଆଧାର କାର୍ଡ ଯାଞ୍ଚ କରାଗଲେ ସେ ସାବାଳକ ନା ନାବାଳକ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କୁହାଯାଇଛି । ଉଦ୍ଧାର ପିଲାର ନା ବୀରବଲ୍ । ସେ ନିଜ ନାମ ହିନ୍ଦିରେ ଲେଖୁଛନ୍ତି। ବାପାଙ୍କ ନାମକୁ ହିନ୍ଦିରେ ରାମ ବିଳାସ ଓ ଘର ଛତିଶଗଡ଼ର ହାଟକସିଂ ବୋଲି ସେ କହୁଛନ୍ତି । ପୁଣି ତାଙ୍କ ଆଧାର କାର୍ଡ ଅଛି ବୋଲି ସେ କହୁଛନ୍ତି। ୫ଦିନ ତଳେ ଗୁଆନ୍ଦ ବାଣୁଆସାହିର ଲୋକମାନେ ଉକ୍ତ ନାବଳକଙ୍କୁ ଉଦ୍ଧାର କରି କୈଳାଶ ନାୟକଙ୍କ ଘରେ ରଖିଥିଲେ ।

### ଓଡ଼ଗାଁରେ ସେବା ଉତ୍ସବ

ଓଡ଼ଗାଁ, ୧୯।୭(ସ୍ୱ.ପ୍ର.): ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଗରୀବ ଓ ବାସହୀନ ଲୋକଙ୍କ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ଏହାସତ୍ତ୍ୱେ ଲୋକଙ୍କ ପାଖରେ ଏସବୁ ପହଞ୍ଚିବାରେ ବ୍ୟତିକ୍ରମ ହେଉଥିବାର ବହୁ ନଜୀର ରହିଛି। ଏପରିସ୍ଥଳେ ନୟାଗଡ ଜିଲା ସେବା ଉତ୍ସବ ସମିତି ଆନୁକୂଲ୍ୟରେ ୧୦ ଦିନ ଧରି ଆୟୋଜିତ ହେବାକୁ ଥିବା ଜିଲାବ୍ୟାପୀ ସେବା ଉତ୍ସବରେ ଏଭଳି କେତେଜଣ ହିତାଧିକାରୀଙ୍କୁ ଠାବ କରାଯାଇଛି। ସେମାନଙ୍କୁ ଅନ୍ନବସ୍ତ୍ର ପ୍ରଦାନ କରାଯାଇଛି। ସୋମବାର ନୟାଗଡ ଜିଲା ଓଡ଼ଗାଁ ଏନ୍‌ଏସି ଓ ବ୍ଲକ ଅନ୍ତର୍ଗତ ରୋହିବାଙ୍କ, ବାଘୁଆ ଛକ, କୁରାଳ, ପାଣ୍ଡେରିପଡା, ଗିରିଡିପଲ୍ଲୀ ଆଦି ଗାଁରେ ଅସହାୟ ଲୋକଙ୍କୁ ଏସବୁ ସାମଗ୍ରୀ ସହ ଚାରା ପ୍ରଦାନ କରାଯାଇଛି। ସେବା ସମିତି ଅଧକ୍ଷ ଶିବରାମ ମହାପାତ୍ରଙ୍କ ସହିତ ଶାନ୍ତନୁ ବିଶୋୟୀ, ଅର୍ଜୁନ ସାହୁ, ସାମାଜିକ କର୍ମି ଦାମୋଦର ସାହୁ, ପରିବେଶ ପ୍ରେମୀ ସୁକାନ୍ତ ଚୌଧୁରୀ, ଜ୍ୟୋତିରଞ୍ଜନ ମହାପାତ୍ର, ପରମେଶ୍ୱର ସାହୁ, ଆଲୋକ ରଞ୍ଜନ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଜିଲାବ୍ୟାପୀ ୧୫ ଜୁଲାଇରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୫ ତାରିଖରେ ଉଦ୍‌ଯାପନ ହେବ ବୋଲି ସୂଚନା ମିଳିଛି।

### ବିଦ୍ୟୁତ୍ କାଟ୍ ନେଇ କାର୍ଯ୍ୟାଳୟ ଘେରାଉ

ଗଣିଆ, ୧୯।୭(ଡି.ଏନ.ଏ.) :ଗଣିଆ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଗଣିଆ ମଣ୍ଡଳ ଭାଜପା ପକ୍ଷରୁ ସୋମବାର ଗଣିଆ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗଣିଆ ମଣ୍ଡଳ ସଭାପତି ଫକୀର ମୋହନ ଡାକୁଆଙ୍କ ନେତୃତ୍ୱରେ ବଜାର ପରିସରରୁ ଏକ ରାଲି ଯୋଗେ କର୍ମୀମାନେ ଗଣିଆ ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ବିଭାଗର ମନମୁଖୀ କାର୍ଯ୍ୟ ଓ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ସମ୍ପର୍କରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ବିଦ୍ୟୁତ୍ କାଟ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଭାଜପାର ପୂର୍ବତନ ନୟାଗଡ ଜିଲା ସଭାପତି ପ୍ରସନ୍ନ ଦାସଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଯୋଗ ଦେଇଥିଲେ।

### ସ୍ୱାବଲମ୍ବୀ କାରିଗରଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ନାଉଗାଁ୧୯।୭(ସ୍ୱ.ପ୍ର.) ନାଉଗାଁ ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ସୋମବାର ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରଶ୍ମିରେଖା ମଲିକଙ୍କୁ ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ରହିଛି ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା,ଏସ୍‌ଏଏମ୍‌ମାନଙ୍କୁ ପ୍ରତିମାସରେ ନିୟମିତ ପାରିଶ୍ରମିକ ପ୍ରଦାନ ସହ ସରକାରୀ କର୍ମଚାରୀର ମାନ୍ୟତା, କାଯ୍ୟରତ ଏସ୍‌ଏଏସ୍‌ଙ୍କ ଅକାଳ ମୃତ୍ୟୁରେ ପରିବାରକୁ ଅନ୍ୟୁନ୍ୟ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା, କରୋନା ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଆଦି ଦାବି ରହିଛି। ଏହି ଦାବିପତ୍ରକୁ ସମ୍ପାଦକ ବିଶ୍ୱଜିତ ମହାନ୍ତି, ଧନେଶ୍ୱର ଦାସ, ଲୋକନାଥ ସ୍ୱାଇଁ ପ୍ରମୁଖ ପ୍ରଦାନ କରିଛନ୍ତି।

### ବଡ଼ବାଲିକୁଦା ସମିତି ସଭ୍ୟଙ୍କ ପରଲୋକ

ଚଣ୍ଡିଖୋଲ,୧୯।୭(ଡି.ଏନ.ଏ.)-ବଡଚଣା ବ୍ଲକ୍ ଅନ୍ତର୍ଗତ ବଡବାଲିକୁଦା ପଞ୍ଚାୟତ ସମିତି ସଭ୍ୟ ବିନୋଦ ବିହାରୀ ଜେନା(୪୫)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ଗତ ୧୬ ତାରିଖ ଦିନ ସେ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ମୃତ୍ୟୁ ଘଟିଛି।

# କାମରେ ଆସୁନି ବଜ୍ରପାତ ନିରୋଧୀ ଯନ୍ତ୍ର

**୧୦ ବର୍ଷରେ ଗଲାଣି ୩୦ରୁ ଅଧିକ ଜୀବନ**


ବଉଳକଣି ପଞ୍ଚାୟତ ସ୍ଥାନୀୟ ପ୍ରେମଚାନ୍ଦ ଉଚ୍ଚବିଦ୍ୟାଳୟର ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳରେ ନିର୍ମିତ ବଜ୍ରପାତ ନିରୋଧ ଯନ୍ତ୍ର ।

ମହାକାଳପଡ଼ା,୧୯।୭ (ଡି.ଏନ୍.ଏ.)

ଜଳବାୟୁ ପରିବର୍ତ୍ତନ ଯୋଗୁ ବାୟୁ ମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଆକାଶରେ ବର୍ଷାର ବାଦଲ ସୃଷ୍ଟି ହେଲା ମାତ୍ରେ ହଠାତ ପ୍ରଚଣ୍ଡ ବଜ୍ରପାତ ମାରିବା ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଧନ ଜୀବନ ପ୍ରତିବିପଦ ସୃଷ୍ଟି ହେଉଛି। ଏହା ଭାରତୀୟ ପାଣିପାଗ ବିଜ୍ଞାନୀଙ୍କ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାର ପୂର୍ବାନୁମାନ ଆକଳନ କରିବା ଅସମ୍ଭବ ହୋଇପଡିଛି। ଏହା ଆଗାମୀ ଭବିଷ୍ୟତ ପିଢ଼ି ପାଇଁ ଏକ ଗୁରୁତର ସମସ୍ୟା ଦେଖା ଦେବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ଓଡ଼ିଶାରେ ଦିନକୁ ଦିନ ବଜ୍ରପାତରେ ଅନେକ ଚାଷୀଙ୍କ ଜୀବନ ଯାଉଛି। କାରଣ ଅଧିକାଂଶ ଚାଷ ଜମିରେ ବଜ୍ରପାତ ଘଟୁଛି। ଏହା ବାଦେ ମଧ୍ୟ ଉଚ୍ଚ ଗଛ ତାଳ, ନଡ଼ିଆ, ଖଜୁରୀ ସମେତ ମଧ୍ୟ କ୍ଷେତି ଘଟୁଛି। ତେବେ ଅନ୍ୟତମ କାରଣ ଏକ ବଡ ସମସ୍ୟା ରହିଛି ବିଭିନ୍ନ କମ୍ପାନୀର ଉଚ୍ଚ ଶକ୍ତି ସମ୍ପନ୍ନ ମୋବାଇଲ ଟାୱାର। ଏଥିରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର ଯୋଗୁ ବଜ୍ରପାତ ନିକଟରେ ପଡି ଧନ ଜୀବନ କ୍ଷେତି ଘଟୁଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୦ ବର୍ଷ ମଧ୍ୟରେ ୩୦ରୁ ଅଧିକ ବଜ୍ରପାତରେ ଲୋକଙ୍କ ଜୀବନହାନୀ ଘଟିଛି। ସେଥିମଧ୍ୟରୁ ଅଧିକାଂଶ ୨୦ରୁ ଅଧିକ ଚାଷ ଜମିରେ ପଡି ଚାଷୀଙ୍କ ଜୀବନ ଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରଶମନ ବିଭାଗ ପକ୍ଷରୁ ଅଞ୍ଚଳର ବିଭିନ୍ନ ବହୁମୁଖୀ ବାତ୍ୟାଆଶ୍ରୟ ସ୍ଥଳରେ ଦୁଇବର୍ଷରୁ ଅଧିକ ହେବ ବଜ୍ରପାତ ନିରୋଧୀ ଟାୱାର ନିର୍ମାଣ ହୋଇଛି। ଏହାର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବଜ୍ରପାତ ନିରୋଧ ଯନ୍ତ୍ର ଅକାମୀ ହୋଇଥିବା କୁହାଯାଉଛି। ସେହିପରି ସ୍ଥାନୀୟ ବଉଳକଣିସ୍ଥିତ ପ୍ରେମଚାନ୍ଦ ଉଚ୍ଚ ବିଦ୍ୟାଳୟରେ ଏକ ବଜ୍ରପାତ ନିରୋଧ ଟାୱାର ନିର୍ମାଣ ହୋଇଥିଲେ ମଧ୍ୟ ଠିକ୍ ସେହିବର୍ଷ ଟାୱାରଠାରୁ ୩୦ ଫୁଟ୍ ଦୂର ସୁବଳ ମଣ୍ଡଳଙ୍କ ଏକ ଚାଳ ଛପରରେ ବଜ୍ରପାତ ଘଟି ଘର ଜଳିଯିବା ସହ ଦୁଇଜଣ ଆହତ ହୋଇ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ।

ମିଳିଥିବା ସୂଚନା ଅନୁସାରେ, ବତୀଘର, ଜମ୍ବୁ, ସୁନିତି, ନାଞ୍ଚୁରା, ଗଗୁଆ, ବଉଳକଣି, ପେଟଛେଲା, କରଞ୍ଜି, ଡିଖିରି, ବାରଡାଙ୍ଗ, ମଙ୍ଗଳପୁର, ବରକନ୍ଧା, ରାମନଗର, ମହାକାଳପଡା, ବିଜୟନଗର ସମେତ ବିଭିନ୍ନ ପଞ୍ଚାୟତରେ ବିଗତ ୧୦ବର୍ଷ ମଧ୍ୟରେ ଏହି ଅଭାବନୀୟ ଘଟଣା ଘଟି ଜନଜୀବନ କ୍ଷତି ହୋଇଥିବା ଜଣାପଡିଛି। ତେବେ ପ୍ରତେକ ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ ଯୋଗୁ ବଜ୍ରପାତ ଘଟୁଥିବା କେତେଜଣ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। କେତେକ ଚିଙ୍ଗୁଡି ଘେରି ଚାଳିଆ ଘରେ ବଜ୍ରପାତ ପଡ଼ି ଶ୍ରମିକମାନଙ୍କ ଜୀବନ ଯାଉଛି। ଆଗାମୀଦିନରେ ଏହି ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ୟାପକ ପରିମାଣରେ ଚାରା ରୋପଣକୁ ଗୁରୁତ୍ୱ ଦିଆଯିବାକୁ ଜନସଚେତନତା ସୃଷ୍ଟି କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏହି ବଜ୍ରପାତ ଆଗରୁ ଏତେଟା ଭୟଙ୍କର ନ ଥିଲା। ଏ ସମ୍ପର୍କରେ ଅଞ୍ଚଳର ହରେକୃଷ୍ଣ ଗୋଚ୍ଛାୟତ, ବାବାଜୀ ବେହେରା, କୁଞ୍ଜ ନାୟକ, ସଦାଶିବ ରାଉତ, ଶିଶିର ରାଉତ ଚାଷୀ କହିଛନ୍ତି, କିଛି ବର୍ଷ ହେବ ଭୟଙ୍କର ବଜ୍ରପାତ ଘଟୁଛି। ବଜ୍ରପାତ ଆସିବା ଦେଖି ଚାଷ ଜମିରୁ ଜୀବନ ବିକଳରେ ଘର ମୁହାଁ ହେବାକୁ ପଡୁଛି ବୋଲି ସେମାନେ କହିଛନ୍ତି।

# ମୁଖ୍ୟମନ୍ତ୍ରୀ, ବିଧାୟକଙ୍କ କୁଶପୁତ୍ତଳିକା ଦାହ

**ବିଦ୍ୟୁତ୍ ସମସ୍ୟାର ସମାଧାନ ହେଲାନି, ୨୮ ଦିନରେ ଗଣଧାରଣା**



ଭାରତୀୟ ବିକାଶ ପରିଷଦ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି ।

ଖଣ୍ଡପଡା,୧୯।୭(ସ୍ୱ.ପ୍ର.)

ଖଣ୍ଡପଡା, ଭାପୁର ଓ ଗଣିଆ ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ୪ ଦଫା ଦାବି ନେଇ ଖଣ୍ଡପଡା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟରେ ୨୮ ଦିନ ହେଲା ଗଣଧାରଣା ଜାରି ରହିଛି। ତେବେ ଏହାର ସ୍ଥାୟୀ ସମାଧାନ ନ ହେବାରୁ ଅତିଷ୍ଠ ଅନ୍ଦୋଳନକାରୀ ଧାରଣା ସ୍ଥଳରେ ସୋମବାର ମୁଖ୍ୟମନ୍ତ୍ରୀ ଓ ଖଣ୍ଡପଡ଼ା ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡା, ଭାପୁର ଓ ଗଣିଆ ବ୍ଲକ ଅଂଚଳରେ ବିଦ୍ୟୁତ ସମସ୍ୟା ପ୍ରମୁଖ ରୂପେ ମୁଣ୍ଡ ଟେକିଥିବା ବେଳେ ଏହର ସମାଧାନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ବିଦ୍ୟୁତ୍ ବିତରଣ କମ୍ପାନୀ(ଟିପିସିଓଡିଏଲ) ଖଣ୍ଡପଡା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ବିଶ୍ୱ ବିଜୟ ବକ୍ସି ଆଚାର୍ଯ୍ୟ ପ୍ରମୁଖ ସୋମବାର ଗଣଧାରଣା ସ୍ଥଳରେ ପହଞ୍ଚି ଥିଲେ। ୪ଦଫା ଦାବି ନେଇ ପରିଷଦ ପକ୍ଷରୁ ଚାଲିଥିବା ଗଣଧାରଣାକୁ ସେମାନେ ସ୍ୱାଗତ କରିବା ସହ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଉପଖଣ୍ଡରେ ବିଦ୍ୟୁତ୍ ସମସ୍ୟାର ସମାଧାନ ନିମନ୍ତେ ପରିଷଦ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିବା ସମ୍ପର୍କରେ ସେ ସୂଚନା ଦେଇଥିଲେ। ପ୍ରଶାସନିକ ଘାଣ୍ଟୁତା ସାଙ୍ଗକୁ ଖଣ୍ଡପଡା ବିଧାୟକଙ୍କ ଉଦାସୀନତାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ୫-ଟି ସଚିବଙ୍କୁ ପରିଷଦର ରାଜ୍ୟ ସଭାପତି ପାଣିଗ୍ରାହୀ ଆକ୍ଷେପ କରିଥିଲେ। ଖଣ୍ଡପଡା ବିଧାୟକଙ୍କ ଆନ୍ତରିକତା ଅଭାବରୁ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ହୋଇ ପାରୁ ନ ଥିବା ସୂଚନା ଦେଇଥିଲେ। ଭାରତୀୟ ବିକାଶ ପରିଷଦର ନୟାଗଡ ଜିଲା ସଭାପତି ତ୍ରିନାଥ ନାୟକ ଓ ବ୍ଲକ ସଭାପତି ନିରଞ୍ଜନ ଦାସ ପ୍ରମୁଖ ସେମାନଙ୍କ ବିରୋଧରେ ଅଭିଯୋଗ ଉଠାଇ ନାରାବାଜି ଦେଇଥିଲେ। କୁଶ ପୁତ୍ତଳିକା ଦାହ କରାଯାଇ ଗଣଧାରଣାକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି।

# ଗହମ, ମୁଗ, କାଇଁଚରେ ଜଗନ୍ନାଥ : ଚର୍ଚ୍ଚାରେ ପ୍ରିୟବ୍ରତ


ଗହମ, ମୁଗ, କାଇଁଚରେ ନିର୍ମିତ ଚତୁର୍ଦ୍ଧାମୂର୍ତ୍ତୀ ।

ରଣପୁର, ୧୯।୭(ସ୍ୱ.ପ୍ର.)

କିଛି ଦିନ ତଳେ ବିଭିନ୍ନ ଚିତ୍ର ଆଙ୍କି ଚର୍ଚ୍ଚାକୁ ଆସିଥିବା ଜଣେ କୁନି ଚିତ୍ରକର ଗହମ, ମୁଗ ଓ କାଇଁଚରେ ଓଡ଼ିଶାର ବଡଠାକୁର ବଳଭଦ୍ର, ସୁଭଦ୍ରା, ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ତିଆରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏହି କୁନି ଚିତ୍ରକରଙ୍କ ନାଁ ହେଉଛି ପ୍ରିୟବ୍ରତ ଗୁରୁ। ସେ ଯୁକ୍ତ ଦୁଇର ଛାତ୍ର। ଘର ନୟାଗଡ ଜିଲା ରଣପୁର ୟୁକୋ ବ୍ୟାଙ୍କ ନିକଟସ୍ଥ ପାଟରା ସାହିରେ। ବାପା ଘନଶ୍ୟାମ ଗୁରୁ ଜଣେ ହାଡ ଭଙ୍ଗା ଚିକିତ୍ସକ।

ପ୍ରିୟବ୍ରତ ଚିତ୍ର ଆଙ୍କି ନାଁ କମାଇବାରେ ଲାଗିଛନ୍ତି। ସେ ଯେକୌଣସି ଚିତ୍ରକୁ ଦେଖି ଅବିକଳ ଭାବେ ଆଙ୍କି ଦେଇ ପାରୁଛନ୍ତି। ପଟ୍ଟ ଚିତ୍ରରେ ଅବିକଳ ନକଲ କରି ଆଙ୍କିବାରେ ସେ ସିଦ୍ଧହସ୍ତ। ସେ ଏହି ଚିତ୍ର ଆଙ୍କିବା କାହାଠାରୁ ଶିଖି ନାହାନ୍ତି। ସେ ପ୍ରଥମେ ବାହାଘର ନିମନ୍ତ୍ରଣ କାର୍ଡ, ବିଭିନ୍ନ ଦେବାଦେବୀଙ୍କ ଫଟୋଚିତ୍ର, ମହାପୁରୁଷମାନଙ୍କ ଫଟୋ, ମୋବାଇଲରୁ ବିଭିନ୍ନ ଚିତ୍ର ଦେଖି ଚିତ୍ର ଆଙ୍କିବାକୁ ଚେଷ୍ଟା କରୁଥିଲେ। ଆଜିପର୍ଯ୍ୟନ୍ତ ସେ ହ୍ୟାଣ୍ଡମେଡ ପେପର, କାନଭାସ ଚିତ୍ର, ମାଟି ମୂର୍ତି, ପଟ୍ଟ ଚିତ୍ର, ଜଗନ୍ନାଥଙ୍କ ବିଭିନ୍ନ ବେଶ, ମଣିନାଗ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଚିତ୍ର, ଅମ୍ଳଜାନର ଗୁରୁତ୍ୱ ବୁଝାଇବା ପାଇଁ ମଧ୍ୟ ସେ ଚିତ୍ର ଆଙ୍କିଛନ୍ତି। ଘାଟ ନିର୍ମାଣ ସେବା ସଂଘର ସଦସ୍ୟମାନେ ମଧ୍ୟ ତାଙ୍କୁ ଚିତ୍ର ଆଙ୍କିବାକୁ ପ୍ରେରଣା ଦିଅନ୍ତି ବୋଲି ପ୍ରିୟବ୍ରତ କହିଛନ୍ତି। ରଣପୁର ଅଞ୍ଚଳର ଚିତ୍ରକରମାନେ ତାଙ୍କୁ ସହଯୋଗ କରୁଥିବାରୁ ସେ ସେମାନଙ୍କ ନିକଟରେ ଚିର ଋଣି ବୋଲି କହିଛନ୍ତି। ସେ ଚିତ୍ର ଆଙ୍କିବାରୁ କୌଣସି ଅର୍ଥ ରୋଜାଗାର କରିବାର ଲକ୍ଷ୍ୟ ରଖି ନାହାନ୍ତି, ଚିତ୍ର ଆଙ୍କିବା ତାଙ୍କର ଏକ ନିଶା ବୋଲି ସେ କହିଛନ୍ତି।

# ବିଦ୍ୟାଳୟରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା

ଦଶପଲ୍ଲା, ୧୯।୭(ଡି.ଏନ.ଏ.)

ନୟାଗଡ ଜିଲା ଦଶପଲ୍ଲା ବ୍ଲକର ଡିହଗାଁ ପଞ୍ଚାୟତ ଜାନିସାହି ବିଦ୍ୟାଳୟରେ ଏକ ସଙ୍ଗେ ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇ ପ୍ରତିଷ୍ଠା କରାଯାଇଛି। ପ୍ରତିମୂର୍ତ୍ତୀଗୁଡିକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅନାବରଣ କରିବା ପରେ ଏକ ସଭା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଧାକାନ୍ତ ଦାଶ, ମୁଖ୍ୟବକ୍ତା ପ୍ରଧାନୀ ବୃନ୍ଦାବନ ମହାପାତ୍ର, ସମ୍ମାନିତ ଅତିଥି ସୁନନ୍ଦା ସାହୁ, ଚଣ୍ଡେଶ୍ୱର ମହାପାତ୍ର, ସରପଞ୍ଚ ସସ୍ମିତା ଦଳେଇ, ବିଇଓ ପ୍ରଦୀପ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଧୁଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିଶୁମାନେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତୀ ସବୁ ସମୟରେ ଦେଖିବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ ବୋଲି ସିଆରସିସି ବିଘ୍ନେଶ୍ୱର ବେହେରା କହିଥିଲେ। ଶେଷରେ ଅତିଥି ମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

# ସବୁଜ ସଚେତନତା ପଦଯାତ୍ରା, ପ୍ରତି ଘରକୁ ଚାରା ବଣ୍ଟନ


ଲୋକମାନଙ୍କୁ ଚାରାବଣ୍ଟନ କରାଯାଉଛି ।

ଓଡ଼ଗାଁ, ୧୯।୭(ସ୍ୱ.ପ୍ର.)

ବଂଶୀଧର ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ଇଟାମାଟି (ନୟାଗଡ) ଓ ପବ୍ଲିକ ରାଇର୍ଟର୍ସ ଅସସୋସିଏଶନ ଓଡ଼ଗାଁ ଆନୁକୂଲ୍ୟରେ ଘରକୁ ଘର ବୁଲି ସବୁଜ ସଚେତନତା ସୃଷ୍ଟି କରିବା ସହ ଚାରା ବଣ୍ଟନ କରାଯାଇଛି। ସମଗ୍ର ଓଡ଼ଗାଁ ଅଞ୍ଚଳରେ ୧୦ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମର ସୋମବାର ସ୍ଥାନୀୟ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପରିସରରୁ ଶୁଭାରମ୍ଭ କରାଯାଇଛି। ଫାଉଣ୍ଡେଶନର ସଭାପତି ମନୋଜ କୁମାର ସାହୁଙ୍କ ସହ ବ୍ୟଙ୍ଗ କଳାକାର ରବୀନ୍ଦ୍ର ରାଉତ, ଯଶୋବନ୍ତ ପଟ୍ଟନାୟକ, ବସନ୍ତ କୁମାର ସାହୁ, ପବ୍ଲିକ ରାଇର୍ଟର୍ସର ସଭାପତି ବିଦ୍ୟାଧର ଦାଶ, ମହିଳା ସଭାନେତ୍ରୀ ଜଲି ଦାଶ, ନମିତା ଜେନା, ଶାନ୍ତିଲତା ଜେନା, ବବିତା ବେହେରା ଓ ମାଳତି ସାହୁ ଘରକୁ ଘର ବୁଲି ଅଁଳା, ପିଜୁଳି, ଡାଳିମ୍ବ ଆଦି ଚାରା ବଣ୍ଟନ କରିଥିଲେ। ଏହାସହ ଲୋକଙ୍କୁ ସବୁଜ ସଚେତନତା କରିବା ସହ ଏହାର ଆବଶ୍ୟକତା ସମ୍ପର୍କରେ ପଥପ୍ରାନ୍ତ ସଭା କରାଯାଇଥିଲା।

# ନିର୍ଯାତିତା ରୂପେଇ ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ


ବୃଦ୍ଧା ରୂପେଇ ସାହୁ ।

ଖଣ୍ଡପଡା,୧୯।୭(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକର ବନମାଳୀପୁର ପଞ୍ଚାୟତ ଅଧୀନ ବସନ୍ତପୁର ଗାଁର ସ୍ୱର୍ଗତ ସଂସାରି ସାହୁଙ୍କ ସ୍ତ୍ରୀ ରୂପେଇ ସାହୁ (୭୫) ତାଙ୍କ ପୁଅ, ବୋହୂଙ୍କ ଦ୍ୱାରା ନିର୍ଯାତିତା ହୋଇଥିଲେ। ଏବେ ଝିଅ ଓ ଜ୍ୱାଇଁଙ୍କ ଘରେ ରହିଥିଲେ। ତାଙ୍କର ୨ ପୁଅ ଓ ବୋହୂ ବିଭିନ୍ନ କାରଣକୁ ନେଇ ତାଙ୍କ ମା'ଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ନିର୍ଯାତନା ଦେଇ ଘରୁ ତଡି ଦେଇଥିଲେ। ପରେ ଏବେ ସେ ବଡଝିଅ ଇନ୍ଦୁମତି ସାହୁଙ୍କ ଘରେ ରହିଛନ୍ତି। ବଡଝିଅ, ସାନଝିଅ ଓ ଜ୍ୱାଇଁ ମା'ଙ୍କର ଦେଖାଶୁଣା କରୁଥିବା ଜଣାପଡିଛି। ପୁଅ ଓ ବୋହୂଙ୍କ କାର୍ଯ୍ୟକଳାପକୁ ନେଇ ଅତିଷ୍ଠ ହୋଇପଡିଥିବା ରୂପେଇ ଶେଷରେ ନ୍ୟାୟ ପାଇବାକୁ ନୟାଗଡ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ସୋମବାର ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ୨ ପୁଅ ଓ ବୋହୂ ସମ୍ପୃକ୍ତ ବୃଦ୍ଧାଙ୍କୁ ଘରୁ ତଡି ଦେଇ ପୈତୃକ ଘରକୁ ଭଡା ସୂତ୍ରରେ ଲଗାଇଥିବା ଅଭିଯୋଗ ହେଉଛି। ସୂଚନା ଯୋଗ୍ୟ, ରୂପେଇଙ୍କ ବଡପୁଅ ବଂଶୀଧର ଓ ତାଙ୍କ ସ୍ତ୍ରୀ, ସାନପୁଅ ବୈକୁଣ୍ଠ ଓ ତାଙ୍କ ସ୍ତ୍ରୀ ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିବା ନେଇ ଫତେଗଡ ଥାନାରେ ୩ ମାସ ତଳେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୨ ପୁଅ ଓ ବୋହୂଙ୍କୁ ଡାକି ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତରେ ସମସ୍ୟାର ସମାଧାନ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୁଣି ପୁଅ ଓ ବୋହୂଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ରୂପେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ନ ଦେବାରୁ ସେ ପରିଣତ ବୟସରେ ଝିଅ ଓ ଜ୍ୱାଇଁଙ୍କ ଉପରେ ବୋଝ ପାଲଟିବାରୁ ଶେଷରେ ନ୍ୟାୟ ପାଇବା ଆଶାରେ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

# ରାସ୍ତା ଖୋଳିବା ପରେ ମରାମତି ହେଉନି

**ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପାଇପ ବିଛାଯାଉଛି**

- ମାଟି ଜମିବା ଯୋଗୁ ବର୍ଷା ହେଲେ କାଦୁଅ ହେଉଛି
- ଚୁପ୍ ରହୁଛନ୍ତି ପ୍ରଶାସନିକ ଅଧିକାରୀ
- ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି


ମୁଣ୍ଡାଳରୁ ଜାମୁଗାଁକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଖୋଳା ଯିବା ପରେ ମାଟି ଜମି ରହିଛି ।

ନାଉଗାଁ,୧୯।୭(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତ ଡୁମ୍ବେଶ୍ୱରଠାରେ ଦେବୀ ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ନାଉଗାଁ ବ୍ଲକର ଗଜରାଜପୁର, ନୂଆଗାଁ, ଅଲଣା ପଞ୍ଚାୟତ ସମେତ ବାଲିକୁଦା ଓ ଏରସମା ବ୍ଲକର ଲୁଣି ଅଞ୍ଚଳକୁ ମଧୁର ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏନେଇ ଠିକାସଂସ୍ଥା ପକ୍ଷରୁ ରାସ୍ତା ପାର୍ଶ୍ୱରେ ପାଇପ ବିଛାଯାଉଛି। ଏଥିପାଇଁ ବିଭିନ୍ନ ରାସ୍ତାପାର୍ଶ୍ୱକୁ ଖୋଳାଯାଉଛି। ପରବର୍ତ୍ତୀ ସମୟରେ ଏହାକୁ ମରାମତି କରା ନ ଯାଇ ଛାଡ଼ିଦିଆଯାଉଛି। ମାତ୍ର ବିଭାଗୀୟ ଅଧିକାରୀ କିଛି ନ କହି ଚୁପ୍ ବସୁଛନ୍ତି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଉଗାଁ ବ୍ଲକର ମୁଣ୍ଡାଳରୁ ଜାମୁଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଏପରି ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହ ରାସ୍ତା ନିର୍ମିତ ହୋଇଥିଲା। ଏହାର ଦାୟିତ୍ୱ ଗ୍ରାମ୍ୟ ପରିମଳ ବିଭାଗ ଅଧୀନରେ ରହିଛି। ମୋଗା ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଏହି ରାସ୍ତା ପାର୍ଶ୍ୱରେ ପାଇପ ବିଛା ଯିବା ପାଇଁ ଠିକା ସଂସ୍ଥା ତରଫରୁ ଖୋଳାଯାଉଛି। ଏହି କାମ ପାଇଁ ମେଶିନ ବ୍ୟବହାର କରାଯାଉଛି। ଆବଶ୍ୟକତାରୁ ଅଧିକ ଖୋଳାଯାଇ ମାଟିଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଜମା କରି ଦିଆଯାଉଛି। ଫଳରେ ବର୍ଷା ହେବା ଦ୍ୱାରା ମାଟି ବୋହି ରାସ୍ତାରେ କାଦୁଅ ହେଉଛି। ଅପରପକ୍ଷେ ମେଶିନରେ ଖୋଳାଯିବା ଯୋଗୁ ଅଧିକାଂଶ ସ୍ଥାନରେ ରାସ୍ତା ଫାଟି ଯାଉଛି। ମାତ୍ର ଠିକା ସଂସ୍ଥା ତରଫରୁ ଏନେଇ କୌଣସି ପଦକ୍ଷେପ ନିଆ ନ ଯାଇ ଛାଡ଼ି ଦିଆଯାଉଛି। ଜାମୁଗାଁ ପଞ୍ଚାୟତର କଣିପଡ଼ାଠାରେ ଥିବା ସରକାରୀ ପଲିଟେକ୍‌ନିକ ମହାବିଦ୍ୟାଳୟର ଏହା ମୁଖ୍ୟ ରାସ୍ତା। ଏହି ବାଟ ଦେଇ କଣ୍ଟୁଣିଆ, ବାଲିକୁଦା ଆଦିକୁ ବହୁ ଲୋକ ଯିବା ଆସିବା କରିଥାନ୍ତି। ମାତ୍ର ରାସ୍ତାରେ କାଦୁଅ ଜମିବା ଯୋଗୁ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାସ୍ତା ପାର୍ଶ୍ୱକୁ ପୋତା ଯାଇ ମାଟି ସଫା କରାଯିବା ସହ ଏହାକୁ ମରାମତି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ବିନୋଦ ତରାଇ କୁହନ୍ତି, ଠିକା ସଂସ୍ଥା ସଙ୍ଗେସଙ୍ଗେ ମାଟି ଖୋଳି ପାଇପ ପକାଇବା ପରେ ପୋତିଦେବା କଥା। କାହିଁକି ପୋତାଯାଉ ନାହିଁ ଏନେଇ ବିଭାଗ ସହ କଥା ହେବା ପରେ ଆଗାମୀ ପଦକ୍ଷେପ ନିଆଯିବ। ଏ ବିଷୟରେ ଗ୍ରାମ୍ୟ ଜଳ ପରିମଳ ବିଭାଗ ଏସ୍‌ଡିଓ ତପନ ରାଉତ କହିଛନ୍ତି, ଯଥାଶୀଘ୍ର ପାଇପ ବିଛାଯାଇ ରାସ୍ତା ପୋତା ଯିବା ପାଇଁ ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲା ସ୍ୱାବଲମ୍ବୀ କାରିଗର ସଂଘ

**କଟକ ଅଫିସ ୧୯।୭:** ବିଭିନ୍ନ ଦାବି ନେଇ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକଙ୍କୁ କରୋନା ଯୋଦ୍ଧାର ମାନ୍ୟତା, ଏସ୍‌ଇଏମ୍‌ଙ୍କୁ ପ୍ରତିମାସ ନିୟମିତ ପାରିଶ୍ରମିକ ପ୍ରଦାନ ସହ ସରକାରୀ କର୍ମଚାରୀର ମାନ୍ୟତା ଦେବା, କାର୍ଯ୍ୟ କରୁଥିବାବେଳେ ସେମାନଙ୍କ ଅକାଳ ମୃତ୍ୟୁରେ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା, କରୋନା ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା , ନୂତନ ପମ୍ପହାଉସରେ ଏସ୍‌ଇଏମ୍‌ମାନଙ୍କୁ ନିଯୁକ୍ତି ଦେବା ଆଦି ଦାବି କରିବା ସଂଘ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ କଟକ ଜିଲା ସଭାପତି ରାଜକିଶୋର ମଲ୍ଲିକ, ଏଆଇୟୁଟିୟୁସି ନେତା ଖଗେଶ୍ୱର ସେଠୀ, ମାନଗୋବିନ୍ଦ ପଣ୍ଡା, ସୂର୍ଯ୍ୟକାନ୍ତ ବାଡ଼ି, ସୁଦର୍ଶନ ଭୋଇ, ବିଭୂତି ଭୂଷଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ କାରଖାନା କର୍ମଚାରୀ ମୃତ

**ଖୁଣ୍ଟୁଣୀ,୧୯।୭(ଡି.ଏନ୍.ଏ.):** କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ କପୁରସିଂ ଗ୍ରାମ ଖେଳପଡିଆ ନିକଟରେ ସୋମବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣେ କାରଖାନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡ଼ିଝାଟିଆ ଥାନା ଅଧୀନ ଗୁରୁ ଗ୍ରାମର ରସାନନ୍ଦ ସହାଣୀ (୫୬)। ଏ ନେଇ ପୋଲିସ ନଂ. ୭୪/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରସାନନ୍ଦ କପୁରସିଂ ସ୍ଥିତ ପିହୁରାରେ ଥିବା ଏକ କାରଖାନାରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ସେ ସୋମବାର ସକାଳେ ଘରୁ ସାଇକେଲରେ କାରଖାନାକୁ ଯାଉଥିବାବେଳେ କପୁରସିଂ ଖେଳପଡିଆ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଆଠଗଡ଼ରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

### ମାହାଙ୍ଗାରେ ହତ୍ୟାକାଣ୍ଡ: ପୁନଃ ତଦନ୍ତ ଦାବି କଲା କଂଗ୍ରେସ

**କଟକ ଅଫିସ,୧୯।୭:** ମାହାଙ୍ଗାର କୁଳମଣି ବରାଳ, ଦିବ୍ୟସିଂହ ବରାଳ ଓ ପ୍ରଫୁଲ୍ଲ ବିଶ୍ୱାଳଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ୧୩ନଂ. ଅଭିଯୁକ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଚାର୍ଜସିଟରୁ କାଟି ଦିଆଯାଇଥିବା ନେଇ କଂଗ୍ରେସ ଅଭିଯୋଗ ଆଣିଛି। ଏହାର ପ୍ରତିବାଦ କରି କଂଗ୍ରେସର ଏକ ପ୍ରତିନିଧି ଦଳ ସୋମବାର କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଯୁଗଳ କିଶୋର କୁମାର ବାନୋଥଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଦେବେନ୍ଦ୍ର ସାହୁ ପ୍ରମୁଖ ଏସ୍‌ପିଙ୍କୁ ଭେଟି ଉକ୍ତ ହତ୍ୟାକାଣ୍ଡର ପୁନଃ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଉକ୍ତ ହତ୍ୟାକାଣ୍ଡରେ ମୃତକଙ୍କ ପରିବାରକୁ ନ୍ୟାୟ ଦେବା ଓ ପୋଲିସ ଚାପମୁକ୍ତ ହୋଇ କାର୍ଯ୍ୟ କରିବା ପାଇଁ ଏହି ଦାବିପତ୍ରରେ ଦର୍ଶାଯାଇଛି।

# ହଜିଗଲା ୩ଶହ 'ମୋ ସାଇକେଲ'

**ଭୁବନେଶ୍ୱର, ୧୯।୭ (ବ୍ୟୁରୋ)**



- ଶେଷରେ କମ୍ପାନୀ ନାଁରେ ମାମଲା ରୁଜୁ ନେଇ ସ୍ପଷ୍ଟ କଲେ କମିଶନର
- ବିକ୍ଷୋଭ ସହ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର 'ମୋ ସାଇକେଲ ଯୋଜନା' କବାଡିଖାନାକୁ ଯିବା ଘଟଣାରେ ନୂଆ ମୋଡ଼ ଆସିଛି। ସହରରୁ ହେକ୍ସି କମ୍ପାନୀର ୩ଶହ 'ମୋ ସାଇକେଲ'ର ପତ୍ତା ମିଳୁ ନ ଥିବା ଜଣାପଡିଛି। ଏକଥାକୁ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ମଧ୍ୟ ସ୍ୱୀକାର କରିଛନ୍ତି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ କୌଣସି ସାଇକେଲ ବିକ୍ରି କରାଯାଇ ନାହିଁ। ରିପୋର୍ଟ ପାଇବା ପରେ କମ୍ପାନୀ ନାଁରେ ଥାନାରେ ଏଫ୍‌ଆଇଆର୍ ହୋଇଛି। ପୋଲିସ ଅନୁସନ୍ଧାନ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର କହିଛନ୍ତି।

ସୂଚନାଯୋଗ୍ୟ, ସ୍ମାର୍ଟସିଟି ରାଜଧାନୀକୁ ପ୍ରଦୂଷଣମୁକ୍ତ କରିବା ସହିତ ଲୋକଙ୍କୁ ସାଇକେଲ୍ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଏମ୍‌ସି ପକ୍ଷରୁ ୨୦୧୮ ହକି ବିଶ୍ୱକପ୍ ସମୟରେ ମୋ ସାଇକେଲ୍ ଯୋଜନା ଆରମ୍ଭ ହୋଇଥିଲା। ସାଇକେଲ ପିଛା ୨୫ହଜାର ଟଙ୍କା ଦେଇ ୨ହଜାର ଟଙ୍କା ସାଇକେଲ କିଣାଯାଇଥିଲା। ୟୁଲୁ ଓ ୟୋନୋ କମ୍ପାନୀଠାରୁ ୫ଶହ ଲେଖାଏ ସାଇକେଲ କିଣାଯାଇଥିବାବେଳେ ହେକ୍ସି କମ୍ପାନୀ ଠାରୁ ୧ହଜାର ସାଇକେଲ କିଣାଯାଇଥିଲା। ଏନେଇ କମ୍ପାନୀଗୁଡିକ ସହିତ ୫ବର୍ଷ ପାଇଁ ଚୁକ୍ତି ମଧ୍ୟ କରାଯାଇଥିଲା। ତେବେ ଅବଧି ନ ସରୁଣୁ ମାତ୍ର ଦୁଇବର୍ଷ ଭିତରେ ଏହି ଜନାଭିମୁଖୀ ଯୋଜନା ତା'ର ଅସ୍ତିତ୍ୱ ହରାଇ ସାରିଛି। ରାସ୍ତା ପାର୍ଶ୍ୱରେ ବହୁଦିନ ଧରି ସାଇକେଲ ଦେଖିବାକୁ ମିଳୁ ନ ଥିବାବେଳେ ଗତ ୧୩ ତାରିଖରେ ହେକ୍ସି କମ୍ପାନୀର ଶତାଧିକ ମୋ ସାଇକେଲ କବାଡିଖାନାକୁ ସ୍କ୍ରାପ ଭାବେ ବିକ୍ରି କରିଦିଆଯାଉଥିବା ବିଭିନ୍ନ ଗଣମାଧ୍ୟମରେ ତଥ୍ୟ ଓ ଫଟୋ ସହ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିବାଦ ଉପୁଜିବାରୁ ଗତ ବୁଧବାର କମିଶନର ୨ଟି ଟିମ୍ କରି ସାଇକେଲ ଗଣନା କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ମାତ୍ର ଗଣନା କରି ମାମଲା ଦାୟର କରିବାକୁ ବିଏମ୍‌ସିକୁ ଏକ ସପ୍ତାହ ସମୟ ଲାଗିଯାଇଛି। 'ମୋ ସାଇକେଲ ଯୋଜନା' ବାଟବଣା ହେବାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ସୋମବାର ଜିଲା ଭାଜପା ପକ୍ଷରୁ ଅଭିନବ ଉପାୟରେ ସାଇକେଲକୁ କୋକେଇରେ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ଶୋଭାଯାତ୍ରା ଶିଶୁଭବନ ଛକଠାରୁ ବାହାରି ରାଜମହଲ ଛକଠାରେ ପହଞ୍ଚିଥିଲା। ସେଠାରେ ରାଜ୍ୟ ସରକାର ମୋ ସାଇକେଲ ଯୋଜନା ନାମରେ ରାଜଧାନୀବାସୀଙ୍କୁ ଠକିଛନ୍ତି ବୋଲି ଭାଜପା ନେତା ଓ କର୍ମୀ ଅଭିଯୋଗ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ଭାଜପା ପକ୍ଷରୁ 'ମୋ ସାଇକେଲ'କୁ କୋକେଇ ଶୋଭାଯାତ୍ରାରେ ନିଆଯାଉଛି।

# ୩୦ ନୋଡାଲ ଅଫିସର ନିଯୁକ୍ତ

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

**ସ୍କୁଲ ଖୋଲିବା ପ୍ରସଙ୍ଗ**

କରୋନା କଟକଣା ଭିତରେ ଆସନ୍ତା ୨୬ ତାରିଖରୁ ରାଜ୍ୟରେ ସ୍କୁଲ ଖୋଲିବ। ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାମାନେ ଶ୍ରେଣୀଗୃହରେ ବସି ପାଠପଢ଼ିବେ। ଏଥିସହିତ ଆସନ୍ତା ୩୦ ତାରିଖରୁ ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା ଆରମ୍ଭ ହୋଇ ଅଗଷ୍ଟ ୫ରେ ସରିବ। ତେଣୁ ସ୍କୁଲ ଖୋଲିବା ଓ ମାଟ୍ରିକ ପରୀକ୍ଷାକୁ ସୁପରିଚାଳନା କରିବା ପାଇଁ ରାଜ୍ୟ ସରକାର ନୋଡାଲ ଅଫିସର ନିଯୁକ୍ତ କରିଛନ୍ତି। ୩୦ ଜିଲା ପାଇଁ ୩୦ଜଣଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୋଡାଲ ଅଫିସରମାନେ ନିଜ ଜିଲାକୁ ପରିଦର୍ଶନ କରିବେ ଓ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏସ୍‌ଓପି ପାଳନ ହେଉଛି କି ନାହିଁ ତଦାରଖ କରିବେ। ମାସକୁ ଅତି କମ୍‌ରେ ୨ଥର ଟୁର୍‌ରେ ଯିବେ। ବିଭାଗୀୟ ଅତିରିକ୍ତ ସଚିବ ପ୍ରତାପ କୁମାର ମିଶ୍ରଙ୍କୁ ସେମାନଙ୍କ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ବୃନ୍ଦାବନ ପ୍ଲାଜା କଣ୍ଟେନ୍‌ମେଣ୍ଟ ଜୋନ୍

**ଭୁବନେଶ୍ୱର, ୧୯।୭ (ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ କମୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଅଧିକ ରହୁଥିବାରୁ ବିଏମ୍‌ସି ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ଗତ କିଛିଦିନ ହେବ ଅଧିକ ଆକ୍ରାନ୍ତ ଚିହ୍ନଟ ସ୍ଥାନକୁ କଣ୍ଟେନମେଣ୍ଟ ଘୋଷଣା କରାଯାଉଛି। ସୋମବାର ୱାର୍ଡ ନଂ.୫୨ ଅନ୍ତର୍ଗତ ୟୁନିଟ-୬ର ଗଙ୍ଗନଗରସ୍ଥିତ ବୃନ୍ଦାବନ ପ୍ଲାଜାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ଏହି ପ୍ଲାଜାର ପଞ୍ଚମ ତାଲାର ଫ୍ଲାଟ୍ ନଂ. ୫୦୬, ୫୦୯ ଓ ୫୧୦ରୁ ଏକାଧିକ ପଜିଟିଭ୍ ଚିହ୍ନଟ ହେବା ପରେ ବିଏମ୍‌ସି ଏହି କଟକଣା ଲାଗୁ କରିଛି। ସମ୍ପୃକ୍ତ ଅଞ୍ଚଳକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ ରୋକ୍ ଲଗାଯାଇଛି। ସମସ୍ତ ଦୋକାନ ବଜାର ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ସେହିପରି ସ୍ଥାନୀୟ ବାସିନ୍ଦାଙ୍କୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ବିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।





ସ୍ଥାୟୀ ନିଯୁକ୍ତି ଦାବିରେ ଛଟେଇ ବିଦ୍ୟୁତ୍ କର୍ମଚାରୀମାନେ ସୋମବାର ଭୁବନେଶ୍ୱର ଇଡ୍‌କୋ ଟାୱାରସ୍ଥିତ ଟାଟା ପାୱାର ଅଫିସକୁ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି (ତଳ)। ବିକ୍ଷୋଭକୁ ସମର୍ଥନ କରୁଥିବା ରାଜ୍ୟ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଓ ଅନ୍ୟମାନେ (ଉପର)।

# ବାଲିଗାଡ଼ିରୁ ୨୦ହଜାର ଜରିମାନା ଆଦାୟ

**ବାରଙ୍ଗ,୧୯।୭(ଡି.ଏନ୍.ଏ.)**

ବାରଙ୍ଗ ଅଞ୍ଚଳରୁ ଚୋରା ଲଘୁ ଖଣିଜ ଦ୍ରବ୍ୟ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ତେବେ ରବିବାର ରାତିରେ ଏହି ଦ୍ରବ୍ୟ ଚାଲାଣ ହେଉଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ବାରଙ୍ଗ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ତ୍ରିଶୂଳିଆ ଛକ ନିକଟରୁ ଗୋଟିଏ ଗାଡିକୁ ଜବତ କରାଯାଇଛି। ଓଡି ୦୨ ଜେଡ୍ ୧୧୩୫ନଂ ହାଇୱା ବାଲି ବୋଝେଇ କରି ଆସୁଥିବା ବେଳେ ତହସିଲ କର୍ମଚାରୀମାନଙ୍କ ଚେକିଂ କରି ଧରିଥିଲେ। ବିନା ୱାଇଫର୍ମରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବାରୁ ଗାଡି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୧୯।୭**

**ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଦ୍ୱାରା ଜଳନିଷ୍କାସନ ଦାବି**

ଶିଖରପୁର ନଦୀକୂଳ ସାହି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ନିମନ୍ତେ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ବର୍ଷା ହେଲେ ବର୍ଷାପାଣି ସହ ଆବର୍ଜନା ଘରେ ପଶୁଛି। ଏପରିକି ଉକ୍ତ ପାଣି ଦୁଇତିନିଦିନ ଧରି ଘର ଭିତରେ ଜମା ହୋଇ ରହୁଛି। ଏହା ଦ୍ୱାରା ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଭିଯୋଗ କରି ସ୍ଥାନୀୟ ଲୋକେ ସିପିଆଇ କଟକ ନଗର କମିଟି ନେତୃତ୍ୱରେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଠାରେ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଦ୍ୱାରା ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ କମିଶନରଙ୍କ ଉଦ୍ଦେଶ୍ୟରେ ଡେପୁଟି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସିପିଆଇ କଟକ ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ସମ୍ପାଦକ ଉଦୟ ବର୍ମା, ନଗର ସମ୍ପାଦକ ବିନୋଦ ବେହେରା, ରଞ୍ଜିତା ଦାସ, ନୟନା ରାଉତ, ରୁକ୍ମଣୀ ନାୟକ, ସ୍ନେହଲତା ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

# ମନ୍ତ୍ରୀଙ୍କ ପୂର୍ବରୁ ସରପଞ୍ଚ କଲେ ଭିତ୍ତିପ୍ରସ୍ତର ସ୍ଥାପନ

**ଗୋପ,୧୯।୭(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପିଇବା ପାଣିକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ସରକାରୀ ସ୍ତରରେ ଏହି ପଞ୍ଚାୟତର ଇଚ୍ଛାପୁର, ସିରିକେରେଣ୍ଡା ଗ୍ରାମରେ ପିଇବା ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ଥିବାବେଳେ ସ୍ଥାନୀୟ ସରପଞ୍ଚ ବନରଞ୍ଜନ ପଟ୍ଟନାୟକ ଏହି ପ୍ରକଳ୍ପକୁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ୨୦୨୨ ସୁଦ୍ଧା ପ୍ରତି ପରିବାରକୁ ପିଇବା ପାଣି ଯୋଗାଇ ଦେବାର ବ୍ୟବସ୍ଥା ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଯୋଜନା ମୁତାବକ ମଙ୍ଗଳବାର ଗୋପ ବ୍ଲକର ୬ ପଞ୍ଚାୟତର ୧୮ ଗ୍ରାମରେ ପିଇବା ପାଣି ପ୍ରକଳ୍ପ ସହିତ ଆଉ କେତେକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ପାଇଁ ମନ୍ତ୍ରୀ ଦାଶଙ୍କ ସରକାରୀ ଗସ୍ତ ରହିଛି। ହେଲେ ସୋମବାର ଅଣ୍ଡରା-ଇଚ୍ଛାପୁରର ସରପଞ୍ଚ ପଟ୍ଟନାୟକ କେତେଜଣ ଦଳୀୟ କର୍ମୀ ସହ ଆଗୁଆ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପଟ୍ଟନାୟକଙ୍କୁ ପଚାରି ବାରେ ମନ୍ତ୍ରୀ କାର୍ଯ୍ୟକ୍ରମ ସମ୍ପର୍କରେ ମୋ ନିକଟରେ ଖବର ନାହିଁ। ଯେହେତୁ ପଞ୍ଚାୟତର ପିଇବା ପାଣି ଦାୟିତ୍ୱ ମୋର, ତେଣୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲି। ଅପରପକ୍ଷେ ମନ୍ତ୍ରୀ ଦାଶ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟକ୍ରମ ମୁତାବକ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନା କରାଯିବ ବୋଲି କହିଛନ୍ତି। ଜଳ ପରିମଳ ବିଭାଗ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀଙ୍କୁ ପଚାରିବାରେ କେବଳ ରାଜନୈତିକ ବିବାଦ ହିଁ ମୁଖ୍ୟ କାରଣ ବୋଲି କହିଛନ୍ତି।

# ସୃଜନଶୀଳତାର ନିଦର୍ଶନ ହେଉଛନ୍ତି ଶ୍ରୀଜଗନ୍ନାଥ

**ଖୋର୍ଦ୍ଧା ଅଫିସ,୧୯।୭**

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ। ସେ ଭାବ, ସମର୍ପଣ ଓ ସମନ୍ୱୟର ଠାକୁର। ବିଶ୍ୱ ସାମ୍ୟବାଦ ଓ ସୃଜନଶୀଳତାର ନିଦର୍ଶନ ହେଉଛନ୍ତି ଶ୍ରୀଜଗନ୍ନାଥ। ଶ୍ରୀନୀଳାଚଳନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୋଲାକାର ଆଖି। ଏହା ଭିତରେ ରହିଛି ଆଧୁନିକ ବସ୍ତୁବାଦୀ ସମାଜରେ ଫୁଟି ଉଠୁଥିବା ଶହଶହ ସୃଜନଶୀଳବୃତ୍ତିର ରଙ୍ଗ ରୂପ ଆଉ ସ୍ୱରୂପ। ସାହିତ୍ୟ, କବିତା, ସଙ୍ଗୀତ, ନୃତ୍ୟ, ଅଭିନୟ, ମୂର୍ତ୍ତୀ, କାରିଗରୀ, ବାଲୁକା କଳା, ଚିତ୍ରକଳା ଠାରୁ ଆରମ୍ଭ କରି ପଥରଶିଳ୍ପର ପ୍ରତି ସ୍ପର୍ଶରେ ରହିଛି ମହାପ୍ରଭୁ ଙ୍କର ପ୍ରତିଛବିର ଏକ ସାଙ୍କେତିକ ଚିହ୍ନ ଓ ବର୍ଣ୍ଣ। ସୃଜନଶୀଳତାର ଶେଷ ପରିଭାଷା ହିଁ ମହାପ୍ରଭୁଙ୍କ ଗୋଲ ଆଖି ଭିତରେ କେଉଁଠି ଅଦୃଶ୍ୟ ଭାବେ ଛପି ରହିଯାଇଛି। ଏଥିଲାଗି ପୃଥିବୀର ସବୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମନ୍ୱୟର ଏହି ଭାବଧାରା ପ୍ରସ୍ଫୁଟିତ ହେଉଛି। ରଥଯାତ୍ରା ଉପଲକ୍ଷେ ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ନାଲ 'ତ୍ରିକଳିଙ୍ଗ'ଦ୍ୱାରା ରଥଯାତ୍ରା ଆୟୋଜିତ ୱେବିନାର୍ (ଆଭାସୀ ଆଲୋଚନା) 'ବିଶ୍ୱ ସାମ୍ୟବାଦ ଏବଂ ସୃଜନଶୀଳତାର ଶେଷ ଠିକଣା ପ୍ରଭୁ ଶ୍ରୀଜଗନ୍ନାଥ'ରେ ମତପ୍ରକାଶ ପାଇଛି। ତ୍ରିକଳିଙ୍ଗ ନିର୍ଦ୍ଦେଶକ ସମ୍ବିତ ପଟ୍ଟନାୟକଙ୍କ ସଂଯୋଜନା ଏବଂ କଳାବିନୋଦ ଚେତନା ପରିଷଦର ସଭାପତି ଡ.ପ୍ରଫୁଲ୍ଲ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଗବେଷକ ଡ.ସତ୍ୟ ଷଡଙ୍ଗୀ, ଡ.ସୁରେଶ ଛୋଟରାୟ, ପ୍ରଧାପକ ଗୋପାଳକୃଷ୍ଣ ଦାସ, ଆଇନଜୀବୀ ସତ୍ୟ ନାରାୟଣ ଲାଲା, ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ସୁଧାକର ବିଶ୍ୱାଳ, ସଞ୍ଜୟ ପଟ୍ଟନାୟକ ,ସାହିତ୍ୟିକ ଜ୍ଞାନରଞ୍ଜନ ଦାସ, କବିତା ପଟ୍ଟନାୟକ, ବିକ୍ରମ ଚମ୍ପତି, ସନ୍ତୋଷ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ୱେବିନାରରେ ଉପସ୍ଥିତ ଅତିଥି।

# ମାଙ୍କଡ଼ା ପଥର ଖଣିରେ ଚଢ଼ାଉ

**ଟାଙ୍ଗୀ(ଖୋର୍ଦ୍ଧା)୧୯।୭(ଡି.ଏନ୍.ଏ.)**

**ଟ୍ରାକ୍ଟର ଜବତ, ୨ ଗିରଫ**

କରୋନା ସଂକ୍ରମଣ ପାଇଁ ଖୋର୍ଦ୍ଧା ଜିଲାରେ ଆଂଶିକ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ଖଣି ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ଟାଙ୍ଗୀ ଥାନା ଅନ୍ତର୍ଗତ ଭୁଷଣ୍ଡପୁର ଅଞ୍ଚଳରେ ସୋମବାର ପୋଲିସ ବେଆଇନ ମାଙ୍କଡ଼ା ପଥର ଖଣିରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଏଥିସହ ଗୋଟିଏ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଓ କଟର ମେଶିନ ଜବତ କରିଛି। ଅଭିଯୁକ୍ତ ହେଲେ ବାଉରିଆ ପରିଡ଼ା ଓ ତାରିଣୀ ପ୍ରଧାନ। ଏନେଇ ଥାନାରେ ଏକ ମାମଲା(ନଂ.୨୩୯/୨୧)ରୁଜୁ ହୋଇଛି। ପ୍ରକାଶ ଯେ, ଅଭିଯୁକ୍ତ ବାଉରିଆ କିଛିଦିନ ପୂର୍ବେ ତହସିଲଦାରଙ୍କୁ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହେଉଥିଲା।

# ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା),୧୯।୭(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ଭୁଷଣ୍ଡପୁର ଉଗ୍ରତାର ପୀଠ ନିକଟ କନ୍ତଲବାଇ ଜଙ୍ଗଲରେ ଏକ ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କନ୍ତଲବାଇ ଗ୍ରାମର ସୁଶାନ୍ତ ପ୍ରଧାନ, ଦୟାନିଧି ପରିଡ଼ା, ରବି ସରକାର, ବିକାଶ ପରିଡ଼ା, ନିରାକାରପୁର ଥାନା ଅଧୀନ ରାଉଳହଜ ଗ୍ରାମର ଧରଣୀ ପ୍ରଧାନ, ଡିଆ ଆଦିବାସୀ ସାହିର ସୁନିଲ ନାୟକ ଓ ସୁନନ୍ଦ ନାୟକ। ଏମାନଙ୍କ ନିକଟରୁ ୫ ବାଇକ୍, ୨ ସାଇକେଲ ଓ ୩୨୦୦ଟଙ୍କା ଜବତ ହୋଇଛି। ଟାଙ୍ଗୀ ଆଇଆଇସି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

# ଭୁବନେଶ୍ୱରରେ ୧୭୧୭ ବର୍ଷାଜଳ ଅମଳ ପ୍ରକଳ୍ପ

**ଭୁବନେଶ୍ୱର, ୧୯।୭ (ବ୍ୟୁରୋ)**

ସହରାଞ୍ଚଳକୁ ଅଧିକରୁ ଅଧିକ ପରିବେଶ ଅନୁକୂଳ କରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ୧୭୧୭ ବର୍ଷାଜଳ ଅମଳ ପ୍ରକଳ୍ପ କରାଯାଇଛି। ଓଡ଼ିଶା ସରକାରଙ୍କ 'ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ(ମୁକ୍ତା)' କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପଗୁଡ଼ିକ କରାଯାଇଛି। ଭୂପୃଷ୍ଠ ଜଳସ୍ତର ବୃଦ୍ଧି ସହ କୁଶଳୀ ଓ ଅଣକୁଶଳୀ ଶ୍ରମିକ ତଥା ତୃଣମୂଳ ସ୍ତରର ମହିଳା ଏବଂ ଅନ୍ୟ କେତେକ ବର୍ଗଙ୍କୁ ବେଉସା ଯୋଗାଇବା ଏବଂ ସହରାଞ୍ଚଳର ପରିବେଶଗତ ବିକାଶକୁ ତ୍ୱରାନ୍ୱିତ କରିବା ହେଉଛି 'ମୁକ୍ତା' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ଭୁବନେଶ୍ୱର ସମସ୍ତ ୬୭ ୱାର୍ଡ଼ରେ ବର୍ଷାଜଳ ଅମଳ ପ୍ରକଳ୍ପ କରାଯାଇଛି। ୱାର୍ଡ଼ଗୁଡ଼ିକରେ ଥିବା ବିଭିନ୍ନ ପାର୍କ, ସରକାରୀ ଖୋଲାସ୍ଥାନ, ଅନୁଷ୍ଠାନ ଓ ପଡ଼ିଆଗୁଡିକରେ ଏହି ପ୍ରକଳ୍ପ କରାଯାଇଛି। ଏହାର କାର୍ଯ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ହାତରେ ନ୍ୟସ୍ତ କରାଯାଇଛି। ୨୬୫ ଏସ୍‌ଏଚ୍‌ଜିରୁ ପ୍ରାୟ ୩ହଜାର ସଦସ୍ୟା ଏଥିରେ ସମ୍ପୃକ୍ତ ଅଛନ୍ତି। ଅନୁବନ୍ଧିତ ଏସ୍‌ଏଚ୍‌ଜିରୁ ସଦସ୍ୟା ଚୟନ କରାଯାଇ ପ୍ରକଳ୍ପର ପରିଚାଳନା ଭାର ଦିଆଯାଇଛି। ଏମାନେ ପ୍ରକଳ୍ପ ରୂପାୟନର ଏକ ଅଂଶୀଦାର ଭାବେ ରହିଛନ୍ତି, ଯାହା ଏହି ଯୋଜନାର ଅନ୍ୟତମ ଆଭିମୁଖ୍ୟ। ବର୍ତ୍ତମାନର ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି। ଏପରିସ୍ଥଳେ 'ମୁକ୍ତା' କାର୍ଯ୍ୟକ୍ରମ ଅଧୀନରେ ଭୂପୃଷ୍ଠ ଜଳକୁ ଭୂତଳକୁ ଛାଡ଼ିବା ଦ୍ୱାରା ଭୂତଳ ଜଳସ୍ତରର ବୃଦ୍ଧି କରିବାରେ ନିଶ୍ଚିତ ଭାବେ ସହାୟକ ହେବ ହେବ। ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ସଂଖ୍ୟକ ପ୍ରକଳ୍ପ କରାଯାଇଛି। ଏହା ଏକ ସାମଗ୍ରୀକ ବିକାଶ କାର୍ଯ୍ୟକ୍ରମ ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି। ଚଳିତବର୍ଷ ଏପ୍ରିଲ୍ ୧୩ରୁ ଜୁନ୍ ୩୦ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଲକ୍‌ଡାଉନ୍‌ରେ ଏଭଳି ବିକାଶମୂଳକ ତଥା ପରିବେଶ ବନ୍ଧୁ କାର୍ଯ୍ୟକ୍ରମରେ ପ୍ରାୟ ୫୩ ହଜାର ଜଣ ଅଣକୁଶଳୀ ଓ ପ୍ରାୟ ୨୦ ହଜାର କୁଶଳୀ ଶ୍ରମିକ କାମ ପାଇ ସେମାନଙ୍କ ଗୁଜୁରାଣ ମେଣ୍ଟାଇ ପାରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୭୩ ହଜାରଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇ ପାରିଛି ବୋଲି ସିଟି ଇଞ୍ଜିନିୟର କହିଛନ୍ତି।

**ପରିଚାଳନା କରିବେ ୨୬୫ ଏସ୍‌ଏଚ୍‌ଜି**



ସହରରେ ଥିବା ଏକ ବର୍ଷାଜଳ ଅମଳ ପ୍ରକଳ୍ପ।



ଏକ ପାର୍କରେ ପ୍ରକଳ୍ପ କାର୍ଯ୍ୟ ଚାଲିଛି ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

କଲମ୍ବୋ, ୧୯।୭(ପି.ଟି.)

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆକୁ ସହଜରେ ୭ ଉଇକେଟରେ ଜିତିଥିବା ଶିଖର ଧାୱନଙ୍କ ନେତୃତ୍ୱାଧୀନ ଯୁବ ଦଳ ଦ୍ୱିତୀୟ ଦିନିକିଆ ସହ ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଧାୱନଙ୍କ ବ୍ୟତୀତ ପୃଥ୍ୱୀ ଶ’, ଇଶାନ କିଶନ ଓ ସୂର୍ଯ୍ୟକୁମାର ଯାଦବ ପ୍ରଭାବୀ ବ୍ୟାଟିଂ କରି ଭାରତକୁ ବିଜୟୀ କରାଇଥିଲେ। ତିନିଜଣଯାକ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଗତ କିଛିବର୍ଷ ହେଲା ସୀମିତ ଓଭର କ୍ରିକେଟରେ ଭାରତ ଏହି ରଣନୀତି ଅବଲମ୍ବନ କରିଆସୁଛି। ଏକଦିବସୀୟ ଅନ୍ତର୍ଜାତୀୟରେ ପଦାର୍ପଣ କରିଥିବା ଇଶାନ ଓ ସୂର୍ଯ୍ୟକୁମାର ପ୍ରଥମ ବଲ୍‌ରୁ ହିଁ ବଡ଼ ଶଟ୍ ଖେଳିବା ମନୋବୃତ୍ତିରେ ଥିଲେ। ଶ୍ରୀଲଙ୍କା ବୋଲରଙ୍କ ପ୍ରଭାବହୀନ ବୋଲିଂରୁ ମଧ୍ୟ ଭାରତକୁ ଫାଇଦା ମିଳିଥିଲା। ଫଳ ସ୍ୱରୂପ ଦଳ ୩୭ତମ ଓଭରରେ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା।

ପ୍ରଥମ ଦିନିକିଆରେ ସହଜ ବିଜୟ ମିଳିଥିବାରୁ ଆଗାମୀ ମ୍ୟାଚ ପାଇଁ ଭାରତୀୟ ଦଳରେ ପରିବର୍ତ୍ତନ ସମ୍ଭାବନା ନାହିଁ। ଆଗୁଆ ସିରିଜ ବିଜୟୀ ହୋଇପାରିଲେ ଭାରତ ତୃତୀୟ ତଥା ଅନ୍ତିମ ଦିନିକିଆରେ ଅନ୍ୟ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇ ପାରିବ। ମନୀଷ ପାଣ୍ଡେଙ୍କ ବ୍ୟାଟିଂକୁ ନେଇ ସାମାନ୍ୟ ଚିନ୍ତା ରହିଛି। ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ଦ୍ରୁତ ହାରରେ ରନ ସଂଗ୍ରହ କରିଥିବାବେଳେ ମନୀଷ ୪୦ ବଲ୍‌ରୁ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ପୃଥ୍ୱୀ ନିଜ ସ୍ୱାଭାବିକ ଭଙ୍ଗୀରେ ବ୍ୟାଟିଂ କରି ଆରମ୍ଭରୁ ଭାରତର ରନ ହାରକୁ ଉଚ୍ଚରେ ରଖିଥିଲେ। ସେ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ



ପ୍ରଥମ ଦିନିକିଆରେ ଭାଗୀଦାରି ଅବସରରେ ଶିଖର ଧାୱନ ଓ ଇଶାନ କିଶନ।

## ଦ୍ୱିତୀୟ ଦିନିକିଆ ଆଜି

ପରିଣତ କରିପାରି ନ ଥିଲେ। ତେଣୁ ମଙ୍ଗଳବାର ତାଙ୍କ ବ୍ୟାଟ୍‌ରୁ ଏକ ବଡ଼ ସ୍କୋର ଆଶା କରାଯାଉଛି। ଦୀର୍ଘଦିନ ପରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ପ୍ରଭାବୀ ବୋଲିଂ କରି ପାରିଥିଲେ। ସେମାନେ ମିଳିତଭାବେ ଭଲ ପ୍ରଦର୍ଶନ କରିପାରିବେ ବୋଲି ପ୍ରମାଣିତ ମଧ୍ୟ କରିଥିଲେ। ସ୍ପିନରମାନେ ସେମାନଙ୍କ ଦାୟିତ୍ୱ ଠିକ୍‌ଭାବେ ତୁଲାଇଥିବାବେଳେ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିଜ ୫ ଓଭର ସ୍ପେଲରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଦଳର ସବୁଠାରୁ ସିନିୟର ସ୍ୱିନର ଭୁବନେଶ୍ୱର କୁମାର ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ ହେଁ ଆଗାମୀ ମ୍ୟାଚରେ ରିଦିମ୍‌କୁ ଫେରିବା ଆଶା ରହିଛି।

ଭାରତକୁ ବିଜୟ ଧାରାରୁ ରୋକିବାକୁ ହେଲେ ଘରୋଇ ଶ୍ରୀଲଙ୍କା ଦଳକୁ ଅନେକ କଷ୍ଟ କରିବାକୁ ହେବ। ବିଜୟ ସମ୍ଭବ ହେଉ କି ନ ହେଉ ଶ୍ରୀଲଙ୍କାର ଯୁବ ଖେଳାଳିମାନେ ମ୍ୟାଚକୁ ସଂଘର୍ଷପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଦଳରେ ଅନେକ ଅନଭିଜ୍ଞ ଖେଳାଳି ଥିବାରୁ ବ୍ୟାଟ୍ସମ୍ୟାନମାନେ ଭଲ ଆରମ୍ଭ କରିଥିଲେ ହେଁ ତାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଚାମିକା କରୁଣାରତ୍ନେଙ୍କ ୩୫ ବଲ୍‌ରୁ ୪୩ ରନ ସଂଗ୍ରହ ଯୋଗୁ ଶ୍ରୀଲଙ୍କା ସ୍କୋର ୨୫୦ ଅତିକ୍ରମ ସମ୍ଭବ ହୋଇ ପାରିଲା। ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବାକୁ ହେଲେ ବ୍ୟାଟ୍ସମ୍ୟାନମାନଙ୍କୁ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିବାକୁ ପଡ଼ିବ। ପ୍ରଥମ ଦିନିକିଆରେ ମଧ୍ୟ ୩୦୦ ରନ ସଂଗ୍ରହ ସମ୍ଭବ ବୋଲି ଚାମିକା ଅନୁଭବ କରିଥିଲେ। ସେ ଦଶୁନ ଶନକାଙ୍କ ସହ ବ୍ୟାଟିଂ କରିବାବେଳେ ୪୨ କିମ୍ବା ୪୩ତମ ଓଭରରୁ ବଡ଼ ଶଟ୍ ଖେଳିବା ଯୋଜନାରେ ଥିଲେ। ମାତ୍ର ଶନକା ୪୫ତମ ଓଭର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ବ୍ୟାଟ୍ସମ୍ୟାନମାନେ ଭଲ ଆରମ୍ଭ କରିପାରିଲେ ଆମେ ୩୦୦ କିମ୍ବା ୩୫୦ ରନ କରିବା ସମ୍ଭବ ହୋଇପାରିବ। ଆଗାମୀ ମ୍ୟାଚରେ ଏପରି କିଛି ହେବା ଆଶା ବୋଲି କରୁଣାରତ୍ନେ କହିଛନ୍ତି। ଭାରତୀୟ ବ୍ୟାଟ୍ସମ୍ୟାନମାନେ ଫର୍ମରେ ଥିବାରୁ ଶ୍ରୀଲଙ୍କା ବୋଲରଙ୍କୁ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡ଼ିବ। ସ୍ଲୋ ପିଚ୍‌ରେ ସନ୍ଧ୍ୟା ସମୟରେ ବ୍ୟାଟିଂ ସହଜ ହେଉଥିବାରୁ ଉଭୟ ଦଳ ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ କରିବାକୁ ପସନ୍ଦ କରିବେ ନିଶ୍ଚିତ।

ଭାରତୀୟ ଦଳ: ଶିଖର ଧାୱନ (ଅଧିନାୟକ), ପୃଥ୍ୱୀ ଶ’, ଦେବଦତ୍ତ ପଡିକାଲ, ଋତୁରାଜ ଗାଏକ୍ୱାଡ, ସୂର୍ଯ୍ୟକୁମାର ଯାଦବ, ମନୀଷ ପାଣ୍ଡେ, ନୀତୀଶ ରାଣା, ଇଶାନ କିଶନ, ସଞ୍ଜୁ ସାମସନ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, କ୍ରିଷ୍ଣାପ୍ପା ଗୋଥାମ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ରାହୁଲ ଚହର, ଦୀପକ ଚହର, ଭୁବନେଶ୍ୱର କୁମାର, ଚେତନ ସାକାରିଆ, ନବଦୀପ ସଇନୀ।

ଶ୍ରୀଲଙ୍କା ଦଳ: ଦସୁନ ଶନକା (ଅଧିନାୟକ), ଧନଞ୍ଜୟ ଡି’ସିଲ୍‌ଭା, ଅଭିଷ୍କା ଫର୍ନାଣ୍ଡୋ, ଭାନୁକା ରାଜପାକ୍ସା, ପଥୁମ ନିଶଙ୍କା, ଚରିଥ ଆଶାଲଙ୍କା, ୱାନିନ୍ଦୁ ହସରଙ୍ଗା, ଆଶେନ ବନ୍ଦରା, ମିନୋଦ ଭାନୁକା, ଲାହିରୁ ଉଡାରା, ରମେଶ ମେଣ୍ଡିସ, ଚାମିକା କରୁଣାରତ୍ନେ, ଦୁଷ୍ମନ୍ତ ଚାମିରା, ଲକ୍ଷନ ସନ୍ଦକନ, ଆକିଲା ଧନଞ୍ଜୟ, ଶିରନ ଫର୍ନାଣ୍ଡୋ, ଧନଞ୍ଜୟ ଲକ୍ଷଣ, ଇଶାନ ଜୟରତ୍ନେ, ପ୍ରବୀଣ ଜୟବିକ୍ରମା, ଅସିଥା ଫର୍ନାଣ୍ଡୋ, କସୁନ ରଜିଥା, ଲାହିରୁ କୁମାରା, ଇସୁରୁ ଉଡାନା।

**ମ୍ୟାଚ ଆରମ୍ଭ: ଅପରାହ୍ନ ୩ଟା।**

# ମୟଙ୍କ ଅଗ୍ରୱାଲଙ୍କ ଉପରେ ନଜର

## କାଉଣ୍ଟି ଏକାଦଶ ବିପକ୍ଷ ୱାର୍ମଅପ୍ ମ୍ୟାଚ ଆଜିଠାରୁ

ଡରହାମ, ୧୯।୭(ପି.ଟି.)

ଭାରତୀୟ ଟେଷ୍ଟ ଏକାଦଶକୁ ପ୍ରତ୍ୟାବର୍ତ୍ତନ ପାଇଁ ମୟଙ୍କ ଅଗ୍ରୱାଲଙ୍କ ନିକଟରେ ସୁଯୋଗ ପହଞ୍ଚିଛି। ମଙ୍ଗଳବାରଠାରୁ ଏଠାରେ ଭାରତ ଓ କାଉଣ୍ଟି ସିଲେକ୍ଟ ଏକାଦଶ ମଧ୍ୟରେ ୩ଦିନିଆ ୱାର୍ମଅପ୍ ମ୍ୟାଚ ଆରମ୍ଭ ହେବ। ଏଥିରେ ମୟଙ୍କ ଇନିଂସ ଓପନ କରିବେ। ଉଇକେଟ କିପର ରିଷଭ ପନ୍ତ ଏବେ ମଧ୍ୟ ଆଇସୋଲେଶନରେ ଅଛନ୍ତି। ତେଣୁ ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଉଇକେଟ କିପିଂ କରିବେ। ମ୍ୟାଚଟି ପ୍ରଥମ ଶ୍ରେଣୀର ମାନ୍ୟତା ପାଇଛି। ଆସନ୍ତା ମାସରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ତା’ ପୂର୍ବରୁ ଭାରତୀୟ ଦଳ ଏକ ପ୍ରଥମଶ୍ରେଣୀ ମ୍ୟାଚ ଖେଳୁବୋଲି ଟିମ୍ ମ୍ୟାନେଜମେଣ୍ଟ ଚାହିଁଥିଲା।

କୋଭିଡ-୧୯ ପଜିଟିଭ ହୋଇଥିବା ପନ୍ତ ୧୦ ଦିନିଆ ଆଇସୋଲେଶନ ସମୟ କଟାଇ ସାରିଛନ୍ତି। ସେ ସୁସ୍ଥ ଆଡ଼କୁ ଗତି କରୁଛନ୍ତି। ମାତ୍ର ଏବେ ମଧ୍ୟ ଡରହାମସ୍ଥିତ ଟିମ୍ ବାୟୋ-ବବ୍‌ଲରେ ଯୋଗ ଦେଇପାରି ନାହାନ୍ତି। “ପନ୍ତ ଅଭ୍ୟାସ ମ୍ୟାଚ ପୂର୍ବରୁ ଦଳସହ ଯୋଗ ଦେଇଥିଲେ ମଧ୍ୟ ତାଙ୍କୁ ବିଶ୍ରାମ ଦିଆ ଯାଇଥାନ୍ତା। କାରଣ ଶାରୀରିକଭାବେ ଫିଟ୍ ହେବାପାଇଁ ତାଙ୍କୁ ସମୟ ଆବଶ୍ୟକ। ତାଙ୍କଠାରେ କୋଭିଡର କୌଣସି ଲକ୍ଷଣ ନାହିଁ। ତେବେ ନଟିଂହାମଠାରେ ଆରମ୍ଭ ହେବାକୁ ଯାଉଥିବା ପ୍ରଥମ ଟେଷ୍ଟ ପୂର୍ବରୁ ସେ ଭଲଭାବେ ଟ୍ରେନିଂନେବା ଆବଶ୍ୟକ ବୋଲି ଜଣେ ବିସିସିଆଇ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅନ୍ୟତମ ଉଇକେଟ କିପର ଋଦ୍ଧିମାନ ଶାହା ମଧ୍ୟ ଆଇସୋଲେଶନରେ ଅଛନ୍ତି। ତେବେ ଉଭୟ ଋଦ୍ଧିମାନ ଓ ପନ୍ତ ପ୍ରଥମ ଟେଷ୍ଟ ବେଳକୁ ଉପଲବ୍ଧ ହେବା ଆଶା କରାଯାଉଛି। ଆହତ ସମସ୍ୟା ଯୋଗୁ ଶୁବମନ ଗିଲ୍ ଓହରି ଯାଇଥିବାରୁ ରୋହିତ ଶର୍ମାଙ୍କ ସହିତ ମୟଙ୍ଗ ଅଗ୍ରୱାଲ ଇନିଂସ ଓପନ କରିବେ। ଏହି ୱାର୍ମଅପ୍ ଗେମ୍ ହିଁ ତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ଭଲ ପ୍ରଦର୍ଶନ କଲେ ସେ ଚୂଡ଼ାନ୍ତ ଟେଷ୍ଟ ଦଳରେ ସାମିଲ ହୋଇ ପାରିବେ। ଅଷ୍ଟ୍ରେଲିଆ ଗସ୍ତରେ ମୟଙ୍କ ଭଲ ଫର୍ମରେ ନ ଥିଲେ।



ମୟଙ୍କ ଅଗ୍ରୱାଲ।

**ରାଜ୍ୟ ଖବର**

## ନଦୀରେ ବୁଡ଼ି ଜଣେ ମୃତ

କୁଚିଣ୍ଡା,୧୯।୭ (ଡି.ଏନ.ଏ.)

ମହୁଲପାଲି ଥାନା ଅଧୀନ ବାଙ୍କେ ଗ୍ରାମର ମନୋଜ ମାଝି (୪୮) ରବିବାର ସନ୍ଧ୍ୟାରେ ଅନ୍ୟ କେତେଜଣଙ୍କ ସହ ମିଶି ନିକଟରେ ଥିବା ପୋଡ଼ପେଟା ନଦୀକୁ ଗାଧୋଇବାକୁ ଯାଇଥିଲେ। ସମସ୍ତେ ଗାଧୋଇସାରି ବାହାରକୁ ଆସିଥିବାବେଳେ ମନୋଜ ଆସି ନ ଥିଲେ। କିଛିସମୟ ଅପେକ୍ଷା କରିବା ପରେ ନ ବାହାରିବାରୁ ସେମାନେ ପାଣିରେ ଖୋଜାଖୋଜି କରି ତାଙ୍କୁ ବାହାରକୁ ଆଣିଥିଲେ। ସେଠାରୁ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କୁଚିଣ୍ଡା ଥାନା କେସ୍ ନଂ.୩୪ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ପ୍ରକାଶ।

# ସରକାର ସିଧାସଳଖ ଚାଷୀଙ୍କଠୁ ଧାନ କିଣନ୍ତୁ

ସୋନପୁର,୧୯।୭ (ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ହଜାର ହଜାର ଚାଷୀ ସୋମବାର ରାସ୍ତାରେ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ସରକାରଙ୍କ ଧାନ ସଂଗ୍ରହ ନୀତିକୁ ସମାଲୋଚନା କରିଛନ୍ତି। ଚାଷୀ ପଞ୍ଜୀକରଣରେ ତ୍ରୁଟି, ଟୋକନ ଅବଧି ହ୍ରାସ, ସରକାରୀ ଓ ପ୍ରଶାସନିକ ସ୍ତରରେ ଅବହେଳା ପାଇଁ ଚାଷୀ କ୍ଷତି ସହୁଛି। ଚଳିତ ରବିରେ ସୁବର୍ଣ୍ଣପୁର ଜିଲାର ପଞ୍ଜୀକୃତ ଅଢେଇ ହଜାର ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି। ବହୁ ଚାଷୀଙ୍କ ଟୋକନ୍ ଆସି ନ ଥିବା ବେଳେ କୋଭିଡ୍ ସଂକ୍ରମିତ ଚାଷୀଙ୍କ ଟୋକନ୍ ଲାପ୍ସ ହେଲା। ସେମାନଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ମିଳିଲାନି। ଚାଷୀ କୁଇଣ୍ଟାଲ ପ୍ରତି ୧ହଜାର ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଲା। ସରକାରଙ୍କ ଏଭଳି ପଦକ୍ଷେପ ଯୋଗୁ ମିଲର୍ସ ଓ ବ୍ୟବସାୟୀ ଲାଭାନ୍ୱିତ ହେଲେ ବୋଲି ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ଅଭିଯୋଗ କରିଛି। ଏହି


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସୁବର୍ଣ୍ଣପୁରରେ ଗର୍ଜିଲେ ଚାଷୀ

ଷଡଯନ୍ତ୍ରର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଗଠନ ଦାବି କରିଛି।

ମଣ୍ଡିରେ ମିଲର୍ସ ରାଜ ବନ୍ଦ ପାଇଁ ସରକାର ଚାଷୀଙ୍କ ନିକଟରୁ ସିଧାସଳଖ ଧାନ କିଣିବା, ମଣ୍ଡି ବ୍ୟବସ୍ଥାରେ ସ୍ୱଚ୍ଛତା, ଏଫଏକ୍ୟୁ ଓ ଆର୍ଦ୍ରତା ଆଳରେ କଟ୍‌ନୀଛଟ୍‌ନୀ ବନ୍ଦ କରିବା, ସ୍ୱତନ୍ତ୍ର ମଣ୍ଡି ମାଧ୍ୟମରେ ବଳକା ଧାନକୁ କ୍ରୟ ପାଇଁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲାର ଚାଷୀମାନେ ବାଲାଜୀ ମନ୍ଦିର ସମ୍ମୁଖରୁ ଏକ ବାଇକ୍ ରାଲିରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ, ହିମାଂଶୁ ଭୋଇ, ନରେନ୍ଦ୍ର ଆଚାର୍ଯ୍ୟ, ବାଲ ଗୋପାଳ ମହାପାତ୍ର, ନରୋତ୍ତମ ପାଣିଗ୍ରାହୀ, ସୁଧୀର ବଘାର, ପଦ୍ମଲୋଚନ ମିଶ୍ର, ଗୋବିନ୍ଦ ମିଶ୍ର, ସଦାନନ୍ଦ ପାଣିଗ୍ରାହୀ, ସନ୍ତୋଷ ପଧାନ ଓ ଗୋପାଳ ଚନ୍ଦ୍ର ଦାଶ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ଶେଷ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

## ୨ ଦାଦନ ଶ୍ରମିକଙ୍କ ହାତ କଟାଯିବା ଘଟଣା

ଭବାନୀପାଟଣା, ୧୯।୭ (ସ୍ୱ.ପ୍ର.)

୨୦୧୩ରେ କଳାହାଣ୍ଡି ଜିଲା ଜୟପାଟଣା ବ୍ଲକର ୨ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଦିଆଯିବା ସହିତ ହାତ କଟାଯାଇଥିଲା। ଏହି ଘଟଣାର ଶେଷ ଅଭିଯୁକ୍ତ ପରଶୁରାମ ନାଏକଙ୍କୁ ସୋମବାର ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ବନ୍ଦନା କର। ସୂଚନାଯୋଗ୍ୟ ଯେ, ୨୦୧୩ରେ କଳାହାଣ୍ଡି ଜିଲାର ୧୨ଜଣ ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦ ଚାଲାଣ କରାଯାଉଥିଲା। ଏଥିରେ ଜୟପାଟଣା ବ୍ଲକ ନୂଆଗୁଡା ଗ୍ରାମର ନୀଳାମ୍ବର ଧଙ୍ଗଡାମାଝି ଓ ପିପଲଗୁଡା ଗ୍ରାମର ଦିଆଲୁ ନିଆଲ କୌଣସି କାରଣରୁ ବିରୋଧ କରିଥିଲେ। ଫଳରେ କେତେଜଣ ଦାଦନ ଶ୍ରମିକ ସେଠାରୁ ଚାଲି ଆସିଥିଲେ। ଏଥିରେ ଆକ୍ରୋଶ ରଖି ଦାଦନ ସର୍ଦ୍ଦାର ଓ ତାଙ୍କର କେତେକଜଣ ସହଯୋଗୀ ନୀଳାମ୍ବର ଓ ଦିଆଲୁଙ୍କୁ ଗୋଟିଏ ଘରେ ବନ୍ଦ ରଖି ନିର୍ଯାତନା ଦେଇଥିଲେ। ପରେ ଡିସେମ୍ବର ୧୩ରେ କଳାହାଣ୍ଡି-ବଲାଙ୍ଗୀର ଜିଲା ସୀମାନ୍ତ ଏକ ଶାଗୁଆନ ଜଙ୍ଗଲରେ ୨ ଶ୍ରମିକଙ୍କ ହାତକାଟି ଫେରାର ହୋଇଥିଲେ। ଏ ନେଇ ପୋଲିସରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ୨୦୧୬ରେ ଏଡିଜେ ୮ ଅଭିଯୁକ୍ତ ବିମଳ ରାଉତ, ମଣ୍ଟୁ ନିଆଲ, ଜୟସେନ ଠେଲା, ଅର୍ଜୁନ ଭୋଇ, ବନ ମାଝି, ବୈକୁଣ୍ଠ ରାଉତ, ଗଙ୍ଗାଧର ଦାସ, ପରମେ ଦୁର୍ଣ୍ଣିଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଅନ୍ୟ ଅଭିଯୁକ୍ତ ପରଶୁରାମ ନାଏକ ଫେରାର ହୋଇଥିଲେ। ଏହାର କିଛି ଦିନ ପରେ ପରଶୁରାମଙ୍କୁ ଗିରଫ କରି ଜେଲ ପଠାଇଥିଲା ପୋଲିସ। ସୋମବାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ପରଶୁରାମଙ୍କୁ ଧର୍ମଗଡ ଏଡିଜେ ୩୭୦ ଦଫାରେ ୧୦ବର୍ଷ ସଶ୍ରମ କରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଓ ୪୨୦/୩୪ରେ ଦଫାରେ ୩ ବର୍ଷ ଓ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ସରକାରୀ ଆଇନଜୀବୀ ଥବୀର କୁମାର ସାହୁ ଏହି ମାମଲା ପରିଚାଳନା କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

## ୮ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ବଲାଙ୍ଗୀର ଅଫିସ/ସଇଁତଲା, ୧୯।୭ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ବଡ଼ମାଳ ଫାଣ୍ଡି ଅନ୍ତର୍ଗତ ବରାହମାଲ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ବରାହମାଲ ଗ୍ରାମର ନିତ୍ୟା ଭୋଇ (୬୫)। ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଗ୍ରାମର ୫/୬ଜଣ ବ୍ୟକ୍ତି ମିଶି ତାଙ୍କୁ ହତ୍ୟା କରିଥିବା ନେଇ ମୃତ ନିତ୍ୟାଙ୍କ ପୁଅ ସୁନାଧର ସଇଁତଲା ଥାନାରେ ଅଭିଯୋଗ କରିଛନ୍ତି। ସୁନାଧରଙ୍କ କହିବା ଅନୁଯାୟୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅଙ୍କଠାରେ ଗତ କିଛିଦିନ ହେବ ଅସ୍ୱାଭାବିକ ଲକ୍ଷଣମାନ ଦେଖାଯାଉଥିଲା। ତିନିଦିନ ତଳେ ଏହାକୁ ନେଇ ଗାଁରେ କଙ୍ଗାରୁ କୋର୍ଟ ବସିଥିଲା। ଉକ୍ତ କଙ୍ଗାରୁ କୋର୍ଟରେ ନିତ୍ୟାଙ୍କୁ ଦାୟୀ କରାଯାଇଥିଲା। ରବିବାର କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ଗ୍ରାମର ଗୁଣିଗାରେଡ଼ି କରୁଥିବା ଲକ୍ଷପତି ବାବାଙ୍କୁ ଆଣି ସମ୍ପୃକ୍ତ ବ୍ୟକ୍ତି ଜଣକ ପୂଜାପାଠ କରିଥିଲେ। ପୂଜା ସାମଗ୍ରୀକୁ ନିତ୍ୟା କୌଣସି ବିଲରେ ଫିଙ୍ଗିଦେଲେ କଥିତ ଝିଅ ଠିକ୍ ହୋଇଯିବ ବୋଲି କୁଆଡେ ବାବା ଜଣକ କହିଥିଲେ। ଏହାପରେ ପୂଜାପାଠ କରୁଥିବା ବ୍ୟକ୍ତି ନିତ୍ୟାଙ୍କୁ ଡାକି ନେଇ ତାଙ୍କର ପୂଜା ସାମଗ୍ରୀ ଫିଙ୍ଗି ଦେବାକୁ କହିଥିଲେ। ନିତ୍ୟା ଉକ୍ତ ପୂଜା ସାମଗ୍ରୀକୁ ନେଇ ଗାଁର ଏକ ବିଲରେ ଫିଙ୍ଗି ଦେଇଥିଲେ। ତେବେ ଏହି ଘଟଣାରେ ବିଲ ମାଲିକ ଉତ୍‌କ୍ଷିପ୍ତ ହୋଇ ନିତ୍ୟାଙ୍କୁ ମାରପିଟ କରିଥିଲେ। ସନ୍ଧ୍ୟାରେ ନିତ୍ୟା ନ ଖାଇ ଶୋଇ ପଡ଼ିଥିଲେ ଓ ବିଳମ୍ବିତ ରାତ୍ରିରୁ ଘରୁ ନିଖୋଜ ହୋଇଯାଇଥିବା ତାଙ୍କ ପୁଅ ସୁନାଧର କହିଛନ୍ତି। ସୋମବାର ସକାଳୁ ନିତ୍ୟାଙ୍କ ମରଶରୀର ଘର ପଛପଟ ଲେମ୍ବୁ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ସୁନାଧର ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଇଁତଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ହସ୍ପିଟାଲ ପଠାଇଛି। ସୁନାଧରଙ୍କ ଅଭଯୋଗକୁ ଭିତ୍ତି କରି ସଇଁତଲା ଥାନାରେ ଏକ ମାମଲା (ନଂ.୨୦୨/୨୧) ରୁଜୁ କରାଯାଇଛି। ପୋଲିସ ଗାଁର ୮ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ କହିଛନ୍ତି। ବଲାଙ୍ଗୀର ଜିଲାରେ ଗୁଣିଗାରେଡି ଓ ଅନ୍ଧବିଶ୍ୱାସକୁ ନେଇ ଆପରାଧିକ ଓ ଅମାନୁଷିକ ଘଟଣା ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।

# ଫରେଷ୍ଟର ନିଲମ୍ବିତ, ଡେପୁଟି ରେଞ୍ଜରଙ୍କ ବଦଳି

## କେନ୍ଦୁପତ୍ର ତୋଳାଳିଙ୍କ ପାସ୍‌ବହି ବିକ୍ରି ଘଟଣା

- ୩ ଚେକର, ୧ ସର୍କଲ ଚେକରଙ୍କୁ କାରଣ ଦର୍ଶାଅ ନୋଟିସ
- ୧୧ ହଜାର ଟଙ୍କା ଫେରାଇଲେ
- ସୂଚନା ଦେଲେ କେନ୍ଦୁଲିଫ୍ ଡିଏଫ୍‌ଓ

ବଲାଙ୍ଗୀର ଅଫିସ,୧୯।୭

ରାଜ୍ୟ ସରକାରଙ୍କ ତରଫରୁ କେନ୍ଦୁପତ୍ର ତୋଳାଳିଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାସ୍‌ବହି ବା ଫ୍ଲକର କାର୍ଡକୁ ୫ଶହରୁ ୧ହଜାର ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଏହି ଅଭିଯୋଗ ସତ ବୋଲି ପ୍ରମାଣିତ ହୋଇଛି। ପାଟଣାଗଡ ଡିଏଫ୍‌ଓ ଚାର୍ଜରେ ଥିବା ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ ଡିଏଫ୍‌ଓ ରଞ୍ଜିତ ମଲ୍ଲିକ ଅଭିଯୋଗଗୁଡିକର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପାସ୍‌ବହି ବିକ୍ରି ଘଟଣାରେ ପାଟଣାଗଡ ସାଉଥ୍ ରେଞ୍ଜ ବାଗବାହାଲି ଫରେଷ୍ଟର ଦେବରାଜ ସାହୁଙ୍କୁ ନିଲମ୍ବିତ କରାଯାଇଛି। ପାଟଣାଗଡ ସାଉଥ୍ ରେଞ୍ଜ୍‌ର ଡେପୁଟି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀଙ୍କୁ ସେଠାରୁ କେନ୍ଦୁଲିଫ୍ କଞ୍ଜରଭେଟର ଅଫିସକୁ ବଦଳି କରାଯାଉଛି। ଏହା ସହିତ ଚେକର ରତିକାନ୍ତ ସାହୁ, ସରୋଜ କୁମାର ମେହେର, ଅଲେଖ ତ୍ରିପାଠୀ ଏବଂ ସର୍କଲ ଚେକର ଟିକେନାଥ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପାସ୍‌ବହି ବଣ୍ଟନ ବାବଦକୁ କେନ୍ଦୁପତ୍ର ତୋଳାଳିଙ୍କଠାରୁ ଆଦାୟ କରାଯାଇଥିବା ଟଙ୍କା ବାବଦକୁ ୧୧ ହଜାର ଟଙ୍କା ଫଡି କମିଟିକୁ ଫେରାଯାଇଥିବା ଡିଏଫ୍‌ଓ ମଲ୍ଲିକ ସୂଚନା ଦେଇଛନ୍ତି।

ବଲାଙ୍ଗୀର ସର୍କଲ ଅନ୍ତର୍ଗତ ପାଟଣାଗଡ କେନ୍ଦୁପତ୍ର ଡିଭିଜନର ସାଉଥ୍ ରେଞ୍ଜ ଅନ୍ତର୍ଗତ ବାଗବାହାଲି ଅଞ୍ଚଳରୁ ପାସ୍‌ବହି ବିକ୍ରି ହେଉଥିବା ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ପାଇବା ପରେ କେନ୍ଦୁପତ୍ର ଶ୍ରମିକ ସଂଘ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ରାଜ୍ୟ ଜଙ୍ଗଲ ବିଭାଗ ସଚିବ ଡ. ମୋନା ଶର୍ମାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସରକାରଙ୍କ ପକ୍ଷରୁ ମାଗଣାରେ ଯୋଗାଇବାକୁ ଥିବା ପାସ୍‌ବହି ପାଇଁ କେନ୍ଦୁପତ୍ର ତୋଳାଳିଙ୍କଠାରୁ ଜଣ ପିଛି ୫ ଶହରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଅସୁଲ କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ଅଭିଯୋଗ ପାଇବା ପରେ ଜଙ୍ଗଲ ବିଭାଗ ସଚିବ ଡା. ଶର୍ମା ଘଟଣାର ଉଚିତ ତଦନ୍ତ କରିବା ପାଇଁ କେନ୍ଦୁପତ୍ର ବିଭାଗ ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତୃଣମୂଳସ୍ତରରେ ତଦନ୍ତ କରାଯାଇଥିଲା।

ବଲାଙ୍ଗୀର ଜିଲାରୁ ଉନ୍ନତମାନର କେନ୍ଦୁପତ୍ର ସଂଗ୍ରହ କରାଯାଏ। ତୋଳାଳିମାନେ ଏଥିରୁ ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ତୋଳାଳିଙ୍କଠାରୁ କାର୍ଡ ପିଛା ଟଙ୍କା ଅସୁଲ କରାଯାଇଥିବା ପ୍ରମାଣିତ ହେବା ପରେ ପୁଣି ଥରେ କେନ୍ଦୁପତ୍ର ବିଭାଗର ଦୁର୍ନୀତି ଲୋକଲୋଚନକୁ ଆସିଛି। ଏନେଇ ଡିଏଫ୍‌ଓ ମଲ୍ଲିକଙ୍କୁ ପଚରାଯିବାରୁ ଅଭିଯୋଗ ମୁତାବକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କହିଛନ୍ତି। ତୋଳାଳିଙ୍କ ପାସ୍‌ବହି ବିକ୍ରି ସଂକ୍ରାନ୍ତରେ କେନ୍ଦୁପତ୍ର ଶ୍ରମିକ ସଂଘ ନେତା ଅସୀମ ପଟ୍ଟନାୟକ ସୋମବାର ଡିଏଫ୍‌ଓ ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ।

**ଚଳିତ ଆର୍ଥିକ ବର୍ଷରେ ଏଲ୍‌ଆଇସି ଆଇପିଓ**

ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଯୋଜନାକୁ ଚୂଡ଼ାନ୍ତ କରିବାକୁ ସରକାର ଯୋଜନା ରଖିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭାଗୱତ କିଶନରାଓ କରାଡ ସୋମବାର କହିଛନ୍ତି। ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଲାଗି ମର୍ଚ୍ଚାଣ୍ଟ ବ୍ୟାଙ୍କର ଏବଂ ଲିଗାଲ ଆଡଭାଇଜର ନିଯୁକ୍ତ କରାଯିବ। ଏଥିଲାଗି ସରକାର ନିକଟରେ ବିଡ୍ ଆହ୍ୱାନ କରିଛନ୍ତି। ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ହାସଲ ଦିଗରେ ଏଲ୍‌ଆଇସି ଆଇପିଓ ଗୁରୁତ୍ୱ ବହନ କରୁଛି। ଏଲ୍‌ଆଇସିର ଆଇପିଓ ସବୁଠାରୁ ବଡ଼ ହେବ ବୋଲି କୁହାଯାଉଛି। ୨୦୨୧-୨୨ରେ ସରକାର ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖିଛନ୍ତି।

## ସଂକ୍ଷେପରେ

### ୨.୪୧ ଲକ୍ଷ କୋଟିର ପ୍ରତ୍ୟକ୍ଷ ଟିକସ ଆଦାୟ

ନୂଆଦିଲ୍ଲୀ, ୧୯।୭: ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ କେନ୍ଦ୍ର ସରକାର ୨.୪୧ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ କହିଛନ୍ତି, ୧.୨୧ ଲକ୍ଷ କୋଟି ଟଙ୍କାର କର୍ପୋରେଟ ଟିକସ ଏବଂ ୧.୨୦ ଲକ୍ଷ କୋଟି ଟଙ୍କାର ବ୍ୟକ୍ତିଗତ ଆୟକର ଅଦ୍ୟାବଧି ସଂଗ୍ରହ ହୋଇଛି। ସେହିଭଳି ସରକାର ୫,୩୭୩ କୋଟି ଟଙ୍କାର ସିକ୍ୟୁରିଟି ଟ୍ରାଞ୍ଜାକଶନ ଟିକସ ଆଦାୟ କରିଛନ୍ତି। ଗତ ଆର୍ଥିକ ବର୍ଷ କର୍ପୋରେଟ ଟିକସ ବାବଦକୁ ୪.୫୭ ଲକ୍ଷ କୋଟି ଏବଂ ବ୍ୟକ୍ତିଗତ ଆୟକର ବାବଦକୁ ୪.୭୧ ଲକ୍ଷ କୋଟି ଆଦାୟ କରାଯାଇଥିଲା। ସେହିଭଳି ୧୬,୯୨୭ ଲକ୍ଷ କୋଟି ଟଙ୍କାର ସିକ୍ୟୁରିଟି ଟ୍ରାଞ୍ଜାକଶନ ଟିକସ ଆଦାୟ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଜୁନ୍ ସୁଦ୍ଧା ନେଟ୍ କେନ୍ଦ୍ର ଜିଏସ୍‌ଟି ଆଦାୟ ୧.୧୭ ଏବଂ କ୍ଷତିପୂରଣ ସେସ୍ ବାବଦ ୨୪,୬୩୬ କୋଟି ଆଦାୟ କରାଯାଇଥିବା ଜଣାପଡ଼ିଛି। ସେହିଭଳି ୨୦୨୦-୨୧ରେ ୭.୩୮ କୋଟି ଆଇଟିଆର୍ ଫାଇଲ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ମିଳିଛି।

### ନିୟମ ଅବମାନନା ଲାଗି ଆଦାନୀ ବିରୋଧରେ ତଦନ୍ତ

ନୂଆଦିଲ୍ଲୀ, ୧୯।୭: ବିଭିନ୍ନ ନିୟମ ଅବମାନନା ଲାଗି ଆଦାନୀ ଗ୍ରୁପ୍‌ର କେତେକ କମ୍ପାନୀ ବିରୋଧରେ ସେବି ଏବଂ ସୀମା ଶୁଳ୍କ କର୍ତ୍ତୃପକ୍ଷ ତଦନ୍ତ ଜାରି ରଖିଥିବା ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧରୀ ସୋମବାର ସୂଚନା ଦେଇଛନ୍ତି। ସେବି ଏହାର ବିଭିନ୍ନ ନିୟମ ଆଧାରରେ ଆଦାନୀ କମ୍ପାନୀ ବିରୋଧରେ ତଦନ୍ତ କରୁଥିବା ଚୌଧରୀ କହିଛନ୍ତି। ସେହିଭଳି ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ମଧ୍ୟ ଏହି କ୍ରମରେ ତଦନ୍ତ କରୁଥିବା ଜଣାପଡିଛି। ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ କୌଣସି ଏନ୍‌କ୍ୱାରି ଲାଭ କରି ନ ଥିବା ଆଦାନୀ ଗ୍ରୁପ୍‌ର ମୁଖପାତ୍ର କହିଛନ୍ତି। ପୂର୍ବରୁ ଯେଉଁ ସୂଚନା ସେବି ମାଗିଥିଲା ତାହା ପ୍ରଦାନ କରାଯାଇଛି। ବର୍ତ୍ତମାନ କୌଣସି ସୂଚନା ଲାଭ କରିଥିବା ମୁଖପାତ୍ର ପ୍ରକାଶ କରିଛନ୍ତି। ସେହିଭଳି ଗୋଇନ୍ଦା ରାଜସ୍ୱ ନିର୍ଦ୍ଦେଶାଳୟ ସଂକ୍ରାନ୍ତ ମାମଲା ବର୍ତ୍ତମାନ ବିଚାରାଧୀନ ରହିଛି।

# ନିବେଶକ ହରାଇଲେ ୧.୨ ଲକ୍ଷ କୋଟି

**ମୁମ୍ବାଇ, ୧୯।୭**



## ୫୮୭ ପଏଣ୍ଟ ଖସିଲା ସେନ୍‌ସେକ୍ସ

ସୋମବାର ଭାରତୀୟ ଶେୟାର ବଜାରରେ କାରବାର ପ୍ରଭାବିତ ସ୍ଥିତିରେ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୭ ପଏଣ୍ଟ ହ୍ରାସ ହୋଇଛି। ଫଳରେ ନିବେଶକ ୧.୨ ଲକ୍ଷ କୋଟି ଟଙ୍କା ହରାଇଥିବା ଜଣାପଡିଛି। ଏଚ୍‌ଡିଏଫ୍‌ସି ଟ୍ୱିନ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଆକ୍ସିସ ବ୍ୟାଙ୍କର ଶେୟାର କାରବାର ସବୁଠାରୁ ପ୍ରଭାବିତ ସ୍ଥିତିରେ ରହିଛି। ବିଶ୍ୱ ବଜାର ମାନ୍ଦା ରହିବା କାରଣରୁ ଏହାର ପ୍ରଭାବ ଭାରତୀୟ ବଜାର ଉପରେ ଦେଖାଯାଇଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୫୮୬.୬୬ ପଏଣ୍ଟ(୧.୧୦%) ନିମ୍ନରେ ରହିବା ଯୋଗୁ ୫୨,୫୫୩.୪୦ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) କାରବାର ୧୭୧ ପଏଣ୍ଟ (୧.୦୭%) ଖସି ୧୫,୭୫୨.୪୦ ପଏଣ୍ଟରେ ବନ୍ଦ ହୋଇଛି।

ସେନ୍‌ସେକ୍ସରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାର କାରବାର ସବୁଠାରୁ ବେଶି କ୍ଷତି ସହିଛି। ଏହାର ଶେୟାର ୩% ଅଧିକ ଖସିଛି। ସେହିଭଳି ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ମାରୁତି ଏବଂ ବଜାଜ ଫାଇନାନ୍ସର ଶେୟାର କାରବାର ମଧ୍ୟ ପ୍ରଭାବିତ ସ୍ଥିତିରେ ରହିଥିବା ଜଣାପଡିଛି। ଏନ୍‌ଟିପିସି, ନେସ୍‌ଲେ ଇଣ୍ଡିଆ, ଡ.ରେଡିସ ଏବଂ ସନ୍‌ଫାର୍ମାର କାରବାର ଉନ୍ନତ ସ୍ଥିତିରେ ରହିଛି। ବର୍ତ୍ତମାନ କରୋନା ସଂକ୍ରମଣ ପୁଣି ବଢ଼ିଛି। ଆମେରିକା ବଜାରର ପ୍ରଭାବ ମଧ୍ୟ ଭାରତୀୟ ଶେୟାର ବଜାର ଉପରେ ପରିଲକ୍ଷିତ ହୋଇଛି ବୋଲି ରିଲାଏନ୍ସ ସିକ୍ୟୁରିଟିଜର ଷ୍ଟ୍ରାଟେଜି ମୁଖ୍ୟ ବିନୋଦ ମୋଦି କହିଛନ୍ତି। ଅଟୋମୋବାଇଲ ଏବଂ ମେଟାଲ ଶେୟାର ପ୍ରାୟ ୧% ହ୍ରାସ ହୋଇଥିବା ଜଣାପଡିଛି। ପ୍ରାୟ ଅଧିକାଂଶ କ୍ଷେତ୍ରର ସୂଚକାଙ୍କରେ ହ୍ରାସ ପରିଲକ୍ଷିତ ହୋଇଛି। ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍‌ରେ ପ୍ରଫିଟ ବୁକିଂ ସ୍ଥିତି ଦେଖାଯାଇଥିବା ସେ ମତ ପ୍ରକାଶ କରିଛନ୍ତି। ବିଶ୍ୱ ବଜାର କଥା ବିଚାରକୁ ନେଲେ ସାଂଘାଇ, ହଂକଂ, ସିଓଲ, ଟୋକିଓ ଭଳି ପ୍ରମୁଖ ଶେୟାର ବଜାରଗୁଡିକରେ ନିବେଶକ କ୍ଷତି ସହିଛି। ୟୁରୋପ ବଜାରରେ ମଧ୍ୟ ସୂଚକାଙ୍କ ପ୍ରଭାବିତ ରହିଛି।


୭ମ ଜନ୍ମଦିନ ଶୁଭେଚ୍ଛା



ପିଏସ୍ ସାଇ ଆରାଧ୍ୟା
Durgeswar Garh, Nimapara, Puri
ତୋର ଜନ୍ମ ସୁନାବେଶ ଦିନ ଠାକୁର ତୋତେ ସୁନାପିଲା କରି ଗଢି ତୋଳନ୍ତୁ। ତୁମେ ଦୀର୍ଘାୟୁ, ନୀରୋଗୀ ଓ ଚଲାପଥରେ ପୁଷ୍ପବୃଷ୍ଟି ହେଉ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:- ଜେଜେମା, ଅଜା, ଆଈ, ବାବା, ମାମା, ଶିଖା, ବାବୁ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୧୨୨


## ୨୦୦୦ ନିଯୁକ୍ତି ଦେବ ଗୋଲ୍ଡମ୍ୟାନ୍ ସ୍ୟାକ୍

**ନୂଆଦିଲ୍ଲୀ, ୧୯।୭**

ବର୍ତ୍ତମାନ ସାରା ଦେଶରେ କୋଭିଡ୍ ସଂକ୍ରମଣ ଯୋଗୁ ନିଯୁକ୍ତି ବନ୍ଦ ରହିଛି। ଏଭଳି ସମୟରେ ଅନ୍ତର୍ଜାତୀୟ ଆର୍ଥିକ ନିବେଶକ ସଂସ୍ଥା ଗୋଲ୍ଡମ୍ୟାନ୍ ସ୍ୟାକ୍ ପକ୍ଷରୁ ୨୦୨୩ ସୁଦ୍ଧା ପ୍ରାୟ ୨୦୦୦ ନୂଆ ନିଯୁକ୍ତି ପ୍ରଦାନ କରିବ ବୋଲି ସୋମବାର ଘୋଷଣା କରିଛି। ସଂସ୍ଥା ଏହି ନୂତନ ନିଯୁକ୍ତି ତା'ର ହାଇଦ୍ରାବାଦ କାର୍ଯ୍ୟାଳୟ ପାଇଁ ଗ୍ରହଣ କରିବ ବୋଲି କୁହାଯାଇଛି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି, ସଂସ୍ଥା ତା'ର କାରବାର ବୃଦ୍ଧି ସହ ଭାରତରେ ଇଞ୍ଜିନିୟରିଂ ଓ ବାଣିଜ୍ୟକ ଗବେଷଣାକୁ ବଢାଇବାକୁ ଲକ୍ଷ୍ୟ ରଖିଛି। ଏହାକୁ ନଜରରେ ରଖି ସଂସ୍ଥା ଖୁବ୍‌ଶୀଘ୍ର ହାଇଦ୍ରାବାଦ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରୁଛି ବୋଲି ସୂଚନା ଦେଇଛି।

# ସ୍କୋଡାର ପିସ୍ ଅଫ୍ ମାଇଣ୍ଡ କ୍ୟାମ୍ପେନ

**ନୂଆଦିଲ୍ଲୀ, ୧୯।୭**

ŠKODA

ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ପିସ୍ ଅଫ୍ ମାଇଣ୍ଡ କ୍ୟାମ୍ପେନ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଯାନ କ୍ରୟରେ ଓନରଶିପ ଅଭିଜ୍ଞତା ଉପରେ ବର୍ତ୍ତମାନ ଫୋକସ କରିଛି। ଯାନର କଷ୍ଟ ଅଫ୍ ମେଣ୍ଟେନାନ୍ସ, ଗ୍ରାହକଙ୍କ ନିକଟରେ ପହଞ୍ଚିବା, ବିଭିନ୍ନ ଷ୍ଟ୍ରାଟେଜିକ ଇନିସିଏଟିଭ୍ ଭଳି ପଦକ୍ଷେପ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଉଛି। ଏଭଳି ପଦକ୍ଷେପ ଦ୍ୱାରା କମ୍ପାନୀ ବିକ୍ରି ପରବର୍ତ୍ତୀ ଅଫରିଂକୁ ଅପ୍‌ଗ୍ରେଡ୍ କରିବା ସହ ଅତୁଳନୀୟ ଓନରଶିପ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଜାରି ରଖିଥିବା କହିଛି। ଏହି ପରିପ୍ରେକ୍ଷୀରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଜ୍ୟାକ୍ ହୋଲିସ କହିଛନ୍ତି, ଗ୍ରାହକଙ୍କୁ ଖୁସି ପ୍ରଦାନ କରିବା ସହ ଓନରଶିପ ଅଭିଜ୍ଞତା ବୃଦ୍ଧି ଦିଗରେ ଉଦ୍ୟମ ଜାରି ରହିଛି। ଗ୍ରାହକଙ୍କ ଯାନ ମେଣ୍ଟେନାନ୍ସ ଖର୍ଚ୍ଚ କମ୍ କରିବା, ବିଭିନ୍ନ ରେଞ୍ଜ ଯାନ ଉପରେ କ୍ଲାସ୍ ଲିଡିଂ ୱାରେଣ୍ଟି ପ୍ରଦାନ, ପ୍ରଡକ୍ଟ ଏବଂ ସର୍ଭିସର ଅଫରିଂ ଭଳି ବିଭିନ୍ନ ଦିଗକୁ ଏବେ ବିଚାର କରାଯାଉଛି।

# କୋଭିଡ୍ ବଣ୍ଡ ଜାରି ହେବନି

**ନୂଆଦିଲ୍ଲୀ, ୧୯।୭**

କୋଭିଡ୍ ବଣ୍ଡ ଜାରି କରିବା ଲାଗି ସରକାରଙ୍କର କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ମନ୍ତ୍ରୀ ପଙ୍କଜ ଚୌଧରୀ ସୋମବାର ସଂସଦକୁ ସ୍ପଷ୍ଟ କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ପୁଞ୍ଜି ସଂଗ୍ରହ କରିବାକୁ ସରକାରଙ୍କର କୌଣସି ଯୋଜନା ନାହିଁ। ଅନ୍ୟ ଉପାୟରେ ସରକାର ଋଣ କରୁଛନ୍ତି। ଉଭୟ ଦୀର୍ଘ ମିଆଦୀ ଏବଂ ସ୍ୱଳ୍ପ ମିଆଦୀ ଋଣ, ସଭରେନ ଋଣ ସହ ଅନ୍ୟ ପଦକ୍ଷେପ ଉପରେ ସରକାର ବର୍ତ୍ତମାନ ଫୋକସ କରିଛନ୍ତି। ଅନ୍ୟ ଏକ ପ୍ରଶ୍ନର ଉତ୍ତର ରଖି ଚୌଧରୀ କହିଛନ୍ତି, ଭାରତର ମୁଣ୍ଡ ପିଛା ଜିଡିପି ପରଚେଜିଂ ପାୱାର ପ୍ୟାରିଟି(ପିପିପି) ୨୦୨୧ରେ ପ୍ରାୟ ୭୩୩୨.୯ ଡଲାର ରହିଛି। ବାଂଲାଦେଶରେ ଏହା ୫୬୧୧.୬ ଡଲାର। ୨୦୧୬ରେ ଭାରତରେ ଏହି ସ୍ତର ୫୮୩୯ ଡଲାର ରହିଥିବା ବେଳେ ବାଂଲାଦେଶ ୪୧୧୮ ଡଲାର ରହିଥିଲା।

# ଭାରତର ଅର୍ଥନୈତିକ ଢାଞ୍ଚା ସୁଦୃଢ଼: ସୀତାରାମନ

**ନୂଆଦିଲ୍ଲୀ, ୧୯।୭**

ଭାରତର ଅର୍ଥନୈତିକ ଢାଞ୍ଚା ସୁଦୃଢ଼ ରହିଛି। ଘରୋଇ ବଜାର ଆଗାମୀ ଦିନଗୁଡିକରେ ମଧ୍ୟ ବିଦେଶୀ ନିବେଶ ଆକୃଷ୍ଟ କରିବାକୁ ସକ୍ଷମ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାକୁ ଲିଖିତ ଉତ୍ତରରେ ସୋମବାର ଏହା କହିଛନ୍ତି। ବିଶ୍ୱ ନିବେଶ ରିପୋର୍ଟକୁ ଆଧାରକରି ସେ କହିଛନ୍ତି, ୨୦୨୦ରେ ଭାରତକୁ ୨୫.୪% ଅଧିକ ବିଦେଶୀ ପୁଞ୍ଜି ଆସିବା ଯୋଗୁ ଏହା ୬୪ ବିଲିୟନ ଡଲାର ଛୁଇଁଛି। ଏହି ନିବେଶ ୨୦୧୯ରେ ୫୧ ବିଲିୟନ ଡଲାର ରହିଥିଲା। ୨୦୨୦ରେ ଭାରତ ବିଦେଶୀ ନିବେଶ କ୍ଷେତ୍ରରେ ୫ମ ସ୍ଥାନରେ ରହିଛି। ଏହାର ପୂର୍ବ ବର୍ଷରେ ଭାରତର ସ୍ଥାନ ୮ ରହିଥିବା ସେ ସ୍ପଷ୍ଟ କରିଛନ୍ତି। ସେ ପୁଣି କହିଛନ୍ତି, କୋଭିଡ୍ ଯୋଗୁ ଘରୋଇ ବଜାରର ଜିଡିପି ବିଯୁକ୍ତାତ୍ମକ ୭.୩% ରହିଛି। ମହାମାରୀ ନିୟନ୍ତ୍ରଣ ସହ ସ୍ଥିତିକୁ ସୁଧାରିବା ଲାଗି ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଗତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ଦେଶର ଅର୍ଥ ବ୍ୟବସ୍ଥା ସୁଧାର ପଥକୁ ଫେରୁଥିବା ସେ ମତ ପ୍ରକାଶ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ଉନ୍ନତ ହେବା ନେଇ ସେ ଆଶା ପ୍ରକଟ କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

ମୋବାଇଲ ଟାୱାର
ସେଣ୍ଟ୍ରାଲ ଟାୱାର
ଭାରତର ନଂ.1 କମ୍ପାନୀ
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍, ଖେତରେ 4G-5G ମୋବାଇଲ ଟାୱାର୍ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ
ଭଡ଼ା 25,000
ଅନ୍ୟାନ୍ୟ ଦେୟ 25,000 + ବାଇକ୍
07307631518
07307623889

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସିଁପର୍ତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact-
7376459854 / 9518817448

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କେଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଫୁରସତ୍

# ହାଇବ୍ରିଡ ବାଇକ୍



**ଅହମଦାବାଦ:** ଆବଶ୍ୟକତା ହିଁ ଉଦ୍ଭାବନକୁ ବାଟ ଦେଖାଇଥାଏ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଗୁଜରାଟର ଏକ ଇଞ୍ଜିନିୟରିଂ କଲେଜର ଛାତ୍ର। କଲେଜର ଛାତ୍ରମାନେ ଏଭଳି ଏକ ବାଇକ୍ ତିଆରି କରିଛନ୍ତି, ଯାହା ଉଭୟ ପେଟ୍ରୋଲ ଏବଂ ବିଜୁଳିରେ ଚାଲିପାରିବ। ଗୁଜରାଟ ରାଜକୋଟରେ ଥିବା ଭିଭିପି ଇଞ୍ଜିନିୟରିଂ କଲେଜର ସପ୍ତମ ସେମିଷ୍ଟର ଛାତ୍ରମାନେ ଏକ ବାଇକ୍ ତିଆରି କରିଛନ୍ତି, ଯାହା ଉଭୟ ବ୍ୟାଟେରି ଏବଂ ପେଟ୍ରୋଲରେ ଚାଲିପାରିବ। ବାଇକରେ ଲାଗିଥିବା ବ୍ୟାଟେରି ପୂରା ଚାର୍ଜ ହେଲେ ତାହା ୪୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ପେଟ୍ରୋଲର ମୂଲ୍ୟ ଦିନକୁ ଦିନ ଯେଉଁଭଳି ବଢ଼ି ଚାଲିଛି, ତାହା ସାଧାରଣ ଲୋକଙ୍କ ପାଇଁ ବହୁ ଅସୁବିଧା ସୃଷ୍ଟି କରୁଛି। ତେଣୁ ପେଟ୍ରୋଲ ବିନା କିପରି ଗାଡ଼ି ଚଳାଇ ହେବ ସେଥିପାଇଁ ଏବେ ସମସ୍ତେ ବିକଳ୍ପ ଚିନ୍ତା କରୁଛନ୍ତି। ଏହି ଦୃଷ୍ଟିରୁ କଲେଜର ମେକାନିକାଲ ବିଭାଗର ଛାତ୍ରମାନେ ଏଭଳି ଏକ ବାଇକ୍ ତିଆରି କରିଛନ୍ତି। ବାଇକ୍‌ଟି ଏକ ହାଇବ୍ରିଡ ବାଇକ୍ ବୋଲି କୁହାଯାଉଛି। କାହିଁକିନା ଏହା ଉଭୟ ଇଲେକ୍ଟ୍ରି ଏବଂ ପେଟ୍ରୋଲରେ ଚାଲିପାରିବ। ତେଣୁ ନିଜର ସୁବିଧା ଅନୁସାରେ ଏହାକୁ ବ୍ୟବହାର କରିହେବ। କଲେଜର ଛାତ୍ରମାନଙ୍କ କହିବା ଅନୁସାରେ ଆଜିକାଲି ଇ-ବାଇକ୍‌ଗୁଡ଼ିକରେ ବହୁ ସମସ୍ୟା ଦେଖିବାକୁ ମିଳୁଛି। ଏହାକୁ ଅଧିକ ମୂଲ୍ୟ ଦେଇ କିଣିବାକୁ ପଡୁଛି, ତା' ଛଡ଼ା ଚାର୍ଜ କରିବା ପାଇଁ ମଧ୍ୟ ବହୁ ସମସ୍ୟା ଦେଖାଯାଇଥାଏ। ତେଣୁ ଏହି ଛାତ୍ରମାନେ ଏଭଳି ଏକ ହାଇବ୍ରିଡ ବାଇକ୍ ତିଆରି କରିଛନ୍ତି, ଯାହାକୁ ଲୋକଙ୍କ ଆବଶ୍ୟକତା ଅନୁସାରେ ବ୍ୟବହାର କରିହେବ। ବ୍ୟାଟେରି ଚାର୍ଜ ସରିଗଲେ ଯଦି ସଙ୍ଗେ ସଙ୍ଗେ ଚାର୍ଜ କରିବାର ସୁବିଧା ନ ଥାଏ ତେବେ ତୁରନ୍ତ ପେଟ୍ରୋଲ ବ୍ୟବହାର କରି ଗାଡ଼ି ଚଳାଇ ହେବ। ଏଥିପାଇଁ ବାଇକରେ ଦୁଇଟି ସୁଇଚ୍ ରଖାଯାଇଛି। ସୁଇଚ୍ ବଦଳାଇ ଗାଡ଼ିକୁ ପେଟ୍ରୋଲ କିମ୍ବା ବ୍ୟାଟେରିରେ ଚାଲିବ ତାହା ସ୍ଥିର କରିହେବ।

# ମାଟି ତଳ ଗାଁ

**ଆଡେଲେଡ୍:** ସାଧାରଣତଃ ଗାଁ ମାଟି ଉପରେ ବା କେବେ କେବେ ପାହାଡ ଉପରେ ଗଢି ଉଠିଥିବା ସମସ୍ତେ ଜାଣିଥିବେ । ହେଲେ ବିଶ୍ୱରେ ଏମିତି ଏକ ଗାଁ ରହିଛି ଯାହା ମାଟିତଳେ। ଏଠାରେ ସବୁକିଛି ମିଳିବ ହେଲେ ଅଣ୍ଡରଗ୍ରାଉଣ୍ଡ। ଦକ୍ଷିଣ ଅଷ୍ଟ୍ରେଲିଆରେ ରହିଥିବା ଏହି ଗାଁର ନାଁ କୁବର ପେଡି । ଏଠାକାର ଅଧିକାଂଶ ଲୋକେ ମାଟିତଳେ ରହିଥାଆନ୍ତି। ଏଠାରେ ପାଖାପାଖି ୧୫୦୦ ଘର ରହିଛି, ଯେଉଁଠି କିଛି ହଲିଉଡ୍ ଫିଲ୍ମର ଶୁଟିଂ ବି କରାଯାଇଛି। କୁହାଯାଏ ଏହି ମାଟିତଳ ଗାଁରେ ୧୯୧୫ରେ ଖଣି କାମ ଆରମ୍ଭ କରାଯାଇଥିଲା। କୁବେର ପେଡି ଏକ ମରୁଭୂମି ଅଞ୍ଚଳ ହୋଇଥିବାରୁ ଏଠାରେ ଗରମ ଦିନେ ପ୍ରବଳ ଗରମ ହୋଇଥାଏ ଓ ଶୀତଦିନେ ବହୁତ ଥଣ୍ଡା ଲାଗିଥାଏ। ସେଥିପାଇଁ ଏଠାରେ ଲୋକେ ବହୁ ସମସ୍ୟା ଭୋଗନ୍ତି। ମାଟିତଳେ ଗଢି ଉଠିଥିବା ଏହି ଗାଁରେ ଇଣ୍ଟରନେଟଠାରୁ ଆରମ୍ଭ କରି ପାଣି, ଇଲେକ୍ଟ୍ରିସିଟି ସବୁ ସୁବିଧା ରହିଛି। କେବଳ ସୂର୍ଯ୍ୟ କିରଣ ଏଠାରେ ଅଭାବ ରହିଛି।



## 'ଡକ୍ଟର ଜୀ'ରେ ଆୟୁଷ୍ମାନଙ୍କ ଫାଷ୍ଟ ଲୁକ୍

**ମୁମ୍ବାଇ:** ସାମ୍ନାକୁ ଆସିଛି ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ ଫିଲ୍ମ 'ଡକ୍ଟର ଜୀ'ର ଫାଷ୍ଟ ଲୁକ୍ । ଏହି ଫିଲ୍ମର ଶୁଟିଂ ପାଇଁ ଅଭିନେତା ଏବେ ମଧ୍ୟପ୍ରଦେଶର ଭୋପାଳରେ ଅଛନ୍ତି। ଆୟୁଷ୍ମାନ ଶୁଟିଂ ସେଟ୍‌ରୁ ଫିଲ୍ମରେ ନିଜର ଫାଷ୍ଟ ଲୁକ ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଫଟୋରେ ଆୟୁଷ୍ମାନ ହାତରେ ଏକ ପୁସ୍ତକ ଧରିଥିବା ଦେଖାଯାଇଛି । ଡାକ୍ତରମାନେ ପିନ୍ଧୁଥିବା କୋଟ ସହ ଏକ ଷ୍ଟେଥୋ ବି ଧରିଛନ୍ତି । ଆଉ ସେ ଯେଉଁ ବହିଟି ଧରିଛନ୍ତି ସେଥିରେ ଲେଖାଯାଇଛି ସ୍ତ୍ରୀ ରୋଗ ଚିକିତ୍ସା। ଏହି ଫଟୋକୁ ଶେୟାର କରିବା ସହ ସେ ଲେଖିଛନ୍ତି, ଡାକ୍ତର ପ୍ରସ୍ତୁତ ହୋଇ ବାହାରିଲେ, ଏବେ ହେବ ଶୁଟିଂ।


ମନେ ପଡ଼ନ୍ତି

3rd death anniversary

Late Maya Rani Pal
Date of Birth: 28.08.1955
Date of Demise: 20.07.2018
Quote: Time flies but the pain in our hearts still lies. Someday we wish to wake up next to you so that we can complete all our conversations.
D-67123

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଦୟାନିଧି ବେହେରା
ପୂର୍ତ୍ତ ବିଭାଗ ଅବସରପ୍ରାପ୍ତ କର୍ମଚାରୀ, ଢେଙ୍କାନାଳ
ଆବିର୍ଭାବ: ୨୫।୦୬।୧୯୪୩
ତିରୋଧାନ: ୧୦।୦୭।୨୦୨୧
ତୁମର ଆକସ୍ମିକ ବିୟୋଗରେ ପରିବାରବର୍ଗ ମର୍ମାହତ। ତୁମର ତ୍ୟାଗ, ନିଷ୍ଠା, ଆତ୍ମୀୟତା ଓ ଆଦର୍ଶ ଆମର ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମରାତ୍ମା ସଦ୍‌ଗତି ଓ ମୁକ୍ତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ: ବାସନ୍ତୀ, ପୁତ୍ର: ଜୟକୃଷ୍ଣ, ରାମକୃଷ୍ଣ, ଝିଅ-ଜ୍ୱାଇଁ: ଜୟନ୍ତୀ, ପ୍ରତାପ, ବୋହୂ: ବିନ୍ଦୁ, ନାତି/ନାତୁଣୀ: ପାୟଲ, ଲିପନ, ଲିଟା, କ୍ରିଷ୍ଣା, ପ୍ରିନ୍ସ, ବେହେରା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦୩୩୫

Dr. Er. Soyuz Ph.D

Birth: 11.10.1975 (Durgastami)
Death: 17.11.2005 (BadaEkadasi)
Viru Baba, Since you left no day has passed without remembering you. I always pray God to grant you eternal peace.
- BAPA-
D-21115

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ମାଳତୀ ଅଧିକାରୀ
ଜନ୍ମ- ପୁରୀ- ତା୨୦।୦୩।୧୯୫୦
ସ୍ୱର୍ଗଧାମ-ନାଗପୁର- ତା୦୧।୦୭।୨୦୨୦
ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟଧୀମହି ଧିୟୋ ୟୋନଃ ପ୍ରଚୋଦୟାତ୍।
ବିଶ୍ୱ ଗାୟତ୍ରୀ ପରିବାରର ଜନକ, ହରିଦ୍ୱାର ଶାନ୍ତିକୁଞ୍ଜ ପ୍ରତିଷ୍ଠାତା ବେଦମୂର୍ତ୍ତି, ତପୋନିଷ୍ଠ, ଯୁଗଋଷି, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଶିଷ୍ୟା ମାଳତୀ ଅଧିକାରୀଙ୍କର ପ୍ରଥମ ପୁଣ୍ୟ ତିଥି, ଆଷାଢ ଶୁକ୍ଳପକ୍ଷ ବଡ଼ ଏକାଦଶୀ ଓ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାର ପବିତ୍ର ଦିବସରେ ବାହୁଡ଼ି ଗଲେ ବୈକୁଣ୍ଠକୁ। ଏହି ପବିତ୍ର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ସ୍ୱାମୀ: ପ୍ରହ୍ଲାଦ ଅଧିକାରୀ, ପୁଅ/ବୋହୂ:ସନ୍ତୋଷ, ମାନସ୍ୱିନ, ଝିଅ/ଜ୍ୱାଇଁ: ସବିତା, ରମେଶ, ଅନାମିକା, ସୁମନ୍ତ, ନାତି/ନାତୁଣୀ, ଆତ୍ମୀୟସୋଦର ଓ ଗାୟତ୍ରୀ ପରିବାର, ଓଡ଼ଗାଁ, ନୟାଗଡ଼, ଜୟ ଶ୍ରୀରାମ
ଧ-୨୧୧୨୧

ପଞ୍ଚମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ମୃନାଳକାନ୍ତ ସ୍ୱାଇଁ (ଟିଟୁ)
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା)
ଆବିର୍ଭାବ : ୧୯.୧୦.୧୯୫୭ (ରମା ଏକାଦଶୀ)
ତିରୋଧାନ : ୧୫.୦୭.୨୦୧୬ (ସୁନାବେଶ, ଏକାଦଶୀ)
ଭଗବାନଙ୍କ ପ୍ରତି ଭକ୍ତି, ପ୍ରେମ, ସମସ୍ତଙ୍କ ପ୍ରତି ନିଷ୍କପଟ ସ୍ନେହ ଶ୍ରଦ୍ଧା ସାରାଜୀବନ ଅଭୁଲା ସ୍ମୃତି ହୋଇ ରହିବ। ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ଆପଣ ଶାନ୍ତିରେ ଥାଆନ୍ତୁ।
-: ଶୋକସନ୍ତପ୍ତ :-
ପତ୍ନୀ-ଜଲି, ପୁଅ-ଆତିଥ୍ୟ, ଲିସା-ବିବେକ, ଟିସା-ତରୁଣ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୧୧୮

ଇଏ ବି ଜଣେ ନାରୀ

# ସଫଳ ଉଦ୍ୟୋଗୀ ସସ୍ମିତା

**ନ**ୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କୃଷ୍ଣେଶ୍ୱର ପାଟଣା ଗାଁର ସଚ୍ଚିଦାନନ୍ଦ ଦାଶଙ୍କ କନ୍ୟା ସସ୍ମିତା ହୋତା। ପଟ୍ଟଚିତ୍ର କଳାକୁ ନେଇ ଏବେ ତାଙ୍କର ସ୍ୱତନ୍ତ୍ର ପରିଚୟ। କାହିଁକି ନା ପଟ୍ଟଚିତ୍ରକୁ ସେ ଫ୍ୟାଶନ୍ ଡିଜାଇନରେ ସ୍ଥାନ ଦେଇଛନ୍ତି। ଶାଢ଼ି ତଥା ପୋଷାକପତ୍ରରେ ପୁରୁଣା ଉତ୍କଳୀୟ କଳା, ସଂସ୍କୃତି ଓ ପରମ୍ପରାକୁ ଲୋକପ୍ରିୟ କରାଇବା ସହ ଆକର୍ଷଣୀୟ କରି ପାରିଛନ୍ତି।

ପଟ୍ଟଚିତ୍ର ପ୍ରତି ପିଲାବେଳରୁ ସସ୍ମିତାଙ୍କର ସ୍ୱତନ୍ତ୍ର ଆଗ୍ରହ ରହିଥିଲା। କିନ୍ତୁ ବିବାହ ପରେ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ହୋତା ଓ ପରିବାର ତଥା ସାଙ୍ଗସାଥୀଙ୍କ ପ୍ରେରଣାରୁ ୪୦ବର୍ଷ ବୟସରେ ଏହାକୁ ପେସାଭାବେ ଆରମ୍ଭ କରିଥିଲେ। ତାଙ୍କ ପ୍ରସ୍ତୁତ ପଟ୍ଟଚିତ୍ର ବସ୍ତ୍ରଗୁଡ଼ିକର ମୂଲ୍ୟ ସର୍ବନିମ୍ନ ୩ହଜାର ୫ଶହ ଟଙ୍କାରୁ ଆରମ୍ଭ ହୋଇ ସର୍ବାଧିକ ମୂଲ୍ୟ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଓଡ଼ିଶାର ଟସର, ସମ୍ବଲପୁରୀ କପଡ଼ା ସହ ବାଙ୍ଗାଲୋର ଶିଲ୍କ, କାଞ୍ଚିବରମ ଶିଲ୍କ ଆଦି ଶାଢ଼ି ଉପରେ ସେ ପଟ୍ଟଚିତ୍ର ଆଙ୍କି ଗ୍ରାହକଙ୍କ ପାଖରେ ପହଞ୍ଚାଉଛନ୍ତି।

**ଡିଜାଇନରେ ଗାଁ ପରମ୍ପରା:** ଗ୍ରାହକମାନଙ୍କ ପସନ୍ଦ ଓ ଚାହିଦା ଅନୁଯାୟୀ ବିଭିନ୍ନ ପୋଷାକ ତଥା



**କଳା ପ୍ରତି ପିଲାବେଳରୁ ତାଙ୍କର ଥିଲା ସ୍ୱତନ୍ତ୍ର ଆକର୍ଷଣ। ନିଖୁଣ ଚିତ୍ରକଳା କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରୁଥିଲେ। ସୁଯୋଗ ମିଳିବା ପରେ ସେ କଳାକୁ ବ୍ୟବସାୟର ରୂପ ଦେଇଥିଲେ। ପଟ୍ଟଚିତ୍ର କଳାକୁ ଫ୍ୟାଶନ ଡିଜାଇନରେ ସ୍ଥାନ ଦେଇ ଏବେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ସସ୍ମିତା...**

ଶାଢ଼ି, ବ୍ଲାଉଜ, ଓଢ଼ଣି, କୁଶନ କଭର, ବେଡଶିଟ, ହ୍ୟାଣ୍ଡବ୍ୟାଗ, ୱାଲହାଙ୍ଗିଙ୍ଗ, ସ୍ମୃତି ଫଳକ ତଥା ଗୃହ ସୌନ୍ଦର୍ଯ୍ୟ ଉପକରଣଗୁଡ଼ିକରେ ମଧ୍ୟ ଏହି କଳାକୁ ଅଙ୍କାଇ ଓଡ଼ିଶାର ଚିତ୍ର କଳାକୁ ସେ ଏକ ନୂଆ ରୂପ ଦେଇପାରିଛନ୍ତି। ଉତ୍କଳୀୟ କବିମାନଙ୍କର କାଳଜୟୀ କବିତା, ବିଶିଷ୍ଟ କବି ସଚ୍ଚି ରାଉତରାୟଙ୍କ କବିତା 'ଛୋଟମୋର ଗାଁଟି'ର ପ୍ରତ୍ୟେକ ଦୃଶ୍ୟକୁ ସେ ଶାଢ଼ିରେ ଡିଜାଇନ କରିପାରିଛନ୍ତି। ଓଡ଼ିଶାର ବିଭିନ୍ନ ଐତିହ୍ୟ ପୀଠ ତଥା ଓଡ଼ିଆ ପର୍ବପର୍ବାଣି ଏବଂ ଗ୍ରାମୀଣ ପରିବେଶକୁ ନିଖୁଣ ଚିତ୍ରକଳା ମାଧ୍ୟମରେ ଆଙ୍କି ଶାଢ଼ି ତଥା ପୋଷାକ ଡିଜାଇନକୁ ବେଶ୍ ଆକର୍ଷଣୀୟ କରିପାରିଛନ୍ତି।

**ନିଯୁକ୍ତି ସୁଯୋଗ:** ପିଲାବେଳୁ କିଛି ଗଠନମୂଳକ କାର୍ଯ୍ୟ କରିବାରେ ଆଗ୍ରହ ଓ ଉତ୍ସାହ ରଖିଥିବା ସସ୍ମିତା ପ୍ରଥମେ ମାତ୍ର ୨ଜଣ ତାଲିମପ୍ରାପ୍ତ ଚିତ୍ରକରଙ୍କୁ ନେଇ ବିଭିନ୍ନ ବସ୍ତ୍ରରେ ପଟ୍ଟଚିତ୍ର ଆଙ୍କିବା ଆରମ୍ଭ କରିଥିଲେ । ଧୀରେ ଧୀରେ ତାଙ୍କ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ପୋଷାକର ଲୋକପ୍ରିୟତା ଏତେ ବଢ଼ିଲା ଯେ ପ୍ରାୟ ୬୦ରୁ ୭୦ ଜଣ ତାଲିମପ୍ରାପ୍ତ କଳାକାରଙ୍କୁ ନିଯୁକ୍ତି ଦେଇଥିଲେ। ଏବେ ସେ ତାଙ୍କର ଏହି ଡିଜାଇନ୍ ପୋଷାକ ତିଆରି ପାଇଁ ଭୁବନେଶ୍ୱରରେ ତାଙ୍କ ବୁଟିକ୍ 'ସ୍ୱନ୍ଦିତା' ମାଧ୍ୟମରେ କାମ କରୁଛନ୍ତି।



**ଅନ୍ତର୍ଜାତୀୟ ଖ୍ୟାତି:** ସସ୍ମିତାଙ୍କର ଏଭଳି ଡିଜାଇନ ଏବେ ରାଜ୍ୟ କି ଦେଶ ମଧ୍ୟରେ ସୀମିତ ହୋଇନାହିଁ ବରଂ ବିଦେଶରେ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ମଧ୍ୟ ବିଶେଷ ଆଦୃତିଲାଭ କରିଛି । ଆନ୍ତର୍ଜାତିକ ଫ୍ୟାଶନ ପ୍ରତିଯୋଗିତାରେ ମଧ୍ୟ ତାଙ୍କର ଏହି ଡିଜାଇନ ଆଦୃତି ଲାଭ କରିଛି। ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡା ଭଳି ଦେଶକୁ ସେ ଏହି ପଟ୍ଟଚିତ୍ର ଶାଢ଼ି ପଠାଉଛନ୍ତି । ନିକଟରେ କାଲିଫର୍ନିଆରେ ଆୟୋଜିତ ରଥଯାତ୍ରାରେ ତାଙ୍କ ଡିଜାଇନ୍ ପୋଷାକ ଓ ଶାଢ଼ିକୁ ପାଖାପାଖି ୨୦୦ ଜଣ ପୁରୁଷ, ମହିଳା ତଥା ପିଲାମାନେ ପିନ୍ଧି ରଥଯାତ୍ରାରେ ଯୋଗ ଦେଇଥିଲେ।

ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ହସ୍ତଶିଳ୍ପ ଆଦିକୁ ଦେଶ ବିଦେଶରେ ପରିଚିତ କରାଇବା ସହ କମ୍ ମୂଲ୍ୟରେ ଭଲ ଜିନିଷ ଲୋକମାନଙ୍କ ପାଖରେ କିପରି ପହଞ୍ଚିପାରିବ, ସେଥିପାଇଁ ପ୍ରୟାସ ଚଳାଇଛନ୍ତି ସସ୍ମିତା। ତାଙ୍କର ଏହି ସଫଳତା ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

**-ଅଜୟ କୁମାର ମହାରଣା**
ଖଣ୍ଡପଡ଼ା

# ନିଜ ପାଇଁ ଟିକେ...

**ସ୍ନେହ ପ୍ରେମ ଆଉ ଭଲପାଇବାର ପରଶ ଦେଇ ସମସ୍ତଙ୍କୁ ନିଜର କରିବାକୁ ସବୁବେଳେ ଚେଷ୍ଟା କରିଥାଏ ଗୃହିଣୀ। ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ ଭିତରେ ସେ କିନ୍ତୁ ଭୁଲି ଯାଏ ନିଜକୁ । ହେଲେ ସତ କଥା ହେଲା ସମସ୍ତଙ୍କୁ ଭଲପାଇବାକୁ ହେଲେ ପ୍ରଥମେ ନିଜକୁ ଭଲପାଇବାକୁ ହୁଏ। ଏଥିପାଇଁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବି ଜରୁରୀ...**









**ସ**ବୁବେଳେ ପିଲାଙ୍କ ପାଇଁ କିମ୍ବା ଘର ଲାଗି ବିଭିନ୍ନ ପ୍ରକାରର କାମ କରିଥାନ୍ତି ଗୃହିଣୀ। ସମସ୍ତଙ୍କର ଭଲମନ୍ଦ ଖବର ବୁଝିବା ଭିତରେ ସେମାନେ କିନ୍ତୁ ନିଜ କଥା ପୂରା ଭୁଲି ଯାଇଥାନ୍ତି। ଏମିତି କି ନିଜର ଖିଆପିଆ କିମ୍ବା ସ୍ୱାସ୍ଥ୍ୟର ଯତ୍ନ ନେବା ଯେ ଉଚିତ ଏକଥାକୁ ସମ୍ପୂର୍ଣ୍ଣ ଅବହେଳା କରିଥାନ୍ତି। ମାତ୍ର ନିଜେ ସୁସ୍ଥ ରହିଲେ ହିଁ ପରିବାର ସୁସ୍ଥ ରହିବ, ଜୀବନର ଏହି ଗୂଢ଼ ରହସ୍ୟକୁ ଭୁଲିବା ଉଚିତ ନୁହେଁ। ତେଣୁ ସବୁ କାମ ଭିତରେ ବି ନିଜ ପାଇଁ କିଛି ସମୟ ବାହାର କରନ୍ତୁ ଓ ନିଜର ଆବଶ୍ୟକତା ବିଷୟରେ ଚିନ୍ତା କରନ୍ତୁ।

**ନା କହିବା ଶିଖନ୍ତୁ:** ଆବଶ୍ୟକ ହେଲେ ନିଜର ସୁବିଧା ପାଇଁ କେବେକେବେ ଭଦ୍ରଭାବରେ ନା କହିବା ଶିଖନ୍ତୁ। କାଳେ କେହି ଖରାପ ଭାବିବେ ବୋଲି ଚିନ୍ତା କରି ଆମେ ଅନେକ ସମୟରେ ସବୁକଥାକୁ ମୁଣ୍ଡପାତି ଗ୍ରହଣ କରି ନେଇଥାଉ। କିନ୍ତୁ ଏପରି କରିବା ଦ୍ୱାରା ଅନେକାଂଶରେ ନିଜପ୍ରତି ଅନ୍ୟାୟ ହୋଇଥାଏ।

**ମଜା, ମସ୍ତି, ଖୁସି:** ଜୀବନରେ କ୍ୟାରିୟର, ଦରମା କିମ୍ବା ଘରକାମ ବ୍ୟତୀତ ମଜା ମସ୍ତି ବି ଜରୁରୀ। ତେଣୁ ନିଜର ଖୁସିକୁ ବି ଗୁରୁତ୍ୱ ଦିଅନ୍ତୁ। ନିଜ ପସନ୍ଦ ଅନୁସାରେ କିଛି କାମ କିମ୍ବା ବୁଲାବୁଲି ଆଦି କରିବାକୁ ଭୁଲନ୍ତୁ ନାହିଁ। ଅବଶ୍ୟ ସବୁବେଳେ ଏ ଦିଗକୁ ଗୁରୁତ୍ୱ ଦେବା ଠିକ୍ ନୁହେଁ। କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ୟୁଜର ଖୁସି ମନାଇବାକୁ ଭୁଲନ୍ତୁ ନାହିଁ।

**ନିଜ ପାଇଁ ସମୟ:** ସୁସ୍ଥ ରହିବା ପାଇଁ ନିଜ ନିମନ୍ତେ କିଛି ସମୟ ବାହାର କରି ଯୋଗ ଓ ମେଡିଟେସନ୍ ନିଶ୍ଚୟ କରନ୍ତୁ। ଜୀବନର ସବୁଠୁ ଭଲ ଏବଂ ଅତି ଆପଣାର ସାଥୀ ହେଉଛି ଆପଣଙ୍କ ଶରୀର ଓ ମନ। ତେଣୁ ଏହି ଦୁଇଟିର ଯତ୍ନ ନେବାକୁ ଯୋଗ ଏବଂ ମେଡିଟେସନ୍ ହିଁ ସର୍ବୋତ୍ତମ ଉପାୟ। ଥକ୍କାପଣ କିମ୍ବା ଡିପ୍ରେସନରୁ ଏହା ରକ୍ଷା କରିଥାଏ। ଆଉ ଶରୀର ତଥା ମନ ସୁସ୍ଥ ରହିଲେ ହିଁ ଆପଣ ଉର୍ଜାସମ୍ପନ୍ନ ହୋଇ ଅଧିକ କାମ କରିପାରିବେ।

**ତୁଳନା କରନ୍ତୁ ନାହିଁ:** କାହା ସହିତ ନିଜକୁ ତୁଳନା କରି ଦୁଃଖୀ ହୁଅନ୍ତୁ ନାହିଁ। ନିଜ ପାଖରେ ଯାହା ଅଛି ସେଥିରେ ସନ୍ତୁଷ୍ଟ ହେବାକୁ ଚେଷ୍ଟା କରନ୍ତୁ। ନିଜର ସବୁ ସଫଳତାକୁ ମନେପକାନ୍ତୁ, ଯାହାଫଳରେ ଆପଣ ଖୁସିରେ ରହିପାରିବେ। ତା' ଛଡ଼ା ବାସ୍ତବତାକୁ ସ୍ୱୀକାର କରନ୍ତୁ ଏବଂ ନିଜ ପରିସ୍ଥିତି ଓ ଯୋଗ୍ୟତାଠାରୁ ବହୁତ ଅଧିକ ପାଇବାର ଇଚ୍ଛା ରଖନ୍ତୁ ନାହିଁ।

**ନିଜକୁ କ୍ଷମା ଦିଅନ୍ତୁ:** କୌଣସି କାରଣରୁ ଆପଣ ଯଦି ଭୁଲ୍ କରି ଦେଇଛନ୍ତି ତେବେ ସେକଥା ଭାବି ସାରା ଜୀବନ ପଶ୍ଚାତ୍ତାପ କରିବା ଠିକ୍ ନୁହେଁ। ସେହି ଭୁଲ୍ ପାଇଁ ଦୁଃଖରେ ଭାଙ୍ଗିପଡ଼ିଲେ ଜୀବନରେ ଆଗକୁ ବଢ଼ିପାରିବେ ନାହିଁ। ତେଣୁ ସେହି ଭୁଲ୍‌ରୁ ଶିକ୍ଷାଲାଭ କରି ନିଜ ଭୁଲ୍‌କୁ ସୁଧାରି ନିଅନ୍ତୁ। ଆଉ ନିଜର ଭୁଲ୍ ପାଇଁ ପ୍ରଥମେ ନିଜକୁ କ୍ଷମା ଦେଇ ଆଗକୁ ପୁଣି ଥରେ କାମ କରିବା ପାଇଁ ଚେଷ୍ଟା କରନ୍ତୁ।

**ସମସ୍ତଙ୍କ ସ୍ନେହ ଆଦର:** ସମସ୍ତଙ୍କୁ ସନ୍ତୁଷ୍ଟ କରିବା ସମ୍ଭବ ନୁହେଁ। ତେଣୁ ସମସ୍ତେ ଯେ ଆପଣଙ୍କୁ ଭଲପାଇବେ ଏପରି ଆଶା କରନ୍ତୁ ନାହିଁ। ଆପଣଙ୍କର ଯଥାସମ୍ଭବ ପ୍ରୟାସ ପରେ ବି ଯଦି କେହି ଆପଣଙ୍କୁ ଗ୍ରହଣ କରି ପାରୁ ନାହାନ୍ତି ତେବେ ମନ ଦୁଃଖ କରନ୍ତୁ ନାହିଁ। ଯଦି ସବୁ ସ୍ଥାନରେ ସମସ୍ତଙ୍କୁ ଖୁସି କରିବାକୁ ଚାହୁଁଥିବେ ତାହା ଏକ ଅସମ୍ଭବ କାମ ବୋଲି ଜାଣି ରଖନ୍ତୁ। ତେଣୁ ସମସ୍ତଙ୍କୁ ଖୁସିରେ ରଖିବା ଚିନ୍ତାରେ ଆପଣ ନିଜର ସବୁ ଖୁସିକୁ ଜଳାଞ୍ଜଳି ଦିଅନ୍ତୁ ନାହିଁ।



# ମନସୁନ୍ ଗାର୍ଡେନିଂ

**ଗାର୍ଡେନିଂ ନିମନ୍ତେ ବର୍ଷାଦିନ ବହୁତ ଭଲ। କିନ୍ତୁ ଏହି ଋତୁରେ ମଧ୍ୟ କିପରି ଗଛର ଯତ୍ନ ନେବେ ଜାଣି ରଖନ୍ତୁ...**

➤ବର୍ଷାଦିନେ ଗଛରେ ଆବଶ୍ୟକତା ଅନୁସାରେ ପାଣି ଦିଅନ୍ତୁ। ଗଛ ମୂଳରେ ଅଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ।

➤ଫୁଲକୁଣ୍ଡ ଯଦି ଖରାପ ହୋଇଥାଏ କିମ୍ବା ଭାଙ୍ଗି ଯାଇଥାଏ, ତେବେ ଏହି ଋତୁରେ ହିଁ ଗଛକୁ ଅନ୍ୟକୁଣ୍ଡକୁ ବଦଳାଇ ଦିଅନ୍ତୁ। ଏହି ସମୟରେ ହିଁ କୁଣ୍ଡର ମାଟି ବଦଳାଇ ଦିଅନ୍ତୁ।

➤ବର୍ଷାଦିନେ ପୋକଠାରୁ ଗଛକୁ ରକ୍ଷା କରିବା ନିମନ୍ତେ ନିମ୍ବ ତେଲ କିମ୍ବା ଅନ୍ୟ କୌଣସି ପ୍ରାକୃତିକ ତେଲ ବ୍ୟବହାର କରନ୍ତୁ। ପ୍ରାକୃତିକ କୀଟନାଶକ ସବୁ ଗଛର କୌଣସି କ୍ଷତି କରି ନ ଥାଏ।

➤ଗଛ ମୂଳରେ ରାସାୟନିକ ସାର ବଦଳରେ କମ୍ପୋଷ୍ଟ ଖତ ବ୍ୟବହାର କରନ୍ତୁ। କମ୍ପୋଷ୍ଟ ଖତ ପ୍ରସ୍ତୁତ କରିବା ପାଇଁ ପତ୍ର, ପରିବା ଓ ଫଳ ଚୋପା ବ୍ୟବହାର କରନ୍ତୁ।

- ବର୍ଷାଦିନେ ଗଛର ଠିକଭାବେ ଯତ୍ନ ନିଅନ୍ତୁ। ଖରାପ ପତ୍ର କିମ୍ବା ପୋକ ଲାଗିଥିବା ପତ୍ରର ଡାଳକୁ କାଟି ଗଛରୁ ବାହାର କରି ଦିଅନ୍ତୁ।
- କୌଣସି ଗଛର ନୂଆ ଚାରା କରିବାକୁ ଚାହୁଁଥିଲେ ଏହି ସମୟରେ ଗଛର ଡାଳ କାଟି ଲଗାଇ ଦିଅନ୍ତୁ।



## ଖାଦ୍ୟରୁଚି

### ଆଳୁ ଚପ୍



**ଆବଶ୍ୟକ ସାମଗ୍ରୀ-** ସିଝା ଆଳୁ- ୫ଟି, ବେସନ- ୧ କପ୍, କଞ୍ଚା ଲଙ୍କା- ୪ଟି (କଟା), ଛେଚା ହୋଇଥିବା ଅଦା- ୧ ଚାମଚ, ଚାଟ୍ ମସଲା- ୧ ଚାମଚ, ଲଙ୍କା ଗୁଣ୍ଡ- ଅଧା ଚାମଚ, ଜୁଆଣି- ୧ ଚାମଚ, ଛାଣିବା ପାଇଁ ତେଲ, ସ୍ୱାଦ ଅନୁସାରେ ଲୁଣ।

**ପ୍ରଣାଳୀ-** ସିଝା ଆଳୁକୁ ପ୍ରଥମେ ଭଲଭାବେ ଚକଟି ଦିଅନ୍ତୁ। ସେଥିରେ ଅଦା, କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଧନିଆ ପତ୍ର ଓ ଲୁଣ ପକାଇ ଭଲଭାବେ ମିଶାନ୍ତୁ। ଏବେ ବେସନକୁ ଏକ ପାତ୍ରରେ ପକାଇ ଘୋଳ ପ୍ରସ୍ତୁତ କରନ୍ତୁ। ଘୋଳକୁ ବେଶି ପତଳା କରିବେ ନାହିଁ ଏବଂ ତାକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରଖି ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରନ୍ତୁ। ଚକଟା ହୋଇଥିବା ଆଳୁକୁ ଛୋଟ ଛୋଟ ଗୋଲ କରି ତାକୁ ବେସନ ଘୋଳରେ ବୁଡାଇ ତେଲରେ ଛାଣି ନିଅନ୍ତୁ। ସମସ୍ତ ଆଳୁର ଗୁଳାକୁ ଏପରି ଛାଣି ଗରମ ଗରମ ଖାଆନ୍ତୁ। ଚଟଣି ସହିତ ଏହାକୁ ଖାଇଲେ ବହୁତ ଭଲ ଲାଗିବ।

# ଘରୋଇ ୱାକ୍ସିଂ

**ପା**ର୍ଲର ନ ଯାଇ ଘରୋଇଭାବେ ଚାହିଁଲେ ଆପଣ ୱାକ୍ସିଂ ପ୍ରସ୍ତୁତ କରିପାରିବେ।

➤ଘରୋଇ ୱାକ୍ସିଂ ପ୍ରସ୍ତୁତ କରିବା ପାଇଁ ୫ ଚାମଚ ଚିନି ନିଅନ୍ତୁ। ସେଥିରେ ଏକ ଚାମଚ ଲେମ୍ବୁ ରସ, ୩ ଚାମଚ ମହୁ ଓ ୪ ଚାମଚ ପାଣି ମିଶାନ୍ତୁ। ଏସବୁ ସାମଗ୍ରୀକୁ ଏକ ପାତ୍ରରେ ରଖି ଚୁଲିରେ କମ୍ ଆଞ୍ଚରେ ବସାନ୍ତୁ। ମଝିରେ ମଝିରେ ଏହାକୁ ଗୋଳାନ୍ତୁ। କିଛି ସମୟ ପରେ ଚିନି ମିଶିଗଲା ପରେ ଚୁଲିରୁ ଓହ୍ଲାଇ ଆଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଘରୋଇ ୱାକ୍ସ।

➤ଘରେ ଥିବା ଟୁଥପେଷ୍ଟ ମାଧ୍ୟମରେ ବି ଆପଣ ୱାକ୍ସିଂ କରାଇପାରିବେ। ଏଥିପାଇଁ ୪-୫ ଚାମଚ କ୍ଷୀର, ୨ ଚାମଚ ବେସନ ଓ ୧ ଚାମଚ ଟୁଥପେଷ୍ଟ ନିଅନ୍ତୁ। ଏ ସମସ୍ତ ସାମଗ୍ରୀକୁ ଏକ ପାତ୍ରରେ ଭଲଭାବେ ମିଶାଇ ଦିଅନ୍ତୁ। ଘୋଳକୁ ପତଳା କରିବା ପାଇଁ ଅଧିକ କ୍ଷୀର ମିଶାଇ ପାରିବେ। ଏହି ମିଶ୍ରଣକୁ ଅନାବଶ୍ୟକ ଲୋମ ଥିବା ସ୍ଥାନରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହାପରେ କଟନରେ ତିଆରି ସ୍ୱତନ୍ତ୍ର କପଡାରେ ସେହି ସ୍ଥାନକୁ ଲୋମର ବିପରୀତ ଦିଗରେ ଟାଣି ଘଷି ଦିଅନ୍ତୁ। ଏହିପରି କରିବା ପରେ ସବୁ ଲୋମ ବାହାରି ଯିବ। ଶେଷରେ ଆପଣ ପାଣିରେ ମୁହଁକୁ ଧୋଇ ମଶ୍ଚରାଇଜର ଲଗାନ୍ତୁ।

➤ଘରୋଇ ୱାକ୍ସକୁ ଲଗାଇବା ପାଇଁ ହେଲେ ପ୍ରଥମେ ମୁହଁକୁ ସଫା କରି ପୋଛି ଦିଅନ୍ତୁ। ୱାକ୍ସକୁ ଅଳ୍ପ ଗରମ କରନ୍ତୁ। ଥଣ୍ଡା ହେବା ପରେ ଏହାକୁ ମୁହଁରେ ଅନାବଶ୍ୟକ ଲୋମ ଥିବା ସ୍ଥାନରେ ଭଲ ଭାବେ ଲଗାନ୍ତୁ। ମୋଟା କରି ଏହି ୱାକ୍ସକୁ ଲଗାଇ ହାତରେ ଦାବି ଦିଅନ୍ତୁ। କିଛି ସମୟ ପରେ ହାତରେ ଏହାକୁ ଉଠାଇ ଦିଅନ୍ତୁ। ଏହିପରି ଭାବରେ ଯେ କୌଣସି ସ୍ଥାନରେ ଥିବା ଲୋମକୁ ସହଜରେ ଉଠାଇ ହେବ।





ସୌନ୍ଦର୍ଯ୍ୟ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ଜୁଲାଇ ୨୦/୨୦୨୧ Berhampur, Tuesday, July 20/ 2021






**ଟୋକିଓ:** ଅଲିମ୍ପିକ୍ସ ପାଇଁ ସୋମବାର ଅଭ୍ୟାସ ଅବସରରେ ଭାରତୀୟ ଆର୍ଚେରି ମିକ୍ସଡ ଟିମ୍ ସଦସ୍ୟ ଅତନୁ ଓ ଦୀପିକା। ଗେମ୍ସ ଭିଲେଜରେ ପ୍ରଥମ ଟ୍ରେନିଂ ସେସନ ପରେ ଭାରତୀୟ ସନ୍ତରଣକାରୀ ମାନା ପଟେଲ।

# ଟୋକିଓରେ ଭାରତୀୟ ଆଥଲେଟ୍‌ଙ୍କ ଟ୍ରେନିଂ ଆରମ୍ଭ

**ଟୋକିଓ, ୧୯।୭(ପି.ଟି.)**

ଟୋକିଓରେ ପହଞ୍ଚିବାର ଗୋଟିଏ ଦିନପରେ ଭାରତୀୟ ଆଥଲେଟ୍‌ମାନେ ଅଲିମ୍ପିକ୍ସ ପାଇଁ ସୋମବାର ଟ୍ରେନିଂ ଆରମ୍ଭ କରିଛନ୍ତି। କରୋନା ମହାମାରୀ ପାଇଁ ଗୋଟିଏ ବର୍ଷ ଘୁଞ୍ଚିଥିବା କ୍ରୀଡ଼ା ମହାକୁମ୍ଭରେ ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ରହିଛନ୍ତି ଭାରତୀୟ ଆଥଲେଟ୍। ଭାରତୀୟ ଆଥଲେଟ୍‌ଙ୍କ ପ୍ରଥମ ବ୍ୟାଚ୍ ରବିବାର ଟୋକିଓରେ ପହଞ୍ଚିବାପରେ କୋଭିଡ୍-୧୯ ପ୍ରୋଟୋକଲ ଅନୁସାରେ ଗେମ୍ସ ଭିଲେଜରେ ପ୍ରବେଶ କରିଥିଲେ। ତୀରନ୍ଦାଜ ଦୀପିକା କୁମାରୀ ଓ ଅତନୁ ଦାସ, ଟେବୁଲ ଟେନିସ ଖେଳାଳି ଜି. ସାଥିୟାଁ ଓ ଏ. ଶରଥ କମଲ, ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଓ ବି. ସାଇ ପ୍ରଣୀଥ ଏବଂ ଏକମାତ୍ର ଭାରତୀୟ ଜିମ୍ନାଷ୍ଟ ପ୍ରଣତି ନାୟକ ପ୍ରମୁଖ ଟ୍ରେନିଂ ଆରମ୍ଭ କରିଛନ୍ତି। ଅତନୁ ଓ ଦୀପିକା ୟୁମେନୋଶିମା ପାର୍କରେ ପୂର୍ବାହ୍ନରେ ସେମାନଙ୍କ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଉଥିବାବେଳେ ଟେବୁଲ ଟେନିସ ତାରକା ସାଥିୟାଁ ଓ ଶରଥ କମଲ ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ଅଭ୍ୟାସକୁ ଜୋରଦାର କରିଛନ୍ତି। ଜିମ୍ନାଷ୍ଟ ପ୍ରଣତି ନାୟକ ମଧ୍ୟ ସକାଳବେଳା କୋଚ୍ ଲକ୍ଷ୍ମଣ ମନୋହର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରେନିଂ ନେଇଛନ୍ତି। ବ୍ୟାଡ୍‌ମିଣ୍ଟନର ସିଙ୍ଗଲ୍ସ ଇଭେଣ୍ଟ ଖେଳିବାକୁ ଯାଉଥିବା ସିନ୍ଧୁ ଓ ପ୍ରଣୀଥ କୋଚ୍ ପାର୍କ ଟି ସାଙ୍ଗଙ୍କ ଉପସ୍ଥିତିରେ ଟ୍ରେନିଂ ଆରମ୍ଭ କରିଥିବାବେଳେ ପୁରୁଷ ଡବଲ୍ସ ଯୋଡ଼ି ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ସେମାନଙ୍କ କୋଚ୍ ମାଥିଆସ ବୋଏଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରିଛନ୍ତି।

ସେଲିଂ ଇଭେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ସର୍ବାନନ (ପୁରୁଷ ଲାଜର କ୍ଲାସ), ନେଥ୍ରା କୁମାନନ, କେ.ସି. ଗଣପତି ଓ ବରୁଣ ଠାକ୍କର ଗତ ସପ୍ତାହରୁ ଟୋକିଓରେ ପହଞ୍ଚି ଯାଇଥିଲେ। ପୁରୁଷ ଲାଇଟୱେଟ ଡବଲ୍ ସ୍କଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ରୋଇଂ ତାରକା ଅର୍ଜୁନ ଲାଲ ଜାଟ ଓ ଅରବିନ୍ଦ ସିଂ ଶନିବାର ସକାଳେ ଜାପାନ ରାଜଧାନୀରେ ପହଞ୍ଚିଛନ୍ତି। ଜାତୀୟ କୋଚ୍ ଇସମାଇଲ୍ ବେଗ୍‌ଙ୍କ ଉପସ୍ଥିତିରେ ସେମାନେ ସୋମବାର ସି ଫରେଷ୍ଟ ୱାଟର ୱେରେ ରବିବାରଠାରୁ ଟ୍ରେନିଂ ଆରମ୍ଭ କରିଛନ୍ତି। ୧୫ ଜଣିଆ ଭାରତୀୟ ଶୁଟିଂ ଦଳ ମଧ୍ୟ ଟାର୍ଗେଟ ହିଟ୍ କରିବାକୁ ଉଦ୍ୟମ କରିଛନ୍ତି।

ଆୟୋଜକ କମିଟି ପ୍ରୋଟୋକଲ ଅନୁସାରେ ଭାରତରୁ ଆସୁଥିବା ଆଥଲେଟ୍‌ମାନେ ଟୋକିଓରେ ପହଞ୍ଚିବାପରେ ୩ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ବାଧ୍ୟତାମୂଳକ। ଏହାପରେ ସେମାନେ ନିଜ ନିଜ ରହଣି ସ୍ଥାନକୁ ଯିବେ। ବିମାନ ବନ୍ଦରରେ କୋଭିଡ୍ ଟେଷ୍ଟ କ୍ଲିୟର କରିବାପରେ ଆଥଲେଟ୍‌ମାନେ ଗେମ୍ସ ଭିଲେଜକୁ ଯାଇ ପିଭିସି କାର୍ଡଗୁଡ଼ିକ ସଂଗ୍ରହ କରିବେ। ଏହାପରେ ସେମାନେ ଜିମ୍ନାସିୟମ, ଡାଇନିଂ ହଲ୍ ପ୍ରଭୃତି ସ୍ଥାନକୁ ଯାଇପାରିବେ। ଗୋଟିଏ ବର୍ଷ ବିଳମ୍ବରେ ହେବାକୁ ଯାଉଥିବା ଏହି ଅଲିମ୍ପିକ୍ସ ବିନା ଦର୍ଶକରେ ଅନୁଷ୍ଠିତ ହେବ।

# ରାଜ୍ୟ ମହିଳା ଚେସ୍: ସାଇନା ଚାମ୍ପିୟନ

**ଭୁବନେଶ୍ୱର, ୧୯।୭(କ୍ରୀଡ଼ା ପ୍ରତିନିଧି)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଅନ୍‌ଲାଇନ୍ ମହିଳା ଚେସ୍‌ରେ ମହିଳା ଫିଡେମାଷ୍ଟର ସାଇନା ସାଲୋନିକା ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସାଇନା ୫.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଯଶିତା ରାଉତ ୫ ଓ ସ୍ମାରକୀ ମହାନ୍ତି ୪.୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ସାଲୋନିକା ୫ ବିଜୟ ହାସଲ କରିଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖିଥିଲେ। ଟାଇଟଲ ହାସଲ କରିବା ପଥରେ ସେ ପ୍ରତ୍ୟାଶା ଜେନା, ଅନନ୍ୟା ଅନାମିକା, ସ୍ମାରକୀ ମହାନ୍ତି, ଶୂନ୍ୟସକ୍ତା ଶତପଥୀ ଓ ପ୍ରକୃତି ରାଉତଙ୍କୁ ହରାଇଥିବାବେଳେ ଯଶିତା ରାଉତଙ୍କ ସହ ପଏଣ୍ଟ ଭାଗ କରିଥିଲେ। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ଶୂନ୍ୟସକ୍ତା ଶତପଥୀ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ରଶ୍ମିତା କୁମାରୀ ପାତ୍ର, ପ୍ରତ୍ୟାଶା ଜେନା, ପ୍ରକୃତି ରାଉତ, ଅନନ୍ୟା ଅନାମିକା ଓ ଜୟଲକ୍ଷ୍ମୀ ସାହୁ ଟପ୍-୧୦ ଫିନିଶ୍ କରିଛନ୍ତି।



ସାଇନା ସାଲୋନିକା

# ଜର୍ନାଲିଷ୍ଟଙ୍କ ପାଇଁ କଟକଣା

**ଟୋକିଓ, ୧୯।୭ (ଏପି)**




ଏକ ବର୍ଷ ବିଳମ୍ବ ପରେ ଜାପାନରେ ବହୁ ପ୍ରତିକ୍ଷୀତ ଅଲିମ୍ପିକ ଗେମ୍ସ ଶୁକ୍ରବାରଠାରୁ ଆରମ୍ଭ ହେବ। ଇତିମଧ୍ୟରେ ଶହ ଶହ ସଂଖ୍ୟାରେ ଜର୍ନାଲିଷ୍ଟ ଆସି ପହଞ୍ଚିସାରିଲେଣି। କିନ୍ତୁ ସେମାନଙ୍କ ରହଣୀର ଅତିକମ୍‌ରେ ପ୍ରଥମ ୧୪ ଦିନ କଠୋର କଟକଣା ମାନି ଚଳିବାକୁ ହେବ। ଏହି ସମୟରେ ହେଟେଲ ଓ ଅଲିମ୍ପିକ ଭେନ୍ୟୁଗୁଡ଼ିକରେ ସେମାନଙ୍କ ଚଳପ୍ରଚଳକୁ ସୀମିତ କରାଯାଇଛି। ସେମାନଙ୍କର ଦୈନିକ କୋଭିଡ୍ ଟେଷ୍ଟ ହେବ। ଫୋନ୍ ଲୋକେଶନକୁ ଶେୟାରିଂ କରିବାକୁ ପଡ଼ିବ। ମହାମାରୀ ସମୟରେ ଅଲିମ୍ପିକ୍ସ ଆୟୋଜନକୁ ଅଧିକାଂଶ ଜାପାନ ବାସିନ୍ଦା ବିରୋଧ କରୁଛନ୍ତି। ଏହା ଏକ ସୁପରସ୍ପ୍ରେଡର ଇଭେଣ୍ଟ ହୋଇପାରେ ବୋଲି ସେମାନେ ଆଶଙ୍କା କରୁଛନ୍ତି। ଯଦି ଏହା ସତ୍ୟରେ ପରିଣତ ହୁଏ ତେବେ ଦେଶରେ କରୋନ ମହାମାରୀର ଦ୍ରୁତ ସଂକ୍ରମଣକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ସେମାନେ କହୁଛନ୍ତି।

# ତୃତୀୟ ପଜିଟିଭ ଜଣକ ଚେକ୍ ରିପବ୍ଲିକ୍‌ର ଓଣ୍ଡ୍ରେଜ୍

**ଟୋକିଓ, ୧୯।୭ (ପି.ଟି.)**



ଓଣ୍ଡ୍ରେଜ ପେରୁସିକ୍

ଅଲିମ୍ପିକ ଭିଲେଜରେ କୋଭିଡ୍ ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଥିବା ଆଥଲେଟଙ୍କ ମଧ୍ୟରୁ ତୃତୀୟ ଜଣକ ହେଉଛନ୍ତି ଚେକ୍ ରିପବ୍ଲିକ୍‌ର ଜଣେ ବିଚ୍ ଭଲିବଲ୍ ଖେଳାଳି ଓଣ୍ଡ୍ରେଜ ପେରୁସିକ୍। ସୋମବାର ଟୋକିଓ ସହର ବର୍ହିଅଞ୍ଚଳ ଚିବାଠାରେ ଟ୍ରେନିଂ ନେଉଥିବା ଜଣେ ଜିମ୍ନାଷ୍ଟ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଅଲିମ୍ପିକ୍ସ ଭିଲେଜରେ ପ୍ରଥମେ ରବିବାର ଦୁଇଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନେ ହେଉଛନ୍ତି ଦକ୍ଷିଣ ଆଫ୍ରିକା ଫୁଟ୍‌ବଲ ଖେଳାଳି ଥାବିସୋ ମନୟାନେ ଓ କାମୋହେଲୋ ମାହଲାତ୍‌ସି। ଫଳରେ ଗେମ୍ସ ସମ୍ପର୍କିତ କରୋନା ପଜିଟିଭଙ୍କ ସଂଖ୍ୟା ୫୮କୁ ବୃଦ୍ଧି ପାଇଛି। ସମସ୍ତ ପ୍ରକାର ପ୍ରତିଷେଧକମୂଳକ ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ବିଚ୍ ଭଲିବଲ ଖେଳାଳି ଓଣ୍ଡ୍ରେଜ ପେରୁସିକ୍ ସଂକ୍ରମିତ ହୋଇଥିଲେ। ବର୍ତ୍ତମାନ ତାଙ୍କ ପାଖରେ କୌଣସି ଲକ୍ଷଣ ଦେଖା ଯାଉ ନ ଥିଲେ ମଧ୍ୟ ନିୟମାନୁସାରେ ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ପେରୁସିକ୍ ଓ ତାଙ୍କ ଟିମ୍‌ମେଟ ଡେଭିଡ୍ ସ୍କିନର ସେମାନଙ୍କ ପ୍ରଥମ ମ୍ୟାଚ ଜୁଲାଇ ୨୬ରେ ଖେଳିଥାନ୍ତେ। ଏହି ମ୍ୟାଚକୁ ସ୍ଥଗିତ ରଖିବା ଲାଗି ଚେକ୍ ଟିମ୍ ଅନୁରୋଧ କରିବ। ଟୋକିଓ ଗେମ୍ସ ଆୟୋଜ କମିଟି ଦୈନିକ କୋଭିଡ୍ ପଜିଟିଭଙ୍କ ସଂଖ୍ୟା ଅପ୍‌ଡେଟ୍ କରୁଛି। ରବିବାର ଦକ୍ଷିଣ ଅଫ୍ରିକାର ଦୁଇ ଫୁଟ୍‌ବଲ ଖେଳାଳିଙ୍କ ବ୍ୟତୀତ ଭିଡିଓ ଅନାଲିଷ୍ଟ ମାରିଓ ମାଶାଙ୍କ ଫଳାଫଳ ମଧ୍ୟ ପଜିଟିଭ ଆସିଥିଲା।

# ଭିଏଟ୍‌ନାମ, ତାଇୱାନ ଦଳ ପହଞ୍ଚିଲେ



ଭିଏଟ୍‌ନାମ ଦଳ

**ଟୋକିଓ, ୧୯।୭ (ଏପି)**

ଟୋକିଓ ଗ୍ରୀଷ୍ମ ଅଲିମ୍ପିକ୍ସରେ ଭାଗ ନେବା ଲାଗି ଭିଏଟ୍‌ନାମ ଓ ତାଇୱାନ ଆଥଲେଟ୍ ଦଳ ସୋମବାର ପହଞ୍ଚିଛନ୍ତି। ଭିଏଟ୍‌ନାମ ୧୦ଟି ଅଲଗା ଅଲଗା କ୍ରୀଡ଼ା ପାଇଁ ୧୮ଜଣ ଆଥଲେଟ ପଠାଇଛି। ସୁଇମର ନୁୟେନ ହୁଏ ହୋଙ୍ଗ୍ ଏବଂ ଜିମ୍ନାଷ୍ଟ ଲି' ଥାନ୍ ତୁଙ୍ଗ୍‌ଙ୍କଠାରୁ ଦେଶ ପଦକ ଆଶା କରୁଛି। ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି ନୁୟେନ ତିନ୍ ମିନ୍ ଟୋକିଓରେ ଚତୁର୍ଥ ଅଲିମ୍ପିକ୍ସରେ ଭାଗ ନେବେ। ଭିଏଟ୍‌ନାମର ଜଣେ ଆଥଲେଟ ହିସାବରେ ଏହା ଏକ ରେକର୍ଡ।

ଅନ୍ୟପକ୍ଷରେ ତାଇୱାନ ଆଥଲେଟ ଦଳ ସୋମବାର ହାନେଦା ବିମାନବନ୍ଦରରେ ଅବତରଣ କରିଛି। ଅଲିମ୍ପିକ୍ସରେ ଏହା ଚାଇନିଜ ତାଇପେ ନାମରେ ଭାଗ ନେବ। ଏହି ଦେଶ ଟୋକିଓକୁ ୬୮ଜଣିଆ ଦଳ ପଠାଇଛି। ଏହି ଦେଶ ବିଶେଷ କରି ବ୍ୟାଡମିଣ୍ଟନରୁ ପଦକ ଆଶା କରିବ। ଦଳରେ ବିଶ୍ୱର ନମ୍ବର ୱାନ ମହିଳା ମହିଳା ସିଙ୍ଗଲ୍ସ ଖେଳାଳି ତାଇ ଜୁ ଇଙ୍ଗ୍ ଏବଂ ପୁରୁଷ ୪ ନମ୍ବର ଖେଳାଳି ଚୋଉ ତିନ୍ ଚେନ୍ ରହିଛନ୍ତି।

# ଅଲିମ୍ପିକ ଭିତ୍ତିକ ଟିଭି ବିଜ୍ଞାପନରୁ ଓହରିଲା ଟୋୟୋଟା

**ଟୋକିଓ, ୧୯।୭ (ଏପି):** ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଟପ୍ କର୍ପୋରେଟ୍ ସ୍ପନସର ହୋଇଥିଲେ ହେଁ ଟୋକିଓ ଗେମ୍ସ ବେଳେ ଜାପାନୀ ଟେଲିଭିଜନରେ ଟୋୟୋଟା ଅଲିମ୍ପିକ୍ ଭିତ୍ତିକ ବିଜ୍ଞାପନ ପ୍ରସାରଣରୁ ଓହରିଯାଇଛି। ଟୋୟୋଟୋ ଦେଶର ଟପ୍ ମୋଟରଗାଡ଼ି କମ୍ପାନୀ ହୋଇଥିଲେ ହେଁ ଏକ ଅସାଧାରଣ ନିଷ୍ପତ୍ତି ନେଇଛି। ଶୁକ୍ରବାର ଅଲିମ୍ପିକ୍ସ ଉଦ୍‌ଘାଟନ ହେବାକୁଥିବାବେଳେ ଜାପାନରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଟୋୟୋଟା କମ୍ପାନୀର ଚିଫ୍ କମ୍ୟୁନିକେଶନ ଅଫିସର ଜୁନ୍ ନାଗାତା କହିଛନ୍ତି ଅଲିମ୍ପିକ୍ସକୁ ନେଇ ଅନେକ ସମସ୍ୟା ରହିଛି, ଯାହାକୁ ବୁଝିବା କଷ୍ଟକର। କମ୍ପାନୀର ପ୍ରତିଷ୍ଠାତାଙ୍କ ନାତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଆକିଓ ଟୋୟୋଡା ଉଦ୍‌ଘାଟନୀ ଉତ୍ସବରୁ ଓହରିଯାଇଛନ୍ତି। ଟୋୟୋଟା ସହିତ ଜଡ଼ିତ ଥିବା ପ୍ରାୟ ୨୦୦ଆଥଲେଟ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରେ ଷ୍ଟାର ସୁଇମର ଡାକେଶି କାୱାମୋଟୋ ଏବଂ ସଫ୍ଟବଲ୍ ଖେଳାଳି ମିୟୁ ଗୋଟୋ ରହିଛନ୍ତି। ଏହି ଆଥଲେଟମାନଙ୍କ ପ୍ରତି କମ୍ପାନୀ ତା'ର ସମର୍ଥନ ଜାରି ରଖିବ ବୋଲି ନାଗାତା କହିଛନ୍ତି।

# ଦୁଇ ପ୍ରମୁଖ ଟୁର୍ନାମେଣ୍ଟ ଜିତିବାରେ ମୋରିକାୱା ପ୍ରଥମ

**ସ୍ୟାଣ୍ଡୱିଚ୍, (ଇଂଲଣ୍ଡ) ୧୯।୭**

ଆମେରିକାର ୨୪ବର୍ଷୀୟ କଲିନ୍ ମୋରିକାୱା ରବିବାର ବ୍ରିଟିଶ ଓପନ୍‌ଗଲ୍ଫ ଟୁର୍ନାମେଣ୍ଟଟାଇଟଲ ହାସଲ କରିଛନ୍ତି। ଏହାଦ୍ୱାରା ପ୍ରଥମ ପ୍ରଚେଷ୍ଟାରେ ଦୁଇଟି ପ୍ରମୁଖ ଟୁର୍ନାମେଣ୍ଟ ଜିତିବାରେ ପ୍ରଥମ ଗଲ୍ଫ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଏହା ପୂର୍ବରୁ ସେ ୨୦୨୦ ୟୁଏସ ପିଜିଏ ଟୁର୍ନାମେଣ୍ଟ ଜିତିଥିଲେ। ମୋରିକାୱା ୨୦୨୦ ନିଜକୁ ଜଣେ ଅନ୍ୟତମ ଉଦୀୟମାନ ଗଲ୍ଫ ପ୍ରତିଭା ଭାବେ ପ୍ରତିଷ୍ଠିତ କରିପାରିଥିଲେ। ମୋରିକାୱା ୫୪ ହୋଲ୍ ଲିଡର ଓସ୍ଥୁଜେନ୍‌ଙ୍କଠାରୁ ଗୋଟିଏ ଷ୍ଟ୍ରୋକ୍ ପଛରେ ଥାଇ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ତ୍ରୁଟିଶୂନ୍ୟ ପ୍ରଦର୍ଶନ କରି ୧୫ ଅଣ୍ଡର ପାର୍ ସହ ବିଜୟ ଲାଭ କରିଥିଲେ। ଇଂଲଣ୍ଡର ଦକ୍ଷିଣପୂର୍ବ ଉପକୂଳବର୍ତ୍ତୀ ସହର ସ୍ୟାଣ୍ଡୱିଚ୍ ସହରରେ ୩୨,୦୦୦ ଖେଳପ୍ରେମୀଙ୍କ ଉପସ୍ଥିତିରେ ଚାପକୁ ହାତେଇବା ସହ ସହଜ ନ ଥିଲା। ଏଠାରେ ବିଜୟ ହାସଲକୁ ସେ ତାଙ୍କ ଜୀବନର ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ବିବେଚନା କରନ୍ତି ବୋଲି ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଏହି ଗଲ୍ଫ ଖେଳାଳି ପ୍ରକାଶ କରିଛନ୍ତି। ପଦାର୍ପଣରେ ଓପନ ଚାମ୍ପିୟନଶିପ୍ ଜିତିବାରେ ସେ ୧୦ମ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଅଳ୍ପ କେତୋଟି ଗଲ୍ଫ ଟୁର୍ନାମେଣ୍ଟ ଅଭିଜ୍ଞତା ସହ ଦୁଇଟି ପ୍ରମୁଖ ଟାଇଟଲ ଜିତିବାରେ ସେ ୧୯୨୬ରେ ବବି ଜୋନ୍ସଙ୍କ ପରେ ପ୍ରଥମ ଖେଳାଳି। ଅନ୍ୟପକ୍ଷରେ ୨୫ବର୍ଷରୁ କମ୍ ଗଲ୍ଫ ଖେଳାଳି ହିସାବରେ ଦୁଇଟି ପ୍ରମୁଖ ଟୁର୍ନାମେଣ୍ଟ ଜିତିଥିବା ଜେନି ସାରାଜେନ, ଜୋନ୍ସ ଜ୍ୟାକ୍ ନିକାଲସ ସେଭି ବାଲେଷ୍ଟେରସ, ଟାଇଗର ଉଡ୍ସ, ରୋରି ମ୍ୟାକଲରୟ ଏବଂ ସ୍ମିଥ୍‌ଙ୍କ ସହ ସେ ଯୋଗ ଦେଇଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ